

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.126, Tuesday, 25 August 2026, Puri, Pages - 24, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୬, ମଙ୍ଗଳବାର, ୨୫ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.126, Tuesday, 25 August 2026, Puri, Pages - 24, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୬, ମଙ୍ଗଳବାର, ୨୫ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା




ଅମୃତ ଦୁନିଆ
The Amruta Dunia
RNI No. ODIODI / 2014 / 56157 www.amrutadunia.org

Selfie ଦୁନିଆ
ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଚ୍ଛୁକ ଥିଲେ
selfiedunia96@gmail.com
କିମ୍ବା ୯୦୪୦୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ

Vol.13, Issue.126, Tuesday, 25 August 2026, Puri, Pages - 24, Rs. 9/-
ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୬, ମଙ୍ଗଳବାର, ୨୫ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

# ଅଗଷ୍ଟ ୩୦ରେ ନିଟ୍ ପିଜି ପରୀକ୍ଷା

**ସକାଳ ୯ରୁ ୧୨ଟା ୩୦ ପର୍ଯ୍ୟନ୍ତ ଚାଲିବ**
**କମ୍ପ୍ୟୁଟର ଆଧାରିତ ମୋଡ୍‌ରେ ହେବ ପରୀକ୍ଷା**

ନୂଆଦିଲ୍ଲୀ

ଆସନ୍ତା ଅଗଷ୍ଟ ୩୦ରେ ଅନୁଷ୍ଠିତ ହେବ ନିଟ୍ ପିଜି ପରୀକ୍ଷା। ଏଥିପାଇଁ ଆଡମିଟ୍ କାର୍ଡ ଆଜି ଠାରୁ ଉପଲବ୍ଧ ହେବାର ଥିଲା। କିନ୍ତୁ ନ୍ୟାଶନାଲ ଏକ୍ସାମିନେସନ୍ସ ଇନ ମେଡିକାଲ ସାଇନେନ୍ସ ବା ଏନବିଇଏମଏସ୍ ନିଟ୍ ପିଜି ୨୦୨୬ ପରୀକ୍ଷାର ଆଡମିଟ୍ କାର୍ଡ ଉପଲବ୍ଧତାକୁ ଘୁଞ୍ଚାଇ ଦିଆଯାଇଛି। ଅଗଷ୍ଟ ୨୪ ତାରିଖରେ ଜାରି ନୂଆ ସୂଚନା ଅନୁଯାୟୀ, ଏବେ ପରୀକ୍ଷାର୍ଥୀମାନେ ଅଗଷ୍ଟ ୨୫ରୁ ଆଡମିଟ୍ କାର୍ଡ ହାସଲ କରିପାରିବେ। ଆସାମ ଓ ମେଘାଳୟ ପକ୍ଷରୁ ଆସିଥିବା ଅନୁରୋଧ ଏବଂ ଟାଳି ହେଉ ନଥିବା ପରିସ୍ଥିତି ଯୋଗୁ ଆଡମିଡ୍ କାର୍ଡ ରିଲିଜିକୁ ଗୋଟିଏ ଦିନ ଘୁଞ୍ଚା ଯାଇଥିବା ନୋଟିସରେ କୁହାଯାଇଛି। ସ୍ନାତକୋତ୍ତର ମେଡିକାଲ ପ୍ରବେଶିକା ପରୀକ୍ଷା ପାଇଁ ପଞ୍ଜୀକରଣ କରିଥିବା ପ୍ରାର୍ଥୀମାନେ ଏନବିଇଏମଏସ୍ ପୋର୍ଟାଲ ମାଧ୍ୟମରେ ନିଜର ହଲ୍ ସମ୍ପର୍କରେ ତଥ୍ୟ ଆଡମିଡ୍ କାର୍ଡ ଡାଉନଲୋଡ୍ ଜାଣିପାରିବେ ବୋଲି ଏଥିରେ କୁହାଯାଇଛି। ଅଗଷ୍ଟ ୩୦ରେ ହେବାକୁ ନିଟ୍ ପିଜି ୨୦୨୬ ପରୀକ୍ଷା ପାଇଁ ଅଗଷ୍ଟ ୧୧ରେ ଗୋଟିଏ ସ୍ଲିପ ଜାରି କରାଯାଇଥିଲା। ଏଥିରେ ପରୀକ୍ଷା ସହରର ସୂଚନା ରହିଥିଲା। ଅର୍ଥାତ ଏହି ସ୍ଲିପ ଜରିଆରେ ଶିକ୍ଷାର୍ଥୀମାନେ ସେମାନଙ୍କ ପରୀକ୍ଷାର ସହର ସମ୍ପର୍କରେ ଆଗୁଆ ସୂଚନା ପାଇ ସାରିଛନ୍ତି। ଏବେ ଆଡମିଟ୍ କାର୍ଡରେ ନିର୍ଦ୍ଦିଷ୍ଟ ପରୀକ୍ଷା କେନ୍ଦ୍ର ସହିତ ପରୀକ୍ଷା ପାଇଁ ଆବଶ୍ୟକ ଅନ୍ୟାନ୍ୟ ବିବରଣୀ ସମ୍ପର୍କରେ ଜାଣିପାରିବେ। ନିଟ୍-ପିଜି ପରୀକ୍ଷା ଗୋଟିଏ ଶିଫ୍ଟରେ ଅନୁଷ୍ଠିତ ହେବ। ପିଲାମାନେ ସକାଳ ୯ରୁ ୧୨ଟା ୩୦ ଯାଏ ପରୀକ୍ଷା ଦେବେ। କମ୍ପ୍ୟୁଟର ଆଧାରିତ ମୋଡ୍‌ରେ ଏହି ପରୀକ୍ଷା ହେବ ବୋଲି ନୋଟିସରେ ପୁଣି ସ୍ପଷ୍ଟ କରାଯାଇଛି। ଏନବିଇଏମଏସ୍ ପକ୍ଷରୁ ପୂର୍ବରୁ ଅଗଷ୍ଟ ୨୭ରୁ ଆଡମିଟ୍ କାର୍ଡ ଜାରି ହେବ ବୋଲି କୁହାଯାଇଥିଲା। କିନ୍ତୁ ପରେ ଏହାକୁ ସଂଶୋଧନ କରି ଅଗଷ୍ଟ ୨୪ରେ ଆଡମିଟ କାର୍ଡ ଜାରି ହେବ ବୋଲି କୁହାଯାଇଥିଲା। କିନ୍ତୁ ପୁଣି ଏହାକୁ ବଦଳା ଯାଇଛି।ତେବେ ବୋର୍ଡ ପକ୍ଷରୁ ଆଡମିଟ୍ କାର୍ଡ ପ୍ରକାଶର ନିର୍ଦ୍ଦିଷ୍ଟ ସମୟ ସମ୍ପର୍କରେ କିଛି ବି କୁହାଯାଇ ନାହିଁ। ତେଣୁ ପରୀକ୍ଷାର୍ଥୀମାନେ ଏନବିଇଏମଏସ୍‌ର ଅଧିକୃତ ୱେବସାଇଟ୍ ଓ ସେମାନଙ୍କ ପଞ୍ଜୀକୃତ ଯୋଗାଯୋଗ ମାଧ୍ୟମକୁ ନିୟମିତ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି।

**ରାଜ୍ୟସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ**

# ୧୬ ଦୁରାରୋଗ୍ୟ ପୀଡ଼ିତଙ୍କ ପାଇଁ ୧୪.୫୦ ଲକ୍ଷ

- ସହାନୁଭୂତି, ସମବେଦନା ଓ ସହୃଦୟତା ହେଉଛି ଆମ ଶାସନ ବ୍ୟବସ୍ଥାର ମୂଳନୀତି
- ୧୯ ପାଳି ସୁଦ୍ଧା ୯୫ ପ୍ରତିଶତ ସମାଧାନ
- ଜିଲ୍ଲାସ୍ତରରେ ୮୭ % ଅଭିଯୋଗର ସମାଧାନ

ଭୁବନେଶ୍ୱର(ବ୍ୟୁରୋ)

ଆମ ଶାସନ ବ୍ୟବସ୍ଥାର ମୂଳନୀତି ହେଉଛି ସହାନୁଭୂତି, ସମବେଦନା ଓ ସହୃଦୟତା। ଲୋକଙ୍କ ସମସ୍ୟା ଶୁଣି, ତା'ର ସମାଧାନ କରିବା ଆମ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ବୋଲି ଆଜି ୨୦ତମ ରାଜ୍ୟସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ସୋମବାର ମୁଖ୍ୟମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରଥମେ ଭିନ୍ନକ୍ଷମ ଓ ଦୂରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣିଥିଲେ। ବିଭିନ୍ନ ଦୁରାରୋଗ୍ୟ ରୋଗରେ ପୀଡ଼ିତ ୧୬ ଜଣଙ୍କ ପାଇଁ ମୁଖ୍ୟମନ୍ତ୍ରୀ ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ ଜରିଆରେ ୧୪.୫୦ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି। ମୋଟ ୬୦୦ରୁ ଉର୍ଦ୍ଧ୍ୱ ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ହେଉଛି ଲୋକଙ୍କ ସରକାର। ଲୋକଙ୍କ ସମସ୍ୟାକୁ ସହୃଦୟତାର ସହ ଶୁଣି ତା'ର ସମାଧାନ କରିବାକୁ ଆମ ସରକାର



ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି। ଯେଉଁଠି ଲୋକଙ୍କ ସମସ୍ୟା ଅଛି, ଆମ ସରକାର ସେଠାରେ ନିଶ୍ଚୟ ପହଞ୍ଚିଥାନ୍ତି। ବନ୍ୟା, ବାତ୍ୟା, ମରୁଡି ଆଦି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସବୁବେଳେ ଲୋକଙ୍କ ପାଖରେ ଆମେ ପହଞ୍ଚୁଛୁ ଓ ସେମାନଙ୍କୁ ସହାୟତା ପ୍ରଦାନ କରୁଛୁ। ୨୦୨୪ ମସିହାର ଅଦିନିଆ ବର୍ଷାକୁ ପ୍ରାକୃତିକ ବିପର୍ଯ୍ୟୟ ରୂପେ ଘୋଷଣା କରି ଆମେ ସହାୟତା ପ୍ରଦାନ କରିଥିଲୁ। ଚଳିତ ବନ୍ୟା ପାଇଁ ମଧ ସହାୟତା ପ୍ୟାକେଜ ପ୍ରଦାନ କରିଛୁ। ସୂଚନାଯୋଗ୍ୟ ଯେ, ପୂର୍ବରୁ ରାଜ୍ୟସ୍ତରରେ ଅନୁଷ୍ଠିତ ୧୯ଟି ପାଳିରେ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ୧୫,୩୨୭ ଅଭିଯୋଗ ମଧ୍ୟରୁ ୧୪,୫୧୯ ଅର୍ଥାତ ୯୫ ପ୍ରତିଶତ ଅଭିଯୋଗର ସଫଳ ସମାଧାନ କରାଯାଇସାରିଛି। ଜିଲ୍ଲାସ୍ତରରେ ଜୁଲାଇ ମାସ ଶେଷ ସୁଦ୍ଧା ୨,୬୯,୩୯୪ ଅଭିଯୋଗ ଶୁଣାଣି ହୋଇ ୮୭ ପ୍ରତିଶତ ଅଭିଯୋଗର ସମାଧାନ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜଙ୍ଗଲ, ପରିବେଶ ଓ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ।

## ପୁରୀରେ ଜଘନ୍ୟ ହତ୍ୟାକାଣ୍ଡ
# ମାଆଙ୍କୁ ମାରି ପ୍ଲାଷ୍ଟର କରିଦେଲା ପୁଅ !

ପୁରୀ(ବ୍ୟୁରୋ)

ପୁରୀ କୁମ୍ଭାରପଡ଼ା ଅଞ୍ଚଳରେ ଚାଞ୍ଚଲ୍ୟ । ମାଆଙ୍କୁ ହତ୍ୟା କରି ଘର ଭିତରେ ମୃତଦେହ ଲୁଚାଇ ଦେଇଥିବା ଭଳି ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି । ରୋଷେଇ ଘରର ସ୍ଲାବ ତଳେ ମୃତଦେହ ପୋତି ତା' ଉପରେ ପ୍ଲାଷ୍ଟର କରାଯାଇଥିବା ଘର ମାଲିକ ସନ୍ଦେହ କରିବା ପରେ ସତ୍ୟାସତ୍ୟ ସାମ୍ନାକୁ କରିଛି । ଘର ମାଲିକ ମନୋରମା ସାହୁଙ୍କ ସୂଚନା ଅନୁସାରେ, ପ୍ରାୟ ଦୁଇ ମାସ ତଳେ ଜଣେ ମାଆ ଓ ତାଙ୍କ ପୁଅ ଘର ଭଡ଼ା ନେଇ ରହୁଥିଲେ । ତେବେ ଗତକାଲିଠାରୁ ପୁଅ ଫେରାର ଥିବାବେଳେ ମାଆଙ୍କର କୌଣସି ପତ୍ତା ମିଳିନଥିଲା । ଏହାରି ଭିତରେ ରୋଷେଇ ଘରୁ ପ୍ରବଳ ଦୁର୍ଗନ୍ଧ ଆସିବାରୁ ଘର ମାଲିକଙ୍କ ସନ୍ଦେହ ହୋଇଥିଲା । ରୋଷେଇ ଘରର ସ୍ଲାବ ତଳେ କିଛି ଲୁଚାଇ ତା' ଉପରେ ପ୍ଲାଷ୍ଟର କରାଯାଇଥିବା ନେଇ ସନ୍ଦେହ କରି ଘର ମାଲିକ ପୁଲିସକୁ ଖବର ଦେଇଥିଲେ ଘଟଣାସ୍ଥଳରେ ପାଣି ଓ ବର୍ଜ୍ୟ ପଦାର୍ଥ ବାହାରୁଥିବା ସହ ଦୁର୍ଗନ୍ଧ ଆସୁଥିବା ଜଣାପଡ଼ିଛି । ତେବେ ସେଠାରେ ମୃତଦେହ ରହିଛି କି ନାହିଁ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ । ଘଟଣାକୁ ନେଇ କୁମ୍ଭାରପଡ଼ା ଅଞ୍ଚଳରେ ହଇଚଇ ସୃଷ୍ଟି ହୋଇଛି । ମାଆଙ୍କୁ ହତ୍ୟା କରାଯାଇଛି କି, ମୃତଦେହକୁ ଘର ଭିତରେ ଲୁଚାଇ ରଖାଯାଇଛି କି ଏବଂ ଏହା ପଛରେ କାହାର ହାତ ରହିଛି—ସେ ସବୁ ଦିଗରୁ ପୁଲିସ ତଦନ୍ତ ଆରମ୍ଭ କରିଛି । ତେବେ ରୋଷେଇ ଘରର ସ୍ଲାବ ତଳେ ପ୍ରକୃତରେ କ'ଣ ରହିଛି ? ମାଆ କେଉଁଠି ଗଲେ ଏବଂ ପୁଅ କାହିଁକି ଫେରାର—ଏବେ ତଦନ୍ତରେ ଏହାର ଉତ୍ତର ଖୋଜୁଛି ପୁଲିସ ।



**ଓଡ଼ିଶା ହିନ୍ଦୁ ଧାର୍ମିକ ଦେବୋତ୍ତର ଆଇନ ସଂଶୋଧନ ନେଇ ବୈଠକ**

# ସହଜ ହେବ ମନ୍ଦିର ଓ ମଠ ସୁପରିଚାଳନା

**ଶୃଙ୍ଖଳିତ ହେବ ଶ୍ରୀମନ୍ଦିର ଦର୍ଶନ**
**ଆସିବ ନୂଆ ଏସ୍‌ଓପି**

ଭୁବନେଶ୍ୱର(ବ୍ୟୁରୋ)

ଶ୍ରୀମନ୍ଦିରରେ ଭକ୍ତଙ୍କ ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ଅଧିକ ସୁବ୍ୟବସ୍ଥିତ ଓ ଶୃଙ୍ଖଳିତ କରିବା ନେଇ ଆଜି ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଆଇନ୍ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥା ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଛି। ବୈଠକରେ ପୁରୀ ଏସ୍‌ପିଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ରହିଥିଲେ। ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କ ଭିଡ଼ ନିୟନ୍ତ୍ରଣ, ଧାଡ଼ି ଦର୍ଶନ ସମୟରେ ସୁରକ୍ଷା ବ୍ୟବସ୍ଥା ଏବଂ ଭକ୍ତଙ୍କ ଯାତାୟାତକୁ ସୁଗମ କରିବା ନେଇ ଅଧିକାରୀମାନେ ଆଲୋଚନା କରିଥିବା ଜଣାପଡ଼ିଛି। ଧାଡ଼ି ଦର୍ଶନ ବ୍ୟବସ୍ଥାରେ ଭକ୍ତଙ୍କୁ ଯେପରି ଅଯଥା ଅସୁବିଧା ନହୁଏ, ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ଏଥିସହ ଭିଡ଼ ନିୟନ୍ତ୍ରଣ ଓ ଦର୍ଶନ ବ୍ୟବସ୍ଥା ପାଇଁ ଏକ ସ୍ପଷ୍ଟ ଏସଓପି ପ୍ରସ୍ତୁତ କରାଯିବା ନେଇ ମଧ୍ୟ ଆଲୋଚନା ହୋଇଛି। ଅନ୍ୟପଟେ ରାଜ୍ୟରେ ଦେବୋତ୍ତର ବିଭାଗ ଅଧିନରେ ଅନେକ ମନ୍ଦିର, ମଠ ଏବଂ ଧାର୍ମିକ ଅନୁଷ୍ଠାନମାନ ରହିଛି । ଏଥି ମଧ୍ୟରୁ ଅନେକ ମନ୍ଦିର ଓ ମଠଗୁଡ଼ିକ ବହୁ ପୁରାତନ ହୋଇଥିବାବେଳେ ଏହାର ପରିଚାଳନା ନେଇ ସ୍ପଷ୍ଟ ନିୟମାବଳୀ



ନାହିଁ । ପ୍ରଚଳିତ ଓଡ଼ିଶା ହିନ୍ଦୁ ଧାର୍ମିକ ଦେବୋତ୍ତର ଆଇନ ୧୯୫୧ରେ ଆବଶ୍ୟକ ସଂଶୋଧନ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଚଳିତ ଆଇନରେ ଥିବା ବହୁ ଅନାବଶ୍ୟକ ଧାରା ଏବଂ ଉପଧାରାକୁ ଯୁଗୋପଯୋଗୀ ଅନୁଯାୟୀ ସଂଶୋଧନ ନେଇ ଆଲୋଚନା ହୋଇଥିଲା । ଏଥି ସହିତ କମିଶନର, ଅତିରିକ୍ତ କମିଶନର ଏବଂ କ୍ଷମତାପ୍ରାପ୍ତ ଅଧିକାରୀଙ୍କ କ୍ଷମତା, କ୍ୟାଡର ପୁନର୍ଗଠନ, ଦେବୋତ୍ତର ବିଭାଗରେ ନୂଆ ନିଯୁକ୍ତି ସୃଷ୍ଟି ନେଇ ମଧ୍ୟ ଆଲୋଚନା ହୋଇଥିଲା । ବୈଠକ ପରେ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି ଯେ ଏହି ସଂଶୋଧିତ ■

ପୃଷ୍ଠା-୧୫

# ବିଦ୍ୟୁତ ସଟ୍‌ସର୍କିଟ ଯୋଗୁଁ ଦୁଇଚାଷୀ ମୃତ

**ଉତ୍ତ୍ୟକ୍ତ ଲୋକେ କଲେ ରାସ୍ତା ଅବରୋଧ**

ଜଗତସିଂହପୁର(ଅମୃତ ମିଡ଼ିଆ)

ଜଗତସିଂହପୁର ବେନୁଖଣ୍ଡା ଗାଁରେ ବିଲରେ କାମ କରୁଥିବା ବେଳେ ବିଦ୍ୟୁତ ତାର ସଂସ୍ପର୍ଶ ରେ ଆସି ଦୁଇ ଯୁବ ଚାଷୀଙ୍କ ମୃତ୍ୟୁ ଘଟଣାକୁ ନେଇ ଉତେଜନା ପ୍ରକାଶ ପାଇଛି। ଏଭଳି ମୃତ୍ୟୁକୁ ନେଇ ଉକ୍ତ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହିତ ଶହ ଶହ ଜନ ସାଧାରଣ ମୃତ ଦେହକୁ ରାସ୍ତାରେ ରଖି ଜଗତସିଂହପୁର ଥାନା ସମ୍ମୁଖରେ ଥିବା ଜାତୀୟ ରାଜପଥ ୫୫ ଓ ଜଗତସିଂହପୁର ଜୟପୁର ପୂର୍ତ୍ତ ବିଭାଗ ରାସ୍ତାକୁ ଅବରୋଧ କରିଥିଲେ। ଘଣ୍ଟା ଘଣ୍ଟା ଧରି ରାସ୍ତା ଅବରୋଧ ରହିବାରୁ ଗମନାଗମନ ବାଧାପ୍ରାପ୍ତ ହୋଇଥିଲା ଓ ପୋଲିସର ହସ୍ତକ୍ଷେପ ଫଳରେ ସନ୍ଧ୍ୟା ସମୟରେ ଗମନାଗମନ ସ୍ୱାଭାବିକ ହୋଇଥିଲା। ମିଳିଥିବା ସୂଚନା ଅନୁସାରେ ଟ୍ରାକ୍ଟରରେ ଟ୍ରାକ୍ଟର ଚାଳକ ଅଜୟ କୁମାର ସାହୁ ଓ ସହଯୋଗୀ ସାଗର ଭୋଇ ହଳ କରି ଫେରୁଥିବା ସମୟରେ କେନାଲ ରାସ୍ତା କଡରେ ଥିବା ଏକ ଉଠା ଜଳସେଚନ ପଏଣ୍ଟର କେବୁଲରୁ ବିଦ୍ୟୁତ ସଟସର୍କିଟ ଘଟିଥିଲା। ସ୍ଥାନୀୟ ଲୋକଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ବିଦ୍ୟୁତ ବିଭାଗର ଦାଇତ୍ୱ ହୀନତା ଯୋଗୁଁ ଉଠା ଜଳସେଚନ ପଏଣ୍ଟକୁ କମ ଗଭୀରତାରେ କେବୁଲ ଅଣ୍ଡର ୱାରିଙ୍ଗ କେବୁଲ ସଂଯୋଗ କରାଯାଇଥିଲା। ହଳ ସାରି ଟ୍ରାକ୍ଟର ଫେରିବା ସମୟରେ ଟ୍ରାକ୍ଟର ରୋଟର ମାଟି ତଳେ କମ ଗଭୀରତାରେ ଥିବା ବିଦ୍ୟୁତ କେବୁଲକୁ ଛିଣ୍ଡାଇ ଦେଇଥିଲା। ବିଦ୍ୟୁତ ସଂଯୋଗରେ ଆସି ସମ୍ପୂର୍ଣ୍ଣ ଟ୍ରାକ୍ଟରଟି ଚାର୍ଜ ହୋଇଯାଇଥିଲା ଓ ଟ୍ରାକ୍ଟର ଡ୍ରାଇଭର ହେଲ୍ପରଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ତେବେ ଉଭୟଙ୍କ ଅକାଳ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

**ଖଣି ଖାଦାନକୁ ନେଇ ବଢୁଛି କେଁ**

# ସମସ୍ତଙ୍କୁ ଭୂଆଁ ବୁଲାଉଛି ବିଜେପି

**ଖଣି ଓ ଖଣିଜଜାତ ଦ୍ରବ୍ୟର ବିକାଶ ଓ ନିୟନ୍ତ୍ରଣ ଆଇନ(ଏମ୍‌ଏମ୍‌ଡିଆର) ବିଲ୍ ଲାଗୁ କରିବା କେନ୍ଦ୍ର ବିଜେପି ସରକାରଙ୍କ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର। ଏହି ଆଇନ ଲାଗୁହେଲେ ପୁଞ୍ଜିନିବେଶ ବଢ଼ିବ, ନିଯୁକ୍ତି ବଢ଼ିବ, ଶିଳ୍ପ ଆଗେଇବ, ଅର୍ଥନୈତିକ ଅଭିବୃଦ୍ଧି ଘଟିବ ବୋଲି ବିଜେପି କହିଆସୁଛି। ହେଲେ ଜାତୀୟ ବିକାଶ ଲାଗି ଖଣିସମୃଦ୍ଧ ରାଜ୍ୟଗୁଡ଼ିକ କ'ଣ ଠିକା ନେଇଛନ୍ତି ? ରାଜ୍ୟର ସମ୍ପତ୍ତି ଉପରେ କେବଳ ଓଡ଼ିଆଙ୍କ ହକ୍ ରହିଛି। ଏଭଳି ଏକ ଆଇନର ମାୟାଜାଲ ଆଣି ବକେୟା ଥିବା ହଜାର ହଜାର କୋଟି ଟଙ୍କା କେନ୍ଦ୍ର ହଡ଼ପ କରିବାକୁ ବସିଛି। ଏହି ଅର୍ଥରେ ରାଜ୍ୟର ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି ବିକାଶ କ୍ଷେତ୍ରରେ ବିନିଯୋଗ କରାଯିବା ଆବଶ୍ୟକ।**






- ଏମ୍‌ଏମ୍‌ଡିଆର୍ ବିଲ୍ ଓଡ଼ିଶାର ସ୍ୱାର୍ଥ ପରିପନ୍ଥୀ: କଂଗ୍ରେସ
- ଓଡ଼ିଶାର ସ୍ୱାର୍ଥରେ ସାଲିସ କରାଯାଇପାରିବନି: ନବୀନ
- କେନ୍ଦ୍ରକୁ ଖୁସି କରାଇବା ଲାଗି ଚୁପ୍ ବସିଛି ରାଜ୍ୟ ବିଜେପି

ଭୁବନେଶ୍ୱର (ବ୍ୟୁରୋ)

ଏମ୍‌ଏମ୍‌ଡିଆର୍ ବିଲ୍ ଲାଗୁ ହେଲେ ଓଡ଼ିଶା ବକେୟା ଟିକସ ବାବଦକୁ ପ୍ରାୟ ଦେଢ଼ ଲକ୍ଷରୁ ୨ଲକ୍ଷ କୋଟି ଟଙ୍କା ସିଧାସଳଖ ହରାଇବ। ଏହି ଟିକସ ଆଦାୟ କରି ସାଢେ ୪କୋଟି ଓଡ଼ିଆଙ୍କ ମଧ୍ୟରେ ଏହି ଅର୍ଥକୁ ବଣ୍ଟାଗଲେ ପ୍ରତ୍ୟେକଙ୍କୁ ୨୨ହଜାର ଟଙ୍କା ଲେଖାଏ ମିଳିବ। ପ୍ରତ୍ୟେକ ପରିବାର ପ୍ରାୟ ଲକ୍ଷେ ଟଙ୍କା ପାଇପାରିବେ ବୋଲି କଂଗ୍ରେସ ଦାବି କରିଛି। ସୋମବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ କହିଛନ୍ତି, ଏହି ବିଲ୍ ଓଡ଼ିଶାର ସ୍ୱାର୍ଥ ପରିପନ୍ଥୀ। ଏହା ଜାଣି ସୁଦ୍ଧା ଓଡ଼ିଶାର ୨୦ଜଣ ବିଜେପି ସାଂସଦ ବିଲ୍‌କୁ ସମର୍ଥନ କରିଛନ୍ତି। ଏହାଦ୍ୱାରା ସେମାନେ ରାଜ୍ୟବାସୀଙ୍କ ପ୍ରତି ପ୍ରତାରଣା କରିଛନ୍ତି। ଏହି ଟଙ୍କାରେ ସ୍କୁଲ, କଲେଜ, ଡାକ୍ତରଖାନା, ପୋଲ ଆଦି ଅନେକ ନିର୍ମାଣ କାର୍ଯ୍ୟ ସମ୍ଭବ ହୋଇଥାନ୍ତା।
କାମଧନ୍ଦା ଅଭାବରେ ବେକାରୀ ଯୁବକ ଅନ୍ୟ ରାଜ୍ୟକୁ ଦାଦନ ଯିବାକୁ ବାଧ୍ୟ ହେଉଛନ୍ତି। ସେମାନଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରାଯାଇ ପାରିଥାନ୍ତା। ରାଜ୍ୟ ସରକାର ସୁଭଦ୍ରା ନାମରେ ଭାଣ୍ଡାମୀ କରି ମାତ୍ର ୫ହଜାର ଟଙ୍କା ଦେଇ ନାରୀ ସଶକ୍ତୀକରଣର ମହୁରୀ ଫୁଙ୍କୁଛନ୍ତି। ଅନ୍ୟପଟରେ ରାଜ୍ୟ ଲକ୍ଷ ଲକ୍ଷ କୋଟି ଟଙ୍କା କେନ୍ଦ୍ର ହାତକୁ ଟେକି ଦେଉଛି। ବିଜେପି ଡବଲ ଇଞ୍ଜିନ ସରକାରର ଅସଲ ଚେହେରା ବର୍ତ୍ତମାନ ରାଜ୍ୟବାସୀ ଜାଣି ଗଲେଣି। ରାଜ୍ୟର ବିଜେପି ନେତୃତ୍ୱାଧୀନ ସରକାର ରାଜ୍ୟବାସୀଙ୍କ ପ୍ରତି ବିଶ୍ୱାସଘାତ କରିଛନ୍ତି। କଂଗ୍ରେସ ଏହାର ପ୍ରତିରୋଧ କରିବ। ଜନତାଙ୍କ ସ୍ୱାର୍ଥ ପାଇଁ ରାଜ୍ୟ ସରକାରଙ୍କୁ ସବୁ ସ୍ତରରେ ଓ ବିଭିନ୍ନ ଉପାୟରେ ବିରୋଧ କରାଯିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ମନୋରଞ୍ଜନ ଦାଶ ଓ ଚିନ୍ମୟ ସୁନ୍ଦର ଦାଶ ଉପସ୍ଥିତ ଥିଲେ। ସାମୂହିକ ଆଲୋଚନା ଲାଗି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ବିରୋଧୀ ଦଳ ପକ୍ଷରୁ ଦାବି କରାଯାଇଥଇବା ବେଳେ ଡବଲ ଇଞ୍ଜିନ ସରକାର ଏଥିରୁ ଦୂରେଇ ରହୁଛନ୍ତି। ବିଜେଡି ଏନେଇ ପୂର୍ବରୁ ରାଜ୍ୟ ସରକାରଙ୍କୁ ସମାଲୋଚନା କରିସାରିଛି। ରାଜ୍ୟ ସ୍ୱାର୍ଥରେ ସାଲିସ କରାଯିବନି ବୋଲି ଶଙ୍ଖପତି ନବୀନ ବାବୁ କହିସାରିଛନ୍ତି। କଂଗ୍ରେସ ବି ଜିଲ୍ଲାସ୍ତରରୁ ଆନ୍ଦୋଳନକୁ ତୀବ୍ରତର କରିବ ବୋଲି କହିଛି। ବିଲ୍ ନେଇ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ସର୍ବଦଳୀୟ ବୈଠକ ଡାକିବାକୁ କୁହାଯାଇଥିଲା। ରାଜ୍ୟ ବିଜେପି କେନ୍ଦ୍ର ଭରସାରେ ରହି ■

ପୃଷ୍ଠା-୧୫



# ଆଞ୍ଚଳିକ ଦଳର ପ୍ରାସଙ୍ଗିକତା



**ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଆଞ୍ଚଳିକ ଦଳଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଜନମତକୁ ପ୍ରଭାବିତ କରିବା ପାଇଁ ଏମାନେ ବିଭିନ୍ନ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଥାନ୍ତି । ହେଲେ ପରିବର୍ତ୍ତିତ ରାଜନୀତିରେ ଅନେକ ଓଲଟପାଲଟ ଦେଖିବାକୁ ମିଳିଛି । ସମ୍ପ୍ରତି ଘଟିଥିବା ଦୁଇଟି ରାଜନୈତିକ ଘଟଣା ଭାରତୀୟ ରାଜନୀତିରେ ଆଞ୍ଚଳିକ ଦଳଗୁଡ଼ିକର ଭବିଷ୍ୟତକୁ ନେଇ ଦେଶବାସୀଙ୍କୁ ଚିନ୍ତା କରିବାକୁ ବାଧ କରିଛି । ପ୍ରଥମ ଘଟଣାଟି ଥିଲା କିଛିମାସ ତଳେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସର ପରାଜୟ ଏବଂ ଦ୍ୱିତୀୟଟି ଥିଲା ଆଞ୍ଚଳିକ ଦଳର ନେତାମାନଙ୍କ ବ୍ୟାପକ ଦଳବଦଳ । କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରସ୍ତାବିତ 'ଏକ ଦେଶ, ଏକ ନିର୍ବାଚନ' ବ୍ୟବସ୍ଥା ପରିପ୍ରେକ୍ଷୀରେ ଆଞ୍ଚଳିକ ଦଳଗୁଡ଼ିକ ରାଜ୍ୟ ରାଜନୀତିରେ କେତେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଭବିଷ୍ୟତରେ ଦଖଲ କରିପାରିବେ, ଏନେଇ ମଧ୍ୟ ପ୍ରଶ୍ନ ଉଠୁଛି ।**

ସୁଶାନ୍ତ କୁମାର ଦାସ

## ଭୋଟହାର ଅପରିବର୍ତ୍ତିତ

ଓଡିଶାରେ ବିଜୁ ଜନତା ଦଳ ଏବଂ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ଭଳି ଦେଶର ଅନ୍ୟାନ୍ୟ ରାଜ୍ୟରେ ଥିବା ଆଞ୍ଚଳିକ ଦଳଗୁଡ଼ିକର ନିର୍ବାଚନୀ ପରାଜୟ ଉଦାହରଣରୁ ସାମଗ୍ରିକ ଭାବେ ଆଞ୍ଚଳିକ ଦଳଗୁଡ଼ିକ ଅପ୍ରାସଙ୍ଗିକ ହୋଇଯାଉଥିବାର ପ୍ରମାଣ ଭାବେ ବ୍ୟାଖ୍ୟା କରିବା ହୁଏତ ଅନୁଚିତ । ଗୋଟିଏ ରାଜନୈତିକ ଦଳର ଭିତ୍ତିଭୂମିଗତ ଜନସମର୍ଥନକୁ ମାପିବା ପାଇଁ ଭୋଟହାର ବୋଧହୁଏ ସର୍ବୋତ୍ତମ ସୂଚକ । ଆମେ ଲକ୍ଷ୍ୟକଲେ ଦେଖି ପାରିବା ଯେ, ଗତ ଚାରିଟି ଲୋକସଭା ନିର୍ବାଚନ ସହିତ ବିଭିନ୍ନ ରାଜ୍ୟର ବିଧାନସଭା ନିର୍ବାଚନରେ ଜାତୀୟ ଓ ଆଞ୍ଚଳିକ ଦଳଗୁଡ଼ିକର ଭୋଟ ହାରରେ ବିଶେଷ ପରିବର୍ତ୍ତନ ହୋଇନାହିଁ । ବରଂ ଲୋକସଭା ନିର୍ବାଚନରେ ରାଷ୍ଟ୍ରୀୟ ଦଳଗୁଡ଼ିକୁ ଏବଂ ବିଧାନସଭା ନିର୍ବାଚନରେ ଭୋଟରମାନେ ଆଞ୍ଚଳିକ ଦଳଗୁଡ଼ିକୁ ଅଧିକ ପସନ୍ଦ କରିଥିବା ଦେଖାଯାଇଛି । ଏହା ରାଜ୍ୟସ୍ତରରେ ଆଞ୍ଚଳିକ ଦଳଗୁଡ଼ିକର ରାଜନୈତିକ ପରିଚୟ ଏବଂ ଲୋକପ୍ରିୟତାକୁ ସ୍ପଷ୍ଟ କରୁଛି ।

## ଦୁର୍ବଳ ସଂଗଠନ ଓ ଦଳବଦଳ

କେହିବି ଅସ୍ୱୀକାର କରିପାରିବେ ନାହିଁ ଯେ, ସାମ୍ପ୍ରତିକ କାଳରେ ଅନେକ ଆଞ୍ଚଳିକ ଦଳର ନେତାମାନେ ଦଳବଦଳର ଶିକାର ହୋଇଛନ୍ତି । ପରାଜୟ ପରେ ବିଜୁ ଜନତା ଦଳ ଓ ତୃଣମୂଳ କଂଗ୍ରେସରେ ବ୍ୟାପକ ଦଳବଦଳ ଦେଖାଯାଇଥିଲା । ସେହିପରି, ଆମ୍ ଆଦମୀ ପାର୍ଟିର ଅନେକ ରାଜ୍ୟସଭା ସାଂସଦ ଦଳବଦଳ କରିଥିବା ବେଳେ ମହାରାଷ୍ଟ୍ରରେ ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି (ଶରଦ ପଓ୍ୱାର) ମଧ୍ୟ ଦଳବଦଳର ସମ୍ମୁଖୀନ ହୋଇଛି । ଏହି ଘଟଣାଗୁଡ଼ିକ ସେହି ଆଞ୍ଚଳିକ ଦଳଗୁଡ଼ିକର ସାଂଗଠନିକ ଦୁର୍ବଳତା ଏବଂ ଅଗଣତାନ୍ତ୍ରିକ ପରିଚାଳନାକୁ ଦର୍ଶାଉଥିଲେ ମଧ୍ୟ, କେବଳ ଦଳବଦଳକୁ ଆଧାର କରି ସେମାନଙ୍କର ନିର୍ବାଚନୀ ଜନସମର୍ଥନ ହ୍ରାସ ପାଉଛି ବୋଲି କୁହାଯାଇପାରିବ ନାହିଁ ।

## ଆଞ୍ଚଳିକ ଦଳର ବଡ଼ ଭୂମିକା

ବର୍ତ୍ତମାନର ରାଜନୈତିକ ପରିଦୃଶ୍ୟକୁ ଦେଖିଲେ, ଭାରତୀୟ ଜନତା ପାର୍ଟି କ୍ରମାଗତ ଭାବେ ନିଜସ୍ୱ ସାମର୍ଥ୍ୟ ବଢାଇ ଦେଶର ୧୧ଟି ରାଜ୍ୟରେ ଶାସନ କରୁଛି, ଯେତେବେଳେ କଂଗ୍ରେସ ୩ଟି ଏବଂ ଆମ୍ ଆଦମୀ ପାର୍ଟି ଗୋଟିଏ ରାଜ୍ୟରେ ସରକାର ଗଠନ କରିଛି । ଆଞ୍ଚଳିକ ଦଳଗୁଡ଼ିକ ସ୍ୱାଧୀନ ଭାବେ ୪ଟି ରାଜ୍ୟରେ ଶାସନ କରୁଛନ୍ତି । ଅନ୍ୟ ୧୦ଟି ରାଜ୍ୟରେ ମେଣ୍ଟ ସରକାର ରହିଛି । ସେଥିମଧ୍ୟରୁ ୪ଟି ରାଜ୍ୟରେ ଆଞ୍ଚଳିକ ଦଳ ହେଉଛି ପ୍ରମୁଖ ମେଣ୍ଟ ସହଯୋଗୀ ଏବଂ ଭାଜପା ସହଯୋଗୀ ଭୂମିକାରେ ରହିଛି । ଏହି ଚାରିଗୋଟି ରାଜ୍ୟ ହେଲେ ଆନ୍ଧ୍ରପ୍ରଦେଶ, ମେଘାଳୟ, ନାଗାଲାଣ୍ଡ ଓ ପୁଡୁଚେରୀ । ଅବଶିଷ୍ଟ ୬ଟି ରାଜ୍ୟରେ ଭାଜପା ଆଞ୍ଚଳିକ



ଦଳଗୁଡ଼ିକ ସହ ମେଣ୍ଟ କରି ସରକାରର ନେତୃତ୍ୱ ନେଉଛି । ସେଗୁଡିକ ହେଲା ବିହାର, ଉତ୍ତରପ୍ରଦେଶ, ଆସାମ, ଗୋଆ, ମହାରାଷ୍ଟ୍ର ଓ ତ୍ରିପୁରା । ଏପରି ୪ଟି ରାଜ୍ୟ ରହିଛି, ଯେଉଁଠାରେ କଂଗ୍ରେସ ମଧ୍ୟ ଆଞ୍ଚଳିକ ଦଳଗୁଡ଼ିକ ସହ ମେଣ୍ଟ ସରକାରର ଅଂଶୀଦାର । ସେଗୁଡିକ ହେଲା ଝାଡ଼ଖଣ୍ଡ, ଜମ୍ମୁ ଓ କାଶ୍ମୀର । ତାମିଲନାଡୁରେ ନବଗଠିତ ଆଞ୍ଚଳିକ ଦଳ ଟିଭିକେ ନେତୃତ୍ୱାଧିନ ମେଣ୍ଟ ସରକାରରେ କଂଗ୍ରେସ କନିଷ୍ଠତମ ସହଯୋଗୀ ରହିଛି ।

## ବଢୁଛି ନିର୍ବାଚନ ଓ ସଂଗଠନ ଚିନ୍ତା

ପ୍ରାୟ ଅଢ଼େଇ ଦଶନ୍ଧି ମଧ୍ୟରେ ଉପରୋକ୍ତ ତଥ୍ୟ ହେଉଛି ଆଞ୍ଚଳିକ ଦଳଗୁଡ଼ିକ ଦ୍ୱାରା ସ୍ୱାଧୀନ ଭାବେ ଶାସିତ ରାଜ୍ୟର ସର୍ବନିମ୍ନ ସଂଖ୍ୟା । ଅଥଚ ୨୦୧୫ରୁ ୨୦୨୦ ମଧ୍ୟରେ ଆଞ୍ଚଳିକ ଦଳଗୁଡ଼ିକ ଅନ୍ୟ କୌଣସି ଦଳର ସମର୍ଥନ ବିନା ୯ଟି ରାଜ୍ୟରେ ସ୍ୱାଧୀନ ଭାବେ ସରକାର ଚଳାଉଥିଲେ । ଏହି ତଥ୍ୟଗୁଡିକ ଆମକୁ ନିଶ୍ଚିତ ଭାବେ ଦର୍ଶାଏ ଯେ, ଆଞ୍ଚଳିକ ଦଳଗୁଡ଼ିକ ବର୍ତ୍ତମାନ ନିର୍ବାଚନୀ ଚାପ ଏବଂ ସାଂଗଠନିକ ଚାପଭଳି ଦୁଇ ପ୍ରକାର ଚାପ ମଧ୍ୟ ଦେଇ ଗତି କରୁଛନ୍ତି । କୁହାଯାଏ ଯେ, ଯୋ ଜିତା, ୱହି ସିକନ୍ଦର । ସେଥିପାଇଁ ନିର୍ବାଚନ ବ୍ୟବସ୍ଥା ଅନେକ ସମୟରେ ନିର୍ବାଚନୀ ବିଜୟ ଓ ପରାଜୟକୁ ବଡ଼ ଆକାରରେ ପ୍ରତିଫଳିତ କରେ । ତଥାପି, ଆଞ୍ଚଳିକ ଦଳ ନେତୃତ୍ୱାଧୀନ ସରକାରଗୁଡିକର ସଂଖ୍ୟା ହ୍ରାସ ପାଇବା ଅର୍ଥ ନୁହେଁ ଯେ, ସେମାନଙ୍କ ଜନସମର୍ଥନ ମଧ୍ୟ ସେହି ଅନୁପାତରେ ହ୍ରାସ ପାଇଛି । କିଛିମାସ ତଳେ ଓଡିଶାରେ ଏକ ନୂତନ ଆଞ୍ଚଳିକ ଦଳ 'ଓଡିଶା ଜନତା କଂଗ୍ରେସ' ଗଢାଯାଇଛି; ଯାହା ପ୍ରମାଣିତ କରେ ଯେ, ଆଞ୍ଚଳିକ ଦଳ ଉପରେ ଲୋକମାନେ ଭରସା ରଖୁଛନ୍ତି । ହେଲେ ଏହି ଦଳ କେତେ ତିଷ୍ଠିବ ଓ କେତେ ଆସନ ରେ ବିଜୟୀ ହେବ, ତାହା ସମୟ କହିବ । ଗତ ଚାରିଟି ଲୋକସଭା ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ସପକ୍ଷରେ ମିଳିଥିବା ଭୋଟସଂଖ୍ୟା ବିଶ୍ଳେଷଣ କଲେ, ଆମେ ଏକ ସୂକ୍ଷ୍ମତମ ଚିତ୍ର ପାଇପାରିବା । ଚାରିଟିଯାକ ଲୋକସଭା ନିର୍ବାଚନରେ ଜାତୀୟ ଦଳଗୁଡ଼ିକର ସମ୍ମିଳିତ ଭୋଟ ହାର ୬୦.୦୪ରୁ ୬୮.୧୫ ପ୍ରତିଶତ ମଧ୍ୟରେ ରହିଥିଲା । ଏଥିରୁ ଏହା ସ୍ପଷ୍ଟ ଯେ, ରାଜନୈତିକ ଫଳାଫଳରେ ବଡ଼ ପରିବର୍ତ୍ତନ ଘଟିଥିଲେ ମଧ୍ୟ ଜାତୀୟ ଦଳମାନଙ୍କର ସାମଗ୍ରିକ ନିର୍ବାଚନୀ ସମର୍ଥନ ପ୍ରାୟ ସ୍ଥିର ରହିଛି । ଆଞ୍ଚଳିକ ଦଳଗୁଡ଼ିକ ଭଲ ପ୍ରଦର୍ଶନ କରିଆସିଛନ୍ତି । ଗତ କିଛିଦିନର ରାଜନୀତିରେ ମୋଡ଼ ଆସିଥିଲେ ହେଁ ଭୋଟରଙ୍କ ପ୍ରଥମ ପସନ୍ଦ ଆଞ୍ଚଳିକ ଦଳ । ସଂଗଠନରେ ଫାଟ ଆସିଲେ କିମ୍ବା ଦଳବଦଳ ହେଲେ ପରିସ୍ଥିତି ବଦଳିଯିବାର ଭୟ ବି ଆଞ୍ଚଳିକ ଦଳଗୁଡ଼ିକ ଉପରେ ବିଶେଷ ପ୍ରଭାବ ପକାଇବାର ଆଶଙ୍କା ରହିଛି ।

## ଜାତୀୟ ଦଳର ପ୍ରଦର୍ଶନ ସ୍ଥିର

୨୦୧୪ ଲୋକସଭା ନିର୍ବାଚନରେ ଜାତୀୟ ଦଳଗୁଡ଼ିକର ସମ୍ମିଳିତ ଭୋଟ ହାର ସର୍ବନିମ୍ନ ରହିଥିଲା । ସେତେବେଳେ ସେମାନେ ମୋଟ ୬୦.୦୪ ପ୍ରତିଶତ ଭୋଟ ପାଇଥିଲେ । ଅନ୍ୟପକ୍ଷରେ, ସର୍ବାଧିକ ୬୮.୧୫ପ୍ରତିଶତ ଭୋଟ ୨୦୧୯ ଲୋକସଭା ନିର୍ବାଚନରେ ମିଳିଥିଲା । ଅବଶ୍ୟ ଏହି ଲୋକସଭା ନିର୍ବାଚନ ବାଲାକୋଟ ବିମାନ ଆକ୍ରମଣର ପୃଷ୍ଠଭୂମିରେ ଅନୁଷ୍ଠିତ ହୋଇଥିଲା । ୨୦୧୪ ନିର୍ବାଚନ ପ୍ରମାଣ କରିଥିଲା ଯେ ଭାରତୀୟ ନିର୍ବାଚନ ବ୍ୟବସ୍ଥାରେ ଭୋଟ ହାର ଓ ନିର୍ବାଚନୀ ଫଳାଫଳ ସବୁବେଳେ ସମାନ ଦିଗରେ ଗତି କରେ ନାହିଁ; ଯାହା ଏକ ଗୁରୁତ୍ୱପୂର୍ଣ୍ଣ କଥା । ଏହି ଚାରିଟି ନିର୍ବାଚନରେ ଜାତୀୟ ଦଳଗୁଡ଼ିକ ସର୍ବନିମ୍ନ ସମ୍ମିଳିତ ଭୋଟ ହାର ପାଇଥିଲେ ମଧ୍ୟ ଭାଜପା ନେତୃତ୍ୱାଧୀନ ମେଣ୍ଟ ନିର୍ଣ୍ଣାୟକ ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଢିବାକୁ ସମର୍ଥ ହୋଇଥିଲା । ୨୦୦୯ ଓ ୨୦୨୪ ଲୋକସଭା ନିର୍ବାଚନରେ ସମସ୍ତ ଜାତୀୟ ଦଳ ମିଶି ଯଥାକ୍ରମେ ୬୩.୫୯ ଓ ୬୨.୭୨ ପ୍ରତିଶତ ଭୋଟ ପାଇଥିଲେ; ଯାହା ଦର୍ଶାଏ ଯେ ଭାରତୀୟ ରାଜନୀତିରେ ଜାତୀୟ ଦଳମାନଙ୍କର ସାମଗ୍ରିକ ନିର୍ବାଚନୀ ଉପସ୍ଥିତି ବ୍ୟାପକ ଭାବେ ସ୍ଥିର ରହିଛି ।

## ୨୦୨୪ରେ ବିଜେଡିକୁ ୩୮% ଭୋଟ

ଆଞ୍ଚଳିକ ଦଳଗୁଡ଼ିକ ମଧ୍ୟ ଲୋକସଭା ନିର୍ବାଚନରେ କିଛିଟା ଉତ୍ଥାନ-ପତନ ସତ୍ତ୍ୱେ ନିୟମିତ ଭାବେ ମୋଟ ମତଦାନର ପ୍ରାୟ ଏକ-ତୃତୀୟାଂଶ ହାସଲ କରିଆସିଛନ୍ତି । ୨୦୦୯ ଓ ୨୦୧୪ ଲୋକସଭା ନିର୍ବାଚନରେ ସମସ୍ତ ଆଞ୍ଚଳିକ ଦଳ ମିଶି ଯଥାକ୍ରମେ ୩୧.୨୨ ଓ ୩୫.୮୫ ପ୍ରତିଶତ ଭୋଟ ପାଇଥିଲେ । ୨୦୨୪ ଲୋକସଭା ନିର୍ବାଚନରେ ଆଞ୍ଚଳିକ ଦଳଗୁଡ଼ିକ ପାଇଥିବା ଭୋଟ ମିଶାଇଲେ ୩୩.୫୩ ପ୍ରତିଶତ ହେବ । କେବଳ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା ୨୦୧୯ ମସିହାରେ, ଯେତେବେଳେ ଆଞ୍ଚଳିକ ଦଳଗୁଡ଼ିକ ସାମଗ୍ରିକ ଭାବେ ୨୮.୧ ପ୍ରତିଶତ ଭୋଟ ପାଇଥିଲେ । ଆଞ୍ଚଳିକ ଦଳ ଭାବେ, ବିଜୁ ଜନତା ଦଳ ୨୦୨୪ ଲୋକସଭା ନିର୍ବାଚନରେ ଗୋଟିଏ ବି ଆସନ ପାଇ ନଥିଲେ ହେଁ, ୩୭.୫୩ ପ୍ରତିଶତ ଭୋଟ ହାତେଇ ପାରିଥିଲା । ଏକା ସମୟରେ ହୋଇଥିବା ବିଧାନସଭା ନିର୍ବାଚନରେ ଏହି ଆଞ୍ଚଳିକ ଦଳ ୪୦.୨୨ ପ୍ରତିଶତ ଭୋଟ୍ ପାଇଥିଲା । ଭାଜପା ୪୦.୦୭ ପ୍ରତିଶତ ଭୋଟ୍ ପାଇଥିଲେ ବି ଅଧିକ ଆସନରେ ବିଜୟୀ ହୋଇ ସରକାର ଗଢିଥିଲା ।

## ତାମିଲନାଡୁରେ ଆଞ୍ଚଳିକ ଦଳର ରାଜ୍

ଏହି ପରିସଂଖ୍ୟାନଗୁଡ଼ିକ ସୂଚାଇଥାଏ ଯେ ଭାରତୀୟ ରାଜନୀତିରୁ ଆଞ୍ଚଳିକ ଦଳଗୁଡ଼ିକର ଅସ୍ତିତ୍ୱ ଶେଷ ହୋଇଯାଇଛି ବୋଲି କହିଦେବା ତରବରିଆ ମତ ଓ ମନ୍ତବ୍ୟ ଭାବେ ଗ୍ରହଣ କରାଯାଇପାରିବ । ଓଡିଶା ସମେତ ଅନେକ ରାଜ୍ୟରେ ନିର୍ବାଚନୀ ଧକ୍କା ଲାଗିଥିଲେ ମଧ୍ୟ ଆଞ୍ଚଳିକ ଦଳଗୁଡ଼ିକ ଏବେ ମଧ୍ୟ ନିଜ ସପକ୍ଷରେ ବୃହତ୍ ଜନସମର୍ଥନ ଭିତ୍ତି ବଜାୟ ରଖିଛନ୍ତି । ରାଜ୍ୟଭିତ୍ତିକ ଭୋଟ ହାର ମଧ୍ୟ ଦର୍ଶାଏ ଯେ, ନିର୍ବାଚନୀ ପ୍ରଦର୍ଶନରେ ଉତ୍‌ଥାନ-ପତନ ସତ୍ତ୍ୱେ ଅନେକ ରାଜ୍ୟରେ ଆଞ୍ଚଳିକ ଦଳଗୁଡ଼ିକ ଏବେ ମଧ୍ୟ ଉଲ୍ଲେଖନୀୟ ନିର୍ବାଚନୀ ସମର୍ଥନ ବଜାୟ ରଖିଛନ୍ତି । ତାମିଲନାଡୁର ଉଦାହରଣକୁ ମଧ୍ୟ କେହି ଭୁଲିଯିବା ଉଚିତ ନୁହେଁ । ସେଠାରେ ଦ୍ରାବିଡ଼ ମୁନେତ୍ର କାଝଗମ୍ (ଡିଏମକେ) ନିର୍ବାଚନୀ ଧକ୍କା ପାଇ କ୍ଷମତାଚ୍ୟୁତ ହୋଇଥିଲେ ମଧ୍ୟ ତାହାର ସ୍ଥାନ ଅନ୍ୟ ଏକ ଆଞ୍ଚଳିକ ଦଳ ନେଇଯାଇଛି ସିନା, କୌଣସି ଜାତୀୟ ଦଳ ତାହା ହାତେଇବାକୁ ସମର୍ଥ ହୋଇନାହିଁ । ଭାରତୀୟ ରାଜନୀତିରେ ଜାତୀୟ ଦଳଗୁଡ଼ିକର ଯେଭଳି ଏକ ସ୍ଥିର ସ୍ଥାନ ରହିଛି ଆଞ୍ଚଳିକ ଦଳଗୁଡ଼ିକର ମଧ୍ୟ ସେହିଭଳି ସ୍ଥିର ସ୍ଥାନ ରହିଛି ।

## ଆଞ୍ଚଳିକ ଭାଷା, ଅସ୍ମିତା ଓ ହକ୍ ପାଇଁ ଲଢ଼େଇ

ଆଞ୍ଚଳିକ ଦଳଗୁଡ଼ିକ ପାଇଁ ପ୍ରମୁଖ ଆହ୍ୱାନ ମତଦାତାଙ୍କ ସମର୍ଥନର ହ୍ରାସ ନୁହେଁ; ବରଂ ଏହା ସାଂଗଠନିକ ପୁନର୍ନବୀକରଣ ଏବଂ



ଗଣତନ୍ତ୍ରର ପୁନଃପ୍ରତିଷ୍ଠା । ଭାରତର ଆଞ୍ଚଳିକ ଦଳଗୁଡିକ ପ୍ରତିଷ୍ଠା ପାଇଲା ବେଳେ, ଦଳର ନୀତି, ଆଦର୍ଶ ଅପେକ୍ଷା ପ୍ରତିଷ୍ଠାତାଙ୍କ ବ୍ୟକ୍ତିତ୍ୱ, ଅତୀତର ଅବଦାନ ଏବଂ ଉଗ୍ର ଆଞ୍ଚଳିକତାବାଦ ମୁଖ୍ୟ ଆଧାର ହୋଇଥାଏ । ଆଞ୍ଚଳିକ ଭାଷା, ଅସ୍ମିତା ଓ ହକ୍ ପାଇଁ ଲଢ଼େଇ କରିବା ହିଁ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଭାବପ୍ରବଣତା ସୃଷ୍ଟିକରେ ଏବଂ ପୂର୍ବ ସରକାରର ଦୋଷ ତ୍ରୁଟିଗୁଡିକୁ ପ୍ରଦର୍ଶନ ମାଧ୍ୟମରେ ବିରୋଧକରି କ୍ଷମତାକୁ ଆସିଥାଏ । ଏବେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଚାଲିଛି । ସରକାରୀ ଦୋଷ ତ୍ରୁଟି ଧରି ଲୋକଲୋଚନକୁ ଆଣିବା ଓ ଜନମତ ଲୋଡ଼ିବା ବିଜେଡିର ମୁଖ୍ୟ ଭୂମିକା ରହିବ । ବିଭିନ୍ନ ରାଜ୍ୟରେ ବିରୋଧୀ ଦଳ କାର୍ଯ୍ୟ ତୁଲାଉଥିବା ଆଞ୍ଚଳିକ ଦଳର ଏଭଳି ଆଭିମୁଖ୍ୟ ରହିବା ନିହାତି ଜରୁରୀ । ଅନେକ ପ୍ରସଙ୍ଗ ରହିଛି, ହେଲେ ବିରୋଧୀ ଆଞ୍ଚଳିକ ଦଳଗୁଡ଼ିକ ସେ ସବୁରୁ ଫାଇଦା ଉଠାଇବାରେ ଅସମର୍ଥ ରହୁଛନ୍ତି । ଫଳରେ କେନ୍ଦ୍ରୀୟ ଦଳ କ୍ଷମତାସୀନ ହେଉଛି ।

ଦଳର ପ୍ରତିଷ୍ଠାତା ନେତାଙ୍କୁ ଦଳୀୟ କର୍ମୀ ଓ ନେତାମାନେ ପୂଜାକରିବାକୁ ଆରମ୍ଭ କଲେ ଦଳରେ ଆଭ୍ୟନ୍ତରୀଣ ଗଣତନ୍ତ୍ରର ସ୍ଥାୟିତ୍ୱ ଦୁର୍ଲଭ ହୋଇଯାଏ । ଯେଉଁ ଜନତା ଜଣେ ମାତ୍ର ବ୍ୟକ୍ତିଙ୍କ ମାଧ୍ୟମରେ ମୁକ୍ତିର ଆଶା ରଖିବାରେ ଅଭ୍ୟସ୍ତ ହୋଇଯାଏ, ସେମାନେ ଗଣତାନ୍ତ୍ରିକ ଜୀବନକୁ ଜୀବନ୍ତ ରଖୁଥିବା ଅଭ୍ୟାସ ଯଥା ସନ୍ଦେହ, ତର୍କ, ଅଂଶଗ୍ରହଣ ଓ ଦାୟିତ୍ୱବୋଧକୁ ହରାଇବାରେ ଲାଗନ୍ତି । ଡ. ବି. ଆର ଆମ୍ବେଦକର ୧୯୪୯ ନଭେମ୍ବର ୨୫ରେ ସମ୍ବିଧାନ ସଭାକୁ ସମ୍ବୋଧିତ କଲା ବେଳେ ଭାରତୀୟ ରାଜନୈତିକ ଚିନ୍ତାଧାରା ଅବତାରଣା କରି ଗଭୀର ସତର୍କବାଣୀ ଶୁଣାଇଥିଲେ । ସେ କହିଥିଲେ, 'ଧର୍ମରେ ଭକ୍ତି ଆତ୍ମାର ମୁକ୍ତିର ପଥ ହୋଇପାରେ । କିନ୍ତୁ ରାଜନୀତିରେ ଭକ୍ତି ବା ନାୟକପୂଜା ଅବନତି ଏବଂ ଶେଷରେ ଏକଛତ୍ର ଶାସନ ଆଡ଼କୁ ଯିବାର ଏକ ନିଶ୍ଚିତ ପଥ ।' ଆଶା କରିବା ଯେ, ସାଧାରଣ ଜନତା ଯେଉଁ ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକ ଉପରେ ଏତେ ଭରସା ରଖିଛନ୍ତି, ସେହି ସମସ୍ତ ଆଞ୍ଚଳିକ ଦଳଗୁଡ଼ିକ ଯେପରି ଆଭ୍ୟନ୍ତରୀଣ ଗଣତନ୍ତ୍ର ରକ୍ଷାକରି ନାୟକପୂଜାରୁ ଦୂରେଇ ରହନ୍ତି । ଜନବିକାଶକୁ ସର୍ବାଧିକ ଗୁରୁତ୍ୱ ଦେଇ ଏକ ସୂତ୍ରରେ ବାନ୍ଧିହେଲେ ଜନମତ ହାସଲ କରିବା ଓ ନିର୍ବାଚନ ଜିତି କ୍ଷମତାସୀନ ହେବା ସହଜ ହୋଇଥାଏ ।






# ପରଘର ବାରଣ୍ଡାରେ ଚାଲିଛି ପାଠପଢ଼ା

## ଦୟନୀୟ ଅବସ୍ଥାରେ ମୋହନପଡା ପ୍ରାଥମିକ ବିଦ୍ୟାଳୟ

**କଳାହାଣ୍ଡି(ଅମୃତ ମିଡିଆ):** କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ୍‌ର ଅନେକ ପ୍ରାଥମିକ ବିଦ୍ୟାଳୟର ଭିତ୍ତିଭୂମି ଦୟନୀୟ ଅବସ୍ଥାରେ ରହିଛି। ଫଳରେ ସେଠାକାର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି । ମୋହନପଡ଼ା ପ୍ରାଥମିକ ବିଦ୍ୟାଳୟ ଏହାର ଏକ ଜ୍ୱଳନ୍ତ ଉଦାହରଣ। ୨୦୦୦ମସିହାରେ ସ୍ଥାପିତ ଏହି ବିଦ୍ୟାଳୟର କୋଠା ଏବେ ବିପଦସଙ୍କୁଳ ଥିବାରୁ ପ୍ରାୟ ବର୍ଷେ ହେଲା ଗ୍ରାମର ଅନ୍ୟ ଜଣଙ୍କ ଘର ବାରଣ୍ଡାରେ ପାଠପଢ଼ା ଚାଲିଛି। ବର୍ତ୍ତମାନ ୨ ଜଣ ଶିକ୍ଷକ ଥିବାବେଳେ ଶିଶୁବାଟିକାରୁ ପଞ୍ଚମ ପର୍ଯ୍ୟନ୍ତ ୧୫ ଛାତ୍ରୀଛାତ୍ର ରହିଛନ୍ତି। ବିଦ୍ୟାଳୟ ଶ୍ରେଣୀଗୃହ ବ୍ୟବହାରଯୋଗ୍ୟ ନ ଥିବାରୁ ପିଲାମାନେ ଅନ୍ୟତ୍ର ପଢ଼ିବାକୁ ବାଧ୍ୟ ହେଉଛନ୍ତି । ଫଳରେ ସ୍କୁଲରେ ଧୀରେ ଧୀରେ ପିଲାଙ୍କ ସଂଖ୍ୟା କମିବାରେ ଲାଗିଛି। ପୂର୍ବରୁ ୪୫ ଛାତ୍ରୀଛାତ୍ର ଏଠାରେ ପଢୁଥିବାବେଳେ ବର୍ତ୍ତମାନ ତାହା ୧୫ରେ



ପହଞ୍ଚିଲାଣି ଓ ସାଧାରଣ ଦିନରେ ବାରଣ୍ଡାରେ ବସି ପାଠପଢ଼ା ସମ୍ଭବ ହେଉଥିଲେ ମଧ ବର୍ଷାଦିନେ ସମସ୍ୟା ବଢ଼ିଯାଉଛି । ବର୍ଷାପାଣି ପଡୁଥିବାରୁ ତାରପୋଲିନ ଟାଣିପିଲାଙ୍କୁ ପାଠ ପଢ଼ାଇବାକୁ ପଡୁଛି। ଛୋଟ ପିଲାଙ୍କ ପାଇଁ ଏଭଳି ପରିବେଶରେ ପାଠ ପଢ଼ିବା କଷ୍ଟକର ହେଉଛି। ପ୍ରାୟ ବର୍ଷେ ହେଲା ଏଭଳି ଅସ୍ଥାୟୀ ବ୍ୟବସ୍ଥାରେ ପାଠପଢ଼ା ଚାଲିଆସୁଛି । ଶିକ୍ଷକମାନଙ୍କ ପାଇଁ ମଧ ବାରଣ୍ଡାରେ ନିୟମିତ ଶିକ୍ଷାଦାନ କରିବା ସହଜ ହେଉନାହିଁ। ବିଦ୍ୟାଳୟ ପରିସରରେ ଶୌଚାଳୟ ଓ ପିଇବା ପାଣି ବ୍ୟବସ୍ଥା ନାହିଁ । ପିଲାମାନେ ଶୌଚ ପାଇଁ ବାହାରକୁ ଯାଉଥିବାବେଳେ ପାଣି ପାଇଁ ମଧ୍ୟ ନିକଟସ୍ଥ ନଳକୂପକୁ ଯିବାକୁ ପଡୁଛି । ବିଇଓଙ୍କ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ୨୦୨୫ ଡିସେମ୍ବରରେ ୧୮.୩୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ହେଲେ ଏଯାବତ୍ ଉକ୍ତ ଅର୍ଥରେ ବିଦ୍ୟାଳୟର ନୂତନ ଗୃହ ନିର୍ମାଣ କାମ ଆରମ୍ଭ ହୋଇନାହିଁ । ଯାହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏନେଇ ସ୍କୁଲର ଜଣେ ଛାତ୍ରୀ କହିଛନ୍ତି, ଆମେ ବହୁତ ଅସୁବିଧାରେ ପଢୁଛୁ । ଶୀଘ୍ର ସ୍କୁଲ ଗୃହ ତିଆରି କରାଯାଉ ଓ ପ୍ରଧାନ ଶିକ୍ଷୟିତ୍ରୀ ରେଶ୍ମା ମଞ୍ଜରୀ ସିଂହ ଏବଂ ସ୍କୁଲ କମିଟି ସଭାପତି କୈକେୟୀ ନାଏକ କହିଛନ୍ତି, ଦୀର୍ଘଦିନ ଧରି ସ୍କୁଲ ଗୃହ ନିର୍ମାଣ ପାଇଁ ଅଭିଯୋଗ କରିଆସୁଛୁ । ନୂଆ ଘର ନିର୍ମାଣ ହେଲେ ପିଲାମାନଙ୍କ ପାଠପଢ଼ାରେ ଆଉ ଅସୁବିଧା ରହିବ ନାହିଁ। ସେହିପରି ଜୁନାଗଡ଼ ବିଇଓ ତପନ ମାଝୀ କହିଛନ୍ତି, ବର୍ତ୍ତମାନ ସ୍କୁଲ ଗୃହ ବନ୍ଦ ରହିଛି। ନୂତନ ଗୃହ ନିର୍ମାଣ ପାଇଁ ଅର୍ଥ ବରାଦ ହୋଇସାରିଛି ଜୁନାଗଡ଼ ବିଡିଓ ଦେବାଶିଷ କରଙ୍କୁ ପଚାରିବାରୁ ଟେଣ୍ଡର ପ୍ରକ୍ରିୟା ସରିଛି, ଖୁବ୍‌ଶୀଘ୍ର ନିର୍ମାଣ କାମ ରମ୍ଭ ହେବ ବୋଲି କହିଛନ୍ତି।

# ଲଗାଣ ବର୍ଷାରେ ଡାବୁଗାଁ-ଝରିଗାଁ ରାସ୍ତା ବିଚ୍ଛିନ୍ନ

## ସାଧାରଣ ଯାତାୟାତ ବାଧାପ୍ରାପ୍ତ : ତୁରନ୍ତ ମରାମତି ଦାବି

**ରାଇଘର(ଅମୃତ ମିଡିଆ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ରୁ ଝରିଗାଁ ଯିବା ରାସ୍ତା ଲଗାଣ ବର୍ଷାରେ କଲଭର୍ଟ ସମ୍ପୂର୍ଣ୍ଣ ଧୋଇ ହୋଇ ରାସ୍ତାକୁ ଭସାଇ ଦେବା ଫଳରେ ଯାତାୟାତ ବିଚ୍ଛିନ୍ନ ହୋଇ ଯାଇଛି । ଉକ୍ତ ରାସ୍ତାଦେଇ ନବରଙ୍ଗପୁରରୁ ସରକାରୀ ବସ ବାହାରି ମଇଦଲପୁର, ଡାବୁଗାଁ, ମେଦନା, ଫୁଫୁଗାଁ, ଝରିଗାଁ ଦେଇ ଉମରକୋଟ ଯାଉଥିଲା, ଯାହାକି ବହୁ ଗ୍ରାମାଞ୍ଚଳର ଲୋକେ ଏଇ ବସ ସେବା ପାଇପାରୁଥିଲେ। କଲଭର୍ଟ ରାସ୍ତା ଲଗାଣ ବର୍ଷାରେ ଧୋଇ ହୋଇ ଯିବାରୁ ସମ୍ପୂର୍ଣ୍ଣ ରୁପେ ଡାବୁଗାଁ ଝରିଗାଁ ରାସ୍ତା ବସ ସେବା ଠପ୍ ହୋଇ ପଡିଛି, ଯଦ୍ୱାରା ଜନସାଧାରଣ ଘୋର ଅସୁବିଧା ଭୋଗୁଛନ୍ତି । ଆହୁରି ଏକ ବିଶୋୟୀ ବସ ଏହି ରାସ୍ତା ଦେଇ ଜୟପୁର ରୁ ବାହାରି ଡାବୁଗାଁ, ଝରିଗାଁ



ଦେଇ ଚନ୍ଦାହାଣ୍ଡି ଯାଉଥିଲା । ସେହି ବସ ରାସ୍ତା ଲଗାଣ ବର୍ଷା ଯୋଗୁଁ କଲଭର୍ଟ ରାସ୍ତା ଧୋଇ ହୋଇ ଯିବାରୁ ରାସ୍ତା ବିଚ୍ଛିନ୍ନ ହୋଇ ଯାଇଛି । ଯାହାକି ରାହାସା ପାଖରେ କଲଭର୍ଟ ଧୋଇ ହୋଇ ଯାଇଛି। ତେଣୁ ଏଇ ଦୁଇ ଦିନ ହେବ ବିଚ୍ଛିନ୍ନ ହୋଇ ଯାଇଛି । ଯୁଧକାଳୀନ ଭିତ୍ତିରେ ସେହି କଲଭର୍ଟ ରାସ୍ତା କାମ କରାଗଲେ ବିଭିନ୍ନ ଗ୍ରାମର ଅଧିବାସୀ ଉକ୍ତ ବସ ଯୋଗେ ସେବା ପୂର୍ବଭଳି ପାଇ ପାରିବେ ଓ ସୁରୁଖୁରୁରେ ବିଭିନ୍ନ ସ୍ଥାନକୁ ଯାଇ ସୁରୁଖୁରୁରେ କାମ ସାରି ନିଜ ଘରକୁ ଫେରି ପାରିବେ ଏଥିରେ ସନ୍ଦେହ ନହିଁ । ଏଣୁ ଜିଲ୍ଲା ପ୍ରଶାସନ ଏଇ ରାସ୍ତା ଉପରେ ଗୁରୁତ୍ୱ ଦେଇ ତୁରନ୍ତ ମରାମତି କରାଇ ବସ ସେବାକୁ ତ୍ୱରାନ୍ୱିତ କରିବା ପାଇଁ ଜନସାଧାରଣରେ ଦୃଢ଼ ଦାବି କରିଛନ୍ତି ।

## ବଢୁଛି ଶିକ୍ଷକଙ୍କ ଉପରେ ଚାପ

# ପାଠ ପଢ଼ାଇବାକୁ ମିଳୁନି ସମୟ

**ରାଇଘର(ଅମୃତ ମିଡିଆ):** ରାଜ୍ୟରେ ଶିକ୍ଷକ ମାନଙ୍କ କାମ ଦିନ କୁ ଦିନ ଏତେ ବଢି ଯାଇଛି ଯେ ପିଲାଙ୍କୁ ପାଠ ପଢ଼ାଇବା ସମ୍ଭବ ପର ହୋଇ ପାରୁନାହିଁ। ସ୍କୁଲରେ ଛାତ୍ର ଛାତ୍ରୀ ଶିକ୍ଷକ ଙ୍କୁ ଖୋଜୁଥିବା ବେଳେ ଶିକ୍ଷକ ମାନେ ବିଏଲ୍‌ଓ ହୋଇ ବାପା ମା' ଙ୍କୁ ଖୋଜିବାରେ ବ୍ୟସ୍ତ। ଆଉ ବାପା ମା ୨୦୦୨ ଲିଷ୍ଟ ସକାଶେ ତାଙ୍କର ବାପା ମା' ଙ୍କୁ ଖୋଜୁଛନ୍ତି। ତାସହ ସ୍କୁଲ ଯିବା ଅଭିଯାନ, ପ୍ରବେଶ ଉତ୍ସବ ଖଡି ଛୁଆଁ, ସ୍କୁଲରେ ଜୋତା ଡ୍ରେସ ବଣ୍ଟନ କାର୍ଯ୍ୟକ୍ରମ , ପଢ଼ିବା ଗଢ଼ିବା ଓଡ଼ିଶା, ଏକ ପେଡ୍ ମା କେ ନାମ୍, ସୁନେତ୍ର କାର୍ଯ୍ୟକ୍ରମ, ଏମ୍ ଡି ଏମ୍ ବଣ୍ଟନ, ସୁରଭି, ୟୁ ଡ଼ାଇସ୍, ସେନସେନ୍ସ , କ୍ଲଷ୍ଟର ସ୍ତରୀୟ ମିଟିଂ, ଛାତ୍ରଛାତ୍ରୀଙ୍କ ଫଟୋ ଅପ ଲୋଡ କରିବା, ଇଲେକ୍ସନ କାମ, କୃମି ଔଷଧ ବଣ୍ଟନ କାର୍ଯ୍ୟ କର୍ମରେ ନିୟୋଜିତ କରିବା ଏହା ମଧ୍ୟରେ ସମୟ ସମୟ ଅନୁଯାୟୀ ସ୍କୁଲ ର ପରୀକ୍ଷା କରିବା ଆଦି ଅନ୍ୟତମ। ତାହେଲେ ଶିକ୍ଷକ ସ୍କୁଲ ରେ ପାଠ ପଢ଼ାଇବ କେତେବେଳେ। ପୁଣି ଉଚ୍ଚ ପଦସ୍ଥ ଅଧିକାରୀଙ୍କ ତାଗିଦ। ଏହାକୁ ନେଇ ଶିକ୍ଷକ ଶିକ୍ଷୟତ୍ରୀ ମହଲରେ ଆଲୋଚନାର ବିଷୟ ପାଲଟିବା ଶହ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ଶ୍ରାବଣ ଶେଷ ସୋମବାର ହରିଶଙ୍କରରେ ଭକ୍ତଙ୍କ ଜନସମୁଦ୍ର

**ଖପ୍ରାଖୋଲ(ଅମୃତ ମିଡିଆ)ଅଶୋକ କୁମାର ବାଗ:** ପବିତ୍ର ଶ୍ରାବଣ ମାସର ଶେଷ ସୋମବାର ଅବସରରେ ପ୍ରସିଦ୍ଧ ଶୈବପୀଠ ହରିଶଙ୍କରରେ ଭକ୍ତି ଓ ଆଧାତ୍ମିକତାର ଅପୂର୍ବ ପରିବେଶ ସୃଷ୍ଟି ହୋଇଥିଲା। ଭୋଲେବାବାଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଆଜି ହରିଶଙ୍କରରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା।ସକାଳୁ ହିଁ ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ହରିଶଙ୍କରରେ ପହଞ୍ଚି ଶ୍ରଦ୍ଧା ଓ ଭକ୍ତିର ସହ ମହାଦେବଙ୍କ ଉପରେ ପବିତ୍ର ଜଳ ଢାଳିଥିଲେ। ଭୋଲେନାଥଙ୍କ ଦର୍ଶନ କରି ନିଜ ନିଜ ମନସ୍କାମନା ପୂରଣ ପାଇଁ ପ୍ରାର୍ଥନା କରିବା ସହ ଭକ୍ତମାନେ ଧାର୍ମିକ ଭାବାବେଗରେ ବୁଡ଼ି ରହିଥିଲେ। ହର ହର ମହାଦେବ ଧ୍ୱନିରେ ସମଗ୍ର



ହରିଶଙ୍କର ପରିବେଶ ମୁଖରିତ ହୋଇ ଉଠିଥିଲା। ଭକ୍ତଙ୍କ ଅସମ୍ଭବ ଭିଡ଼କୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ଦର୍ଶନ ଓ ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଭିଡ଼କୁ ନିୟନ୍ତ୍ରଣ କରିବା ସହ ଭକ୍ତମାନଙ୍କ ସୁରକ୍ଷିତ ଦର୍ଶନ ପାଇଁ ପୋଲିସ କର୍ମଚାରୀମାନେ ସଜାଗ ରହି ବିଭିନ୍ନ ସ୍ଥାନରେ ନିୟୋଜିତ ଥିବା ଦେଖାଯାଇଥିଲା। ଶ୍ରାବଣର ଶେଷ ସୋମବାରରେ ହରିଶଙ୍କରର ଏହି ଭକ୍ତିମୟ ଜନସମାଗମ ଧାର୍ମିକ ପରିବେଶକୁ ଆହୁରି ମନୋରମ ଓ ଆଧାତ୍ମିକ କରିଥିଲା

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



**ରାଇଘର(ଅମୃତ ମିଡିଆ):** ନବରଙ୍ଗପୁର ଜିଲା ରାଇଘର ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ୨୫,୦୮୨୦୨୬ ତାରିଖ ସମୋବାର ବାର ଦିନ ଅନୁଷ୍ଠିତ ହୋଇଯାଇଛି । ଶିବିର ରେ ସମୁଦାୟ ୩୬ଟି ଅଭିଯୋଗ ଆସିଥିଲା। ୧୯ଟି ଗୋଷ୍ଠି ଗତ ଓ ୧୭ ଟି ବ୍ୟକ୍ତିଗତ ଥିଲା। ସେଥି ମଧ୍ୟରେ ହ୍ୱିଲ ଚେୟାର ବଣ୍ଟନ କରାଯାଇଥିବା ବେଳେ କିଛି ଜଣ ଙ୍କୁ ପେନସନ ବଣ୍ଟନ କରାଯାଇଥିଲ । । ଅନ୍ୟାନ୍ୟ ଅଭିଯୋଗ ମଧ୍ୟରେ ଜିଲ୍ଲା ଭିତ୍ତିକ ନିଯୁକ୍ତି, ପାନୀୟ ଜଳ ସମସ୍ୟା, ରାସ୍ତାଘାଟର ଅବସ୍ଥା ଶୋଚନୀୟ, ଡ୍ରେନ୍ ସମସ୍ୟା ଆଦି ଅନ୍ୟତମ। ଅଭିଯୋଗ ଗ୍ରହଣ କରି ତାର ସମାଧାନ ନିମନ୍ତେ ଜିଲାର ଯେଉଁ ବିଭାଗର ଅଭିଯୋଗ ସେହି ବିଭାଗୀୟ ଅଧିକାରୀଙ୍କୁ ସମାଧାନ କରିବା ନିମେନ୍ତେ ନିର୍ଦ୍ଦେଶ ଦିଆ ଯାଇଥିଲା।।, ଏହି ଶିବିର ରେ ସିଡିଓ ବିରଞ୍ଚି ନାରାୟଣ ଦରୱାନ ଏସ ଡିପିଓ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲା ସମାଜ କଲ୍ୟାଣ ଅଧିକାରୀ ଜିଲା ପଞ୍ଚାୟତ ଅଧିକାରୀ, ଜିଲା ମତ୍ସ୍ୟ ଅଧିକାରୀ ଜିଲା ମଙ୍ଗଳ ଅଧିକାରୀ, ଜିଲା ଶିଶୁ ସୁରକ୍ଷା, ଜିଲା ଯୋଗାଣ ଅଧିକାରୀ, ରାଇଘର ଗୋଷ୍ଠି ଉନ୍ନୟନ ଅଧିକାରୀ, ରିତୁ ସିଂ, ଏବିଡିଓ ବିଜୟ କୁମାର୍ ସେଠୀ, ତହସିଲଦାର ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ, ପୂର୍ତ୍ତ ବିଭାଗ ଯନ୍ତ୍ରୀ, ପ୍ରାଣୀ ଚିକିତ୍ସାଧିକାରୀ ସାମାଜିକ ସୁରକ୍ଷା ଅଧିକାରୀ, ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ, ଓ ଜିଲ୍ଲା ତଥା ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଖାଦ୍ୟ ସୁରକ୍ଷା ଉପରେ ଉଠିଲା ପ୍ରଶ୍ନ

# ଚିନ୍ତା ବଢ଼ାଇଲାଣି ପନୀର ଓ ଛେନା, ଫାଷ୍ଟଫୁଡ୍‌ରେ ଅପମିଶ୍ରଣ

**କଳାହାଣ୍ଡି(ଅମୃତ ମିଡିଆ):** ଆଧୁନିକ ଜୀବନଶୈଳୀରେ ଫାଷ୍ଟଫୁଡ୍‌ର ଚାହିଦା ଦିନକୁ ଦିନ ବଢ଼ିଚାଲିଛି। ସେହିପରି ପନିର, ଛେନା, ମିଠା ଓ ବିଭିନ୍ନ ଦୁଗ୍ଧଜାତ ଖାଦ୍ୟ ମଧ ଲୋକଙ୍କ ଖାଦ୍ୟ ତାଲିକାର ଅଂଶ ହୋଇଛି । କିନ୍ତୁ ଅଧିକ ଲାଭଆଶାରେ କେତେକ ଅସାଧୁ ବ୍ୟବସାୟୀ ଓ ଖାଦ୍ୟ ପ୍ରସ୍ତୁତକାରୀ ଏହି ଖାଦ୍ୟରେ ଅପମିଶ୍ରଣ କରୁଥିବା ଅଭିଯୋଗ ଚିନ୍ତା ବଢ଼ାଇଛି। ଫଳରେ ସ୍ୱାଦ ଓ ଦେଖ ?ବାକୁ ଆକର୍ଷଣୀୟ ଖାଦ୍ୟ ପଛରେ ଲୁଚି ରହୁଛି ସ୍ୱାସ୍ଥ୍ୟ ପ୍ରତି ବିପଦ। ପନିର ଓ ଛେନା ପ୍ରସ୍ତୁତିରେ ଗୁଣାତ୍ମକ କ୍ଷୀର ବ୍ୟବହାର ଅତ୍ୟନ୍ତ ଜରୁରୀ । ମାତ୍ର କେତେକ ସ୍ଥାନରେ ଗୋରସର ଗୁଣବତ୍ତା ନିମ୍ନମାନର ହେବା ସହ ଅନୁଚିତ ଉପାଦାନ ବ୍ୟବହାର କରାଯାଉଥିବା ନେଇ ଅଭିଯୋଗ ହୋଇଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ବିଭାଗ ପକ୍ଷରୁ ଚଢ଼ଉ ଜାରିରହିଛି । ଏଭଳି ଖାଦ୍ୟ ଦୀର୍ଘ ସମୟ ଧରି ଖାଇଲେ ପେଟ ସମସ୍ୟା, ଖାଦ୍ୟଜନିତ ଅସୁସ୍ଥତା ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାର ଆଶଙ୍କା ରହିଥାଏ । ଫାଷ୍ଟଫୁଡ୍ କ୍ଷେତ୍ରରେ ମଧ ସମସ୍ୟା କମ୍ ନୁହେଁ । ଚାଉମିନ୍, ମଞ୍ଚୁରିଆନ୍, ରୋଲ୍, ବର୍ଗ, ପିଜା ଓ ଅନ୍ୟାନ୍ୟ ଖାଦ୍ୟରେ ନିମ୍ନମାନର ତେଲ, ଅତ୍ୟଧିକ ଲୁଣ, ଚିନି ଓ କୃତ୍ରିମ ସ୍ୱାଦବର୍ଦ୍ଧକ ବ୍ୟବହାର ନେଇ ସମୟ ସମୟରେ ପ୍ରଶ୍ନ ଉଠୁଛି। ବାରମ୍ବାର ବ୍ୟବହୃତ ରନ୍ଧନ ତେଲ ମଧ୍ଯ ଖାଦ୍ୟର ଗୁଣବତ୍ତା ନେଇ ଚିନ୍ତାର କାରଣ ହୋଇପାରେ । ଅପମିଶ୍ରିତ ଖାଦ୍ୟର ସବୁଠାରୁ ବଡ଼ ପ୍ରଭାବ ଶିଶୁ, ବୃଦ୍ଧ ଓ ଅନ୍ୟ ସମ୍ବେଦନଶୀଳ ବ୍ୟକ୍ତିଙ୍କ ଉପରେ ପଡ଼ିବ ଆଶଙ୍କା ରହିଛି। ଖାଦ୍ୟର ଗୁଣାବତ୍ତା ନେଇ ସାମାନ୍ୟ ଅବହେଳା ମଧ୍ୟ ଖାଦ୍ୟ ବିଷାକ୍ତତା, ଜୀର୍ଣ୍ଣ ସମସ୍ୟା ଓ ଅନ୍ୟାନ୍ୟ ଅସୁବିଧାର କାରଣ ହୋଇପାରେ। ତେଣୁ କେବଳ ରାସ୍ତାକଡ଼ର ଦୋକାନ ନୁହେଁ, ସମସ୍ତ ଖାଦ୍ୟ ବିକ୍ରୟ କେନ୍ଦ୍ରରେ ସ୍ୱଚ୍ଛତା ଓ ଖାଦ୍ୟ ସୁରକ୍ଷା ନିୟମ ପାଳନ ଆବଶ୍ୟକ। ଖାଦ୍ୟ ଅପମିଶ୍ରଣ ରୋକିବା ପାଇଁ ନିୟମିତ ଯାଞ୍ଚ, ନମୁନା ସଂଗ୍ରହ ଓ ଲାବରେଟୋରି ପରୀକ୍ଷା ଜୋରଦାର କରିବା ଦରକାର। ଦୋଷୀ ବ୍ୟବସାୟୀଙ୍କ ବିରୋଧରେ କେବଳ ଜୋରିମାନା ନୁହେଁ, ଆଇନ ଅନୁଯାୟୀ କଠୋର ପଦକ୍ଷେପ ନିଆଗଲେ ହିଁ ଅପମିଶ୍ରଣକାରୀଙ୍କ ମଧ୍ୟରେ ଭୟ ସୃଷ୍ଟି ଅନ୍ୟପକ୍ଷରେ ଗ୍ରାହକଙ୍କ ସଚେତନତା ମଧ ଅତ୍ୟନ୍ତ ଜରୁରୀ । ଖାଦ୍ୟ କିଣିବା ସମୟରେ ଦୋକାନର ପରିଚ୍ଛନ୍ନତା, ଖାଦ୍ୟର ତାଜାପଣ, ପ୍ୟାକେଟ୍ ଖାଦ୍ୟର ଲେବଲ୍, ଉତ୍ପାଦନ ଓ ଅବଧି ସମ୍ପର୍କରେ ଯାଞ୍ଚ କରିବା ଆବଶ୍ୟକ। ସନ୍ଦେହଜନକ ଖାଦ୍ୟ ଦେଖିଲେ ତାହା କିଣିବାରୁ ବିରତ ରହିବା ସହ ସମ୍ପୃକ୍ତ କର୍ତ୍ତୃ ପକ୍ଷଙ୍କୁ ଜଣାଇବା ଉଚିତ। ସ୍ୱାଦ ପାଇଁ ସ୍ୱାସ୍ଥ୍ୟକୁ ବିପଦରେ ପକାଇବା ଉଚିତ ନୁହେଁ। ଖାଦ୍ୟରେ ଅପମିଶ୍ରଣ କେବଳ ଜଣେ ଗ୍ରାହକଙ୍କ ସମସ୍ୟା ନୁହେଁ, ଏହା ସମଗ୍ର ସମାଜର ସ୍ୱାସ୍ଥ୍ୟ ସହ ଜଡ଼ିତ । ତେଣୁ ପ୍ରଶାସନ ପକ୍ଷରୁ ଏହା ଉପରେ କଡ଼ା ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି । ଏ ସମ୍ପର୍କରେ କଳାହାଣ୍ଡି ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଙ୍କୁ ପଚାରିବା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ ସମ୍ଭବ ହୋଇପାରିଲା ନାହିଁ ।



## ଭବାନୀପାଟଣାରେ ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ଉ

# ୩୨କିଲୋ ବାସି ଓ କୃତ୍ରିମ ରଙ୍ଗଯୁକ୍ତ ଖାଦ୍ୟ ନଷ୍ଟ

**କଳାହାଣ୍ଡି,(ଅମୃତ ମିଡିଆ-ପ୍ୟାରିଲାଲ ଦୁର୍ଗା):** ଆସନ୍ତା ପର୍ବପର୍ବାଣୀକୁ ଦୃଷ୍ଟିରେ ରଖି ଭବାନୀପାଟଣା ପୌରପାଳିକା ଅଞ୍ଚଳରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ପୋଲିସ ସହଯୋଗରେ ଏକ ବିଶେଷ ଯାଞ୍ଚ ଅଭିଯାନ କରାଯାଇଥିଲା। ଏହି ଅଭିଯାନରେ ମୋଟ ୨୧ଟି ଖାଦ୍ୟ ପ୍ରତିଷ୍ଠାନ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ପ୍ରାୟ ୩୨ କିଲୋଗ୍ରାମ ବାସି ଖାଦ୍ୟ ଓ କୃତ୍ରିମ ଖାଦ୍ୟ ରଙ୍ଗ ବ୍ୟବହୃତ ଖାଦ୍ୟ ସାମଗ୍ରୀ ଚିହ୍ନଟ କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଥିଲା। ଖାଦ୍ୟ ବ୍ୟବସାୟୀମାନଙ୍କୁ ଖାଦ୍ୟ ପ୍ୟାକେଜିଂ, ସ୍ୱଚ୍ଛତା ଓ ନିରାପଦ ଖାଦ୍ୟ ପରିଚାଳନା ସମ୍ପର୍କରେ ସଚେତନ କରାଯାଇଥିବା ବେଳେ ଖାଦ୍ୟ ଗୁଡ଼ାଇବା ପାଇଁ କାଗଜ କିମ୍ବା ଖବରକାଗଜ ବ୍ୟବହାର ନକରିବାକୁ ନିର୍ଦ୍ଦେଶ



ଦିଆଯାଇଥିଲା। ଅଭିଯାନ ସମୟରେ ଖୋଲା ଓ ପ୍ୟାକେଜ୍ ହୋଇଥିବା ପନିରର ୧୮ଟି ନମୁନା ଉପରେ ଆୟୋଡିନ୍ ଦ୍ରବଣ ବ୍ୟବହାର କରି ଷ୍ଟାର୍ଚ୍ଚ ଚିହ୍ନଟ ପାଇଁ ଦ୍ରୁତ ପରୀକ୍ଷା କରାଯାଇଥିଲା। ପରୀକ୍ଷାରେ କୌଣସି ନମୁନାରେ ଷ୍ଟାର୍ଚ୍ଚ ଉପସ୍ଥିତିର ସକାରାତ୍ମକ ପ୍ରତିକ୍ରିୟା ମିଳିନଥିଲା। ଆସନ୍ତା ପର୍ବପର୍ବାଣୀ ସମୟରେ ଦୁଗ୍ଧଜାତୀୟ ଉତ୍ପାଦ, ପନିର ଓ ବିଭିନ୍ନ ପ୍ରକାରର ମିଠା ଉପରେ ଅଧିକ ଗୁରୁତ୍ୱ ଦେଇ ଏହିପରି ଯାଞ୍ଚ ଓ ଦ୍ରୁତ ପରୀକ୍ଷା ଅଭିଯାନ ଜାରି ରହିବ ବୋଲି ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ କୁହାଯାଇଛି। ଏହି ଯାଞ୍ଚ ଅଭିଯାନରେ ସନ୍ତୋଷ କୁମାର ମହାପାତ୍ର, ପଦସ୍ଥ ଅଧିକାରୀ, ଖାଦ୍ୟ ନିରାପତ୍ତା, କଳାହାଣ୍ଡି; ବିଶ୍ୱଜିତ ନାଏକ, ଖାଦ୍ୟ ନିରାପତ୍ତା ଅଧିକାରୀ, କଳାହାଣ୍ଡି; ସନ୍ତୋଷ କୁମାର ନାୟକ, ଏଏସ୍ ?ଆଇ, ଟାଉନ୍ ଥାନା, ଭବାନୀପାଟଣା, ଏବଂ ଅନ୍ୟ ପୋଲିସ କର୍ମଚାରୀ ଓ ଖାଦ୍ୟ ନିରାପତ୍ତା ବିଭାଗର କର୍ମଚାରୀମାନେ ସାମିଲ ହୋଇଥିଲେ।

## ଧର୍ମଗଡ଼ ଇନ୍ଦ୍ରାବତୀ କେନାଲ ବିଭାଗରେ ମହାଦୁର୍ନୀତିର ଚେର

# ବିନା ଏଷ୍ଟିମେଟ୍ ଓ ସୂଚନାଫଳକରେ ଚାଲିଛି ଲକ୍ଷଲକ୍ଷ ଟଙ୍କାର ରାସ୍ତା ମରାମତି

## ■ ସରକାରୀ ଅର୍ଥ ହରିଲୁଟ୍ ଅଭିଯୋଗରେ ଛନ୍ଦିହେଲେ ଅଧିକ୍ଷଣଯନ୍ତ୍ରୀ

**କଳାହାଣ୍ଡି,(ଅମୃତ ମିଡିଆ-ପ୍ୟାରିଲାଲ ଦୁର୍ଗା):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପର ଇନ୍ଦ୍ରାବତୀ ବାମ କେନାଲ ବିଭାଜନ ନଂ-୨ କାର୍ଯ୍ୟାଳୟ ଏବେ ଦୁର୍ନୀତି ଓ ପିସି କାରବାରର ପେଣ୍ଠସ୍ଥଳ ପାଲଟିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି । 'ମୋତେ ଯେତେ ମାଠେ ଇବୁ ମାଠେ, ମୁଁ ସେହି ଦରପୋଡ଼ା କାଠ' ନୀତିକୁ ଆପଣାଇ ଏହି କାର୍ଯ୍ୟାଳୟର ଅଧିକ୍ଷଣ ଯନ୍ତ୍ରୀ ଓ ବିଭାଗୀୟ କର୍ମଚାରୀମାନେ ସରକାରୀ ନିୟମକୁ ସମ୍ପୂର୍ଣ୍ଣ ଜଳାଞ୍ଜଳି ଦେଇଛନ୍ତି। ସରକାରୀ ଅର୍ଥକୁ କିଭଳି ବାଟମାରଣା କରାଯାଇପାରିବ, ସେଥିପାଇଁ ବିଭାଗୀୟ ଅଧିକାରୀ ଓ କେତେକ ପ୍ରଭାବଶାଳୀ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଗଢ଼ିଉଠିଥିବା ଏବେ ସ୍ପଷ୍ଟ ଜଣାପଡୁଛି। ମିଳିଥିବା ସୂଚନା ମୁତାବକ, ଗୁରୁତ୍ୱପୂର୍ଣ୍ଣ ବିଜୁ ଏକ୍ସପ୍ରେସ ୱେ ରୁ କେନାଲ ରାସ୍ତା ଦେଇ ଖୁଣ୍ଟିଆ ଗ୍ରାମକୁ ସଂଯୋଗ କରୁଥିବା ଏହି କେନାଲ ରାସ୍ତାଟି ଦୀର୍ଘ ଦିନ ହେବ ଶୋଚନୀୟ ହୋଇ ପଡ଼ିରହିଥିଲା। ସ୍ଥାନୀୟ ଲୋକଙ୍କ ଦାବି ପରେ ଏବେ ଏହାର ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ସରକାରୀ ଗାଇଡଲାଇନ ଅନୁଯାୟୀ, ଯେକୌଣସି ନିର୍ମାଣ କିମ୍ବା ମରାମତି କାର୍ଯ୍ୟ ପୂର୍ବରୁ ଏକ ନିର୍ଦ୍ଦିଷ୍ଟ ବ୍ୟୟବରାଦ ପ୍ରସ୍ତୁତ କରାଯିବା ସହ ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରାଶାସନିକ ଓ ବୈଷୟିକ ମଞ୍ଜୁରୀ ନେବା ବାଧତାମୂଳକ । କିନ୍ତୁ ଏହି କାର୍ଯ୍ୟାଳୟରେ ସେଭଳି କୌଣସି ନିୟମ ପାଳନ କରାଯାଇ ନାହିଁ । କେଉଁ ଆଧାରରେ ଏବଂ କେତେ ବଜେଟ୍‌ରେ ଏହି କାମ ଚାଲିଛି, ତାହାର କୌଣସି ହିସାବ କାହାରି ପାଖରେ ନାହିଁ । ଯେକୌଣସି ସରକାରୀ କାର୍ଯ୍ୟ ସ୍ଥଳରେ କାମର ନାମ, ଅଟକଳ ମୂଲ୍ୟ, କାର୍ଯ୍ୟାରମ୍ଭ ଓ ଶେଷ ହେବା ତାରିଖ ଏବଂ ଠିକାଦାରଙ୍କ ନାମ ଉଲ୍ଲେଖ ଥିବା ଏକ ସୂଚନା ଫଳକ ଲଗାଇବା ଆଇନଗତ ନିୟମ । ହେଲେ ଖୁଣ୍ଟିଆ ଗ୍ରାମକୁ ସଂଯୋଗ କରୁଥିବା ଏହି କେନାଲ ରାସ୍ତାରେ କୌଣସି ସୂଚନା ଫଳକ ଦେଖିବାକୁ ମିଳୁନାହିଁ । ଫଳରେ ସାଧାରଣ ଲୋକେ ଏବଂ ଆର.ଟି.ଆଇ. କର୍ମୀମାନେ ଏହି କାର୍ଯ୍ୟର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛନ୍ତି । ରାସ୍ତାର ଖାଲଖମାରେ କେବଳ ନିମ୍ନମାନର ମୁରୁମ ପକାଯାଉଛି, ଯାହା ଆଗାମୀ ବର୍ଷାରେ ସମ୍ପୂର୍ଣ୍ଣ ଧୋଇଯିବାର ସମ୍ଭାବନା ରହିଛି । କେବଳ ସରକାରୀ ଅର୍ଥ ଲୁଟିବା ଉଦ୍ଦେଶ୍ୟରେ ଏଭଳି ପ୍ରହସନ କରାଯାଉଥିବା ଜନସାଧାରଣ ଅଭିଯୋଗ କରିଛନ୍ତି ।ଏହି ସାଙ୍ଘାତିକ ଅନିୟମିତତା ଏବଂ ବ୍ୟାପକ ପିସି କାରବାର ଅଭିଯୋଗ ସମ୍ପର୍କରେ ପ୍ରତିକ୍ରିୟା ନେବା ପାଇଁ ଇନ୍ଦ୍ରାବତୀ ଅଧିକ୍ଷଣ ଯନ୍ତ୍ରୀ ଶ୍ୟାମ ସୁନ୍ଦର ମାରାଣ୍ଡିଙ୍କୁ ବାରମ୍ବାର ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲା । ମାତ୍ର ସେ କୌଣସି ଫୋନ୍ କଲ୍‌ର ଉତ୍ତର ଦେଇନଥିଲେ। ଜଣେ ଦାୟିତ୍ୱବାନ ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କ ଏଭଳି ନୀରବତା ଏବଂ ଗଣମାଧ୍ୟମକୁ ଏଡ଼ାଇ ଯିବା ପ୍ରବୃତ୍ତି, ଏହି ଦୁର୍ନୀତି



ପଛରେ ତାଙ୍କର ସିଧାସଳଖ ହାତ ଥିବା ସନ୍ଦେହକୁ ଆହୁରି ଦୃଢ଼ କରୁଛି । ମରାମତି ଆଳରେ ଚାଲିଥିବା ଏହି ସରକାରୀ ଅର୍ଥ ହରିଲୁଟ୍‌ର ଯୋଜନାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ, କଳାହାଣ୍ଡି ଜିଲ୍ଲାପାଳ ଏବଂ ସ୍ଥାନୀୟ ଭିଜିଲାନ୍ସ ବିଭାଗ ତୁରନ୍ତ ଏହି ଘଟଣାରେ ହସ୍ତକ୍ଷେପ କରିବାକୁ ଦାବି ହେଉଛି । ଯଦି ତୁରନ୍ତ ଏହି ବେଆଇନ କାର୍ଯ୍ୟର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀ କର୍ମଚାରୀ ଓ ଠିକାଦାରଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବୀ ହେଉଛି।

## ସମ୍ପାଦକୀୟ...

# ଫୋକସ୍‌ରେ ଜେନ୍ ଜି

ଭାରତରେ ଏବେ ପପୁଲାର୍ ହେବାରେ ଲାଗିଛି ଜେନ୍ ଜି। ଅତି ଯୁବପିଢି ଏବେ ମାତିଛନ୍ତି ସମାଜରେ ପରିବର୍ତ୍ତନ ଦିଗରେ। ଏଠାରେ ଆମେ ଅତି ଯୁବପିଢ଼ି ଏହି ଅର୍ଥରେ ବ୍ୟବହାର କରୁଛୁ ଯେଉଁମାନେ ପୂରା ଫ୍ରେଶ୍। ଆଧୁନିକ ବୁଦ୍ଧିଜୀବୀ ଅବା ଅତ୍ୟାଧୁନିକ ବୁଦ୍ଧିଜୀବୀଙ୍କ୍ ମତରେ ୧୫ରୁ ୨୦ ବର୍ଷର ଯେଉଁମାନେ ଯୁବକର ଡେଫିନେସନ ଠିକ୍ ଭାବେ ଜାଣିନଥିବେ, ସେମାନେ ଏବେ ଆଗଧାଡ଼ିରେ । ପରେ ପରେ ଆସୁଛନ୍ତି ୨୦ରୁ ୨୫ ବର୍ଷର ଯୁବକ ଯେଉଁମାନଙ୍କୁ ଅନ୍ତତଃ ଯୁବକ ବୋଲି କହିହେବ। ତା'ପରେ ଆସୁଛନ୍ତି ୨୫ରୁ ୩୦ ବର୍ଷର ଯୁବକ। ଯେଉଁମାନେ ପ୍ରକୃତ ଯୁବପିଢ଼ି ଯେଉଁମାନେ ନିଜ ପାଇଁ , ସମାଜ ପାଇଁ କିଛି କରି ପାରନ୍ତି। ସେମାନଙ୍କ ମଧ୍ୟରେ କିଛି ନା କିଛି ଜ୍ଞାନ ଏବଂ ଶକ୍ତି ଅଛି ଯାହା ମାଧ୍ୟମରେ , ଯାହା ସାହାରାରେ ସେମାନେ କିଛି ନା କିଛି କରି ପାରିବେ। ଅଥଚ ସେମାନ ଏବେ ବ୍ୟାକ୍ ଫୁଟ୍‌ରେ। ଅଥଚ ଆଗରେ ରହିଛନ୍ତି ଆଜିର ସମୟର ସର୍ବାଧୁନିକ ଯୁବପିଢ଼ି ଯେମାନଙ୍କ ଭିତରେ ଜୋସ୍ ତ ରହିଥାଏ ହେଲେ ସେମାନଙ୍କ ଭିତରେ କିନ୍ତୁ ସେମିତି ହୋସ୍ ନ ଥାଏ ଯେଉଁମାନେ ସମଜରେ କିଛି ନା କିଛି ପରିବର୍ତ୍ତନ ଆଣିପାରିବେ ଅବା ସମାଜର ପରିବର୍ତ୍ତନରେ ସେମାନଙ୍କର କିଛି ନା କିଛି ଯୋଗଦାନ ଦେଇପାରିବେ । ସମାଜରେ ପରିବର୍ତ୍ତନରେ ଯେଉଁ ବୟସର ଯୁବକମାନେ ପରିବର୍ତ୍ତନ ଅଭିମୁଖ୍ୟ ନେଇ ସେମାନଙ୍କର ବାସ୍ତବ ଯୋଗଦାନ ଦେଇପାରିବେ , ସେମାନେ ହେଉଛନ୍ତି ୩୦ରୁ ୪୦ ବର୍ଷ ବୟସ ସୀମାର ବ୍ୟକ୍ତିବିଶେଷ। ଯେଉଁମାନେ ଶାରୀରିକ, ମାନସିକ, ବୌଦ୍ଧିକ ଏବଂ ଆର୍ଥିକ ଏ ସବୁ ଦୃଷ୍ଟିକୋଣରୁ ସେମାନେ ଯେହେତୁ ସ୍ୱଛଳତାର ସମ୍ଭାବନା ଭିତରେ ରହୁଥିବାରୁ ସେମାନେ ନିଜ ପାଇଁ ,ନିଜର ପରିବାର ପରେ ଦେଶ ପାଇଁ ଏବଂ ସମାଜ ପାଇଁ ସେମାନେ ଅବଶ୍ୟ କିଛି ଚିନ୍ତା କରିପାରିବେ । କିଛି ସେମାନେ କାର୍ଯ୍ୟ କରିପାରିବେ। ହେଲେ ଏବେ କିନ୍ତୁ ସ୍ଥିତି ଓଲଟା, ପରିସ୍ଥିତି ମଧ୍ୟ ଓଲଟା ଯାହା ପଛରେ ମୁଖ୍ୟ କାରଣ ସାମାଜିକ ବିଚାରଧାରାରେ ପରିବର୍ତ୍ତନ ଯାହାର ସୁଯୋଗ ନେଇ କିମ୍ବା ଅନ୍ୟ ଅର୍ଥରେ ଏହାକୁ ଏକ ସଂଯୋଗ ମଧ୍ୟ କୁହାଯାଇପାରେ .. ଯେ ୧୫ରୁ ୨୫ ବର୍ଷ ବୟସର ଟେଙ୍ଗଡ଼ା ଟୋକା ଏବେ କିନ୍ତୁ ବନିଯାଇଛନ୍ତି ଧେଙ୍ଗଡ଼ା ଅର୍ଥାତ୍ ଏବେ ସେମାନେ ହିଁ ସମାଜର ନେତୃତ୍ୱ ନେବାକୁ ଯାଉଛନ୍ତି। ନେତୃତ୍ୱ ନେବାକୁ ଯାଉଛନ୍ତି ନୁହେଁ, ସେମାନେ ଗୋଟାକ ପରେ ଗୋଟାଏ ନେତୃତ୍ୱ ନେଇ ଦେଶରେ କମାଲ କରିସାରିଲେଣି ଏବଂ କମାଲ୍ ପରେ ଏବେ ଧମାଲ୍ କରିବାକୁ ଯାଉଛନ୍ତି। ଭାରତରେ ଏବେ ମୁଣ୍ଡ ଟେକିଛି ଜେନ୍ ଜି । ଯାହା କି ହୋଇପାରେ ଏକ ହାଇବ୍ରିଡ୍ କଲ୍‌ଚର। ଯାହାର ଉତ୍ପତ୍ତି କିନ୍ତୁ ଆମର ଅତି ପ୍ରିୟ ପରିବାରରୁ । କେବେ କେବେ ଆମେ ଆମ ପରିବାରରୁ ବି ଏମିତି କିଛି ପିଲାଙ୍କୁ ପାଉ ଯେଉଁମାନେ ଅତି ରାଗୀ , ସେମାନେ ଅତି ହାଇଟେମ୍ପର୍ଡ। କେବେ କେବେ ସେମାନଙ୍କ ସେହି ଟେମ୍ପର ପରିବାରରେ ସୃଷ୍ଟି କରେ ଝଡ଼ ତୋଫାନ ଏବଂ ସେମାନଙ୍କ୍ ବୟସ ହୋଇପାରେ କେବଳ ୧୫ରୁ ୨୦। କେବେ କେବେ ସେମାନଙ୍କ ଦ୍ୱାରା ପରିବର୍ତ୍ତନ ଆସିପାରେ । ହେଲେ ଅଧିକାଂଶ ସମୟରେ ସେମାନଙ୍କ ଉଶୃଙ୍ଖଳ ମନୋଭାବ ପରିବାରରେ ନାନା ସମସ୍ୟା ସୃଷ୍ଟି କରେ । ସେମାନେ ହେଉଛନ୍ତି ଆଜିର ସମୟର ଆଧୁନିକ ସମୟର ଜେନ୍ ଜି ଗୋଷ୍ଠୀ। ଯେଉଁମାନେ ଦେଶର ଶାସନ କଳ ବିରୁଦ୍ଧରେ ଏବେ ଏକଜୁଟ ହୋଇ ସେମାନେ କିଛି ପରିବର୍ତ୍ତନ ଆଣିବାର ଆରମ୍ଭ କରିଦେଇଛନ୍ତି ପ୍ରଚେଷ୍ଟା ଯାହର ଉଦାହରଣ ଭାବେ ଆମେ ବର୍ତ୍ତମାନର ସିଜେପି କୁ ନେଇପାରୁ ଯେଉଁ ଦଳର ବିକ୍ଷୋଭରେ , ପ୍ରତିବାଦରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପଦରୁ ହଟିଗଲେ ଓଡ଼ିଆ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏବେ ବିଜେପି ସେମାନଙ୍କ ସହିତ କିଛି ବୁଝାମଣା କରିବା ପାଇଁ ପ୍ରସ୍ତୁତ । ପରିସ୍ଥିତି ବି କିଛି ସେହିଭଳି।

## ଜ୍ଞାନାମୃତ

### ବିଶ୍ୱାସ

ଗାଁ'ର ଶେଷମୁଣ୍ଡରେ ଗୋଟାଏ ଛୋଟିଆ କୁଡ଼ିଆରେ ଦୀର୍ଘଦିନ ଧରି ରହିଆସୁଥିବା ଜନୈକ ବାବା ଥରେ ସେହି ଗ୍ରାମବାସୀଙ୍କ ମଧ୍ୟରେ କିଛି ସଚେତନତା ଆଣିବା ପାଇଁ ପ୍ରବଚନ ଦେବା ଆରମ୍ଭ କରିଥିଲେ ଏବଂ ଅଞ୍ଚଳର ଜନତା ତାଙ୍କ ପାଖରେ ଭିଡ଼ ଜମାଇବା ଆରମ୍ଭ କରିଦେଲେ। ବାବାଙ୍କ ଖାତି ଧୀରେ ଧୀରେ ବଢିବା ଆରମ୍ଭ ହୋଇଗଲା। ପ୍ରଥମେ ପ୍ରଥମେ କେବଳ ସେହି ଗ୍ରାମରୁ ବାବାଙ୍କ ପାଖକୁ ଜନସାଧାରଣଙ୍କ ସୁଅ ଛୁଟିଥିଲା ହେଲେ ଧୀରେ ଧୀରେ ବାହାର ଅଞ୍ଚଳରୁ ବି ବାବାଙ୍କ ପାଖରେ ଗହଳି ଧୀରେ ଧୀରେ ବଢ଼ିବାକୁ ଲାଗିଲା। ବାବାଙ୍କ ପାଖରେ ଧୀରେ ଧୀରେ ଜନଗହଳି ବଢ଼ିବାର ଦେଖି ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ତାଙ୍କ ପତିକୁ କହିଲା ଯେ ଥରେ ଚାଲ ଦେଖିଆସିବା ସେହି ବାବାଙ୍କୁ। ଥରେ ଚାଲ ଶୁଣିଆସିବା ସେହି ବାବାଙ୍କୁ ଯେ କି ଲୋକମାନଙ୍କୁ କିଛି ଭଲ କଥା କହି ସେମାନଙ୍କ ଭଲ ମନ୍ଦ କଥା ବୁଝୁଛନ୍ତି ଏବଂ ସେମାନଙ୍କ ଭଲ ମନ୍ଦ କଥା ବିଚାର କରୁଛ୍ନ୍ତି। ପତ୍ନୀଙ୍କ୍ କଥା ଶୁଣି ସେହି ମହିଳାଙ୍କ ପତି ତାଙ୍କ ପତ୍ନୀଙ୍କ୍ କଥାରେ ଏକମତ ହୋଇ ଅନ୍ତତଃ ଥରେ ଯାଇ ସେହି ବାବାଙ୍କ ପାଖକୁ ବୁଲି ଆସିବାକୁ ଚିନ୍ତା କରିଥିଲେ। ସମୟ ସୁବିଧା ଦେଖି ପତି ପତ୍ନୀ ଉଭୟ ଯାଇ ଥରେ ବାବାଙ୍କ ପାଖକୁ ବୁଲି ଆସିବାକୁ ଶେଷରେ ସ୍ଥିର କଲେ। ଥରେ ସମୟ ସୁବିଧା ଦେଖି ଉଭୟ ପତ୍ନୀ ପତି ସେହି ବାବାଙ୍କ ପାଖକୁ ଯାଇ ସେମାନଙ୍କର ସୁବିଧା ଅସୁବିଧା ବିଷୟରେ ଜଣାଇବା ସହ ଉଭୟଙ୍କର କିଛି ସମସ୍ୟା ସମ୍ପର୍କରେ ବାବାଙ୍କୁ ଅବଗତ କରାଇବାର ଅଭିପ୍ରାୟ ରଖିଲେ ଏବଂ ଥରେ ମଉକା, ଦେଖି ଉଭୟ ପତ୍ନୀ ଏବଂ ପତି ଚାଲିଲେ ସେହି ବାବଙ୍କୁ ଦର୍ଶନ କରିବା ପାଇଁ। ତାଙ୍କ ପୂର୍ବରୁ ବାବାଙ୍କ ପାଖକୁ ବହୁତ ଲୋକ ଆସି ସେଠାରେ ଏକ ରକମର ଗହଳି ହୋଇଯାଇଥିଲା। କିଛି ସମୟ ପରେ ସେମାନଙ୍କ ନମ୍ବର ବି ଆସିଲା। ବାବାଙ୍କ ପାଖକୁ ଯାଇ ସେମାନେ ସେମାନଙ୍କର ଦୁଃଖ କଥା କହିଲେ। ସେମାନଙ୍କ କଥା ଶୁଣି ବାବା କିଛି ସମୟ ନୀରବ ରହି ଉଭୟଙ୍କୁ ସେମାନଙ୍କ ତଥାକଥିତ ସମସ୍ୟାର ସମାଧାନ ନେଇ କିଛି ସରଳ ଏବଂ ସହଜ ବାଟ ବତାଇଲେ। ସେମାନେ ବି ସେହି ବାଟରେ ଯାଇ ତାଙ୍କର ତଥାକଥିତ ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରି କିନ୍ତୁ ବିଫଳ ହେଲେ। ପରବର୍ତ୍ତୀ ସମୟରେ କେବଳ ତାଙ୍କ ପତ୍ନୀ ସେହି ବାବାଙ୍କ ପାଖକୁ ଯାଇ ପହଞ୍ଚିବାରୁ ବାବା ତାଙ୍କୁ ତାଙ୍କ ଆସିବାର କାରଣ ପଚାରିବା ସହ ତାଙ୍କ ପତିଙ୍କ ବିଷୟରେ ପଚାରିବାରୁ ସ୍ତ୍ରୀ ଲୋକ ଜଣଙ୍କ ତାହା ହିଁ ତାଙ୍କର ସମସ୍ୟା ବୋଲି କହିବାରୁ ବାବା ଟିକେ ବିସ୍ମିତ ହୋଇ ଘଟଣା ବିଷୟରେ ପଚାରିବାରୁ ସ୍ତ୍ରୀ ଲେକ ଜଣଙ୍କ କହିଲେ କି ମୋ ପତି ଆପଣଙ୍କ ପାଖକୁ ଆଉ ଆସିବାକୁ ଇଚ୍ଛା ପ୍ରକାଶ କରୁନାହାଁନ୍ତି । କାରଣ ତାଙ୍କର ବିଶ୍ୱାସ ତୁଟିଗଲା ଆପଣଙ୍କ ଉପରୁ। ତେବେ ବାବା ସେହି ମହିଳାଙ୍କୁ ତାଙ୍କ ପାଖକୁ ଆସିବାର କାରଣ ପଚାରିବାରୁ ସେ ବାବାଙ୍କ ଉପରେ ତାଙ୍କର ବିଶ୍ୱାସ ଥିବା କଥା କହିବାରୁ ବାବା ତାଙ୍କ ଉତ୍ତରରେ ପ୍ରୀତ ହୋଇ ମହିଳାଙ୍କୁ ରାସ୍ତା ଦେଖାଇଲେ।

# ସ୍ୱାୟତ୍ତ ଶାସନ:ଗଣତନ୍ତ୍ରର ତୃଣମୂଳ ଭିତ୍ତିଭୂମି ଓ ବିକାଶର ମାଧ୍ୟମ



ଉମା ଶଙ୍କର ପ୍ରସାଦ

ସ୍ୱାୟତ୍ତ ଶାସନ (Local Self-Government) ହେଉଛି ଗଣତାନ୍ତ୍ରିକ ପ୍ରଶାସନ ପ୍ରଣାଳୀର ଏକ ସୁଦୃଢ଼ ଓ ମୌଳିକ ସ୍ତମ୍ଭ। ସରଳ ଅର୍ଥରେ କହିଲେ କୌଣସି ନିର୍ଦ୍ଦିଷ୍ଟ ଭୌଗୋଳିକ ଅଞ୍ଚଳର ଶାସନ ଭାର ଓ ଉନ୍ନୟନମୂଳକ କାର୍ଯ୍ୟ ଯେତେବେଳେ ସେହି ଅଞ୍ଚଳର ସ୍ଥାନୀୟ ଅଧିବାସୀଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନଙ୍କ ଦ୍ୱାରା ପରିଚାଳିତ ହୁଏ, ତାହାକୁ ସ୍ୱାୟତ୍ତ ଶାସନ କୁହାଯାଏ। ଏହା ଶାସନ କ୍ଷମତାକୁ ଗୋଟିଏ ସ୍ଥାନରେ କେନ୍ଦ୍ରୀଭୂତ ନକରି ନିମ୍ନ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ସବୁଠାରୁ ପ୍ରଭାବଶାଳୀ ମାଧ୍ୟମ। ଏହାର ଐତିହାସିକ ପୃଷ୍ଠଭୂମି ଓ ବିକାଶ--ଭାରତରେ ସ୍ୱାୟତ୍ତ ଶାସନର ଇତିହାସ ଅତ୍ୟନ୍ତ ପ୍ରାଚୀନ। ପ୍ରାଚୀନ ଓ ମଧ୍ୟଯୁଗୀୟ ଭାରତ:-- ପ୍ରାଚୀନ ଭାରତରେ ମୌର୍ଯ୍ୟ ଓ ଗୁପ୍ତ ସାମ୍ରାଜ୍ୟ ସମୟରେ 'ଗ୍ରାମ ସଂଘ' କିମ୍ବା 'ଗ୍ରାମ ପଞ୍ଚାୟତ' ମାଧ୍ୟମରେ ସ୍ଥାନୀୟ ବିବାଦର ସମାଧାନ ଏବଂ କର ଆଦାୟ କରାଯାଉଥିଲା। ଦକ୍ଷିଣ ଭାରତର ଚୋଳ ସାମ୍ରାଜ୍ୟରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଅତ୍ୟନ୍ତ ସୁସଂଗଠିତ ଓ ଗଣତାନ୍ତ୍ରିକ ଥିଲା, ଯାହା 'ଉତ୍ତରମେରୁର' ଶିଳାଲେଖରୁ ପ୍ରମାଣିତ ହୁଏ। ବ୍ରିଟିଶ ଶାସନ କାଳରୁ ଆଧୁନିକ ସ୍ୱାୟତ୍ତ ଶାସନର ସୂତ୍ରପାତ ହୋଇଥିଲା। ୧୮୭୦ ମସିହାରେ ଲର୍ଡ୍ ମେୟୋ (Lord Mayo) ଆର୍ଥିକ ବିକେନ୍ଦ୍ରୀକରଣ ପ୍ରସ୍ତାବ ଆଣିଥିଲେ। ତେବେ ୧୮୮୨ ମସିହାରେ ଲର୍ଡ୍ ରିପନ୍ (Lord Ripon) ସ୍ଥାନୀୟ ସ୍ୱାୟତ୍ତ ଶାସନର ପ୍ରସ୍ତାବ ଗ୍ରହଣ କରିଥିବାରୁ ତାଙ୍କୁ 'ଭାରତରେ ସ୍ୱାୟତ୍ତ ଶାସନର ଜନକ' (Father of Local Self-Government in India) କୁହାଯାଏ।

ଗାନ୍ଧୀଜୀଙ୍କ ଦୂରଦୃଷ୍ଟି:-- ମହାତ୍ମା ଗାନ୍ଧୀ 'ଗ୍ରାମ ସ୍ୱରାଜ' (Gram Swaraj) ଉପରେ ଗୁରୁତ୍ୱ ଦେଇଥିଲେ। ତାଙ୍କ ମତରେ, ଭାରତର ଆତ୍ମା ଗାଁଗୁଡ଼ିକରେ ବାସ କରେ। ପ୍ରକୃତ ଗଣତନ୍ତ୍ର କେନ୍ଦ୍ରରେ ବସିଥିବା କେତେକ ନେତାଙ୍କ ଦ୍ୱାରା ଚାଲିପାରିବ ନାହିଁ; ଏହା ପ୍ରତ୍ୟେକ ଗ୍ରାମର ଲୋକଙ୍କ ନିଜସ୍ୱ ସହଭାଗିତା ଦ୍ୱାରା ହିଁ ସମ୍ଭବ। ସାମ୍ବିଧାନିକ ମାନ୍ୟତା ଓ ଗୁରୁତ୍ୱପୂର୍ଣ୍ଣ କମିଟି। ସ୍ୱାଧୀନତା ପରେ ସମ୍ବିଧାନର ୪୦ ନଂ ଧାରା (Article 40) ରେ ରାଜ୍ୟ ନୀତି ନିର୍ଦ୍ଦେଶାବଳୀ ଅନ୍ତର୍ଗତ ପଞ୍ଚାୟତ ଗଠନ କଥା କୁହାଯାଇଥିଲା। ତେବେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା ଯଥା -- ବଳବନ୍ତରାୟ ମେହେଟ୍ଟା କମିଟି (୧୯୫୭) --ଏହି କମିଟି ପ୍ରଥମ ଥର ପାଇଁ ତିନି-ସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାର ସୁପାରିଶ କରିଥିଲା। ୨ ଅକ୍ଟୋବର ୧୯୫୯ରେ ରାଜସ୍ଥାନର ନାଗୌର ଜିଲ୍ଲାରେ ପ୍ରଥମ କରି ପଞ୍ଚାୟତରାଜ ବ୍ୟବସ୍ଥାର ଉଦ୍ ?ଘାଟନ ହୋଇଥିଲା। ଅଶୋକ ମେହେଟ୍ଟା କମିଟି (୧୯୭୭):-- ଏହା ଦୁଇ-ସ୍ତରୀୟ ବ୍ୟବସ୍ଥାର ପ୍ରସ୍ତାବ ଦେଇଥିଲା।

୭୩ତମ ଓ ୭୪ତମ ସମ୍ବିଧାନ ସଂଶୋଧନ (୧୯୯୨) ରେ ଏହା ଭାରତୀୟ ଗଣତନ୍ତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଥିଲା। ୭୩ତମ ସଂଶୋଧନ:-- ଗ୍ରାମାଞ୍ଚଳ ସ୍ୱାୟତ୍ତ ଶାସନ (ପଞ୍ଚାୟତରାଜ) କୁ ସାମ୍ବିଧାନିକ ମାନ୍ୟତା ଦେଲା ଏବଂ ସମ୍ବିଧାନରେ ନବମ ଭାଗ (Part IX) ଓ ୧୧ଶ ଅନୁସୂଚୀ (11th Schedule) ଯୋଡ଼ାଗଲା (ଯେଉଁଥିରେ ୨୯ଟି କାର୍ଯ୍ୟକାରୀ ବିଷୟ ରହିଛି)। ୭୪ତମ ସଂଶୋଧନ:-- ସହରାଞ୍ଚଳ ସ୍ୱାୟତ୍ତ ଶାସନ (ପୌରପାଳିକା) କୁ ସାମ୍ବିଧାନିକ ମାନ୍ୟତା ଦେଲା ଏବଂ Part IX-A ଓ ୧୨ଶ ଅନୁସୂଚୀ (12th Schedule) ସଂଯୋଗ କରାଗଲା (ଯେଉଁଥିରେ ୧୮ଟି ବିଷୟ ରହିଛି) ୩. ସ୍ୱାୟତ୍ତ ଶାସନର ଗଠନ ପ୍ରଣାଳୀ

ଭାରତରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଦୁଇଟି ମୁଖ୍ୟ ଧାରାରେ ବିଭକ୍ତ:--କ୍ଷେତ୍ର ପ୍ରଶାସନିକ ସ୍ତର । ପ୍ରଶାସନିକ ସଂସ୍ଥା । ନିର୍ବାଚିତ ମୁଖ୍ୟ ।

। ଗ୍ରାମାଞ୍ଚଳ (ପଞ୍ଚାୟତରାଜ) । ୧. ଗ୍ରାମ ସ୍ତର

୨. ବ୍ଲକ୍ ସ୍ତର ୩. ଜିଲ୍ଲା ସ୍ତର । ଗ୍ରାମ ପଞ୍ଚାୟତ

ପଞ୍ଚାୟତ ସମିତି, ଜିଲ୍ଲା ପରିଷଦ । ସରପଞ୍ଚ

ଚେୟାରମ୍ୟାନ୍ / ସମିତି ଅଧ୍ୟକ୍ଷ ଜିଲ୍ଲା ପରିଷଦ ସଭାପତି

। ସହରାଞ୍ଚଳ (ପୌରପାଳିକା) । ୧. ସ୍ୱଳ୍ପ ଜନସଂଖ୍ୟା (ଛୋଟ ସହର) ୨. ମଧ୍ୟମ ସହର ୩. ବୃହତ ମହାନଗର । ବିଜ୍ଞାପିତ ଅଞ୍ଚଳ ପରିଷଦ (NAC)

ପୌରପାଳିକା (Municipality)

ମହାନଗର ନିଗମ (Corporation) । ଚେୟାରମ୍ୟାନ୍

ପୌରାଧ୍ୟକ୍ଷ, ମେୟର (Mayor) ।

(ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ 'ଗ୍ରାମସଭା' ହେଉଛି ପ୍ରତ୍ୟକ୍ଷ ଗଣତନ୍ତ୍ରର ଶ୍ରେଷ୍ଠ ଉଦାହରଣ, ଯେଉଁଥିରେ ଗ୍ରାମର ସମସ୍ତ ପଞ୍ଜୀକୃତ ଭୋଟର ସଦସ୍ୟ ଅଟନ୍ତି।)

ଏହାର ପ୍ରମୁଖ କାର୍ଯ୍ୟାବଳୀ ଓ ଦାୟିତ୍ୱ--

ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକ ମୁଖ୍ୟତଃ ନିମ୍ନଲିଖିତ ଦାୟିତ୍ୱ ତୁଲାଇଥାନ୍ତି:

ଭିତ୍ତିଭୂମି ବିକାଶ:--ପାନୀୟ ଜଳ ଯୋଗାଣ, ସ୍ଥାନୀୟ ରାସ୍ତାଘାଟ ନିର୍ମାଣ, ପୋଲ, ନାଳ-ନର୍ଦ୍ଦମା ସଫେଇ ଏବଂ ସାଧାରଣ ଆଲୋକୀକରଣ (Street Lighting)।

ସ୍ୱାସ୍ଥ୍ୟ ଓ ପରିମଳ:-- ଗ୍ରାମୀଣ ଓ ସହରୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଚାଳନା, ବର୍ଜ୍ୟବସ୍ତୁ ପରିଚାଳନା, ଜନ୍ମ-ମୃତ୍ୟୁ ପଞ୍ଜୀକରଣ ଏବଂ ବିଶୁଦ୍ଧ ପରିବେଶ ସୃଷ୍ଟି।

ଶିକ୍ଷା ଓ ସଂସ୍କୃତି:-- ପ୍ରାଥମିକ ଶିକ୍ଷା, ନୈଶ ବିଦ୍ୟାଳୟ, ସାଧାରଣ ପାଠାଗାର ପରିଚାଳନା ଏବଂ ଖେଳପଡ଼ିଆର ରକ୍ଷଣାବେକ୍ଷଣ। ସାମାଜିକ ଓ ଅର୍ଥନୈତିକ ବିକାଶ:-- କୃଷି, ଗୋପାଳନ, କୁଟିର ଶିଳ୍ପର ପ୍ରୋତ୍ସାହନ, ମାତୃ ଓ ଶିଶୁ କଲ୍ୟାଣ ଏବଂ ସରକାରୀ ଜନକଲ୍ୟାଣକାରୀ ଯୋଜନା (ଯଥା: MGNREGA, ଆବାସ ଯୋଜନା, ଭତ୍ତା ପ୍ରଦାନ) ର ସଠିକ୍ କାର୍ଯ୍ୟକାରିତା। ତେବେ ଏହି . ସ୍ୱାୟତ୍ତ ଶାସନର ମହତ୍ତ୍ୱ ଓ ଲାଭ:--

ତୃଣମୂଳ ଗଣତନ୍ତ୍ରର ସୁଦୃଢ଼ୀକରଣ:-- ସାଧାରଣ ନାଗରିକଙ୍କୁ ଶାସନ ପ୍ରକ୍ରିୟାରେ ସିଧାସଳଖ ଭାଗୀଦାର ହେବାର ସୁଯୋଗ ମିଳି ଥାଏ ।

ସମସ୍ୟାର ଶୀଘ୍ର ସମାଧାନ:-- ସ୍ଥାନୀୟ ଆବଶ୍ୟକତା କ'ଣ, ତାହା ସ୍ଥାନୀୟ ଲୋକଙ୍କଠାରୁ ଅଧିକ ଭଲ ଭାବେ କେହି ଜାଣିପାରିବେ ନାହିଁ। ଫଳରେ ସମସ୍ୟାର ସୁଫଳ ଓ ଶୀଘ୍ର ନିରାକରଣ ହୋଇପାରେ। ନେତୃତ୍ୱ ନିର୍ମାଣ:-- ଏହା ତୃଣମୂଳ ସ୍ତରରୁ ନୂତନ, ଦକ୍ଷ ଓ ଉତ୍ସର୍ଗୀକୃତ ନେତା ସୃଷ୍ଟି କରିବାରେ ଏକ ନିର୍ବାଚନୀ ପାଠଶାଳା ଭାବେ କାର୍ଯ୍ୟ କରେ। ମହିଳା ଓ ଅବହେଳିତ ବର୍ଗଙ୍କ ସଶକ୍ତିକରଣ:-- ସମ୍ବିଧାନ ଅନୁଯାୟୀ ସ୍ୱାୟତ୍ତ ଶାସନରେ ମହିଳାମାନଙ୍କ ପାଇଁ ଅତି କମରେ ୩୩% (ଓଡ଼ିଶା ଭଳି ରାଜ୍ୟରେ ୫୦%) ଆସନ ସଂରକ୍ଷିତ। ଏହାସହ ସୂଚୀବଦ୍ଧ ଜାତି (SC) ଓ ଜନଜାତି (ST) ଙ୍କ ପାଇଁ ଜନସଂଖ୍ୟା ଅନୁପାତରେ ସଂରକ୍ଷଣ ରହିଛି, ଯାହା ସାମାଜିକ ସମାନତା ଆଣିଥାଏ। ଆଜିର ଆହ୍ୱାନ ଓ ସମସ୍ୟା

ଏତେ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ସୁଦ୍ଧା ସ୍ୱାୟତ୍ତ ଶାସନ ବ୍ୟବସ୍ଥା କେତେକ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛି:-- ଅର୍ଥାଭାବ (Financial Constraints): ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକ ସେମାନଙ୍କ ନିଜସ୍ୱ କର (Tax) ଆଦାୟ କରିବାରେ ସଫଳ ହୋଇପାରନ୍ତି ନାହିଁ। ସେମାନେ ନିଜର ବଜେଟ୍ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନୁଦାନ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ।

କ୍ଷମତା ହସ୍ତାନ୍ତରରେ ଅବହେଳା:-- ସମ୍ବିଧାନର ୧୧ଶ ଓ ୧୨ଶ ଅନୁସୂଚୀରେ ଦର୍ଶାଯାଇଥିବା ବିଷୟଗୁଡ଼ିକୁ ଅଧିକାଂଶ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକୁ ହସ୍ତାନ୍ତର କରନ୍ତି ନାହିଁ।

ଅମଲାତନ୍ତ୍ରର ପ୍ରଭାବ:-- ନିର୍ବାଚିତ ପ୍ରତିନିଧିମାନଙ୍କ ଅପେକ୍ଷା ସରକାରୀ ଅଫିସର (ଯଥା: BDO, Collector) ମାନଙ୍କର ପ୍ରଭାବ ଅଧିକ ରହିବା ଦ୍ୱାରା ସ୍ୱାୟତ୍ତ ଶାସନର ଆତ୍ମା ବାଧାପ୍ରାପ୍ତ ହୁଏ।

ସଚେତନତା ଓ ପ୍ରଶିକ୍ଷଣର ଅଭାବ:-- ଅନେକ ନିର୍ବାଚିତ ପ୍ରତିନିଧି (ବିଶେଷ କରି ନୂତନ ଭାବେ ନିର୍ବାଚିତ ମହିଳା) ସେମାନଙ୍କ ଆଇନଗତ ଅଧିକାର ଓ ନିୟମାବଳୀ ବିଷୟରେ ସମ୍ପୂର୍ଣ୍ଣ ଅବଗତ ନଥାନ୍ତି, ଯାହାଦ୍ୱାରା 'ସରପଞ୍ଚ ପତି' (ସରପଞ୍ଚଙ୍କ ସ୍ୱାମୀ ଶାସନ କରିବା) ଭଳି କୁପ୍ରଥା ଦେଖାଯାଏ। ପରିଶେଷରେ

ସ୍ୱାୟତ୍ତ ଶାସନ ବ୍ୟବସ୍ଥା କେବଳ ଏକ ସରକାରୀ ପ୍ରଶାସନିକ କାଠଗଡ଼ା ନୁହେଁ, ଏହା ଗଣତନ୍ତ୍ରକୁ ଜନସାଧାରଣଙ୍କ ଦୋରଘୋଡ଼ାରେ ପହଞ୍ଚାଇବାର ଏକ ସଶକ୍ତ ସେତୁ। ଏହାକୁ ଅଧିକ କ୍ରିୟାଶୀଳ କରିବାକୁ ହେଲେ ଆର୍ଥିକ ସ୍ୱାଧୀନତା, ପ୍ରତିନିଧିମାନଙ୍କୁ ସଠିକ୍ ପ୍ରଶିକ୍ଷଣ ଏବଂ ଜନସାଧାରଣଙ୍କ ସଚେତନତା ନିହାତି ଆବଶ୍ୟକ। ଯେତେବେଳେ ତୃଣମୂଳ ସ୍ତରର ପ୍ରଶାସନ ସଶକ୍ତ ଓ ଦୁର୍ନୀତିମୁକ୍ତ ହେବ, ସେତେବେଳେ ହିଁ ଏକ ସମୃଦ୍ଧ, ସ୍ୱାବଲମ୍ବୀ ଓ ବାସ୍ତବ ଗଣତାନ୍ତ୍ରିକ ଭାରତର ସ୍ୱପ୍ନ ସାକାର ହୋଇପାରିବ। ଓ ଶାସନ ସ୍ୱ ଆୟତରେ ଅଛି ବୋଲି ଅନୁମେୟ ହେବ।

**ସମ୍ପାଦକ, ମାର୍ଗଦର୍ଶୀ**
**ଖୋରଧା (୬୩୭୦୬୭୫୫୬୨)**

# ପେରୀୟାରଙ୍କଠାରୁ ଆମ୍ବେଦକରଙ୍କ ପର୍ଯ୍ୟନ୍ତ



ଅଧ୍ୟାପକ ଗୋପବନ୍ଧୁ



ତାମିଲନାଡୁ ରାଜନୀତିର ଧାରା ସର୍ବଭାରତୀୟ ରାଜନୀତିଠାରୁ ସମ୍ପୂର୍ଣ୍ଣ ଭିନ୍ନ। ତେଣୁ କୌଣସି ଜାତୀୟ କିମ୍ବା ଭିନ୍ନ ରାଜନୈତିକ ଦଳ ଏହି ରାଜ୍ୟରେ ଉଧେଇ ପାରୁନାହାଁନ୍ତି। ସ୍ୱାଧୀନତା ପରଠାରୁ ୨୦ ବର୍ଷ ଭାରତୀୟ ଜାତୀୟ କଂଗ୍ରେସ ରାଜ୍ୟକୁ(ପ୍ରଥମେ ମାଡ୍ରାସ ପ୍ରୋଭିନ୍ସ ଓ ୧୯୫୬ ରୁ ମାଡ୍ରାସ ଷ୍ଟେଟକୁ) ଶାସନ କରିଥିଲା। ୧୯୬୭ ମସିହା ପରେ ଲଗାତାର ଦ୍ରାବିଡ ଦଳମାନେ ସରକାର ଗଠନକରି ଆସୁଛନ୍ତି। ବିଶେଷକରି ଦୁଇଟି ଦଳ ଡ଼ିଏମକେ ଓ ଏଆଇଏଡିଏମକେ ଅଦଳବଦଳ ହୋଇ ଶାସନ କରୁଥିଲେ। ଗତ ନିର୍ବାଚନରେ ପରିବର୍ତ୍ତନ ଦେଖାଦେଲା। ଶାସକ ଦ୍ରାବିଡ ମୁନେତ୍ର କାଜାଗମ୍ (ଡିଏମକେ)କୁ ହରାଇ ତାମିଲାଗା ଭେଟ୍ରି କାଜାଗମ(ଟିଭିକେ) କ୍ଷମତାକୁ ଆସିଛି। ଏହା ମଧ୍ୟ ଦ୍ରାବିଡ ବିଚାରଧାରାର ଦଳ। ତେବେ ନୂତନତା ହେଉଛି ଏହି ଦଳ ଦ୍ରାବିଡ଼ ବିଚାରଧାରା ସହିତ ଡ଼କ୍ଟର ଆମ୍ବେଦକରଙ୍କ ବିଚାରଧାରାକୁ ଯୋଡ଼ିଛି।

ସାମାଜିକ ନ୍ୟାୟ ଆନ୍ଦୋଳନକୁ ପ୍ରସଙ୍ଗ କରି ରାଜନୈତିକ ସଫଳତା ସର୍ବପ୍ରଥମେ ଦକ୍ଷିଣ ଭାରତର ରାଜ୍ୟ ତାମିଲନାଡୁରେ ମିଳିଥିଲା। ସେଠାରେ ରାମସ୍ୱାମୀ ପେରିୟାରଙ୍କ ସାମାଜିକ ନ୍ୟାୟ ଆନ୍ଦୋଳନ ଏତେ ପ୍ରଭାବଶାଳୀ ଥିଲା ଯେ ତାହା ଏକ ସ୍ଥାୟୀ ରାଜନୈତିକ ଭିତ୍ତିଭୂମି ତିଆରି କରିଥିଲା। ସେ ପ୍ରଚଳିତ ଜାତିପ୍ରଥା, ଧାର୍ମିକ ପାଖଣ୍ଡବାଦ, ଅନ୍ଧବିଶ୍ୱାସ ଓ କୁସଂସ୍କାର ପରି ସାମାଜିକ ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ବିଷୟଗୁଡ଼ିକର ଉତ୍ପାଟନ ପାଇଁ ଆଜୀବନ ସଂଗ୍ରାମ କରିଥିଲେ ଓ ଏହାକୁ ତାମିଲନାଡୁରେ ଏକ ସାମାଜିକ ଆନ୍ଦୋଳନର ରୂପ ଦେବାକୁ ସକ୍ଷମ ହୋଇଥିଲେ। ସେ ପ୍ରଥମେ ଜଷ୍ଟିସ ପାର୍ଟି ଗଠନ କରିଥିଲେ। ଏହାକୁ ବଦଳାଇ ପରେ ସେ ଯେଉଁ ପାର୍ଟି ତିଆରି କରିଥିଲେ ତାହାର ନାମ ଥିଲା ଦ୍ରାବିଡ଼ର କାଜାଗମ। ପରେ ତାଙ୍କ ଶିଷ୍ୟ ଆନ୍ନାଦୁରାଇ ତାଙ୍କଠାରୁ ଅଲଗା ହୋଇ ୧୯୪୯ ମସିହାରେ ଗଠନ କଲେ ଦ୍ରାବିଡ଼ ମୁନେତ୍ର କାଜାଗମ୍।

ଆନ୍ନା ଦୂରାଇ ଥିଲେ ମାଡ୍ରାସ୍ ଷ୍ଟେଟର ଶେଷ ମୁଖ୍ୟମନ୍ତ୍ରୀ ଓ ତାମିଲନାଡୁ ରାଜ୍ୟର ପ୍ରଥମ ମୁଖ୍ୟମନ୍ତ୍ରୀ। ୧୯୬୯ ରେ ମାଡ୍ରାସ ଷ୍ଟେଟର ନାମ ପରିବର୍ତ୍ତନ ହୋଇ ହେଲା ତାମିଲନାଡୁ। ତାଙ୍କ ଦେହାନ୍ତ ପରେ ଏମ୍. କରୁଣାନିଧି ହେଲେ ତାମିଲନାଡୁର ଡି.ଏମ୍.କେ. ମୁଖ୍ୟମନ୍ତ୍ରୀ। ପରେ ଡି.ଏମ୍.କେ. ରୁ ଗୋଟିଏ ଗୋଷ୍ଠୀ ଏମଜି ରାମଚନ୍ଦ୍ରନଙ୍କ ନେତୃତ୍ୱରେ ବାହାରିଯାଇ ଗଠନ କଲେ ଏ.ଆଇ.ଏ.ଡି.ଏମ୍.କେ.। ଏହି ଦଳରୁ ସେ ହୋଇଥିଲେ ମୁଖ୍ୟମନ୍ତ୍ରୀ। ତାଙ୍କ ପରେ ସୁଶ୍ରୀ ଜୟଲଳିତା ହୋଇଥିଲେ ମୁଖ୍ୟମନ୍ତ୍ରୀ। ଅନ୍ୟମାନେ ସ୍ୱଳ୍ପ ସମୟ ପାଇଁ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଏମାନେ ଦୀର୍ଘବର୍ଷଧରି ତାମିଲନାଡୁକୁ ଶାସନକରି ଆସିଥିଲେ । ସମସ୍ତେ ସାମାଜିକ ନ୍ୟାୟ ଆନ୍ଦୋଳନର ପୃଷ୍ଠପୋଷକ। ଏହି ବିଚାରଧାରା ବ୍ୟତୀତ ଅନ୍ୟ କୌଣସି ବିଚାରଧାରାର ପାର୍ଟି ରାଜ୍ୟରେ ତିଷ୍ଠି ପାରିନାହିଁ। କଂଗ୍ରେସ ଓ ବିଜେପି ପରି ରାଷ୍ଟ୍ରୀୟ ପାର୍ଟି ବହୁ ଚେଷ୍ଟା ପରେବି ନିଜ ସ୍ଥିତିକୁ ରାଜ୍ୟରେ ବଢାଇପାରି ନାହାଁନ୍ତି। ଗତ ନିର୍ବାଚନରେ ବିଜେପି କେବଳ ୧ ଟି ଓ କଂଗ୍ରେସ ଡିଏମକେ ସହିତ ଗଠବନ୍ଧନ କରି ୫ ଟି ଆସନରେ ବିଜୟୀ ହୋଇଛି।

ତାମିଲନାଡୁ ହେଉଛି ଏପରି ଏକ ରାଜ୍ୟ ଯେଉଁଠାରେ ସଂରକ୍ଷଣ ସୀମା ସର୍ବାଧିକ। ଏଠାରେ ମୋଟ ସଂରକ୍ଷଣ ହାର ୬୯%। ଇ.ଡବ୍ଲ୍ୟୁ.ଏସ. ସଂରକ୍ଷଣ ମିଶିଲେ ଏହା ହେଉଛି ୭୯%। ରାଜ୍ୟରେ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ପାଇଁ ୫୦%, ଅନୁସୂଚିତ ଜାତି ପାଇଁ ୧୮% ଓ ଅନୁସୂଚୀତ ଜନଜାତି ପାଇଁ ୧% ସଂରକ୍ଷଣ ବ୍ୟବସ୍ଥା ରହିଛି। ଏହା ସମ୍ଭବପର ହୋଇଛି ଯେହେତୁ ସେ ରାଜ୍ୟ ସ୍ୱତନ୍ତ୍ର ସାମାଜିକ ସ୍ଥିତିକୁ ଦର୍ଶାଇ ସଂରକ୍ଷଣ ହାରକୁ ବିଧାନସଭାରେ ଗୃହିତ କରାଇ କେନ୍ଦ୍ରକୁ ପଠାଇଥିଲା ଓ ଏହାକୁ ସମ୍ବିଧାନର ନବମ ଅନୁଚ୍ଛେଦରେ ସ୍ଥାନିତ କରାଇଛି। ଏଥିପାଇଁ ସେ ରାଜ୍ୟରେ ସର୍ବଦଳୀୟ ପ୍ରଚେଷ୍ଟା ହୋଇଛି। ଓଡ଼ିଶାରେ ଏହି ବର୍ଗର ଲୋକମାନଙ୍କ ସଂଖ୍ୟା ବହୁ ଅଧିକ ହୋଇଥିଲେ ହେଁ ଏଠାରେ ତାମିଲନାଡୁ ତୁଲ୍ୟ ପଦକ୍ଷେପ ନିଆହୋଇ ପାରିନାହିଁ। କାରଣ ଏଠାରେ ତାମିଲନାଡୁ ତୁଲ୍ୟ ସାମାଜିକ ନ୍ୟାୟ ଆନ୍ଦୋଳନ ସଂଗଠିତ ହୋଇନାହିଁ। ଯେଉଁଦିନ ଏହି ପ୍ରକାର ଆନ୍ଦୋଳନରୁ ସୃଷ୍ଟି ସରକାର ଆସିବ ସେହିଦିନ ଏହା ସହଜରେ ହୋଇ ପାରିବ।

ଗତ ବିଧାନସଭା ନିର୍ବାଚନରେ ନବଗଠିତ ପାର୍ଟି ଟିଭିକେ ଶାସକ ଡିଏମକେକୁ ପରାସ୍ତ କରିଛି। ୨୩୪ ଟି ଆସନ ମଧ୍ୟରୁ ଟିଭିକେ ୧୦୮ ଟି ଓ ଡିଏମକେ ୫୯ ଆସନରେ ଜିତିଛି। କଂଗ୍ରେସ ସମେତ କେତେକ ଛୋଟ ଦଳର ସମର୍ଥନରେ ଟିଭିକେ ସରକାର ଗଠନ କରିଛି ଓ ସି ଜୋଶେଫ ବିଜୟ ହୋଇଛନ୍ତି ମୁଖ୍ୟମନ୍ତ୍ରୀ। ତାଙ୍କ ପ୍ରକୃତ ନାମ ହେଉଛି ଜୋଶେଫ ବିଜୟ ଚନ୍ଦ୍ରଶେଖର। ସେ ଚଳଚ୍ଚିତ୍ର ଜଗତରୁ ଆସିଛନ୍ତି। ଦକ୍ଷିଣ ଚଳଚ୍ଚିତ୍ର ଜଗତର ନାୟକ ଭୂମିକାରେ ଅବତୀର୍ଣ୍ଣ ହେଉଥିବା ସେ ଜଣେ ପ୍ରସିଦ୍ଧ କଳାକାର। ଏହା ସହିତ ସାମାଜିକ କାର୍ଯ୍ୟରେ ସେ ନିଜକୁ ନିୟୋଜିତ କରି ଆସୁଥିଲେ। ବିଭିନ୍ନ ସମୟରେ ଦୁର୍ଦ୍ଦଶାଗ୍ରସ୍ତ ଲୋକମାନଙ୍କୁ ସାହାଯ୍ୟ କରୁଥିଲେ। ତେଣୁ ଲୋକମାନେ ତାଙ୍କୁ ଥାଲାପତି ବିଜୟ ବୋଲି ଡାକୁଥିଲେ। ଅର୍ଥାତ୍ କମାଣ୍ଡର(ସେନାପତି) ବିଜୟ। ତାମିଲନାଡୁର ସମସ୍ତ ଦ୍ରାବିଡ଼ ପାର୍ଟୀ ରାମସ୍ୱାମୀ ପେରିୟାରଙ୍କ ବିଚାରଧାରା ଦ୍ୱାରା ଅନୁପ୍ରାଣିତ। ତେଣୁ ବିଜୟ ଥାଲାପତି ମଧ୍ୟ ପ୍ରାରମ୍ଭରୁ ତାଙ୍କ ବିଚାର ଦ୍ୱାରା ପ୍ରଭାବିତ। ପେରିୟାର ଜାତିବ୍ୟବସ୍ଥା ଓ ଏହାର ଜନକ ବର୍ଣ୍ଣବ୍ୟବସ୍ଥାର ଉଚ୍ଛେଦ ସହିତ ଦ୍ରାବିଡ଼ ଅସ୍ମିତା ଉପରେ ଗୁରୁତ୍ୱ ଦେଉଥିଲେ। ସମାଜରେ ସମାନତା, ଭାତୃତ୍ୱଭାବ ଓ ମାନବୀୟ ମୂଲ୍ୟବୋଧର ପ୍ରତିଷ୍ଠା କରିବା ଥିଲା ତାଙ୍କ ଲକ୍ଷ୍ୟ। ଧର୍ମ ଓ ଜାତିବ୍ୟବସ୍ଥା ଏ ସମସ୍ତର ପ୍ରତିବନ୍ଧକ, ତେଣୁ ସେ ଏଗୁଡ଼ିକୁ ବିରୋଧ କରୁଥିଲେ। ତାଙ୍କ ଅନୁଗାମୀ ଭାବେ ବିଜୟ ଥାଲାପତି ଏହି ବିଚାରଧାରାରୁ ମୁକ୍ତ ନୁହଁନ୍ତି।

ଏହା ସହିତ ଡକ୍ଟର ବିଆର ଆମ୍ବେଦକରଙ୍କ ଆଦର୍ଶ ଓ ପ୍ରଦତ୍ତ ସାମ୍ବିଧାନିକ ବ୍ୟବସ୍ଥା ତାଙ୍କ ବିଚାରର ମଜଭୂତ ସ୍ତମ୍ଭ। ଏହାକୁ ତାଙ୍କ ପାର୍ଟିର ଆଦର୍ଶ ଭାବେ ଗ୍ରହଣ କରିଛନ୍ତି। ନିର୍ବାଚନ ପ୍ରଚାର ସମୟରେ ଦେଖାଯାଇଛି ସେ ଗାଡ଼ି ଉପରେ ବସି ଡକ୍ଟର ଆମ୍ବେଦକରଙ୍କ ଫୋଟଚିତ୍ର ପ୍ରଦର୍ଶନ କରିବାର। ସେ ବାରମ୍ବାର ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି ଯେ ଆମ୍ବେଦକରଙ୍କ ପ୍ରେରଣା ତାଙ୍କୁ ଆଜି ମୁଖ୍ୟମନ୍ତ୍ରୀ ପଦ ପର୍ଯ୍ୟନ୍ତ ପହଞ୍ଚାଇଛି। ତାଙ୍କ ଜାତିରହିତ ସମାଜର ପରିକଳ୍ପନା ସହିତ ସମ୍ବିଧାନ ପ୍ରଦତ୍ତ ଧର୍ମନିରପେକ୍ଷତା, ସମତା, ମମତା, ସାମାଜିକ ନ୍ୟାୟ, ବ୍ୟକ୍ତିପ୍ରତି ସମ୍ମାନ ଆଦି ତାଙ୍କ ସରକାରର ଆଦର୍ଶ ପାଲଟିଛି। ଦେଖାଯାଏ ସେ ଡକ୍ଟର ଆମ୍ବେଦକରଙ୍କ ଜୟନ୍ତୀ ଓ ତିରୋଧାନ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାର। ତାଙ୍କ କାର୍ଯ୍ୟାଳୟରେ ବିଭିନ୍ନ ଦ୍ରାବିଡ଼ ମହାପୁରୁଷଙ୍କ ସହିତ ଡକ୍ଟର ଆମ୍ବେଦକରଙ୍କ ଫଟୋଚିତ୍ର ଲଗାଇଛନ୍ତି।

ସେ ଇସାଇ ସମ୍ପ୍ରଦାୟର ହେଲେହେଁ ନିଜକୁ ଜାତି ଓ ସମ୍ପ୍ରଦାୟର ଉର୍ଦ୍ଧ୍ୱରେ ରଖିଛନ୍ତି। ରାଜନୀତିରେ ଏଗୁଡ଼ିକର ଆବଶ୍ୟକତା ନାହିଁ ବୋଲି ତାଙ୍କ ମତ। ରାଜନୀତି ହେଉଛି ଏକପ୍ରକାର ସେବା। ସେବା ଦେଲାବେଳେ କାହାରି ଧର୍ମ ଓ ଜାତି ଦେଖାଯାଏ ନାହିଁ। ମୁଖ୍ୟମନ୍ତ୍ରୀ ହେବାପରେ ସେ ନେଉଥିବା ତ୍ୱରିତ ପଦକ୍ଷେପ ଲୋକଙ୍କ ମନକୁ ପାଉଛି। ଭ୍ରଷ୍ଟାଚାରର ଉତ୍ପାଟନ, ପ୍ରଶାସନକୁ ଲୋକାଭିମୁଖୀ କରିବା, ମଦ ଓ ନିଶାର ପ୍ରସାରକୁ ନିୟନ୍ତ୍ରଣ କରିବା ଓ ସମସ୍ତଙ୍କୁ ସମାନ ମର୍ଯ୍ୟାଦା ଦେବା ପରି କାର୍ଯ୍ୟ ଲୋକଙ୍କ ମନକୁ ପାଉଛି। ତାଙ୍କ ସାଧାରଣ ଜୀବନଶୈଳୀ ଲୋକଙ୍କୁ ପ୍ରଭାବିତ କରୁଛି। ଟିଫିନ୍ କେରିଆରରେ ଘରୁ ଖାଦ୍ୟ ଆଣି ଅଫିସରେ ବସି ଖାଉଛନ୍ତି। କେହି କର୍ମୀ ଆସିଲେ ତାଙ୍କୁ ନିଜ ଆସନରେ ବସାଇ ଏହା ତୁମ ଚେଆର ବୋଲି କହି ତାଙ୍କୁ ସମ୍ମାନ ଦେବା ପରି ଘଟଣା ତାଙ୍କୁ ଗଣତନ୍ତ୍ରର ଜଣେ ପ୍ରକୃତ ପୂଜାରୀ ଭାବେ ସ୍ଥାପିତ କରିଛି।

ପେରିୟାରବାଦ ଓ ଆମ୍ବେଦକରବାଦ ମଧ୍ୟରେ ବିଶେଷ ପାର୍ଥକ୍ୟ ନାହିଁ। ତେଣୁ ଥାଲାପତି ବିଜୟ ପେରିୟାରବାଦକୁ ଛାଡି ଆମ୍ବେଦକରବାଦକୁ ଗ୍ରହଣ କରିଛନ୍ତି କହିବା ଭୁଲ ହେବ। ବରଂ ଏହା କହିବା ଠିକ ହେବ ଯେ ସେ ଉଭୟକୁ ଗ୍ରହଣ କରିଛନ୍ତି। ତଫାତ୍ ହେଉଛି ପେରିୟାରଙ୍କ କୋଠର ପ୍ରୟୋଗକୁ ଆମ୍ବେଦକରଙ୍କ ସାମ୍ବିଧାନିକ ବ୍ୟବସ୍ଥା ମାଧ୍ୟମରେ ସାମାନ୍ୟ ନରମ ଏବଂ ଅଧିକ ଶାଣିତ ଓ ବାସ୍ତବମୁଖୀ କରିଛନ୍ତି। ଏହା ସୂଚୀତ କରୁଛି ଯେ ମୁଖ୍ୟମନ୍ତ୍ରୀ ବିଜୟ କେବଳ ତାମିଲନାଡୁରେ ସୀମିତ ରହିବାକୁ ଚାହୁଁ ନାହାଁନ୍ତି, ସେ ଜାତୀୟ ରାଜନୀତି ପାଇଁ ଆଗ୍ରହ ରଖିଛନ୍ତି। ସେ ଜାଣିଛନ୍ତି ଜାତୀୟ ରାଜନୀତିରେ ପେରିୟାରବାଦ ଅପେକ୍ଷା ଆମ୍ବେଦକରବାଦ ଅଧିକ ଗ୍ରହଣୀୟ ହେବ। ଦେଶରେ ଏକ ବଡ ଜନାଧାର ତାଙ୍କୁ ମିଳିଯିବ। ଦେଖାଯାଉ ଏଦିଗରେ ସେ କେଉଁ ରାଜନୈତିକ ଗୋଟି ଖେଳୁଛନ୍ତି।

**ବାରିପଦା, ମୟୂରଭଞ୍ଜ**
**ପିନ୍-୭୫୭୦୦୨ (ଅବସରପ୍ରାପ୍ତ)**
**ଦର୍ଶନ ବିଭାଗ**



# ସିନିୟର ରେଭିନ୍ୟୁ ଆସିଷ୍ଟାଣ୍ଟଙ୍କ ଘରେ ଭିଜିଲାନ୍ସ ଚଢ଼ଉ

**ରଘୁନାଥପୁର (ଅମୃତ ମିଡିଆ) :** ତିର୍ତ୍ତୋଲ ବ୍ଲକର ପୂର୍ବତନ ରେଭିନ୍ୟୁ ଆସିଷ୍ଟାଣ୍ଟ ଭଞ୍ଜ କିଶୋର ବେହେରାଙ୍କ ରଘୁନାଥପୁର ବ୍ଲକ ଅନ୍ତର୍ଗତ ପାଟେଣିଗାଁ ବାସଭବନରେ ଆଜି ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢାଉ କରାଯାଇ ୩କୋଟିରୁ ଉର୍ଦ୍ଧ ସଂପତ୍ତି ଠାବ କରା ଯାଇଛି । ଗତ ୨୦୧୧-୧୨ ଆର୍ଥିକ ବର୍ଷରୁ ୨୦୨୧-୨୨ଆର୍ଥିକ ବର୍ଷ ମଧ୍ୟରେ ଆପାତତଃ ୩କୋଟି ସରକାରୀ ଅର୍ଥ ହେରଫେରର ଅଡିଟ ରିପୋର୍ଟରେ ଜଣାପଡିବା ପରେ ସରକାରୀ ଅର୍ଥ ତୋଷରପାତ ଅଭିଯୋଗରେ ତାଙ୍କୁ ଗତ ଅଗଷ୍ଟ ୧୨ ତାରିଖରେ ଗିରଫ କରା ଯାଇଥିଲା । ଏଥି ନେଇ ସରକାରଙ୍କ ନିର୍ଦ୍ଦେଶରେ ଆଜି ଜଗତସିଂହପୁର ଭିଜିଲାନ୍ସ ଡିଏସପି ଅନୁପମା ସାହୁଙ୍କ ନେତୃତ୍ୱରେ ବିଭାଗ ପକ୍ଷରୁ ୬ଟି ଟିମ୍ ଗଠନ କରାଯାଇ ଶ୍ରୀ ବେହେରାଙ୍କ ସମ୍ପର୍କ ଥିବା ୬ଟି ସ୍ଥାନରେ ଚଢାଉ କରା ଯାଇଥିଲା । ଏଥି ମଧ୍ୟରୁ ତାଙ୍କ ପାଟେଣିଗାଁ ସ୍ଥିତ ନୂତନ ବାସଭବନ ଓ ପୁରୁଣା ଘର, ଟେଷ୍ଟ ହାଉସ, ସାନକୋରକର ଗ୍ରାମରେ







ଥିବା ଶ୍ୱଶୁର ଘର, ତିର୍ତ୍ତୋଲ ଅଫିସ ଏବଂ ସେ ବର୍ତ୍ତମାନ ଚାକିରି କରିଥିବା ନାଉଗାଁ ତହସିଲ ଅଫିସ ଅନ୍ତର୍ଭୁକ୍ତ । ପାଟେଣିଗାଁ ଚଢ଼ାଉ ବେଳେ ଏଠାରେ ଥିବା ୭,୭୫୦ବର୍ଗଫୁଟର ଏକ ତିନି ମହଲା ବିଶିଷ୍ଟ ବିଳାସପୂର୍ଣ୍ଣ ବାସଗୃହ, ଏକ ଦ୍ୱୀତଳ ବିଶିଷ୍ଟ କୋଠା, ୮,୪୦୦ବର୍ଗଫୁଟ ପରିମିତ ଟେଷ୍ଟ ହାଉସ, ବ୍ୟାଙ୍କ ଲକରରେ ରହିଥିବା ୨୧୦ ଗ୍ରାମର ସୁନା ଅଳଙ୍କାର, ୬ଟି ବିଭିନ୍ନ ବ୍ୟାଙ୍କରେ ୧୨ ଲକ୍ଷ ୬୦ ହଜାର ଟଙ୍କା ଡିପୋଜିଟ୍ ରହିଥିବା, କେତେକ ଫିକ୍ସ ଡିପୋଜିଟ୍, ପୋଷ୍ଟାଲ ଡିପୋଜିଟ୍,ଏକ ଚାରିଚକିଆ ମହିନ୍ଦ୍ରା ପିକ୍ଅପ୍ ଭ୍ୟାନ୍ ତାଙ୍କର ଓ ତାଙ୍କ ସମ୍ପର୍କୀୟଙ୍କ ନାମରେ ରହିଥିବା ଜଣାଯାଇଛି । ସମ୍ବାଦ ଲେଖା ହେବା ପର୍ଯ୍ୟନ୍ତ ଚଢ଼ାଉ ଜାରି ରଖିଥିବା ବେଳେ ଏହି ଚଢାଉରେ ଡିଏସପି ସାହୁଙ୍କ ସମେତ ଡିଏସପି ଅନୁସୟା ସେନାପତି, ଇନ୍ସପେକ୍ଟର ସିଦ୍ଧାର୍ଥ ରାଉତ, ଇନ୍ସପେକ୍ଟର ମୁକେଶ ବେହେରା, ଇନ୍ସପେକ୍ଟର ପ୍ରଭାସିନୀ ପୁହାଣ ଓ ଅନ୍ୟ ବିଭାଗୀୟ କର୍ମଚାରୀ ମାନେ ସାମିଲ ରହିଥିଲେ ।

# ଆଠଗଡ଼ରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି

**କଟକ (ବ୍ୟୁରୋ) :** ଆଠଗଡ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ନୂତନ ସମ୍ମିଳନୀ କକ୍ଷଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୧୩୨ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୧୨୬ ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୦୬ଟି ସାମୁହିକ ଅଭିଯୋଗ ରହିଥିଲା । ଏହି ଅଭିଯୋଗ ଶୁଣାଣି ସ୍ଥଳରେ , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ପ୍ରଶାନ୍ତ ନାୟକ, ଉପଜିଲ୍ଲାପାଳ ଆଠଗଡ ଶ୍ରୀ ପ୍ରହଲ୍ଲାଦ ନାରାୟଣ ଶର୍ମା । ଏବଂ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶ୍ରୀ ବିଶ୍ୱଜିତ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ



ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିସହ କୃଷି, ଶିକ୍ଷା, ବିଦ୍ୟୁତ, ପାନୀୟ ଜଳ, ଭିନ୍ନକ୍ଷମ ଏବଂ ଅନ୍ୟାନ୍ୟ ଭତ୍ତା ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଠାରେ ସୂଚନାଯୋଗ୍ୟ, ଆସନ୍ତା ଅଗଷ୍ଟ ୩୧ତାରିଖରେ ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।

# ବେଆଇନ୍ ସ୍କୁଲ ବସ୍ ଉପରେ ଚଢଉ, ୩ ବସ୍ ଜବତ

**କଟକ (ବ୍ୟୁରୋ) :** ସ୍କୁଲ ବସ୍‌ଚଳାଚଳରେ ବେଆଇନ୍ କାରବାର । ଚଢ଼ଉ କରି ୩ଟି ବସ୍ ଜବତ କଲା କଟକ ପରିବହନ ବିଭାଗ । ସକାଳୁ ସକାଳୁ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ସ୍କୁଲ ଯାଉଥିବା ବେଳେ ଜାତମୁଣ୍ଡିଆ ଛକରେ ଏହି ବସ୍‌ଗୁଡ଼ିକ ଉପରେ ଚଢ଼ଉ କରାଯାଇଥିଲା । କଟକ ପରିବହନ ବିଭାଗ ଅଧିକାରୀ ବିଶ୍ୱଜିତ ଦାସଙ୍କ ନେତୃତ୍ୱରେ ଟ୍ରାଫିକ୍ ଇନ୍ସପେକ୍ଟର ରଞ୍ଜନ କୁମାର ଡୋରା ଏହି ଚଢ଼ଉ କରିଥିଲେ । ଚଢ଼ଉ ସମୟରେ 'ଆଦିତ୍ୟ' ନାମକ ୩ଟି ଘରୋଇ ବସ୍ ଧରାପଡ଼ିଥିଲା । ଯାଞ୍ଚ ବେଳେ ଦୁଇଟି ବସ୍‌ର କୌଣସି କାଗଜପତ୍ର ନଥିବା ବେଳେ ଅନ୍ୟ ଗୋଟିଏ ବସ୍‌ର ଫିଟନେସ୍ ନଥିବା ଜଣାପଡ଼ିଥିଲା । ନିୟମ ଉଲ୍ଲଂଘନ କାରଣରୁ ପରିବହନ ବିଭାଗ ୩ଟି ବସ୍‌କୁ ଜବତ କରିଛି । ସେଥିମଧ୍ୟରୁ ଗୋଟିଏ ବସ୍‌କୁ ସିଜ୍ କରି ନରାଜସ୍ଥିତ ପରିବହନ କାର୍ଯ୍ୟାଳୟକୁ ପଠାଯାଇଛି । ଅନ୍ୟ ଦୁଇଟି ବସ୍‌କୁ




ଜାତମୁଣ୍ଡିଆ ପେଟ୍ରୋଲ ପମ୍ପରେ ରଖାଯାଇଛି । ତେବେ ପରିବହନ ବିଭାଗର ନିୟମକୁ ବାରମ୍ବାର ଖିଲାପ କରାଯାଉଥିବା ଅଭିଯୋଗ ଥିବାରୁ ଏହି ବସ୍‌ଗୁଡ଼ିକ ବିରୋଧରେ ଆହୁରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ମିଳିଛି । ଛାତ୍ରଛାତ୍ରୀଙ୍କୁ ନେଇ ଚାଲୁଥିବା ବସ୍‌ରେ ଫିଟନେସ୍ ଓ ଆବଶ୍ୟକ କାଗଜପତ୍ର ନଥିବା ଘଟଣା ସାମ୍ନାକୁ ଆସିବା ପରେ ଏବେ ପରିବହନ ବିଭାଗର ଆଗାମୀ ପଦକ୍ଷେପ ଉପରେ ନଜର ରହିଛି ।

# ଜିଲ୍ଲା କଂଗ୍ରେସ କମିଟିର କାର୍ଯ୍ୟକାରିଣୀ ବୈଠକ

**ଜୟପୁର (ଅମୃତ ମିଡିଆ) :** ଜୟପୁର ଠାରେ ଜିଲା କଂଗ୍ରେସ କମିଟିର କାଯ୍ୟକାରିଣୀ ବୈଠକ ଆଜି ଅନୁଷ୍ଠିତ ହୋଇଛି । ଜୟପୁର ବାବା ସାହେବ କଲ୍ୟାଣ ମଣ୍ଡପ ଠାରେ ଜିଲା ସଭାପତି ରୁପକ ତୁରୁକ ଙ୍କ ଆହ୍ୱାନରେ ଅନୁଷ୍ଠିତ ବୈଠକରେ ବିରୋଧି ଦଳର ନେତା ରାମ କାଡାମ, ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗ ଦେଇ କଳା ଆଇନ ଏମଏମଡିଆର ବିଲକୁ ପ୍ରତ୍ୟାହାର କରିବା ନେଇ ଦାବି କରିଥିଲେ ।ଏହି କାଯ୍ୟକାରିଣି ବୈଠକରେ ବରିଷ୍ଠ କଂଗ୍ରେସ ନେତା ବିନୋଦ ମହାପାତ୍ର, ମଦନ ମୋହନ ନାୟକ, ଦେବେନ୍ଦ୍ର ବାହିନିପତି, ସୁଯ୍ୟ ପଟ୍ଟନାୟକ ଙ୍କ ସହ ଜିଲାର ବ୍ଲକ ସଭାପତି, ବିଭିନ୍ନ ସେଲର ସଦସ୍ୟ ମାନେ ଉପସ୍ଥିତ ଥିଲେ । ଏହି ଆଇନ ଦ୍ୱାରା ଆଦିବାସୀ ଙ୍କ ଅଧିକାରକୁ ଛଡାଇ ନେବାକୁ ଦିଆଯିବନି । ଏହି ଆଇନ ଦ୍ୱାରା ଆଦିବାସୀଙ୍କ ସ୍ୱାର୍ଥ କ୍ଷୁଣ୍ଣ ହେବ ଆଦାନି ଓ




ଆମ୍ବାନି କୁ ଖଣିଜ ସମ୍ପଦ ଦେବାକୁ ପାଇ ଏହି ରୁଲ ଆଣିଛନ୍ତି । ତେଣୁ ଏହାକୁ କଂଗ୍ରେସ ଦଳ ବରଦାସ କରିବ ନାହିଁ । ଆଗାମି ଦିନରେ କଂଗ୍ରେସ ଲଢେଇ କରିବ । ଏହି ଆଇନ ଦ୍ୱାରା ଓଡିଶା କ୍ଷତି ଗ୍ରସ୍ତ ହେବ । ପ୍ରତି ବର୍ଷ ୪୦ ରୁ ୫୦ ହଜାର କୋଟି ଉଦ୍ଧ ଟଙ୍କା କ୍ଷତି ସହିତ । ଓଡିଶାରେ ବିକାଶରେ ବାଧା ସୃଷ୍ଟି ହେବ । ତେଣୁ ରାଜ୍ୟପାଳ ସ୍ୱତନ୍ତ୍ର ଅଧିବେଶନ ଡକାନ୍ତୁ ବୋଲି ବିରୋଧି ଦଳ ନେତା କାଡାମ ଦାବି କରିଛି । ଏହି ଆଇନ କୁ କଂଗ୍ରେସ ଦଳ ବିରୋଧ କରିଛି । ସ୍ୱତନ୍ତ୍ର ଅଧିବେଶନ ନଡକାଇଲେ ଖଣି ଖନନ ବନ୍ଦ କରିବା ସହ ରାସ୍ତା ଘାଟାରେ ଓଡିଶାର ସ୍ୱାର୍ଥ୍ୟ ପାଇ ଲଢେଇ କରିବ । ଯେଉଁ ଠାରେ ଖଣି ଅଛି ସେଠାରେ ଆଦବାସୀ ଅଛନ୍ତି । ଆଦିବାସୀ ଙ୍କ ଜଳ ଜଙ୍ଗଲ, ଜମି ଅଧିକାରି କ୍ଷୁଣ୍ଣ କଲେ କଂଗ୍ରେସ ତାହାକୁ ବରଦାସ କରିବ ନାହିଁ । ନୂଆ ଆଇନରେ ଆଦିବାସୀଙ୍କୁ ଶୋଷିବେ କର୍ପୋରେଟଙ୍କୁ ତୋଷିବାକୁ ଏହି ନିୟମ ଆଣିଥିବା ବିଧାୟକ ବାହିନିପତି ସୁଚନା ଦେଇଛନ୍ତି । ସୁପ୍ରିମକୋର୍ଟ ର ୯ ଜଣ ବିଚାରପତି ଗତ ୨୦୨୪ ରେ ଆଦିବାସୀ ଙ୍କ ଜଳ , ଜମି ଜଙ୍ଗଲ କୁ ସୁରକ୍ଷା ଦେବାକୁ କହିଥିବା ବେଳେ ତାହାକୁ ମଧ ଉଛେଦ କରିଛନ୍ତି । ଖଣି ଉତ୍ତୋଳନ ଚାଲିଥି ତାହାକୁ ବନ୍ଦ କରାଯିବ ବାହାରକୁ ପଠାଇ ଦିଆଯିବ ନାହିଁ ବୋଲି ବିଧାୟକ ବାହିନିପତି ଚେତାବନି ଦେଇଛନ୍ତି ।

# ମଛୁଆ ଖାଦାନରେ ୧୬୩ ଧାରାକୁ ଫୁ

## ବ୍ୟବସ୍ଥା ନକରି ଲାଗୁ ହୋଇଥିଲା ୧୬୩ଧାରା



**ନୀଳଗିରି (ଅମୃତ ମିଡିଆ) :** ନୀଳଗିରି ଥାନା ଅଧୀନ ମଛୁଆ ସ୍ଥିତ ପରିତ୍ୟକ୍ତ ପଥର ଖାଦାନ ଯାହାକୁ ସୋସିଆଲ ମିଡିଆରେ ବ୍ଲୁ ଲେକ୍ ଭାବରେ ନାମିତ କରାଯାଇଛି । ଚଳିତ ମାସ ୨୨ ତାରିଖରେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଦୁଇ ଜଣ ଯୁକ୍ତ ୨ ଦ୍ୱିତୀୟ ବର୍ଷର ବାଣିଜ୍ୟ ବିଭାଗର ଛାତ୍ର ଗାଧୋଇବାକୁ ଆସି ପାଣିରେ ବୁଡି ପ୍ରାଣ ହରାଇଥିଲେ । ଗୋଟିଏ ଦିନ ପରେ ସେମାନଙ୍କ ମୃତ ଶରୀର ପାଣିରୁ ଉଦ୍ଧାର କରାଯାଇଥିଲା । ଯାହା ପରେ ପ୍ରଶାସନ ଆକ୍ସନ ମୋଡକୁ ଆସିଥିଲା । ଗତକାଲି ଅପରାହ୍ନ ୩ ଟାରୁ ୬୦ ଦିନ ପର୍ଯ୍ୟନ୍ତ ବିଏନ୍‌ଏସ୍‌ଏସ୍ ୧୬୩ ଧାରା ଲାଗୁ କରିବା ସହ ସେଠାରେ ଫଟୋ ,ଭିଡିଓ,ବ୍ଲଗିଂ,ପ୍ରି ଓ୍ୱଡିଂ ସୁଟ,ଭୋଜି,ସନ୍ତରଣ,ଏକାଧିକ ଗହଳି କରିବା ପାଇଁ ନିଷେଦ୍ଧ କରିଥିଲା । ହେଲେ ପ୍ରଶାସନ ପକ୍ଷରୁ ଉକ୍ତ ସ୍ଥାନରେ କୌଣସି ସୂଚନା ଫଳକ ମରାଯାଇନଥିବା ବେଳେ ଡାକବାଜି ଯନ୍ତ୍ର ମାଧ୍ୟମରେ ବାର୍ତ୍ତା ମଧ୍ୟ ପ୍ରଦାନ କରାଯାଇନଥିଲା । ଏମିତିକି ଆଜି ଦିନ ୨ ଟା ପର୍ଯ୍ୟନ୍ତ ଉକ୍ତ ପରିତ୍ୟକ୍ତ ଖାଦାନରେ ନାଲି ପତାକା ମଧ୍ୟ ଲଗାଯାଇନଥିଲା । ଏମିତିକି ପୋଲିସ ପ୍ରଶାସନ ମୁତୟନ ନିମନ୍ତେ ପ୍ରଶାସନ ପକ୍ଷରୁ ମଧ କୌଣସି ଚିଠି କରାଯାଇନାହିଁ । ଫଳରେ ଗତକାଲି ଦିନ ୪ ଟାରେ ଲୋକମାନେ ଭିଡିଓ ଉତ୍ତୋଳନ କରିବା ସହ,ରିଲ୍ସ ଓ ବ୍ଲଗିଂ ମଧ କରିଥିଲେ ।ହେଲେ ପ୍ରଶାସନ ସବୁ ଦେଖି ଚୁପ୍ ହୋଇ ବସିରହିଛି । ଧର୍ମକୁ ଆଖି ଠାର ମାରିଲା ଭଳି ପ୍ରଶାସନ ନିଜ ଉପରୁ ଦୋଷ ତୁଟାଇବା ପାଇଁ ୧୬୩ ଧାରା ଲାଗୁ ହୋଇଥିବା ଏକ ଚିଠି କରିଦେଲେ ପ୍ରତିକ୍ରିୟା ମଧ୍ୟ ପ୍ରଦାନ କରିଦେଲେ ହେଲେ ଏହାକୁ ବ୍ୟବସ୍ଥିତ ଢଙ୍ଗରେ ପରିଚାଳିତ କରୁନାହାନ୍ତି ଫଳରେ ପ୍ରଶାସନର ଅବହେଳା ପାଇଁ ଆଗାମୀ ସମୟରେ ପୁଣି ଜୀବନ ଯାଇପାରେ ବୋଲି ବୁଦ୍ଧିଜୀବି ମାନେ ମତପ୍ରକାଶ କରିଛନ୍ତି । ଆଜି ସ୍ଥାନୀୟ ବିଡିଓ ବିକ୍ରମ କିଶୋର ପରିଡା,ଅତିରିକ୍ତ ତହସିଲଦାର ଶୁଭଶ୍ରୀ ଜେନା,ଆଇଆଇସି ଗୋବର୍ଦ୍ଧନ ନାୟକ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ପରଖି ଦିନ ୩ ଟା ବେଳେ ନାଲି ପତାକା ଲଗାଇବା ସହ ତାର ବାଡ ବୁଲାଇବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି ।ତେବେ ଯେଉଁମାନେ ଅମାନିଆ ହୋଇ ଭିଡିଓ ଓ ରିଲ୍ସ କରିଛନ୍ତି ସେମାନଙ୍କ ଉପରେ ପ୍ରଶାସନ ପଦକ୍ଷେପ ନେବେ ନିଜର ଭୁଲକୁ ଲୁଚାଇ ଚୁପ ରହିବ ବୋଲି ଲୋକେ ପ୍ରଶ୍ନ କରିଛନ୍ତି ।

# ଟାଟାଷ୍ଟିଲ୍ ପକ୍ଷରୁ ଜିଲ୍ଲାସ୍ତରୀୟ ଯୁବ ଜ୍ୟୋତିର୍ବିଜ୍ଞାନୀ ଅନ୍ୱେଷଣ କାର୍ଯ୍ୟକ୍ରମ

**ଯାଜପୁର (ଅମୃତ ମିଡିଆ) :** ଡୁବୁରି ସ୍ଥିତ କପିଳେଶ୍ୱର ଉଚ୍ଚବିଦ୍ୟାଳୟ, ସୁକିନ୍ଦା ସ୍ଥିତ ମା ଖଣ୍ଡୁରାଇ ବାଳିକା ଉଚ୍ଚବିଦ୍ୟାଳୟ ଏବଂ ଜଗନ୍ନାଥ ଉଚ୍ଚବିଦ୍ୟାଳୟ ରେ ଆୟୋଜିତ ଜିଲ୍ଲା ସ୍ତରୀୟ ଯୁବ ଜ୍ୟୋତିର୍ବିଜ୍ଞାନୀ ଅନ୍ୱେଷଣ କାର୍ଯ୍ୟକ୍ରମ (ୟାଟ୍‌ସ)ର ୨୦ତମ ସଂସ୍କରଣରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଟାଟା ଷ୍ଟିଲ୍ ପକ୍ଷରୁ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଅଧୀନସ୍ଥ ପଠାଣୀ ସାମନ୍ତ ପ୍ଲାନେଟାରିୟମ୍, ଭୁବନେଶ୍ୱର ସହଯୋଗରେ ୟାଟ୍‌ସ ଅନୁଷ୍ଠିତ ହୋଇଯାଇଛି । କପିଳେଶ୍ୱର ଉଚ୍ଚବିଦ୍ୟାଳୟ ପକ୍ଷରୁ ୟାଟ୍‌ସ ଆୟୋଜନ କରାଯାଇଥିଲା ଯେଉଁଥିରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ନେଇ ସ୍କୁଲରେ ଏମ୍‌ସିକ୍ୟୁ ଅନୁଶୀଳନ ଓ ଓପନ କୁଇଜ୍ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଡୁବୁରି ଅଂଚଳର ବରିଷ୍ଠ ସାମ୍ବାଦିକ କପିଳେନ୍ଦ୍ର ମହାନ୍ତ, ବିଶ୍ୱନାଥ ସାହୁ, ସଞ୍ଜୀବ ମହାନ୍ତ, ବିଜୟରଶ୍ମି ତ୍ରିପାଠୀ, ସରୋଜ ନାୟକ ଓ ମୃତ୍ୟୁଞ୍ଜୟ ଦେଓ ପ୍ରମୁଖ ଉପସ୍ଥିତ ଥିଲେ ।



ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ୟାଟ୍‌ସ -୨୦୨୬ ସଂସ୍କରଣର ବିଷୟବସ୍ତୁ ରହିଛି 'ଭାରତର ପରବର୍ତ୍ତୀ ମହାକାଶଚାରୀ' ଏବଂ ଏଥିରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ମୁକ୍ତ କୁଇଜ୍ ଏବଂ ନବମ ଓ ଦଶମ ଶ୍ରେଣୀ ପିଲାମାନଙ୍କ ପାଇଁ ବହୁବିଧ ପସନ୍ଦ ପ୍ରଶ୍ନ (ଏମ୍‌ସିକ୍ୟୁ) ପରୀକ୍ଷାକୁ ସ୍କୁଲରେ ଓ ଅନଲାଇନ୍ ମାଧ୍ୟମରେ ଆୟୋଜନ କରାଯାଇଛି । ୨୦୨୫ ଅଗଷ୍ଟ ୨୧ରେ ଓଡ଼ିଶାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦ୍ୱାରା ଲୋକସେବା ଭବନରୁ ଶୁଭାରମ୍ଭ କରାଯାଇଥିବା ୟାଟ୍‌ସର ୧୯ତମ ସଂସ୍କରଣ ଓଡ଼ିଶାର ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ମହାକାଶ ବିଜ୍ଞାନ ଓ ଜ୍ୟୋତିର୍ବିଜ୍ଞାନ ଉପରେ ସେମାନଙ୍କ ରହିଥିବା ଭାବନା ଓ ବିଶେଷତାକୁ ପରିପ୍ରକାଶ କରିବାର ମଂଚ ପ୍ରଦାନ କରୁଛି । ଜ୍ୟୋତିର୍ବିଜ୍ଞାନ, ଆଷ୍ଟ୍ରୋଫିଜିକ୍ସ ଓ ମହାକାଶ ବିଜ୍ଞାନ ପ୍ରତି ପଠାଣୀ ସାମନ୍ତ ଭାବେ ପରିଚିତ କିମ୍ବଦନ୍ତୀ ଓଡ଼ିଆ ଜ୍ୟୋତିର୍ବିଜ୍ଞାନୀ ମହାମହୋପାଧ୍ୟାୟ ପଣ୍ଡିତ ସାମନ୍ତ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ରାଙ୍କ ଅବଦାନର ପ୍ରସାର କରିବାକୁ ୟାଟ୍‌ସ ଲକ୍ଷ୍ୟ ରଖିଛି । ଓଡ଼ିଶାର ପ୍ରତି ଜିଲ୍ଲାରୁ ଚୟନ କରାଯାଉଥିବା ପ୍ରତିଯୋଗୀମାନଙ୍କୁ ଡିସେମ୍ବର ୧୩ରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ଗ୍ରାଣ୍ଡ୍ ଫିନାଲେ ପାଇଁ ଆମନ୍ତ୍ରଣ କରାଯିବ । ସେହିଦିନ ବିଜେତା ମାନଙ୍କ ନାମ ଘୋଷଣା କରାଯିବା ସହ ସେମାନଙ୍କୁ ପୁରସ୍କୃତ କରାଯିବ ।

# କେନ୍ଦ୍ରାପଡା ଆମ୍ ଆଦମୀ ପାର୍ଟି ପକ୍ଷରୁ ବନ୍ୟା ପ୍ରପୀଡିତଙ୍କୁ ରିଲିଫ ବଣ୍ଟନ

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ଆମ ଆଦମୀ ପାର୍ଟି ପକ୍ଷରୁ ବନ୍ୟା ପ୍ରପିଡିତମାନଙ୍କୁ ଶୁଖିଲା ଖାଦ୍ୟ ବ ନ କରାଯାଇଛି । ଏହି ଉପଲକ୍ଷେ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ, ବାଲିପାଟଣା, ତନୁପୁର, ବଙ୍ଗାଳଦିଆ, ବାଛରା ଆଦି ଅ ଳରେ ବନ୍ୟା ପ୍ରପୀଡିତଙ୍କୁ ଆମ୍ ଆଦମୀ ପାର୍ଟିର ରାଜ୍ୟ ସଂଗଠନ ସମ୍ପାଦକ ସନ୍ଦୀପ୍ତ ଦାସଙ୍କ ନେତୃତ୍ୱରେ କାର୍ଯ୍ୟକ ମାନେ ଶୁଖିଲା ଖାଦ୍ୟ ବ ନ କରିଛନ୍ତି । ଏହି ଅବସରରେ ଶ୍ରୀ ଦାସ ବନ୍ୟା ପ୍ରପୀଡ଼ିତଙ୍କୁ ଭେଟି ସେମାନଙ୍କର ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିବା ପରେ ଜିଲ୍ଲା ପ୍ରଶାସନକୁ ତୁରନ୍ତ ପଦକ୍ଷେପ ନେବାକୁ ଦାବି ଜଣାଇଛନ୍ତି । ଦୀର୍ଘ ଦିନ ଧରି ଜଳବନ୍ଦୀ



ଅବସ୍ଥାରେ ଥିବା ଜନସାଧାରଣଙ୍କୁ ପ୍ରଶାସନ ପକ୍ଷରୁ କିଲେ ଚୁଡ଼ା ଓ କେଇ ଖଣ୍ଡ ବିସ୍କୁଟ ଧରେଇ ନିଜର ଦାୟିତ୍ୱ ନିର୍ବାହ କରୁନଥିବାରୁ ଆମ୍ ଆଦମୀ ପାର୍ଟି ପକ୍ଷରୁ ଅଭିଯୋଗ କରାଯିବା ସହ ଜିଲ୍ଲା ପ୍ରଶାସନକୁ ତୁରନ୍ତ କ୍ରିୟାଶୀଳ ହେବା ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଉକ୍ତ ରିଲିଫ୍ ଟିମରେ ଶ୍ରୀ ଦାସଙ୍କ ସମେତ କୁମୁଦ ରାଉତ, ରୁଦ୍ର ପ୍ରସାଦ ବେହେରା, ଇନ୍ତେଖାବ୍ ସୋହେଲ ଖାନ୍, ସତ୍ୟ ରଞ୍ଜନ ପରିଡ଼ା, ମହମ୍ମଦ ସାହିଲ୍, ହେମନ୍ତ ସାହୁ, ସେକ୍ ଇସ୍ମାଇଲ, ଯାହିଦୂର୍ ରହମାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଯୁବକଙ୍କ ଆତ୍ମହତ୍ୟା

**ବାଲିଅନ୍ତା (ଅମୃତ ମିଡିଆ) :** ଧଉଳି ଥାନା ଶିଶୁପାଳଗଡ଼ ପଞ୍ଚାୟତ ସନ୍ଥବିହାର କଲୋନୀରେ ଜଣେ ଯୁବକ ପଙ୍ଖାରେ ଝୁଲି ଆତ୍ମହତ୍ୟା କରିଥିବା ଜଣାପଡିଛି । ଯୁବକ ଜଣକ ହେଲେ ବରୁଣ ସାହୁ । ସେ ଜଣେ କ୍ୟାମେରା ମ୍ୟାନ ଭାବେ କାମ କରନ୍ତି । ଆତ୍ମହତ୍ୟାର କାରଣ ଜଣାପଡିନଥିଲେ ମଧ ପ୍ରେମଜନିତ କାରଣରୁ ଏଭଳି ହୋଇଥିବା ସନ୍ଦେହ କରାଯାଉଛି । ଖବରନେବାରେ ଜଣାପଡିଛି ଆଜି ବରୁଣ ଉଠିବାରେ ବିଳମ୍ବ ହେବାରୁ ବାପା ବାରମ୍ବାର ଡାକିଥିଲେ । ମାତ୍ର ଘର ଭିତରୁ କୌଣସି ଉତ୍ତର ନ ଆସିବାରୁ ସନ୍ଦେହ ହୋଇଥିଲା । ପରେ ସେ ପଡିଶାଘର ଲୋକଙ୍କୁ ଡ଼ାକି କବାଟ ଭାଙ୍ଗିଥିଲେ । ବରୁଣଙ୍କୁ ପଙ୍ଖାରେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ରାଜଧାନୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ମାତ୍ର ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଖବରପାଇ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି ।

# ୧୮ ଲକ୍ଷ ଟଙ୍କାର ଧଳାଜହର ଜବତ,ମହିଳା ଗିରଫ

**ନୀଳଗିରି (ଅମୃତ ମିଡିଆ) :** ନୀଳଗିରିରେ ଅବକାରୀ ବିଭାଗର ପକ୍ଷରୁ ବଡ ଧରଣର ଚଢାଉ ।ବ୍ୟବସାୟ ପାଇଁ ଧଳା ଜହର ନେଇ ଯାଉଥିଲେ ମହିଳା ମାଡି ବସିଲା ଅବକାକୀ ବିଭାଗ ।ବିଶେଷ ସୂତ୍ରରୁ ଖବର ପାଇ ନୀଳଗିରି ଅବକାରୀ ବିଭାଗ ଦକ୍ଷିଣ ନରସିଂହପୁର ଖେଳ ପଡିଆ ନିକଟରେ ଧଳାଜହର କାରବାର ହେଉଥିବାର ଖବର ପାଇ ଚଢାଉ କରିଥିଲେ ।ଘଟଣା ସ୍ଥଳରୁ ଜଣେ ମହିଳା ଗିରଫ ହୋଇଥିବା ବେଳେ ଅନ୍ୟ ସହଯୋଗୀ ମାନେ ଖସି ଯାଇଥିଲେ ।ମହିଳାଙ୍କ ଠାରୁ ୧୮୦ ଗ୍ରାମର ଧଳା ଜହର ଜବତ କରାଯାଇଥିବା ବେଳେ ଯାହାର ଆନୁମାନିକ ମୂଲ୍ୟ ୧୮ ଲକ୍ଷଟଙ୍କା ହେବ ବୋଲି ସୂଚନା ପ୍ରଦାନ




କରାଯାଇଛି ।ଏହି ଚଢାଉରେ ନୀଳଗିରି ଅବକାରୀ ଓଆଇସି ଗାଙ୍ଗମଣୀ ହେମ୍ବ୍ରମ,ଏଏସଆଇ ସୁଶାନ୍ତ କୁମାର ରାଉତ,କନେଷ୍ଟବଳ ତପନ ମଲ୍ଲିକ,ସନ୍ତୋଷ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ ।

# ବଜରଙ୍ଗବଲୀ ସଙ୍ଘ ତରଫରୁ କାଉଡ଼ିଆଙ୍କୁ ଅନ୍ନପ୍ରସାଦ ବଣ୍ଟନ

**ଆଠମଲ୍ଲିକ (ଅମୃତ ମିଡିଆ) :** ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଜାମୁଡୋଲୀ ପଞ୍ଚାୟତ ବିନିକେୟୀ ପୀଠରେ ବଜରଙ୍ଗବାଲି ସଙ୍ଘ ତରଫରୁ କାଉଡ଼ିଆ ଭକ୍ତ ମାନଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରା ଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ବଜରଙ୍ଗ୍ବାଲୀ ସଙ୍ଘର ସଭ୍ୟ ଶ୍ରୀପତି ପ୍ରଧାନ, ଭାଗ୍ୟଧର ପ୍ରଧାନ, ଜ୍ଞାନ ରଞ୍ଜନ ଜେନା କଳ୍ପତରୁ ପ୍ରଧାନ , ରାଜୁ ସିଂ, ଜିତୁ ମହାନ୍ତି,ଦୁଷ୍ମନ୍ତ ସାହୁ, ଶ୍ରୀବତ୍ସ ପ୍ରଧାନ, ଅଶୋକ ବାରିକ, ଅନାମ ବେହେରା, ଅନିଲ ପ୍ରଧାନ, ସୁଗ୍ରୀବ ପ୍ରଧାନଙ୍କ ସମେତ ସଭ୍ୟ ମାନେ ଉପସ୍ଥିତ ରହି



## କେସିଙ୍ଗା କଲେଜ ମାଗାଜିନ୍ ଓ କ୍ୟାଲେଣ୍ଡର୍ ଛପାରେ ଦୁର୍ନୀତି

### ଲକ୍ଷାଧିକ ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ



**କଳାହାଣ୍ଡି (ଅମୃତ ମିଡ଼ିଆ-ପ୍ୟାରିଲାଲ ଦୁର୍ଗା) :** କଳାହାଣ୍ଡି ଜିଲ୍ଲା କେସିଙ୍ଗା ମହାବିଦ୍ୟାଳୟରେ 'ନିଛକ' ମାଗାଜିନ୍ ଓ କ୍ୟାଲେଣ୍ଡର ଛପାରେ ମହାଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଛି। କଲେଜ କର୍ତ୍ତୃପକ୍ଷ ଓ ମାଗାଜିନ୍ କମିଟି କମ୍ ମୂଲ୍ୟର ମାଗାଜିନ୍ ଓ କ୍ୟାଲେଣ୍ଡରକୁ ଚଢ଼ା ଦରରେ କିଣି ଲକ୍ଷାଧିକ ଟଙ୍କା ହଡ଼ପ କରିଥିବା ଛାତ୍ରଛାତ୍ରୀମାନେ କଳାହାଣ୍ଡି ଉପଜିଲ୍ଲାପାଳ ଓ ଉଚ୍ଚଶିକ୍ଷା ବିଭାଗରେ ଅଭିଯୋଗ କରିଥିବା ଜଣାପଡ଼ିଛି। ସୂଚନାନୁଯାୟୀ କେସିଙ୍ଗା ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଉଦ୍ଦିଷ୍ଟରେ ଥିବା ଫଣ୍ଡରୁ ୧୭ ଶହ ମାଗାଜିନ୍ ଓ ୧୭ଶହ କ୍ୟାଲେଣ୍ଡର୍ ପାଇଁ ଟେଣ୍ଡର ଆହ୍ୱାନ କରିଥିଲେ। ଏହି ଟେଣ୍ଡର ପ୍ରକ୍ରିୟାରେ ୩ଟି ଏଜେନ୍ସି ଭାଗ ନେଇଥିବାବେଳେ ଜଗନ୍ନାଥ ପୁସ୍ତକାଳୟ ଟେଣ୍ଡର୍ ପାଇବାରେ ସଫଳ ହୋଇଥିଲେ ଏବଂ ପ୍ରତ୍ୟେକ ମାଗଜିନ୍‌ର ମୂଲ୍ୟ ୩୭୬ ଟଙ୍କା ଅନୁସାରେ ୧୭ ଶହ ମାଗାଜିନ୍ ?କୁ ୬ ଲକ୍ଷ ୩୯ ହଜାର ୨୦୦ ଟଙ୍କା ଏବଂ ପ୍ରତ୍ୟେକ କ୍ୟାଲେଣ୍ଡର୍ ପିଛା ୭୫ ଟଙ୍କା ଅନୁସାରେ ୧୭ଶହ କ୍ୟାଲେଣ୍ଡର ପାଇଁ ୧ ଲକ୍ଷ ୨୨ ହଜାର ୫୦୦ ଟଙ୍କା କଲେଜ ପକ୍ଷରୁ ସମୁଦାୟ ୭ ଲକ୍ଷ ୬୬ ହଜାର ୭୦୦ ଟଙ୍କା ସମ୍ପୃକ୍ତ ଏଜେନ୍ସିକୁ ଗତ ମାର୍ଚ୍ଚ ମାସରେ ପୈଠ କରାଯାଇଛି। ତେବେ ଏହି ମାଗାଜିନ୍ ଓ କ୍ୟାଲେଣ୍ଡର୍ କାଗଜ କଲମ ଓ ଫାଇଲ୍ ଭିତରେ ସୀମିତ ହୋଇ ରହିଥିବାବେଳେ ପରବର୍ତ୍ତୀ ମୁହୂର୍ତ୍ତରେ ସୂଚନା ଅଧିକାର ଆଇନ ମାଧ୍ୟମରେ ଘଟଣାଟି ଜଣାପଡ଼ିଥିଲା। ପରେ କଲେଜ କର୍ତ୍ତୃପକ୍ଷ ତରବରିଆ ଭାବେ ପାଖାପାଖି ୧୦୦ ମାଗାଜିନ୍ ଆଣି ଛାତ୍ରଛାତ୍ରୀଙ୍କଠାରେ ବାଣ୍ଟିଥିବା ଅଭିଯୋଗ ହେଉଛି। ତେବେ କଲେଜ କର୍ତ୍ତୃପକ୍ଷ କ୍ୟାଲେଣ୍ଡର୍ ଦେବାରେ ବର୍ତ୍ତମାନ ମଧ୍ୟ ବିଫଳ ଥିବା ଓ ବଜାର ଦର ଅନୁଯାୟୀ ପ୍ରତ୍ୟେକ ମାଗାଜିନ୍‌ର ମୂଲ୍ୟ ୭୩ ଟଙ୍କା ଏବଂ କ୍ୟାଲେଣ୍ଡର ମୂଲ୍ୟ ୧୫ ଟଙ୍କାରେ ଉପଲବ୍ଧ ହେଉଥିବାବେଳେ କଲେଜ କର୍ତ୍ତୃପକ୍ଷ ଓ ମାଗଜିନ୍ କମିଟି ମାଗାଜିନ୍‌କୁ ୩୭୬ ଟଙ୍କା ଓ କ୍ୟାଲେଣ୍ଡର ପିଛା ୭୫ ଟଙ୍କାରେ ଏଜେନ୍ସି ସହ ସଲାସୁତୁରା କରି ଲକ୍ଷାଧିକ ଟଙ୍କା ହଡ଼ପ କରିଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ନିୟମାନୁଯାୟୀ ପ୍ରଥମେ ଷ୍ଟକ୍ ଯାଞ୍ଚ ପରେ ପେମେଣ୍ଟ କରାଯାଇଥାଏ। ହେଲେ ଏଠାରେ ପ୍ରଥମେ ପେମେଣ୍ଟ କରାଯାଇଛି ଏବଂ ଘଟଣା ଜଣାପଡ଼ିବା ପରେ କିଛି ମାଗାଜିନ୍ ବଣ୍ଟାଯାଇ ଘଟଣାକୁ ଚାପିଦେବା ଉଦ୍ୟମ ହେଉଛି ବୋଲି ଛାତ୍ରଛାତ୍ରୀମାନେ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ବର୍ତ୍ତମାନ କେସିଙ୍ଗା ମହାବିଦ୍ୟାଳୟରେ କୌଣସି ସ୍ଥାୟୀ ଅଧ୍ୟକ୍ଷ ନାହାନ୍ତି। ଆଉ ଯିଏ ଉତ୍ତରଦାୟୀ ସେ ଗତ ଜୁଲାଇ ୩୦ରେ ଅବସର ନେଇସାରିଛନ୍ତି ଏବଂ ବର୍ତ୍ତମାନ ଜଣେ କେୟାରଟେକର୍ ଅଧକ୍ଷ ଅଶ୍ୱିନୀ ପଟ୍ଟନାୟକଙ୍କୁ ମୌଖିକ ଭାବେ ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି। ତେବେ ଛାତ୍ରଛାତ୍ରୀଙ୍କ ଅଭିଯୋଗକ୍ରମେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ତହସିଲଦାର ପ୍ରଶକ୍ତି ପ୍ରଧାନ ଛାତ୍ରଛାତ୍ରୀ ଓ ମାଗାଜିନ୍ କମିଟିଙ୍କୁ ଭେଟି ତଦନ୍ତ କରିଥିବା ଏବଂ ଏହାର ରିପୋର୍ଟ ଉପଜିଲ୍ଲାପାଳଙ୍କ ଠାରେ ସ୍ଥଗିତ ଥିବା ସୂଚନାରୁ ଜଣାପଡ଼ିଛି। ଏନେଇ ଉପଜିଲ୍ଲାପାଳ ପ୍ରଭାତ ପରିଡ଼ାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ତେବେ କେସିଙ୍ଗା ମହାବିଦ୍ୟାଳୟରେ ବାରମ୍ବାର ଅନିୟମିତତା ଓ ମିଥ୍ୟା ବିଲ୍ କରି ଲକ୍ଷାଧିକ ଟଙ୍କା ହଡ଼ପ କରୁଥିବା ଅଭିଯୋଗ ହେଉଥିବାବେଳେ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି।

## ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟସେବା ଶିବିର



**ବଲାଙ୍ଗୀର (ଅମୃତ ମିଡିଆ) :** ତାରିଖ ୨୨ ଅଗଷ୍ଟ ୨୦୨୬ ଦିନ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର କନ୍ଧପାଲି ପଡା ଯାହା ରାଜେନ୍ଦ୍ର ଯୁବକ ସଂଘ ଦ୍ୱାରା ପରିଚାଳିତ ତରଫରୁ ଏକ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଶିବିର ବେହେରା ପାଲି ବଲାଙ୍ଗୀର ଠାରେ ଅନୁଷ୍ଠିତ ହେଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରରେ ମାଗଣା ଔଷଧ ଓ ମାଗଣା ରକ୍ତ ପରୀକ୍ଷା କରାଯିବା ସହ ଡାକ୍ତର ପରାମର୍ଶ ସେବା ଯୋଗାଇ ଦିଆଯାଇଥିଲା। ଏହି ଶିବିରରେ ସ୍ଥାନୀୟ ଆଶାକର୍ମୀ ଓ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ଷ୍ଟାଫ ଯୋଗ ଦେଇଥିଲେ। ଏହି ସ୍ୱାସ୍ଥ୍ୟ ଶିବିରରେ ଡାକ୍ତର ନନ୍ଦ କିଶୋର ପାଢ଼ୀ ଓ ଭୀମଭୋଇ ମେଡିକାଲ କଲେଜର ଡାକ୍ତର ସତ୍ୟବାନ ବେହେରା ଓ ଡାକ୍ତର ଧ୍ୟାନଚନ୍ଦ ବାରିକ ଏବଂ ରାଜେନ୍ଦ୍ର ଯୁବକ ସଂଘର ପରିଚାଳକ ରାଜେନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇଥିଲେ। ଏହି ସ୍ୱାସ୍ଥ୍ୟ ଶିବିର ଟିକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ତରଫରୁ ଏପିଏମ ରାମାନୁଜ ପଣ୍ଡା ଓ ୟୁଡିଏମ ଅନିଲ କୁମାର ମହାକୁର ତଦାରଖ କରିଥିଲେ। ଏହି ସ୍ୱାସ୍ଥ୍ୟ ଶିବିରରେ ୧୦୬ ରୁ ଉର୍ଦ୍ଧ ବରିଷ୍ଠ ରୋଗୀ ମାଗଣା ସେବା ଲାଭ କରିଥିଲେ। ଉକ୍ତ ସ୍ୱାସ୍ଥ୍ୟ ଶିବିରଟି ସୁଚାରୁ ରୂପେ ପରିଚାଳିତ ହେଇଥିଲା।

## ପଦ୍ମପୁର ମହାବିଦ୍ୟାଳୟରେ ପାଠଚକ୍ର କାର୍ଯ୍ୟକ୍ରମ

**ପଦ୍ମପୁର (ଅମୃତ ମିଡ଼ିଆ) :** ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଓ ଇଂରାଜୀ ବିଭାଗ ତଥା ଆଇକ୍ୟୁଏସିର ମିଳିତ ଆନୁକୂଲ୍ୟରେ 'ବ୍ୟକ୍ତିତ୍ୱର ବିକାଶ ଓ ଚରିତ୍ର ନିର୍ମାଣରେ ଗଙ୍ଗାଧର ସାହିତ୍ୟର ଭୂମିକା' ଶୀର୍ଷକ ଏକ ପାଠଚକ୍ର ନୂତନ ସମ୍ମେଳନ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ. ଦିଗମ୍ବର ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ବକ୍ତା ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଉମେଶ ଚନ୍ଦ୍ର ମହାପାତ୍ର ଯୋଗଦେଇ କହିଥିଲେ ଯେ, ସ୍ୱଭାବକବି ଗଙ୍ଗାଧର ମେହେରଙ୍କ କାବ୍ୟ-କବିତାରେ ପ୍ରତିଫଳିତ ନମ୍ରତା, ସମର୍ପଣ ଓ ଆଦର୍ଶ ଯୁବପିଢ଼ିଙ୍କ ଚରିତ୍ର ଗଠନ ପାଇଁ ଚିରକାଳ ଦିଗ୍‌ଦର୍ଶନ ଦେବ। ସମ୍ମାନିତ ଅତିଥି ପ୍ରାକ୍ତନ ଅଧକ୍ଷ ଖଗେଶ୍ୱର ଦାଶ ସାହିତ୍ୟ ହିଁ ମଣିଷକୁ ସଂସ୍କାରୀ କରି ଗଢ଼ିତୋଳେ ବୋଲି ମତ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧାପିକା ରୀନା ଧର୍ମବିନାୟକ ମଞ୍ଚ ଆହ୍ୱାନ, ଡ. ସରୋଜ କୁମାର ନାଏକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧାପକ ଷଡ଼ାନନ ଭୋଇ ମଞ୍ଚାସୀନ ଥିଲେ। ବୈଷୟିକ ଅଧିବେଶନରେ ଡ. ପ୍ରଦୀପ କୁମାର ପଣ୍ଡା, ଛାତ୍ରୀ ସାଗରିକା ଯୋଶୀ ଓ କୁମକୁମ ଧରୁଆ ସାରଗର୍ଭକ ଭିତ୍ତିପ୍ରବନ୍ଧ ପାଠ କରିଥିଲେ । ପ୍ରାଧାପିକା ପୂର୍ଣ୍ଣିମା ଦୋରା, ତୋଷାବନ୍ତ ବାରିକ, କ୍ୟାପଟ୍ଟେନ୍ ଜୟକୁମାର ଭୁଏ, ଅଧାପକ ନିର୍ମଳ କୁମ୍ଭାର ଓ ସୁରେଶ୍ୱରୀ ପାଣ୍ଡେଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପାଦିତ ହୋଇଥିବା ବେଳେ ପ୍ରାଧାପକ ଶ୍ରୀକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧାପକ-ଅଧାପିକା, କର୍ମଚାରୀ ଓ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ରୁଫ୍‌ଟପ୍ ସୋଲାର ସ୍ଥାପନ ଜରିଆରେ ସବୁଜ ଶକ୍ତି ରୂପାନ୍ତରଣ ପ୍ରକ୍ରିୟା ତ୍ୱରାନ୍ୱିତ

**ସମ୍ବଲପୁର/ବୁର୍ଲା (ଅମୃତ ମିଡିଆ) :** ନିଜର ଅକ୍ଷୟ ଶକ୍ତି ପଦଚିହ୍ନକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ, ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ ପଶ୍ଚିମ ଓଡ଼ିଶାର ୧୧୪ଟି କାର୍ଯ୍ୟାଳୟ ଭବନରେ ରୁଫ୍‌ଟପ୍ ସୋଲାର ପିଭି ପ୍ଲାଣ୍ଟ ସ୍ଥାପନ କରି ନିଜର ସବୁଜ ଶକ୍ତି ରୂପାନ୍ତରଣକୁ ତ୍ୱରାନ୍ୱିତ କରିଛି। ୧୭ ଅଗଷ୍ଟ ୨୦୨୬ ସୁଦ୍ଧା, ଏହି ସମସ୍ତ ରୁଫ୍‌ଟପ୍ ସୋଲାର ସଂଯୋଗରୁ ସାମୂହିକ ଭାବେ ୮,୯୨,୫୩୭ ୟୁନିଟ୍ ସ୍ୱଚ୍ଛ ବିଜୁଳି ଉତ୍ପାଦନ ହୋଇଛି, ଯାହା ଉଲ୍ଲେଖନୀୟ ଶକ୍ତି ସଞ୍ଚୟ କରିବାରେ ସହାୟକ ହୋଇଛି। ଏହି ପଦକ୍ଷେପ ପ୍ରାୟ ୭୩୨ ମେଟ୍ରିକ୍ ଟନ୍ ଅଙ୍ଗାରକାମ୍ଳ ନିର୍ଗମନକୁ ରୋକିବାରେ ସହାୟକ ହୋଇଛି, ଯାହା ବିକେନ୍ଦ୍ରୀକୃତ ସୌରଶକ୍ତି ଦ୍ୱାରା ପରିବେଶକୁ ମିଳୁଥିବା ଫାଇଦାକୁ ଆହୁରି ସୁଦୃଢ଼ କରୁଛି। ଏହାଦ୍ୱାରା ଟିପିଡବ୍ଲୁଓଡିଏଲ୍ ନିଜର ପରିଚାଳନାଗତ ବିଦ୍ୟୁତ୍ ଆବଶ୍ୟକତାର ଏକ ଅଂଶ ଅକ୍ଷୟ ଶକ୍ତି ମାଧ୍ୟମରେ ପୂରଣ କରିବା ସହିତ ପାରମ୍ପରିକ ବିଦ୍ୟୁତ୍ ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ କରିପାରିଛି। ନିଜ ପରିଚାଳନାରେ ଦୀର୍ଘସ୍ଥାୟିତ୍ୱକୁ ସାମିଲ କରି ଓଡ଼ିଶାର ସ୍ୱଚ୍ଛ ଶକ୍ତି ରୂପାନ୍ତରଣରେ ଏକ ଉଦାହରଣ ସୃଷ୍ଟି କରିବା ପାଇଁ ଟିପିଡବ୍ଲୁଓଡିଏଲ୍‌ର ପ୍ରତିବଦ୍ଧତା ଏହି ପଦକ୍ଷେପରୁ ପ୍ରତିଫଳିତ ହେଉଛି। ନିଜ କାର୍ଯ୍ୟାଳୟ ଭିତ୍ତିଭୂମିରେ ଅକ୍ଷୟ ଶକ୍ତି ଆପଣାଇବା ଦ୍ୱାରା କମ୍ପାନୀ ରୁଫ୍‌ଟପ୍ ସୋଲାରକୁ ଏକ ଦୀର୍ଘସ୍ଥାୟୀ ଏବଂ ସୁଲଭ ଶକ୍ତି ସମାଧାନ ଭାବେ ପ୍ରଦର୍ଶିତ କରୁଛି। ଏହି ପଦକ୍ଷେପ ସମ୍ପର୍କରେ ମତ ଦେଇ ଟିପିଡବ୍ଲୁଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି ଯେ, "ନିଜ କାର୍ଯ୍ୟାଳୟଗୁଡ଼ିକୁ ସୌରଶକ୍ତି ଚାଳିତ କରି ଓଡ଼ିଶାର ସ୍ୱଚ୍ଛ ଶକ୍ତି ରୂପାନ୍ତରଣ ଯାତ୍ରାରେ ଏକ ଆଦର୍ଶ ସୃଷ୍ଟି କରିବା ପାଇଁ ଟିପିଡବ୍ଲୁଓଡିଏଲ୍‌ର ପ୍ରତିବଦ୍ଧତା ଏହି ପଦକ୍ଷେପରୁ ସ୍ପଷ୍ଟ ହେଉଛି। ନିଜ ପରିଚାଳନା କ୍ଷେତ୍ରରେ ଅକ୍ଷୟ ଶକ୍ତିକୁ ସାମିଲ କରି ଆମେ କେବଳ କାର୍ବନ ନିର୍ଗମନ କମାଉନାହୁଁ, ବରଂ ଏକ ଦୀର୍ଘସ୍ଥାୟୀ ଏବଂ କମ୍ ଖର୍ଚ୍ଚର ଶକ୍ତି ସମାଧାନ ଭାବରେ ରୁଫ୍‌ଟପ୍ ସୋଲାରର ଅପାର ସମ୍ଭାବନାକୁ ମଧ୍ୟ ପ୍ରଦର୍ଶିତ କରୁଛୁ। ଆମର ମୁଖ୍ୟ ଲକ୍ଷ୍ୟ ହେଉଛି ଅକ୍ଷୟ ଶକ୍ତି ଗ୍ରହଣ ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ସହିତ ପଶ୍ଚିମ ଓଡ଼ିଶାର ଉପଭୋକ୍ତାମାନଙ୍କୁ ଭାରତର ବୃଦ୍ଧି ପାଉଥିବା ସ୍ୱଚ୍ଛ ଶକ୍ତି ଅଭିଯାନରେ ଭାଗିଦାର କରିବା ଏବଂ ସେମାନଙ୍କ ନିକଟରେ ଏହାର ଲାଭ ପହଞ୍ଚାଇବା। ଏହି ଅଗ୍ରଗତିକୁ ଆଧାର କରି, ଟିପିଡବ୍ଲୁଓଡିଏଲ୍ ଆଗାମୀ ଆର୍ଥିକ ବର୍ଷରେ ନିଜ କାର୍ଯ୍ୟାଳୟ ଗୁଡିକରେ ଅତିରିକ୍ତ ୧୦୦ କିଲୋୱାଟ୍ ରୁଫ୍‌ଟପ୍ ସୋଲାର କ୍ଷମତା ସ୍ଥାପନ କରି ନିଜର ଅକ୍ଷୟ ଶକ୍ତି ପଦଚିହ୍ନକୁ ଆହୁରି ସୁଦୃଢ଼ କରିବାକୁ ଯୋଜନା କରିଛି। ଏହି ସମ୍ପ୍ରସାରଣରେ ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟର ଯୋଜନା ଅଧୀନରେ ଉପଲବ୍ଧ ପ୍ରୋତ୍ସାହନ ରାଶି ଏବଂ ସହାୟତାର ଉପଯୋଗ କରାଯିବ। ନିଜ ପରିଚାଳନା ବ୍ୟତୀତ, ଟିପିଡବ୍ଲୁଓଡିଏଲ୍ ପଶ୍ଚିମ ଓଡ଼ିଶାର ଘରୋଇ ଉପଭୋକ୍ତାମାନଙ୍କ ମଧ୍ୟରେ ରୁଫ୍‌ଟପ୍ ସୋଲାର ଆପଣାଇବା ପାଇଁ ସୁବିଧା ସୃଷ୍ଟି କରୁଛି। 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର: ମୁଫ୍‌ତ ବିଜୁଳି ଯୋଜନା' ଅଧୀନରେ, ଯୋଗ୍ୟ ଘରୋଇ ଉପଭୋକ୍ତାମାନେ ରୁଫ୍‌ଟପ୍ ସୋଲାର ସିଷ୍ଟମ୍ ସ୍ଥାପନ ପାଇଁ ସରକାରୀ ଆର୍ଥିକ ସହାୟତା ପାଇପାରିବେ, ଯାହା ପ୍ରାରମ୍ଭିକ ଖର୍ଚ୍ଚ କମାଇବାରେ ଏବଂ ବିଜୁଳି ବିଲ୍‌ରେ ଦୀର୍ଘକାଳୀନ ସଞ୍ଚୟ ପ୍ରଦାନ କରିବାରେ ସହାୟକ ହେବ। ଘରୋଇ ଉପଭୋକ୍ତାଙ୍କ ପାଇଁ ରୁଫ୍‌ଟପ୍ ସୋଲାରକୁ ଆହୁରି ସହଜଲଭ୍ୟ କରିବା ପାଇଁ ଟିପିଡବ୍ଲୁଓଡିଏଲ୍ ଏହାର '୧ କିଲୋୱାଟ୍ ୟୁଏଲ୍ଏ ମଡେଲ୍' ପ୍ରଚଳନ କରିଛି, ଯେଉଁଥିରେ ଯୋଗ୍ୟ ପରିବାରଗୁଡ଼ିକ ମାତ୍ର ୧,୮୭୫ ଟଙ୍କା ପ୍ରଦାନ କରି ଏକ ରୁଫ୍‌ଟପ୍ ସୋଲାର ସିଷ୍ଟମ୍ ସ୍ଥାପନ କରିପାରିବେ। ଟିପିଡବ୍ଲୁଓଡିଏଲ୍ ସମ୍ପୂର୍ଣ୍ଣ ସ୍ଥାପନ ପ୍ରକ୍ରିୟାକୁ ସୁଗମ କରୁଛି ଏବଂ ଉପକରଣ ଉପରେ ୫ ବର୍ଷର ୱାରେଣ୍ଟି ସହିତ ସୋଲାର ପ୍ୟାନେଲ୍ ଉପରେ ୨୫ ବର୍ଷର କାର୍ଯ୍ୟକ୍ଷମତା ୱାରେଣ୍ଟି ପ୍ରଦାନ କରୁଛି, ଯାହା ଉପଭୋକ୍ତାମାନଙ୍କୁ ଦୀର୍ଘମିଆଦୀ ବିଶ୍ୱସନୀୟତା ଏବଂ ସମସ୍ୟାମୁକ୍ତ ପରିଚାଳନା ଯୋଗାଇଥାଏ। ଟିପିଡବ୍ଲୁଓଡିଏଲ୍ ସମ୍ବନ୍ଧରେ: ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ହେଉଛି ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ଯୌଥ ଉଦ୍ୟୋଗ, ଯେଉଁଥିରେ ଉଭୟଙ୍କ ଅଂଶଧନ ଯଥାକ୍ରମେ ୫୧:୪୯ ଅଟେ। ଟିପିଡବ୍ଲୁଓଡିଏଲ୍ ସମଗ୍ର ପଶ୍ଚିମ ଓଡ଼ିଶାରେ ବିଦ୍ୟୁତ ବିତରଣ ଏବଂ ଖୁଚୁରା ଯୋଗାଣ ଦାୟିତ୍ୱରେ ୯ଟି ଜିଲ୍ଲା ଏବଂ ପ୍ରାୟ ୪୮,୦୦୦ ବର୍ଗ କିଲୋମିଟର ବିତରଣ କ୍ଷେତ୍ରରେ ୨୧ ଲକ୍ଷରୁ ଅଧିକ ଗ୍ରାହକଙ୍କୁ ସେବା ପ୍ରଦାନ କରୁଅଛି। କମ୍ପାନୀ ନିର୍ଭରଯୋଗ୍ୟ, ସୁରକ୍ଷିତ ଏବଂ ଗ୍ରାହକ-କେନ୍ଦ୍ରିକ ବିଦ୍ୟୁତ ସେବା ପ୍ରଦାନ ସହିତ ବିଦ୍ୟୁତ ଭିତ୍ତିଭୂମିର ଆଧୁନିକୀକରଣ, କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତା, ଡିଜିଟାଲ ରୂପାନ୍ତରଣ, ସ୍ଥାୟୀ ବିକାଶ ଏବଂ ସମ୍ପ୍ରଦାୟ ବିକାଶ ପଦକ୍ଷେପକୁ ଆଗେଇ ନେବା ପାଇଁ ପ୍ରତିବଦ୍ଧ ଅଟେ । ଭିତ୍ତିଭୂମି, ପ୍ରଯୁକ୍ତିବିଦ୍ୟା ଏବଂ ଗ୍ରାହକ ସେବାରେ ନିରନ୍ତର ନିବେଶ ମାଧ୍ୟମରେ, ଟିପିଡବ୍ଲୁଓଡିଏଲ୍ ପଶ୍ଚିମ ଓଡ଼ିଶାର ସାମାଜିକ-ଆର୍ଥିକ ଅଭିବୃଦ୍ଧିକୁ ସମର୍ଥନ କରିବା ସହିତ ଏହି ଅଞ୍ଚଳର ଶକ୍ତି ରୂପାନ୍ତରଣ ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବାକୁ ଲକ୍ଷ୍ୟ ରଖିଛି।

## ସଚେତନ ଯୁବାମଞ୍ଚ ନୂତନ କମିଟି



**ନୂଆପଡା (ଅମୃତ ମିଡିଆ) :** ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଗଣ୍ଡାବାହାଲି ଗ୍ରାମର ସମସ୍ତ ଯୁବଗୋଷ୍ଠୀଙ୍କୁ ନେଇ ସଚେତନ ଯୁବାମଞ୍ଚ ନୂତନ କମିଟି ଗଠିତ ହୋଇଥିଲା। ଗ୍ରାମର ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା,କଳା ସଂସ୍କୃତିର ସର୍ବାଙ୍ଗୀନ ବିକାଶ ପାଇଁ ସମସ୍ତ ଯୁବକଙ୍କ ମିଳିତ ଆହ୍ୱାନ ପାଇଁ ଯୁବ ସଂଗଠକ ଘନଶ୍ୟାମ ମେହେରଙ୍କ ନେତୃତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ସଭାରେ ଗାଁର ବିଭିନ୍ନ ପ୍ରସଙ୍ଗକୁ ନେଇ ସମସ୍ତ ଯୁବ ବନ୍ଧୁ ନିଜର ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶ୍ରୀ ଗୁପ୍ତେଶ୍ୱର ମେହେର ମଧ୍ୟ ଯୁବକ ମାନଙ୍କୁ ଉତ୍ସାହିତ ଏବଂ ଆଗାମୀ ଭବିଷ୍ୟତ ପାଇଁ ଉତ୍ତମ ମାର୍ଗଦର୍ଶନ କରିଥିଲେ। ଶେଷରେ ସମସ୍ତଙ୍କ ମିଳିତ ସମର୍ଥନ କ୍ରମେ ସଭାପତି ଭାବରେ ଘନଶ୍ୟାମ ମେହେର, ଉପସଭାପତି ମୁକେଶ ମେହେର, ସଂପାଦକ ତୁଷାର ରଂଜନ ମେହେର, ସହ ସଂପାଦକ ଜମେଶ୍ୱର ମେହେରଙ୍କୁ ମନୋନୀତ କରାଯାଇ ଗ୍ରାମର ବିକାଶ ପାଇଁ ନିଃସ୍ୱାର୍ଥପରତା ଭାବରେ ସହଯୋଗ ପାଇଁ ସମସ୍ତ ସଭ୍ୟ ଶପଥ ପାଠ କରିଥିଲେ ଶେଷରେ ତୁଳସୀରାମ ମେହେର ଧନ୍ୟବାଦ ଦେଇଥିଲେ।

## ବର୍ଷାକୁ ନଜର ରଖି ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ବନ୍ଦ

**ରାଇଘର (ଅମୃତ ମିଡିଆ) :** ଭାରତୀୟ ପାଣିପାଗ ବିଭାଗ ଭୁବନେଶ୍ୱର ପକ୍ଷରୁ ନବରଙ୍ଗପୁର ଜିଲ୍ଲାରେ ୨୪ ଅଗଷ୍ଟ ୨୦୨୬ ତାରିଖରେ ପ୍ରବଳ ବର୍ଷା ସହିତ ଘଡ଼ଘଡ଼ି ଓ ବଜ୍ରପାତର ସମ୍ଭାବନା ନେଇ ପୂର୍ବାନୁମାନ ଜାରି କରାଯାଇଛି। ଏଥିସହ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ୨୩ ତାରିଖ ରବିବାର ଦିନ ଲଗାତାର ବର୍ଷା ଜାରି ରହିଥିବାରୁ ରାସ୍ତାଘାଟରେ ପାଣି ଜମା, ହୋଇ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ତେଣୁ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ସମ୍ଭାବ୍ୟ ଅଘଟଣକୁ ଏଡ଼ାଇବା ନିମନ୍ତେ ୨୪ ତାରିଖ ସମୋ ବାର ଦିନ ନବରଙ୍ଗପୁର ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ସମସ୍ତ ସରକାରୀ ବିଦ୍ୟାଳୟ, ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଏବଂ ଘରୋଇ ବିଦ୍ୟାଳୟ ଗୁଡ଼ିକୁ ବନ୍ଦ ରଖିବାକୁ ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ଏହି ନିର୍ଦ୍ଦେଶନାମା ଅନୁଯାୟୀ ଉକ୍ତ ଦିନ ଅଙ୍ଗନବାଡ଼ିକେନ୍ଦ୍ର ଓ ବିଦ୍ୟାଳୟ ଗୁଡ଼ିକରେ ଶିଶୁ ଓ ଛାତ୍ରଛାତ୍ରୀଙ୍କ ପାଇଁ ପାଠପଢ଼ା ଓ ଅନ୍ୟାନ୍ୟ ଶିକ୍ଷାକାର୍ଯ୍ୟ ବନ୍ଦ ରହିବ। ତେବେ ବିଦ୍ୟାଳୟର ପ୍ରଧାନଶିକ୍ଷକ/ପ୍ରଧାନଶିକ୍ଷୟିତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଅଙ୍ଗନବାଡ଼ି କର୍ମୀ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ନିଜ ନିଜ ଅନୁଷ୍ଠାନରେ ସାଧାରଣ ଭାବେ ଉପସ୍ଥିତ ରହିବେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରଧାନଶିକ୍ଷକ/ପ୍ରଧାନଶିକ୍ଷୟିତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଅଙ୍ଗନବାଡ଼ି କର୍ମୀ ଓ ସମ୍ପୃକ୍ତ କର୍ମଚାରୀମାନଙ୍କୁ ନିଜ ନିଜ ଅନୁଷ୍ଠାନର ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖିବା ସହିତ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶନାମା ପାଳନ କରିବାକୁ କୁହାଯାଇଛି। ଏହି ସମୟରେ ଅଭିଭାବକମାନେ ନିଜ ନିଜ ଶିଶୁ ଓ ଛାତ୍ରଛାତ୍ରୀଙ୍କୁ ଅନାବଶ୍ୟକ ଭାବେ ଘରୁ ବାହାରକୁ ନପଠାଇବାକୁ ଏବଂ ପାଣିପାଗର ପରିସ୍ଥିତି ଉପରେ ନଜର ରଖିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ବର୍ଷା ସମୟରେ ଜଳଭର୍ତ୍ତି ରାସ୍ତା, ନାଳ, ନଦୀ ଓ ଅନ୍ୟାନ୍ୟ ବିପଦସଙ୍କୁଳ ସ୍ଥାନ ଦେଇ ଯାତାୟାତ ନକରିବାକୁ ମଧ୍ୟ ସତର୍କ କରାଯାଇଛି। ବିଶେଷକରି ବଜ୍ରପାତ ସମୟରେ ଖୋଲା ପଡ଼ିଆ, ଗଛ ତଳେ, ଜଳାଶୟ ନିକଟରେ କିମ୍ବା ଅନ୍ୟାନ୍ୟ ଅସୁରକ୍ଷିତ ସ୍ଥାନରେ ନରହି ନିରାପଦ ସ୍ଥାନରେ ଆଶ୍ରୟ ନେବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି।

## ରାଉରକେଲାରେ 'କିସ୍ନା' ପକ୍ଷରୁ ସ୍ୱତନ୍ତ୍ର ଶୋ'ରୁମ୍

**ରାଉରକେଲା (ଅମୃତ ମିଡିଆ) :** କିସ୍ନା ହୀରା ଏବଂ ସୁନା ଅଳଙ୍କାର ପକ୍ଷରୁ ଓଡ଼ିଶାର ରାଉରକେଲାର ଫେଇ୨ ଆର୍କେଡ୍ ମଲ୍ ରେ ଅବସ୍ଥିତ ଏକ୍ସକ୍ଲୁସିଭ୍ ସୋରୁମ୍ ସେକ୍ଟର -୫ ରେ ଏହାର ସପ୍ତମ ଶୋରୁମ୍‌ର ଉଦ୍ଘାଟନୀ ଉତ୍ସବରେ ଏହାର ପ୍ରତିଷ୍ଠାତା ତଥା ପରିଚାଳନା କରୁଥିବା ଶ୍ରୀ ଘନଶ୍ୟାମ ଢୋଲକିଆ ଉପସ୍ଥିତ ଥିଲେ। ହରିକୃଷ୍ଣ ଗ୍ରୁପ୍‌ର ନିର୍ଦ୍ଦେଶକ କିସ୍ନାର ଖୁଚୁରା ସମ୍ପ୍ରସାରଣରେ ଆଉ ଏକ ମାଇଲଖୁଂଟ ଚିହ୍ନିତ କରିଛନ୍ତି। ଏହି ଗ୍ରାଣ୍ଡ ଲଂଚକୁ ପାଳନ କରିବା ପାଇଁ, କିସ୍ନା ଏହାର ଗ୍ରାହକମାନଙ୍କ ପାଇଁ ସ୍ୱତନ୍ତ୍ର ଉଦ୍ଘାଟନୀ ଅଫର ଆଣିଛି। ହୀରା ଅଳଙ୍କାର ତିଆରି ଶୁଳ୍କ ଉପରେ ୧୦୦% ରିହାତି ଏବଂ ସୁନା ଅଳଙ୍କାର ମେକିଂ ଚାର୍ଜ ଉପରେ ୫୦% ପର୍ଯ୍ୟନ୍ତ ରିହାତି ରହିଛି। ଏହା ବ୍ୟତୀତ, ଗ୍ରାହକମାନେ ସେମାନଙ୍କର ପୁରୁଣା ସୁନା ବିନିମୟ କରିପାରିବେ ଏବଂ ହୀରା ଅଳଙ୍କାର କିଣିବା ଉପରେ ୧୦୫% ମୂଲ୍ୟ ପ୍ରାପ୍ତ କରିପାରିବେ। ହରି କ୍ରିଷ୍ଣା ଗ୍ରୁପ୍ର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଘନଶ୍ୟାମ ଢୋଲକିଆ କହିଛନ୍ତି ରାଉରକେଲାର ବିକଶିତ ଏହି ଶୋରୁମ୍ କିସ୍ନା ପାଇଁ ଏକ ଅର୍ଥପୂର୍ଣ୍ଣ ସୁଯୋଗ ଉପସ୍ଥାପନ କରେ । ଏଠାରେ ଆମର ଲଂଚ ଗ୍ରାହକଙ୍କୁ ଏକ ଉତମ ସେବା ପ୍ରଦାନ କରିବା ସହ ବଜାରରେ ଗୁଣାତ୍ମକ ହୀରା ଏବଂ ସୁନା ଅଳଙ୍କାର ପ୍ରଦାନ କରି ଆମର ରଣନୀତିକୁ ପ୍ରତିଫଳିତ କରେ। ଏହି ଯାତ୍ରାର କେନ୍ଦ୍ରରେ ହର ଘରର ଆମର ଦୃଷ୍ଟିକୋଣ ଅଛି କିସ୍ନା, ପ୍ରତ୍ୟେକ ଭାରତୀୟ ପରିବାରରେ ହୀରା ଅଳଙ୍କାର ଉପଲବ୍ଧ କରାଇବା।

## ୪୧ତମ ସହୀଦ ମଶାଲ ଯାତ୍ରା

### ସଦାଶିବ ତ୍ରିପାଠୀ ୧୯ତମ ଶ୍ରାଦ୍ଧଦିବସ ପାଳନ

**ରାଇଘର (ଅମୃତ ମିଡିଆ) :** ନବରଙ୍ଗପୁର ଜିଲ୍ଲା ପାପଡ଼ା ହାଣ୍ଡି ଠାରେ ଅବସ୍ଥିତ ସହୀଦ ସ୍ମୃତି ଠାରେ ବହୁ ଆଡମ୍ବର ସହକ ସହିଦ ଦିବସ ପାଳିତ ହୋଇଯାଇଛି। ୧୯୪୨ ମସିହା ଅଗଷ୍ଟ ୨୪ ତାରିଖ ଆଜିର ଦିନରେ ପାପଡାହାଣ୍ଡି ଟୁରି ନଦୀ କୂଳରେ ଇଂରେଜମାନଙ୍କ ଅତର୍କିତ ଗୁଳିମାଡ଼ରେ ୧୯ ଜଣ ସ୍ୱାଧୀନତା ସଂଗ୍ରାମୀ ସହିଦ ହୋଇଥିଲେ। ସେହି ସହିଦ ମାନଙ୍କ ସ୍ମୃତିରେ ଏହି ସହିଦ ଦିବସ ପାଳିତ ହୋଇଆସୁଛି। ମଶାଲ ପହଞ୍ଚିବା ପରେ ଅତିଥି ମାନଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା। ଆଜି ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବର୍ଷା ସତ୍ୱେ ଏକ ଶୋଭାଯାତ୍ରାରେ ସହିଦ ମିନାରଠାରେ ମଶାଲ ପହଞ୍ଚିବା ପରେ ସ୍ତମ୍ଭଠାରେ ମଶାଲକୁ ସ୍ଥାପନ କରାଯାଇଥିଲା। ପରେ ଟୁରି ନଦୀ କୂଳରେ ଅତିଥିମାନଙ୍କ ଦ୍ୱାରା ସହିଦ ମାନଙ୍କ ଉଦ୍ଧେଷ୍ୟରେ ତିଳତର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରା ଯାଇଥିଲା। ପୋଲିସ ପ୍ରଶାସନ ତରଫରୁ ସହିଦ ମାନଙ୍କ ଉଧେଶରେ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା। ସର୍ବ ଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ଅତିଥିମାନଙ୍କ ଦ୍ୱାରା ସ୍ୱାଧୀନତା ଆନ୍ଦୋଳନରେ ନବରଙ୍ଗପୁର ଜିଲ୍ଲା ଓ ପାପଡାହାଣ୍ଡି ଗୁଳିକାଣ୍ଡର ଭୂମିକା ସମ୍ପର୍କରେ ବର୍ଣ୍ଣନା କରାଯିବା ସହିତ ସହିଦ ମାନଙ୍କ ସ୍ମୃତି ଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ଫୁଲଦେବି ନେତମ୍, ସାବିତ୍ରୀ ମନୋଜ ମାଣ୍ଡବୀ ବିଧାୟକ ଭାନୁ ପ୍ରତାପପୁର ଛତିଶଗଡ଼, କନକ ଧ୍ରୁବ ବିଧାୟକ ସାଂସଦ ଛତିଶଗଡ଼, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ, ପୁର୍ବତନ ବିଧାୟକ ସଦନ ନାଏକ, ରାଜ୍ୟ କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ପୁର୍ବତନ ନବରଙ୍ଗପୁର ପୌର ପରିଷଦ ଅଧକ୍ଷା ମଞ୍ଜୁଳା ମାଝୀ, ନବରଙ୍ଗପୁର ଭାରତୀୟ ଜନତା ପାର୍ଟି ସଭାପତି କୁଞ୍ଜ ବିହାରୀ ଦାସ, ଅଖିଳ ଭାରତୀୟ କଂଗ୍ରେସ ସଭ୍ୟା ମନିଷା ତ୍ରିପାଠୀ, ନବରଙ୍ଗପୁର ଜିଲ୍ଲା କଂଗ୍ରେସ ସଭାପତି ଡ ଲିପିକା ମାଝୀ, ନବରଙ୍ଗପୁର ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ସହିଦ ସ୍ମୃତି ସଂଘ ରାଜ୍ୟ ସଭାପତି ମୁନ୍ନା ତ୍ରିପାଠୀ, ମାତୃଆଶ୍ରମ ଅଧକ୍ଷା କାଦମିନି ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପରିଶେଷରେ ସହିଦ ପରିବାର ମାନଙ୍କୁ ଉପଢ଼ୋକନ ଦେଇ ସମ୍ମାନିତ କରାଯାଇଥିଲା। ତା ସହ କିନ୍ନର ସଂଘକୁ ସମ୍ମାନିତ କରାଯାଇଥିଲା।







# ଶୋ'ରୁମ୍ ଭିତରୁ ମାଳିକାଣୀଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର

## ହତ୍ୟା ଅଭିଯୋଗ ଆଣିଲେ ଭାଇ; ସ୍ୱାମୀ ଗିରଫ

**ବାରିପଦା /ସାହାରପଡା(ଅମୃତମିଡିଆ):** କେନ୍ଦୁଝର ଟାଉନ ଥାନା ଅଧୀନ ଘୁଟୁରୁ ଅଞ୍ଚଳର ଏକ ଶୋ'ରୁମ ଭିତରୁ ଜଣେ ମହିଳାଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାରକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ମୃତା ହେଲେ ଅର୍ଚ୍ଚନା ପରିଡ଼ା। ସେ ଉକ୍ତ ବ୍ୟବସାୟିକ ପ୍ରତିଷ୍ଠାନର ମାଲିକ ଅଭିମନ୍ୟୁ ପରିଡ଼ାଙ୍କ ସ୍ତ୍ରୀ ବୋଲି ଜଣାପଡ଼ିଛି। ଅର୍ଚ୍ଚନାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ଭାଇ ଅଜୟ କୁମାର ବାରିକ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଅର୍ଚ୍ଚନାଙ୍କ ସ୍ୱାମୀ ଅଭିମନ୍ୟୁ ପରିଡ଼ାଙ୍କୁ ଗିରଫ କରି ଘଟଣାର ତଦନ୍ତ ଚଳାଇଛି। ଇନସ୍ୟୁରାନ୍ସ ଅର୍ଥ ଲୋଭରେ ଅଭିମନ୍ୟୁ ତାଙ୍କ ପତ୍ନୀଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଥିବାର କୁହାଯାଉଛି । ତେବେ ଘଟଣାର ପ୍ରକୃତ କାରଣ ଓ ମୃତ୍ୟୁର ସଠିକ ପରିସ୍ଥିତି ତଦନ୍ତ ପରେ ସ୍ପଷ୍ଟ ହେବ। ସୂଚନା ଅନୁଯାୟୀ, ରବିବାର ଅଭିମନ୍ୟୁ ନିଜ



ସ୍ତ୍ରୀ ଅର୍ଚ୍ଚନା ଶୋରୁମ ଭିତରେ ମୃତ ଅବସ୍ଥାରେ ପଡ଼ିଥିବା ନେଇ ଥାନାକୁ ଖବର ଦେଇଥିଲେ। ସୂଚନା ପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ପରିବାର ପକ୍ଷରୁ ଅଭିଯୋଗ ହୋଇଛି ଯେ, ଅଭିମନ୍ୟୁ ନିୟମିତ ମଦ୍ୟପାନ କରି ଅର୍ଚ୍ଚନାଙ୍କୁ ମାରପିଟ୍ କରୁଥିଲେ। ଅର୍ଚ୍ଚନା ଓ ଅଭିମନ୍ୟୁ ବଣିଆପାଟ ଅଞ୍ଚଳରେ ଏକ ଭଡ଼ା ଘରେ ରହୁଥିଲେ। ଅର୍ଚ୍ଚନାଙ୍କୁ ହତ୍ୟା କରିବା ପରେ ମୃତଦେହକୁ ଶୋ'ରୁମ ଭିତରେ ଆଣି ରଖାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ଏହି ଅଭିଯୋଗର ସତ୍ୟତା ପୋଲିସ ତଦନ୍ତରୁ ଜଣାପଡ଼ିବ। ଘଟଣାସ୍ଥଳରୁ ଏକ ତଥାକଥିତ ସୁଇସାଇଡ ନୋଟ୍ ମିଳିଥିବା ମଧ୍ୟ ସୂଚନା ମିଳିଛି। ଏଥିରେ ସ୍ୱାମୀ ଦାୟୀ ନୁହନ୍ତି ବୋଲି ଉଲ୍ଲେଖ ଥିବା କୁହାଯାଉଛି। ତେବେ ଏହି ଲେଖାକୁ ନେଇ ଅର୍ଚ୍ଚନାଙ୍କ ପରିବାର ଆପତ୍ତି ଉଠାଇବା ସହ ଏହାର ସତ୍ୟତା ନେଇ ସନ୍ଦେହ ପ୍ରକାଶ କରିଛନ୍ତି। ପୋଲିସ ଏହି ନୋଟକୁ ମଧ୍ୟ ତଦନ୍ତର ଅଂଶ କରିଥିବା ଜଣାପଡ଼ିଛି। ଘଟଣାକୁ ନେଇ ଘୁଟୁରୁ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିବା ବେଳେ ଲୋକେ ଅଭିଯୁକ୍ତଙ୍କୁ ଆକ୍ରମଣ କରିଥିବା ମଧ ଜଣାପଡ଼ିଛି। ୨୦୧୪ରେ ଅଭିମନ୍ୟୁ ମୟୂରଭଞ୍ଜ ଜିଲା କରଞ୍ଜିଆ ଅଞ୍ଚଳର ଅର୍ଚ୍ଚନା ବାରିକଙ୍କୁ ବିବାହ କରିଥିଲେ। ଉଭୟଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଥିବା ଜଣାପଡ଼ିଛି। ଘୁଟୁରୁରେ 'ଅର୍ଚ୍ଚନା ଟ୍ରେଡର୍ସ' ଓ 'ଶୁଭମ ମୋଟର୍ସ' ନାମରେ ସେମାନଙ୍କ ବ୍ୟବସାୟ ରହିଛି। ଏନେଇ ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି ଯେ, ଘଟଣାରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ଅନ୍ୟପକ୍ଷରେ କେନ୍ଦୁଝର ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇଙ୍କ ସୂଚନା ଅନୁଯାୟୀ, ଅର୍ଚ୍ଚନାଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ଆଧାରରେ ଟାଉନ ଥାନାରେ ହତ୍ୟା ମାମଲା ରୁଜୁ ହୋଇଛି। ଘଟଣାର ସମସ୍ତ ଦିଗକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି।

# ଘର ଉପରେ ପଡ଼ିଲା ବିରାଟ ଅଶ୍ୱତ୍‌ଥ ବୃକ୍ଷ

## ଅଳ୍ପକେ ବର୍ତ୍ତିଲେ ଦୁଇ ପରିବାର





**ବାରିପଦା /ସାହାରପଡ଼ା (ଅମୃତମିଡିଆ):** କେନ୍ଦୁଝର ଜିଲ୍ଲା, ସାହାରପଡା ବ୍ଲକ, ଦୁବେଇପାଣ୍ଟ ଗ୍ରାମରେ ଗତକାଲି ରାତିରେ ଘଟିଛି ଅଘଟଣ। ଘର ନିକଟରେ ଥିବା ଏକ ବିରାଟ ଅଶ୍ୱତ୍ଥ ବୃକ୍ଷ ଉପୁଡ଼ି ଟାଇଁୟା ନାଏକ ଓ ମାଡୁ ନାଏକଙ୍କ ଦୁଇଟି ଘର ଉପରେ ପଡ଼ିଯାଇଛି। ଘଟଣା ସମୟରେ ପରିବାର ଲୋକେ ଘରେ ଶୋଇଥିବା ବେଳେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଗଛଟି ଘର ଉପରେ ପଡ଼ିବା ସମୟରେ ପ୍ରବଳ ଶବ୍ଦ ହୋଇଥିଲା। ଏହି ଶବ୍ଦ ଶୁଣି ଘରେ ଥିବା ଲୋକେ ତୁରନ୍ତ ଉଠି ବାହାରକୁ ଚାଲି ଆସିଥିଲେ। ଫଳରେ ବଡ଼ଧରଣର ଅଘଟଣରୁ ପରିବାର ଲୋକେ ରକ୍ଷା ପାଇଥିବା ଜଣାପଡ଼ିଛି। ତେବେ ଗଛ ପଡ଼ିବା ଯୋଗୁଁ ଘରର ଆଜବେଷ୍ଟସ୍ ସମ୍ପୂର୍ଣ୍ଣ ଭାଙ୍ଗି ଚୂରମାର ହୋଇଯାଇଛି। ଖବର ପାଇ ସାହାରପଡା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ଗଛରେ ମହୁମାଛିଙ୍କ ବସା ଥିବାରୁ ମହୁମାଛି ଉଡୁଥିବା ଦେଖି ବୃକ୍ଷ ନିକଟକୁ ଯିବା ସମ୍ଭବ ହୋଇନଥିଲା, ପରେ ଗଛରଟିକୁ କାଟି ସଫା କରାଯାଇଛି । ଏହି ଦୁଇ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ଘର ରହିବା ଯୋଗ୍ୟ ନଥିବାରୁ ବର୍ତ୍ତମାନ ସାହିର ଅନ୍ୟ ଏକ ସ୍ଥାନରେ ଆଶ୍ରୟ ନେଇଛନ୍ତି। ତେଣୁ ପ୍ରଶାସନ ପକ୍ଷରୁ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରିବା ସହ ସରକାରୀ ସହାୟତା, ଶୁଖିଲା ଖାଦ୍ୟ ଓ ଆଶ୍ରୟସ୍ଥଳର ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଏଥିସହ ଯୋଗ୍ୟ ପରିବାରଙ୍କୁ ଆବାସ ଯୋଜନାରେ ସାମିଲ କରିବାକୁ ମଧ୍ୟ ସାଧାରଣରେ ଦାବି ଉଠିଛି।

# ସଟର ତାଡ଼ି ଏଟିଏମ୍ ଲୁଟ୍ ଉଦ୍ୟମ

**ବାରିପଦା /କରଞ୍ଜିଆ(ଅମୃତମିଡିଆ):** କରଞ୍ଜିଆ ବ୍ଲକ ଅନ୍ତର୍ଗତ ତାଟୋ ମଝିବଜାର ନିକଟସ୍ଥ ଇଣ୍ଡିକ୍ୟାଶ୍ ଏଟିଏମ୍ କାଉଣ୍ଟରରେ ଲୁଟ୍ ଉଦ୍ୟମ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଜଣେ ମୁହଁ ଢାଙ୍କିଥିବା ଦୁର୍ବୃତ୍ତ ଶାବଳ ସାହାଯ୍ୟରେ ଏଟିଏମ୍ କାଉଣ୍ଟରର ସଟର ତାଡ଼ି ଭିତରକୁ ପଶିବା ସହ ମେସିନ୍ ଭାଙ୍ଗି ଟଙ୍କା ଲୁଟିବାକୁ ଉଦ୍ୟମ କରିଥିଲେ। ତେବେ ମେସିନ୍ ଭାଙ୍ଗିବାରେ ସଫଳ ନହୋଇ ଦୁର୍ବୃତ୍ତ ଖାଲି ହାତରେ ଫେରିଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ତାଟୋ ମଝିବଜାର ନିକଟରେ ଜ୍ୟୋତିର୍ମୟ ମହାନ୍ତଙ୍କଠାରୁ ଭଡ଼ାରେ ନିଆଯାଇଥିବା ଗୃହରେ ଯଶିପୁର ଅଞ୍ଚଳର ଗୁରୁପ୍ରସାଦ ମହାନ୍ତଙ୍କ ଦ୍ୱାରା ପ୍ରାୟ ୪ ବର୍ଷ ଧରି ଏହି ଇଣ୍ଡିକ୍ୟାଶ୍ ଏଟିଏମ୍ କାଉଣ୍ଟର ଚାଲିଆସୁଛି। ଆଜି ଭୋର ସମୟରେ ମୁହଁ ଢାଙ୍କିଥିବା ଜଣେ ଦୁର୍ବୃତ୍ତ ଶାବଳରେ ସଟର ତାଡ଼ି ଭିତରକୁ ପ୍ରବେଶ କରିଥିଲେ। ପରେ ଏଟିଏମ୍ ମେସିନ୍ ଭାଙ୍ଗିବାକୁ ଉଦ୍ୟମ କରିଥିଲେ ମଧ ସଫଳ ହୋଇନଥିଲେ। ଘଟଣାର ସମସ୍ତ ଦୃଶ୍ୟ ଏଟିଏମ୍ କାଉଣ୍ଟରରେ ଲାଗିଥିବା ସିସିଟିଭି କ୍ୟାମେରାରେ କୈଦ ହୋଇଛି। ଏନେଇ ଲିଖିତ ଅଭିଯୋଗ



ପରେ କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଥିଲେ। ପରେ ସାଇଣ୍ଟିଫିକ୍ ଟିମ୍‌କୁ ଡକାଇ ବିଭିନ୍ନ ପ୍ରମାଣ ସଂଗ୍ରହ କରାଯାଇଛି। ଏନେଇ କରଞ୍ଜିଆ ଥାନାରେ ୩୨୧/୨୬ ନମ୍ବରରେ ମାମଲା ରୁଜୁ ହୋଇଛି। ସିସିଟିଭି ଫୁଟେଜ୍ ଆଧାରରେ ଦୁର୍ବୃତ୍ତଙ୍କୁ ଚିହ୍ନଟ କରିବା ସହ ଗିରଫ କରିବାକୁ ପୁଲିସ ତଦନ୍ତ ଜାରି ରଖିଛି।

# ସାଇକେଲରୁ ଖସି ଯୁବକ ମୃତ

**ବାରିପଦା(ଅମୃତମିଡିଆ):** ରାଇରଙ୍ଗପୁର ପୋଲିସ ଜିଲ୍ଲା ଅନ୍ତର୍ଗତ ଗୋରୁମହିଷାଣୀ ଥାନା, ବିଜାତଳା ବ୍ଲକ, ସାନବାଣ୍ଡା ଗ୍ରାମର ଅଲେଖ ଚନ୍ଦ୍ର ଧଳ ଘରର କୌଣସି କାମ ପାଇଁ ସାଇକେଲ ଯାଉଥିବାବେଳେ ରାସ୍ତାରେ ସାଇକେଲରୁ ଖସି ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଘଟଣାଟି ରବିବାର ସକାଳେ ଘଟିଥିଲା । ପରେ ପରିବାର ଲୋକେ ତାଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆଣିଥିଲେ । ରାଇରଙ୍ଗପୁର ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ଆଜି ଗୋରୁମହିଷାଣି ପୋଲିସ ପକ୍ଷରୁ ନଂ. ୦୯/୨୦୨୬ ମୂଳେ ଏକ ମାମଲା ରୁଜୁ କରାଯାଇ ମୃତକଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି ।

# ମାଦଳ ମହୁରୀ ଉତ୍ସବ ଉପରେ ଆଲୋଚନା ଓ ସମ୍ବର୍ଦ୍ଧନା ପର୍ବ





**ବାରିପଦା(ଅମୃତମିଡିଆ):** ଦୁର୍ଯ୍ୟ - ସରସ୍ୱତୀ ସାଂସ୍କୃତିକ ପରିଷଦ ଓ ସୌଖୀନ କଳାକାର ଆନୁକୂଲ୍ୟରେ ଚଳିତ ବର୍ଷ ୩ ଦିନିଆ ମାଦଳ ମହୁରୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ଉତ୍ସବର ମୁଖ୍ୟ ଆୟୋଜକ କ୍ଷୀରୋଦ ବିହାରୀ ସିଟଙ୍କ ରଚିତ ୫ଟି ନାଟକ ମଞ୍ଚସ୍ଥ ହୋଇଥିଲା ଓ ସମସ୍ତ ନାଟକର ନିର୍ଦ୍ଦେଶକ, କଳାକାର ସଂଗୀତ ନିର୍ଦ୍ଦେଶକ ଓ ଅନ୍ୟ ସମସ୍ତଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା ଓ ଗତ ସନ୍ଧ୍ୟାରେ ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ସମସ୍ତ ନାଟକର କଳାକାର, ନିର୍ଦ୍ଦେଶକ ଓ ସହଯୋଗୀ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ପରିଷଦର ପ୍ରତିଷ୍ଠାତା ଶ୍ରୀ ସିଟ ସ୍ୱାଗତ ଅଭିଭାଷଣରେ ଉତ୍ସବକୁ ସଫଳ କରିଥିବା ସମସ୍ତ ନାଟ୍ୟସଂସ୍ଥାର ସଦସ୍ୟ ମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଆଗାମୀ ବର୍ଷରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ଓ ଚଳିତ ବର୍ଷର ଉତ୍ସବ ଉପରେ ଉପସ୍ଥିତ ନିର୍ଦ୍ଦେଶକ ଓ କଳାକାର ମାନେ ନିଜନିଜର ମତପୋଷଣ କରିଥିଲେ ଓ ଏହି ଅବସରରେ ଉତ୍ସବର ସଫଳତା ପାଇଁ ଉଲ୍ଲେଖନୀୟ ଅବଦାନ ପାଇଁ ଅଭିନେତା ସୋମନାଥ ସିଂହ, ରାଜେଶ ଦାଶ ଓ ଜ୍ଞାନରଞ୍ଜନ ପଣ୍ଡା ଏବଂ ଉଦୀୟମାନ କଣ୍ଠଶିଳ୍ପୀ ସରନ୍ୟା ସାହୁ, ମୋନାଲିସା ସେଠି ଓ ଆଦ୍ୟାଶା ଗଜେନ୍ଦ୍ର ମହାପାତ୍ରଙ୍କୁ ଅତିଥି ୱାର୍ଡ ନଂ ୧୭ ର କାଉନସିଲର କରୁଣାକର ହେମ୍ବ୍ରମ ଓ ବାରିପଦା କଳାକାର ପରିବାରର ସଭାପତି ତଥା ବରିଷ୍ଠ ଅଭିନେତା ସନ୍ତୋଷ କୁମାର ମହାନ୍ତିଙ୍କ ହାତରେ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା ଓ ମୁରଲୀଧର ବେହେରା, ଅଶୋକ ପଟ୍ଟନାୟକ, ବରେନ୍ଦ୍ର ମହାନ୍ତି, ରବି ନାରାୟଣ ମହାପାତ୍ର ଓ ଅନିରୁଦ୍ଧ ଜେନା କାର୍ଯ୍ୟକ୍ରମର ପରିଚାଳନା କରିଥିବାବେଳେ ସୌଖିନ କଳାକାରର ସମ୍ପାଦକ ଅନିଲ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଲାୟନ୍ସ କ୍ଲବ ପକ୍ଷରୁ ଚିତ୍ରକଳା ପ୍ରତିଯୋଗିତା

**ବାରିପଦା (ଅମୃତମିଡିଆ):** ପ୍ରତିବର୍ଷର



ପରମ୍ପରାକୁ ଅବ୍ୟାହତ ରଖି ଲାୟନ୍ସ କ୍ଲବ ବାରିପଦା ପକ୍ଷରୁ  ବାରିପଦା ଠାରେ ବାର୍ଷିକ ଆନ୍ତଃ-ବିଦ୍ୟାଳୟ ଚିତ୍ରକଳା ପ୍ରତିଯୋଗିତା ସଫଳତାର ସହ ଆୟୋଜିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ୧୩ଟି ବିଦ୍ୟାଳୟରୁ ୪୩ ଜଣ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଚଳିତ ବର୍ଷ ପ୍ରତିଯୋଗିତାରେ ଏକ ନୂତନ ଓ ସୃଜନଶୀଳ ବିଷୟବସ୍ତୁ ଉପରେ ଚିତ୍ରାଙ୍କନର ସୁଯୋଗ ଦିଆଯାଇଥିଲା । ଏହି ଅବସରରେ ମୟୂରଭଞ୍ଜର ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚିତ୍ରକଳା ପିଲାଙ୍କର ସୃଜନଶୀଳତା ବୃଦ୍ଧି କରିଥାଏ ବୋଲି କହିଥିଲେ । ଅଂଶଗ୍ରହଣକାରୀ ବିଦ୍ୟାଳୟ ଗୁଡ଼ିକର ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ମଧ ଉପସ୍ଥିତ ରହି ପ୍ରତିଯୋଗିତାର ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ । ପ୍ରତିଯୋଗିତାରେ ସଞ୍ଜନା ମହାନ୍ତ ପ୍ରଥମ, ଦେବାଶିଷ ଗିରି ଦ୍ୱିତୀୟ ଏବଂ  ଇନ୍ଦ୍ରନୀଲ ଭୌମିକ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଲାୟନ୍ସ କ୍ଲବର ବରିଷ୍ଠ ତଥା ପୂର୍ବତନ ସଦସ୍ୟ ମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ପ୍ରତିଯୋଗିତାର ବିଜେତା ମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାଯାଇଛି

## ଏମ୍‌ଏମ୍‌ଡିଆର ଆଇନ ରଦ୍ଦ ଦାବି

# ଇଣ୍ଡି ବ୍ଲକ୍, ମୟୂରଭଞ୍ଜ ପକ୍ଷରୁ ଆଜି ପ୍ରତିରୋଧ ଦିବସ

**ବାରିପଦା(ଅମୃତମିଡିଆ):** ଓଡ଼ିଶାର ସ୍ୱାର୍ଥ ବିରୋଧୀ ଖଣି ଓ ଖଣିଜ ଜାତ ଦ୍ରବ୍ୟ ବିକାଶ ଏବଂ ନିୟନ୍ତ୍ରଣ ଆଇନ୍ ( ଏମ୍ ଏମ୍ ଡି ଆର୍)-୨୦୨୬ ରଦ୍ଦ ଦାବିରେ ସମଗ୍ର ଓଡ଼ିଶାରେ ୨୫ ତାରିଖ ମଙ୍ଗଳବାର ପ୍ରତିରୋଧ ଦିବସ ପାଳନ କରିବାକୁ ରାଜ୍ୟ ଇଣ୍ଡି ବ୍ଲକ୍ ର ନିଷ୍ପତ୍ତି କ୍ରମେ, ଆଜି ଜିଲ୍ଲା କଂଗ୍ରେସ (ପୂର୍ବ) କାର୍ଯ୍ୟାଳୟ, ବାରିପଦା ଠାରେ ଇଣ୍ଡି ବ୍ଲକ୍, ମୟୂରଭଞ୍ଜର ସହଯୋଗୀ ଦଳ କଂଗ୍ରେସ, ସିପିଆଇ ଓ ସିପିଏମ ପକ୍ଷରୁ ମିଳିତ ବୈଠକ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଂକ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ପୁଞ୍ଜିପତି ମାନଂକ ଲାଭକୁ ବହୁଗୁଣିତ କରିବା ଉଦ୍ଦେଶ୍ୟରେ ଏହି ଆଇନ୍ କୁ କାର୍ଯ୍ୟକାରୀ କରିବାକୁ କେନ୍ଦ୍ରର ବିଜେପି ସରକାର ସଂଶୋଧନ ଆଣିଛନ୍ତି। ଏହା



କାର୍ଯ୍ୟକାରୀ ହେଲେ ରାଜ୍ୟର ଖଣି ସମ୍ପଦ, ରାଜସ୍ୱ ଅଧିକାର ଓ ସଂଘୀୟ ବ୍ୟବସ୍ଥାର ଅଧିକାର ଉପରେ ଭୟଙ୍କର ପ୍ରଭାବ ପକାଇବା ସହ ଓଡ଼ିଶାର ଆର୍ଥିକ ସ୍ଥିତି ଗଭୀର ସମୁଦ୍ରକୁ ଚାଲିଯିବ। ଅଧିକନ୍ତୁ, କର୍ପୋରେଟ୍ ଲୁଣ୍ଠନ ଏବଂ ଆଦିବାସୀ ଶୋଷଣ ତୀବ୍ର ଭାବେ ବୃଦ୍ଧି ପାଇବ ବୋଲି ଆଲୋଚନାରେ ଅଂଶଗ୍ରହଣ କରି ସିପିଆଇ ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର, ସିପିଏମ ଜିଲ୍ଲା ସମ୍ପାଦକ ସାଥୀ ମୃତ୍ୟୁଞ୍ଜୟ ବେହେରା, ରବି ଗୋସ୍ୱାମୀ, ଅମଲ ଦେ, କଂଗ୍ରେସର ଜ୍ୟୋତି ପ୍ରକାଶ ରଥ, ଶାନ୍ତନୁ କୁମାର ପାଲ୍, ବନମାଳୀ ବାରିକ ପ୍ରମୁଖ କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସରୁ ସୁସ୍ମିତା ଘୋଷାଲ, ଭାରତୀ ପାତ୍ର, ଉତ୍ତମ ବେହେରା, ଭୁବନେଶ୍ୱରୀ ଜେନା, ଏସ୍ କେ ଜାଦବ, ଚୈତନ୍ୟ ହାଁସଦା, ସୁନାରାମ ସୋରେନ୍, ସିପିଆଇରୁ ଶ୍ରୀକାନ୍ତ ସାମଲ, କାହ୍ନୁଚରଣ ବେହେରା, ମୁକେଶ ମହାନ୍ତ, ମହେଶ୍ୱର ବେହେରା, ତରୁଣ କୁମାର ମହାନ୍ତ, ସିପିଏମର ହରିଶ୍ଚନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଖାଦ୍ୟ ସୁରକ୍ଷାରୁ ବଂଚିତ ପରିବାର, ମୁଖ୍ୟଙ୍କୁ ମିଳୁନି ସାମାଜିକ ସୁରକ୍ଷା

**ବାରିପଦା /ଉଦଳା(ଅମୃତମିଡିଆ):** ଯେ ହେଉଛି ଉଦଳା ବ୍ଲକର କୋଚିଲାଡ଼ିହା ପଂଚାୟତ ଅନ୍ତର୍ଗତ ଧୁଳିନ୍ଦା ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ନିରଂଜନ ନାଏକଙ୍କର ପରିବାର ଖୁବ୍ ଦୁଃଖ ଓ ଯନ୍ତ୍ରଣା



ମଧ୍ୟରେ ଦିନବିତାଇବାକୁ ବାଧ୍ୟ ହେଉଥିବାର ଖବର ଆମର ହସ୍ତଗତ ହୋଇଛି । ଦିନମଜୁରିଆ ଭାବରେ କାମ କରି ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଏହି ପରିବାରର ସମସ୍ତ ସଦସ୍ୟ ଖାଦ୍ୟ ସୁରକ୍ଷାରୁ ବଂଚିତ ଥିବାର କଥା ନିରଂଜନ ଗଣମାଧ୍ୟମକୁ ଜଣାଇଛନ୍ତି । ପରିବାରର ମୋଟ ସଦସ୍ୟ ୭ଜଣ ଥିବା ବେଳେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇପାରୁନଥିବାର ନିରଂଜନ କହିଛନ୍ତି । ସେହିପରି ଆଧାର କାର୍ଡ଼ରେ ଉଲ୍ଲେଖ ଥିବା ଜନ୍ମ ତାରିଖ ଅନୁସାରେ ନିରଂଜନଙ୍କୁ ବର୍ତ୍ତମାନ ବୟସ ୬୫ ବର୍ଷ ଛୁଇଁଲା । କିନ୍ତୁ ସାମାଜିକ ସୁରକ୍ଷା ଯୋଜନାରେ ସେ ଭତ୍ତା ପାଇପାରୁନଥିବାର ଜଣାଇଛନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଇଥିଲେ ମଧ କେହି ଶୁଣୁନଥିବାର ସେ ଅଭିଯୋଗ କରିଛନ୍ତି । ଏପରିକି କିଛି ମାସ ପୂର୍ବରୁ ନିରଂଜନଙ୍କ ମା' ପୁନି ନାଏକଙ୍କର ଦେହାନ୍ତ ହେଲା । ଏତିକିବେଳେ ଶବ ସତ୍କାର ପାଇଁ ହରିଶ୍ଚନ୍ଦ୍ର ଟଙ୍କା ମଧ ମିଳିନଥିଲା ବୋଲି ନିରଂଜନ କହିଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏହାର ତଦନ୍ତ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

# ରାଇରଙ୍ଗପୁର କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

**ବାରିପଦା(ଅମୃତମିଡିଆ):** ରାଇରଙ୍ଗପୁର କଲେଜର ଶକ୍ତିଶ୍ରୀ ମହିଳା ସଶକ୍ତିକରଣ ସେଲ ପକ୍ଷରୁ +୩ ଛାତ୍ରୀ ମାନଙ୍କ ପାଇଁ ଆୟୋଜିତ ୬ ଦିନିଆ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । କଲେଜର ଅଧ୍ୟକ୍ଷ ମନୋହର ବାରିକଙ୍କ ନେତୃତ୍ୱ ଏବଂ ଶକ୍ତିଶ୍ରୀ ସଂଯୋଜିକା ଡକ୍ଟର ମେନକା ମହାକୁଡ଼ଙ୍କ ସୁପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କୁ



ବିପଦରୁ ରକ୍ଷା ପାଇବା ପାଇଁ ବିଭିନ୍ନ କୌଶଳ, ଶାରୀରିକ ଦକ୍ଷତା ଏବଂ ପ୍ରତିରକ୍ଷା କୌଶଳଗୁଡ଼ିକରେ ପ୍ରଶିକ୍ଷଣ ଦିଆଯାଇଥିଲା । କେବଳ ଶାରୀରିକ ସୁରକ୍ଷା ନୁହେଁ, ବରଂ ଛାତ୍ରୀମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ସଚେତନତା ଏବଂ ମାନସିକ ଦୃଢ଼ତା ବୃଦ୍ଧି କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ଅବସର ରେ ସମସ୍ତ ଅଂଶଗ୍ରହଣକାରୀ ଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।ନେବାକୁ ଦାବି ହେଉଛି। ବର୍ତ୍ତମାନ ଛାତ୍ରଙ୍କ ଚିକିତ୍ସା ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚାଲିଥିବାର ଜଣାପଡ଼ିଛି।

## ଜବରଦଖଲ ହଟାଇବାରେ ପାତରଅନ୍ତର ଅଭିଯୋଗ

# ବେଆଇନ ପାର୍କିଂରେ ବଢୁଛି ଟ୍ରାଫିକ ସମସ୍ୟା

**ବାରିପଦା /କରଞ୍ଜିଆ(ଅମୃତମିଡିଆ):**



କରଞ୍ଜିଆ ସହରରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ସହରର ମୁଖ୍ୟତଃ ଦୁଇଟି ବ୍ୟସ୍ତବହୁଳ ରାସ୍ତା—ବଜାର ରାସ୍ତା ଓ ବଡ଼ଦାଣ୍ଡ ରାସ୍ତା। ଉଭୟ ରାସ୍ତା ମାଣିକ ଛକରେ ମିଶିବା ପରେ ଗୋଲେଇ ବାଇପାସ୍ ନିକଟରେ ସମାପ୍ତ ହୋଇଛି। ଏହି ରାସ୍ତାଗୁଡ଼ିକରେ ଯାତାୟାତ ସୁଗମ କରିବା ଏବଂ ଟ୍ରାଫିକ ସମସ୍ୟା ହ୍ରାସ କରିବା ଲକ୍ଷ୍ୟରେ ପ୍ରଶାସନ ପକ୍ଷରୁ ଗୋଲେଇ ବାଇପାସ୍‌ଠାରୁ ଏନ୍ଏସି ଛକ ପର୍ଯ୍ୟନ୍ତ  ଜବରଦଖଲ ହଟାଯାଇଛି। ତେବେ ଏନ୍ଏସି ଛକଠାରୁ ସିନେମାହଲ ଛକ ଏବଂ ବଡ଼ଦାଣ୍ଡ ରାସ୍ତାରେ ରହିଥିବା ଜବରଦଖଲ ଏପର୍ଯ୍ୟନ୍ତ ହଟାଯାଇନଥିବାରୁ  ପ୍ରଶାସନର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ବଜାର ରାସ୍ତାର ବିଭିନ୍ନ ସ୍ଥାନରେ ବ୍ୟସ୍ତ ସମୟରେ ରାସ୍ତା ଉପରେ ଗାଡ଼ି ପାର୍କିଂ କରାଯାଉଛି। ଫଳରେ ସ୍କୁଲ, କଲେଜ ଯାଉଥିବା ଗାଡ଼ି ସହ ଆମ୍ବୁଲାନ୍ସ ମଧ ଯାତାୟାତରେ ବାଧାପ୍ରାପ୍ତ ହେଉଛି ।ରାସ୍ତା ଉପରେ ଅନିୟମିତ ପାର୍କିଂ ଯୋଗୁଁ ଦୁର୍ଘଟଣା ମଧ୍ୟ ବଢୁଥିବା ଅଭିଯୋଗ ହୋଇଛି। ଶୁକ୍ରବାର ସିନେମାହଲ ଛକରେ ରାସ୍ତା ଉପରେ ଗାଡ଼ି ପାର୍କିଂ ଯୋଗୁଁ ଘଟିଥିବା ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ଜୀବନ ଯାଇଥିବା ଘଟଣା ପରେ ସହରବାସୀଙ୍କ ମଧ୍ୟରେ ଉଦ୍ ?ବେଗ ପ୍ରକାଶ ପାଇଛି। ତେଣୁ ସମସ୍ତ ମୁଖ୍ୟ ରାସ୍ତାରୁ ଜବରଦଖଲ ହଟାଇବା ସହ ଅନିୟମିତ ପାର୍କିଂ ଉପରେ କଡ଼ା କଟକଣା ଲଗାଇବାକୁ ଦାବି ହେଉଛି।

# ଚୋରା କାଠ ବୋଝେଇ ଭ୍ୟାନ୍ ଜବତ



**ବାରିପଦା(ଅମୃତମିଡିଆ):** ମୋରଡା ବ୍ଲକ୍, କେନ୍ଦୁଛାଟିଆ ଗ୍ରାମ ନିକଟରୁ ବିଳମ୍ବିତ ରାତିରେ ଏକ ଚୋରା କାଠ ବୋଝେଇ ପିକଅପ ଭ୍ୟାନକୁ ଜବତ କରିଛି ବନବିଭାଗ । କେନ୍ଦୁଛାଟିଆ ରାସ୍ତା ଦେଇ ଏକ ପିକଅପ ଭ୍ୟାନରେ କାଠଗଣ୍ଡି ବୋଝେଇ ହୋଇ ଚୋରା ଚାଲାଣ ହେଉଥିଲା। ଖବର ପାଇ ବେତନଟୀ ବନାଞ୍ଚଳ  ଅଧିକାରୀ ଧ୍ରୁବେନ୍ଦୁ ନାଥ ନାୟକଙ୍କ ନିର୍ଦ୍ଦେଶକ୍ରମେ କୃଷ୍ଣଚନ୍ଦ୍ରପୁର ବନପାଳ ପଦ୍ମାବତୀ ବେହେରା ସଦଳବଳ ଚଢ଼ାଉ କରି ଓଆର-୧୧ଏଲ-୫୨୩୬ ପିକଅପକୁ କେନ୍ଦୁଛାଟିଆ ଗ୍ରାମ ନିକଟରୁ ଜବତ କରି କୃଷ୍ଣଚନ୍ଦ୍ରପୁର ସିଜରୟାର୍ଡକୁ ଆଣିଥିଲେ। ଜଣକୁ ଅଟକ ରଖି ପଚରାଉଚରା କରୁଛି ବନବିଭାଗ । ଗାଡ଼ି ଭିତରୁ ୧୩ ଖଣ୍ଡ ମୂଲ୍ୟବାନ ନିମ୍ବକାଠ ଜବତ ହୋଇଥିବା ବେଳେ କାଠ ମାଫିଆମାନେ ଖସି ପଳାଇବାକୁ ସକ୍ଷମ ହୋଇଥିଲେ। ଏନେଇ ବନବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରାଯାଉଛି ।

# ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ନିଶାମୁକ୍ତି  ଅଭିଯାନ

## ବୃକ୍ଷରୋପଣ ସହ ନିଶାମୁକ୍ତି ସଚେତନତା ରାଲି

## ସ୍ୱ ପରିବର୍ତ୍ତନ ଦ୍ୱାରା ବିଶ୍ୱ ପରିବର୍ତ୍ତନ ସମ୍ଭବ





**ବାରିପଦା(ଅମୃତମିଡିଆ):** ନିଶାମୁକ୍ତ ଭାରତ ଗଠନ ଲକ୍ଷ୍ୟରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବୈଶିଙ୍ଗା ସେବା କେନ୍ଦ୍ର ତରଫରୁ ବୈଶିଙ୍ଗା ସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ 'ନିଶା ମୁକ୍ତି ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ତଥା ଇଂରାଜୀ ପ୍ରାଧ୍ୟାପକ  ବିରେନ୍ଦ୍ର କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି , ମୁଖ୍ୟ ବକ୍ତା ଭାବେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବେତନଟୀ ସେବାକେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ବନିତା ଭଉଣୀ , ସ୍ୱତନ୍ତ୍ର ସମାନିତ ଅତିଥି ଭାବେ ବୈଶିଙ୍ଗା ସେବା କେନ୍ଦ୍ର ସଞ୍ଚାଳିକା ଅନୁପମା ଭଉଣୀ ଯୋଗଦାନ କରିଥିଲେ । ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ଦୀପ , ଧୂପ , ପୁଷ୍ପ , ନୈବେଦ୍ୟ ଅର୍ପଣ କରି 'ନିଶା ମୁକ୍ତି ଅଭିଯାନ'ର ଆଲୋଚନା ଚକ୍ର କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିଲେ । ଅଧ୍ୟକ୍ଷ ଶ୍ରୀ ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ନିଶା ଯୁକ୍ତ ବିଭିନ୍ନ ପଦାର୍ଥ ସମାଜ ପାଇଁ ଆଜିର ଯୁବ ସମାଜ ପଥଭ୍ରଷ୍ଟ , ତେଣୁ ଏହିଭଳି ନିଶାଠୁ ଦୂରେଇ ନିଜ ଜୀବନରେ ଆତ୍ମବିଶ୍ୱାସ ଜାଗ୍ରତ କରିବା ନିମନ୍ତେ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଉପଦେଶ ପ୍ରଦାନ କରିଥିଲେ । ନିଶା କେବଳ ବ୍ୟକ୍ତିର ସ୍ୱାସ୍ଥ୍ୟକୁ ନୁହେଁ, ପରିବାର, ସମାଜ ଓ ଜାତିର ଭବିଷ୍ୟତକୁ ମଧ୍ୟ କ୍ଷତିଗ୍ରସ୍ତ କରିଥାଏ । ତେଣୁ ଏହି ନିଶାକୁ ଦୂରେଇ ନିଜକୁ ଭଗବତ ବିଶ୍ୱାସୀ ହେବା ନିମନ୍ତେ ମଞ୍ଚାସୀନ ମୁଖ୍ୟ ଅତିଥି ବଡସାହି ବିଧାୟକ ସନାତନ ବିଜୁଳି ସମୂହ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ । ମୁଖ୍ୟ ବକ୍ତା ବ୍ରହ୍ମାକୁମାରୀ ବନିତା ଭଉଣୀ ସମାଜରୁ ନିଶା ସେବନର କୁପ୍ରଭାବ ଦୂର କରି ସୁସ୍ଥ, ସଚେତନ ଓ ମୂଲ୍ୟବୋଧ ସମ୍ପନ୍ନ ସମାଜ ଗଠନ ନିମନ୍ତେ ଉପସ୍ଥିତ ଶତାଧିକ ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଅତିଥିଙ୍କୁ ବାର୍ତ୍ତା ପ୍ରଦାନ କରିଥିଲେ  । ଉପସ୍ଥିତ ସମସ୍ତ ଅତିଥି ଏବଂ ସମସ୍ତ ଛାତ୍ରଛାତ୍ରୀଙ୍କୁ 'ସ୍ୱ ପରିବର୍ତ୍ତନ ଦ୍ୱାରା ବିଶ୍ୱ ପରିବର୍ତ୍ତନ ସମ୍ଭବ ' ଏହି ବାର୍ତ୍ତାକୁ ଆଗକୁ ନେବାକୁ ବ୍ରହ୍ମାକୁମାରୀ ଅନୁପମା ଭଉଣୀ କହିବା ସହ ରାଜଯୋଗ ର ଅଭ୍ୟାସ ମଧ୍ୟ କରାଇଥିଲେ । ଏହାପରେ ସମସ୍ତ ଅତିଥି ବିଦ୍ୟାଳୟ ପରିସରରେ ଥିବା ଜାତିର ପିତା ମହାତ୍ମାଗାନ୍ଧୀ ପ୍ରତିମୂର୍ତ୍ତିରେ ପୁଷ୍ପ ଅର୍ପଣ କରିବା ସହ ବ୍ରହ୍ମାକୁମାରୀ ଭଉଣୀ ମାନେ ନିଶା ମୁକ୍ତ ସମାଜ ଗଠନ ନିମନ୍ତେ ସାମୁହିକ ପ୍ରତିଜ୍ଞା କରାଇଥିଲେ । ସମସ୍ତ ଅତିଥିଙ୍କ ଦ୍ୱାରା କଲେଜ ପରିସରରେ ବୃକ୍ଷ ରୋପଣ ମଧ୍ୟ କରାଯାଇଥିଲା । ଏହା ସହ କଲେଜର ଏନଏସଏସ ବିଭାଗ ତରଫରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ସମାଜ ସଚେତନଅବଲମ୍ବୀ ବିଭିନ୍ନ ସ୍ଲୋଗାନ ପ୍ରଦାନ ପୂର୍ବକ ଏକ ରାଲି ବଜାର ପରିକ୍ରମା କରିଥିଲା । ଉକ୍ତ କାର୍ଯ୍ୟକ୍ରମରେ ବ୍ରହ୍ମାକୁମାର ସତ୍ୟପ୍ରକାଶ ଭାଇ ମଞ୍ଚ ପରିଚାଳନା କରିଥିବା ବେଳେ କଲେଜର ବରିଷ୍ଠ ଅଧାପକ ବିଜୟ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ରହ୍ମାକୁମାର ଦିବ୍ୟରଞ୍ଜନ ଭାଇ , ବ୍ରହ୍ମକୁ କନିକା ମାତା , ବ୍ରହ୍ମକୁ ମୀରା ମାତା , ବ୍ରହ୍ମକୁ ଜୟନ୍ତୀ ମାତା , ବ୍ରହ୍ମକୁ ସରୋଜ ଭାଇ ଏବଂ କଲେଜର ସମସ୍ତ ଅଧ୍ୟାପକ / ଅଧ୍ୟାପିକା ସହଯୋଗ କରିଥିଲେ ।

# କମୁଛି ବନ୍ୟା, ଡରାଉଛି ଲଘୁଚାପ





- ଭଙ୍ଗାଘର ସଜାଡିବାରେ ବର୍ଷା ପ୍ରତିବନ୍ଧକ
- ବଢୁଛି ସଂକ୍ରାମକ ରୋଗ ଭୟ
- ପାନୀୟଜଳର ଘୋର ଅଭାବ

**ପଟ୍ଟାମୁଣ୍ଡାଇ (ଅମୃତ ମିଡିଆ):** କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଧୋୟାଚଂଳରେ ବନ୍ୟାଜଳ ହ୍ରାସ ପାଇଥିଲେ ସୁଦ୍ଧା ଜନଜୀବନ ସ୍ୱାଭାବିକ ହୋଇପାରି ନାହିଁ । ବ୍ରାହ୍ମଣୀ ଓ କାଣୀନଦୀର ଜଳସ୍ତର ହ୍ରାସ ପାଉଥିଲେ ବି ବହୁ ଗ୍ରାମ ଏବେ ବି ଜଳମଗ୍ନ ହୋଇରହିଛି । ରାସ୍ତା ଘାଟରେ ଆଣ୍ଠୁଏ ଲେଖାଏଁ ପାଣି ପ୍ରବାହିତ ହେଉଛି । ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଥିବା ଗାଁଗୁଡିକୁ ଯାତାୟାତ ସମ୍ପୂର୍ଣ୍ଣ ବ୍ୟାହତ ହୋଇଯାଇଛି । ମାଟିଚାଳ ଘରେ ରହୁଥିବା ଶହ ଶହ ବିପନ୍ନ ପରିବାର ନିଜ ବାସଗୃହ ହରାଇ ରାସ୍ତାକଡ, ଉଚ୍ଚାସ୍ଥାନ, ବନ୍ୟା ଆଶ୍ରୟସ୍ଥଳୀ ଓ ସ୍କୁଲ ଘରମାନଙ୍କରେ ପାଲଟାଣି କଷ୍ଟକର ଜୀବନ ବିତାଉଛନ୍ତି । ସଂପ୍ରତି ବନ୍ୟାଜଳ ଘର ଦୁଆର ଓ ପିଣ୍ଡା ତଳକୁ ଖସିଥିବାରୁ ଦୀର୍ଘ ଦିନରୁ ଘର ଦୁଆର ଛାଡି ବିସ୍ଥାପିତ ହୋଇ ରହିଥିବା ଲୋକେ ନିଜ ଭଙ୍ଗା ଘରକୁ ଫେରିବାକୁ ଆଶା ବାନ୍ଧିଛନ୍ତି । ଏହି ସମୟରେ ଉପକୂଳ ଓଡିଶାକୁ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଉଥିବା ଲଘୁଚାପ ବର୍ଷା ସେମାନଙ୍କ ଚିନ୍ତା ବଢାଇ ଦେଉଛି । ଘରକୁ ଫେରିବା ଦୂରର କଥା, ପୁନର୍ବାର ଜଳସ୍ତର ବୃଦ୍ଧି ପାଇବା ଭୟରେ ସେମାନେ ଆଶଙ୍କିତ ହୋଇପଡିଛନ୍ତି ।

ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁ ସମେତ ବାଲିପାଟଣା, ପାଛରା, ଶିରାମପୁର, ଡାମରପୁର, ବଳଭଦ୍ରପୁର ପଂଚାୟତବାସୀ ଏବେ ବି ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇରହିଛନ୍ତି । ପଟ୍ଟାମୁଣ୍ଡାଇ ବ୍ଲକର ୧୪ ପଂଚାୟତ ଓ ପୌରାଞ୍ଚଳର ୧୧ ଓାର୍ଡରେ ୯୫ ହଜାର ୧୬୫ଜଣ ବିପନ୍ନ ହୋଇଛନ୍ତି । ଏବେ ବି ବିଚ୍ଛିନ୍ନ ତଳିଆ ଅଂଚଳର ମ୍ୟୁଖ୍ୟ ଓ ଗ୍ରାଣୀଣ ରାସ୍ତାଗୁଡିକ ଉପରେ ଆଣ୍ଠୁଏ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି । ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ମାଟି ଓ ଚାଳଛପର ଘରେ ରହୁଥିବା ଶହ ଶହ ପରିବାର ନିଜର ଆସବାବପତ୍ର ଓ ଗୃହପାଳିତ ପ୍ରାଣୀଙ୍କୁ ନେଇ ନିକଟସ୍ଥ ଉଚ୍ଚସ୍ଥାନ, ରାସ୍ତାକଡ, ବନ୍ୟା ଆଶ୍ରୟସ୍ଥଳୀ ଓ ସ୍କୁଲ ଘରମାନଙ୍କରେ ଦିନ ଦିନ ଧରି ରହୁଛନ୍ତି । ବନ୍ୟାଜଳ ସ୍ରୋତରେ ବହୁ ଚାଳ, ମାଟିଘର ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବେ ଭୁଶୁଡି ପଡିଛି । ପିଣ୍ଡାରୁ ପାଣି ଛାଡିବା ପରେ ଯେଉଁମାନେ ଉଚ୍ଚା ସ୍ଥାନରୁ ଫେ଼ରି ଭଙ୍ଗା ଘର ସଜାଡିବାକୁ ଚେଷ୍ଟା କରୁଛନ୍ତି ସେମାନଙ୍କ ଆଗରେ ପ୍ରତିବନ୍ଧକ ସାଜିଛି ଲଗାଣ ବର୍ଷା ଓ ମେଘ ଓ ଝିପିଝିପି ବର୍ଷା । ଘର ସଜାଡିବା ପାଇଁ ଶୁଖିଲା ବାଉଁଶ, ନଡା କିମ୍ବା ପଲିଥିନ୍ ପାଇବା ମୁସ୍କିଲ୍ ହୋଇପଡିଛି । ପୁଣିଥରେ ବଡ ବର୍ଷା ହେଲେ ଓଦାମାଟି ଘରଗୁଡିକ ସମ୍ପୂର୍ଣ୍ଣ ଧସିଯିବାର ଭୟ ସେମାନଙ୍କ ନିଦ ହଜାଇ ଦେଇଛି । ଧୋୟାଚଂଳର ଗାଁଗୁଡିକରେ ଥିବା ନଳକୂପ ବା ପାନୀୟଜଳର ଉତ୍ସଗୁଡିକ ବନ୍ୟାଜଳରେ ବୁଡିରହି ଦୂଷିତ ହୋଇଯାଇଛି । ବିଶୁଦ୍ଧ ପାନୀୟଜଳର ଘୋର ଅଭାବ ଦେଖାଦେଇଛି । ଅନ୍ୟପଟେ ବନ୍ୟାଜଳ ଛାଡିବା ସହ ପଚାଶଡା ଗନ୍ଧ ଓ ଦୂଷିତ ପରିବେଶ ଯୋଗୁ ଚର୍ମରୋଗ, ଝାଡାବାନ୍ତି ଭଳି ଜଳବାହିତ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ଦେଖାଦେଲାଣି । ଏହାସହ ରନ୍ଧାଖାଦ୍ୟ ଓ ଶୁଖିଲା ଖାଦ୍ୟର ଅଭାବ ସାଙ୍ଗକୁ ଗୋ-ଖାଦ୍ୟର ଗୁରୁତର ସଂକଟ ଦେଖାଦେଇଛି । ନୀରବଚ୍ଛିନ୍ନ ବର୍ଷା ଯୋଗୁ ଚୁଲି ଜାଳିବା ମଧ୍ୟ ଅସମ୍ଭବ ହୋଇପଡିଛି ।

ପ୍ରଶାସନ ପକ୍ଷରୁ କେତେକ ସ୍ଥାନରେ ସହାୟତା ଯୋଗାଇ ଦିଆଯାଉଛି । ବହୁ ତଳିଆ ଅଂଚଳର ବିପନ୍ନଙ୍କ ପାଖରେ ତାହା ପହଂଚି ପାରି ନ ଥିବା ଅଭିଯୋଗ ହେଉଛି । ପ୍ରଶାସନ ପକ୍ଷରୁ ସ୍ୱାସ୍ଥ୍ୟସେବା ଓ ବିଶୋଧନ ପ୍ରକ୍ରିୟାକୁ ଆହୁରି ସକ୍ରିୟ କରିବା ଜରୁରୀ ହୋଇପଡିଛି । ବନ୍ୟା ଓ ବର୍ଷାଯୋଗୁ ସର୍ବସ୍ୱ ହରାଇଥିବା ଲୋକଙ୍କ କ୍ଷୟକ୍ଷତି ଆକଳନ କରି ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ସାମାଜିକ କର୍ମୀ ନରେନ୍ଦ୍ର ଧଳ, ବିଭୂତି ଭୂଷଣ ପଟ୍ଟନାୟକ, କିଶୋର ରାଉତ, ସଞ୍ଜୀବ ମଲ୍ଲିକ, କୈଳାସ ସେଠୀ ଏବଂ ଦୀପକ ବିଶ୍ୱାଳ ପ୍ରମୁଖ ଦାବି କରିଛନ୍ତି ।

## ଡକାୟତି ଉଦ୍ୟମ ପଣ୍ଡକଲା ପଟ୍ଟାମୁଣ୍ଡାଇ ପୋଲିସ
# ୪ ଗିରଫ



**ପଟ୍ଟାମୁଣ୍ଡାଇ (ଅମୃତ ମିଡିଆ):** କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ଏକ ଡକାୟତି ଯୋଜନା ପଣ୍ଡ କରିଛି । ସହରର ବିଭିନ୍ନ ଶପିଂମଲ୍, ମାର୍କେଟ କମ୍ପ୍ଲେକ୍ସ, ଘର ଓ କ୍ୱାର୍ଟର୍ସରୁ ଲୁଟ୍‌ପାଟ ପାଇଁ ଯୋଜନା କରୁଥିବା ବେଳେ ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ମାଟିଆ ଗ୍ରାମର ପ୍ରଦୀପ ମଲ୍ଲିକ, ପୋଖରିଆପଡାର ପଙ୍କଜ ମଲିକ, ଦୋବନ୍ଧାର ସନ୍ତୋଷ ମଲ୍ଲିକ ଓ ଗାଙ୍ଗପଡା ଗ୍ରାମର ଅବିନାଶ ରାଉତ ।

ସୂଚନା ଅନୁଯାୟୀ, ଶନିବାର ରାତି ପ୍ରାୟ ୨ଟାରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ମାନସ ରଞ୍ଜନ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଏକ ପୋଲିସ ଦଳ ପାଟ୍ରୋଲିଂ କରୁଥିଲା । ଏହି ସମୟରେ ଜଣେ ବ୍ୟକ୍ତିଙ୍କଠାରୁ ଗୁପ୍ତ ସୂଚନା ପାଇ ପୋଲିସ ତତନା ଗ୍ରାମ ପାର୍ଶ୍ୱ ସ୍ମାର୍ଟ ପାର୍କ ନିକଟ ନିର୍ଜନ ସ୍ଥାନରେ ପହଂଚିଥିଲା । ସେଠାରେ ୫ ଜଣ ବ୍ୟକ୍ତି ଏକାଠି ହୋଇ ଡକାୟତି ଯୋଜନା କରୁଥିଲେ । ପୋଲିସକୁ ଦେଖି ସେମାନେ ଖସିଯିବାକୁ ଚେଷ୍ଟା କରିଥିଲେ । ପୋଲିସ ସେଠାରୁ ୪ ଜଣଙ୍କୁ କାବୁ କରିଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିଲେ । ପୋଲିସ ଧରିଥିବା ୪ ଜଣଙ୍କୁ ଥାନାକୁ ଆଣି ପଚରାଉଚୁରା କରିବା ପରେ ସେମାନେ ଖଣ୍ଡା ଓ ଛୁରି ଦେଖାଇ ଲୁଟ୍‌ପାଟ କରିବା ଉଦ୍ଦେଶ୍ୟରେ ଏକତ୍ରିତ ହୋଇଥିଲେ ବୋଲି ସ୍ୱୀକାର କରିଥିଲେ । ପୋଲିସ ସେମାନଙ୍କ ନିକଟରୁ ବିଭିନ୍ନ ମାରଣାସ୍ତ୍ର ଓ ଆପରାଧିକ ସାମଗ୍ରି ଜବତ କରିଥିଲା । ଏ ନେଇ ଥାନାରେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୦ (୪)/୩୧୦ (୫), ଅସ୍ତ୍ରଶସ୍ତ୍ର ଆଇନ ୨୫(୧) (ଏ)ରେ ଏକ ମାମଲା (ନଂ.୩୫୩/୨୬) ରୁଜୁ କରିଛି । ସେମାନଙ୍କ ନାମରେ ଜିଲ୍ଲାର ବିଭିନ୍ନ ଥାନାରେ ଏକାଧିକ ଆପରାଧିକ ମାମଲା ଥିବା ପୋଲିସ ସୂଚନା ଦେଇଛି ।

## ଶ୍ରାବଣର ଶେଷ ସୋମବାର ଦୈତାରୀ ମହାଦେବ ମନ୍ଦିରରେ ଜଳଲାଗି କଲେ କାଉଡ଼ିଆ

**ଘଟଗାଁ (ଅମୃତ ମିଡିଆ):** ଶ୍ରାବଣ ମାସର ଶେଷ ସୋମବାର ଅବସରରେ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରି ମହାଦେବ ମନ୍ଦିରରେ ଦେଖିବାକୁ ମିଳିଛି ଭକ୍ତିମୟ ପରିବେଶ । ମହୋଦବଙ୍କ ଦର୍ଶର୍ନ ଓ ଜଳଲାଗି ପାଇଁ ମନ୍ଦିରରେ ଜମିଥିଲା ଶତାଧିକ କାଉଡ଼ିଆଙ୍କ ଭିଡ଼ ।କାଉଡ଼ିଆମାନେ ବ୍ରାହ୍ମଣୀପାଳ କୁଶେଇ ନଦୀରୁ ପବିତ୍ର ଜଳ ସଂଗ୍ରହ କରି ଦୀର୍ଘ ପଥ ଅତିକ୍ରମ କରି ଦୈତାରି ମହୋଦବଙ୍କ ପଠରେ ପହଞ୍ଚିଥିଲେ । ମନ୍ଦିରେ କଳସୀ, ମୁହେଁର 'ବୋଲ୍ ବମ୍' ଓ 'ହର ହର ମହାଦେବ'ର ଜୟଧ୍ୱନି ସହ ଭକ୍ତେିର ବେିଭାର ହୋଇ ଭଗବାନ ଶିବଙ୍କ ଠୋର ଜଳଲାଗି କରିଥିେଲ । ଶ୍ରାବଣର ଏହି ଶେଷ ସୋମବାରରେ ପୁରୁଷ କାଉଡ଼ିଆଙ୍କ ସହ ବହୁ ସଂଖ୍ୟାର ମହିଳା କାଉଡ଼ିଆ ମଧ୍ୟ ସାମିଲ ହୋଇଥିଲେ । ଘଣ୍ଟଘଣ୍ଟା, ହରିବୋଲ ଓ ହର ହର ମହାଦେବ ଧ୍ୱନେିର ପ୍ରକମ୍ପିତ ହୋଇଥିଲା ସମଗ୍ର ମନ୍ଦିର ପରିସର ।

# ବନ୍ୟାଞ୍ଚଳରେ ରିଲିଫ ବାଣ୍ଟିଲେ ବିଧାୟକ



**ରାଜନଗର (ଅମୃତ ମିଡିଆ):** ରାଜନଗର ବ୍ଲକର ବିଭିନ୍ନ ପଞ୍ଚାୟତରେ ବନ୍ୟା ସ୍ଥିତିରେ ସୁଧାର ଆସୁଥିବା ବେଳେ ପୁଣି ଲଘୁଚାପ ଜନିତ ବର୍ଷା ଯୋଗୁଁ ବନ୍ୟା ବିପନ୍ନଙ୍କ ଅବସ୍ଥା ସଙ୍ଗିନ ହୋଇ ପଡ଼ିଛି । ୨୦୧୧ ମସିହା ପରେ ଚଳିତ ବର୍ଷର ବନ୍ୟାରେ ରାଜନଗର ଅଞ୍ଚଳରେ ସବୁଠୁ ଅଧିକ ପାଣି ଆସିଛି । ୧୦ ଦିନ ହେଲା ରାଜନଗରର ୩୦ ହଜାର ବିପନ୍ନ ପାଣି ଘେରରେ ରହିଛନ୍ତି । ବିଜୁଜନତା ଦଳ ପକ୍ଷରୁ ବିଧାୟକ ଧ୍ରୁବ ସାହୁ ବନ୍ୟା ପ୍ରଭାବିତ ରାଜନଗର ବ୍ଲକର ରାଜପୁର ପଞ୍ଚାୟତର ରାଜପୁର ବାଲିଚନ୍ଦ୍ର ପୁର, ଚନ୍ଦନପୁର ଓ ବଳଭଦ୍ର ପ୍ରସାଦ ଗ୍ରାମରେ ପହଞ୍ଚି ଲୋକମାନଙ୍କ ଅସୁବିଧା ବୁଝିବା ସହିତ ରିଲିଫ୍ ବଣ୍ଟନ କରିଛନ୍ତି ।ବିଧାୟକ ଶ୍ରୀ ସାହୁଙ୍କ ସହିତ ଜ଼ିଲ୍ଲା ପରିଷଦ ସଦସ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ,ଜିଲ୍ଲା ଛାତ୍ର ବିଜେଡି ସଭାପତି ସାହେଲ ରାଉତ, ଆମ୍ବା ଅଧକ୍ଷ କୈଳାଶ ପରିଡା, ରାଜପୁର ସରପଞ୍ଚ ରାଣୀ ମଞ୍ଜରୀ ସେଠୀ, ପଞ୍ଚାୟତ ବିଜେଡି ସଭାପତି ଶ୍ରୀନିବାସ ପାତ୍ର, ଯୁବ ନେତା ଅମରେଶ ପଣ୍ଡା,ବିଦୁ ଭୂଷଣ ସ୍ୱାଇଁ, ସର୍ବେଶ୍ୱର ମହାନ୍ତି, ସମବାୟ ବିତ ଦିଲ୍ଲୀପ ପାତ୍ର, ଧୀରେନ ନାୟକ, ଗୌତମ ପ୍ରଧାନ, ଅଲେଖ ମଳିକ, ରମାକାନ୍ତ ରାଉତ, ମହେଶ୍ୱର ସେଠୀ, ଅକ୍ଷୟ ସେଠୀ, ପ୍ରକାଶ ବଳ, ଅଜୟ ରାଉତ ପ୍ରମୁଖ ସ୍ଥାନୀୟ ନେତୃବୃନ୍ଦ ବନ୍ୟା ଅଞ୍ଚଳ ବୁଲିବା ସହ ରିଲିଫ ବଣ୍ଟନରେ ସହାୟତା କରିଥିଲେ ।

## କାଶିବେଡାରେ ହାତୀ ଆତଙ୍କ
### ୫ ଦିନ ଧରି ୨୦ ଟିକିଆ ହାତୀପଲଙ୍କ ତାଣ୍ଡବ
### ୩ ଘର ଭାଙ୍ଗିଲେ, ଏକର ଏକର ଫସଲ ନଷ୍ଟ



**ଘଟଗାଁ (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ଘଟଗାଁ ରେଞ୍ଜ ଢେଙ୍କିକୋଟ ସେକ୍ସନ ଅନ୍ତଗର୍ତ କାଶିବେଡା ଗ୍ରାମରେ ଥମିବାର ନାଁ ଧରୁନି ହାତୀପଲଙ୍କ ଉପଦ୍ରବ । ପ୍ରାୟ ୨୦ଟି ହାତୀଙ୍କ ପଲ ଗତ ୫ ଦିନ ଧରି ଗାଁ ଓ ଚାଷଜମିରେ ଘୁରି ବୁଲୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଭୟ ଓ ଆତଙ୍କ ବଢ଼ିବାରେ ଲାଗିଛି । ହାତୀପଲ ଏକର ଏକର ଧାନ, ମକା ଓ ବୋଇତାଳୁ ଫସଲ ଖାଇବା ସହ ଦଳିମକଚି ନଷ୍ଟ କରିଛନ୍ତି ।

ଗତ ବିଳମ୍ବିତ ରାତିରେ ହାତୀପଲ ଗାଁର ମେହନ୍ଦ୍ର ନାୟକ, ରାଧାକାନ୍ତ ନାୟକ ଓ ରତ୍ନାକର ନାୟକଙ୍କ ୩ଟି ଘରର କାନ୍ଥ ଭାଙ୍ଗି ଦେଇଛନ୍ତି । ଘର ଭିତରେ ମହେନ୍ଦ୍ରଙ୍କ ପରିବାର ଶୋଇଥିବା ବେଳେ ହାତୀ କାନ୍ଥ ଭାଙ୍ଗିବାରୁ ଅଳ୍ପକ ଏକ ବଡ଼ ଅଘଟଣରୁ ପରିବାର ଲୋକ ବର୍ତ୍ତିଯାଇଛନ୍ତି । ଘେର ରଖାଯାଇଥିବା ଧାନ ଓ ଚାଉଳ ମଧ୍ୟ ହାତୀ ଖାଇ ଦେଇଥିବା ଜଣାପଡ଼ିଛି ।

## ବରିଷ୍ଠ ବିଜେପି କର୍ମୀ ରମେଶଚନ୍ଦ୍ର ମିଶ୍ରଙ୍କ ବିୟୋଗ
# ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ



**ପୋଲସରା (ଅମୃତ ମିଡିଆ):** ପୋଲସରା ପୌର ପରିଷଦ ଅନ୍ତର୍ଗତ ମିଲ୍ ସାହି ବାସିନ୍ଦା ବରିଷ୍ଠ ବିଜେପି କର୍ମୀ ରମେଶ ଚନ୍ଦ୍ର ମିଶ୍ରଙ୍କ ରବିବାର ରାତି ପ୍ରାୟ ସାଢ଼େ ଏଗାରଟା ବେଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ୬୨ ବର୍ଷ ବୟସରେ ପରଲୋକ ହୋଇଯାଇଛି । ୧୨ ତାରିଖରେ ମିଶ୍ର ହୃଦ୍‌ଘାତରେ ଆକ୍ରାନ୍ତ ହେବାରୁ ସ୍ୱର୍ଗତ ପରିବାର ଲୋକେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଥିଲେ । ଅସ୍ତ୍ରୋପଚାର ପରେ ସେ କୋମାରେ ଥିଲେ । ରବିବାର ଦିନ ରାତିରେ ତାଙ୍କର ପରଲୋକ ହୋଇଯାଇଥିଲା । ମୃତ୍ୟୁ ବେଳକୁ ତାଙ୍କ ନିକଟରେ ତିନି ପୁଅ ଶ୍ରୀକାନ୍ତ କୁମାର ମିଶ୍ର , ଅକ୍ଷାନ୍ତ କୁମାର ମିଶ୍ର ଓ ସୁମନ୍ତ କୁମାର ମିଶ୍ର ଉପସ୍ଥିତ ଥିଲେ । ସୋମବାର ସକାଳେ ତାଙ୍କର ଶେଷକୃତ୍ୟ ସ୍ଥାନୀୟ ଶ୍ମଶାନ ଘାଟରେ ସମ୍ପନ୍ନ ହୋଇଛି । ତାଙ୍କ ବଡ଼ପୁଅ ଶ୍ରୀକାନ୍ତ କୁମାର ମିଶ୍ର ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ମିଶ୍ରଙ୍କ ବିୟୋଗ ଖବର ପାଇବା ପରେ ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ ପଟ୍ଟନାୟକ, ପୂର୍ବତନ ସାଂସଦ କୁମୁଦିନୀ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ କେ. ସନ୍ତୋଷ କୁମାର ପାତ୍ର , ପୋଲସରା ପ୍ରେସ କ୍ଲବର ସଭାପତି କେ.ସୁମିତା ପାତ୍ର , ହରିହର ପାତ୍ର , ସୁଶାନ୍ତ ମହାରଣା , ସନ୍ତୋଷ କୁମାର ପଣ୍ଡା , ଟି.ଆଶିଷ କୁମାର ସୁବୁଦ୍ଧି,ସୀମାଞ୍ଚଳ ସାହୁ , ଶିବ ପ୍ରସାଦ ସାହୁ , ପ୍ରଗତି ବନ୍ଧୁ ଦାସ, ସୁଧାଂଶୁ ଶେଖର ସାହୁ , ନାରାୟଣ ସାହୁ, ରୋହିତ ପ୍ରଧାନ ଏବଂ ରାମକୃଷ୍ଣ ପଟ୍ଟନାୟକ ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷା ତପସା ତମନ୍ନା ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିବା ସହିତ ପରିବାରର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି ।

# ମାତୃ ନିଳୟମର ୨୯ତମ ପ୍ରତିଷ୍ଠା ଦିବସ



**ଚଣ୍ଡିଖୋଲ (ଅମୃତ ମିଡିଆ):** ଛତିଆସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ମାତୃ ନିଳୟମ ର ୨୯ତମ ପ୍ରତିଷ୍ଠା ଦିବସ ଆଜି ଅନୁଷ୍ଠିତ ହୋଇଯାଇଅଛି, ଦିବା ୧୦ଘଟିକା ରେ ପାଦୁକା ପୀଠ ରେ ସମବେତ ଧ୍ୟାନ ଓ ପ୍ରାର୍ଥନା ପରେ ଅତିଥି ମାନଙ୍କ ଦ୍ୱାରା ଧୂପ ପୁଷ୍ପ ଅର୍ପଣ କରାଯାଇଥିଲା, ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବେଦ ପାଠ ଶଙ୍ଖ ଧ୍ୱନି ଓ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଅର୍ପଣ କରାଯାଇଥିଲା, ଅମିତା ମହାନ୍ତି ସାବିତ୍ରୀ ଗ୍ରନ୍ଥ ପାଠ କରିଥିବା ବେଳେ ରଶ୍ମିତା ସାହୁ 'ମା 'ପୁସ୍ତକ ପାଠ କରିଥିଲେ,ବିଦ୍ୟାଳୟ ପରିଚାଳନା କମିଟି ବରିଷ୍ଠ ସଦସ୍ୟ ଅଶୋକ କୁମାର ମହାନ୍ତି ଅତିଥି ପରିଚୟ ସହିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ, ସହକାରୀ ଶିକ୍ଷକ ରାକେଶ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ, ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ପ୍ରାଚୀ ପୁର୍ଣ୍ଣମା ସାହୁ ଓ ଆଦ୍ୟା ଶୀତଳ ନାୟକ ଅଭି ଭାଷଣ ପ୍ରଦାନ କରିଥିଲେ,କେନ୍ଦ୍ରାପଡ଼ା ରୁ ଆଗତ ଶ୍ରୀଯୁକ୍ତ ପ୍ରମୋଦ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦିବ୍ୟ ଜନନୀଶ୍ରୀ ମା ଓ ଯୋଗୀଶ୍ରୀ ଅରବିନ୍ଦ ଙ୍କଦର୍ଶନ ଉପରେ ଆଲୋକପାତ କରିଥିଲେ,କଟକ ଇନ୍ଦିରା ଗାନ୍ଧୀ ମହା ବିଦ୍ୟାଳୟ ର ପ୍ରାକ୍ତନ ଅଧକ୍ଷା ସୌଦାମିନୀ ମହାରଣା ବିଦ୍ୟାଳୟ ସମ୍ପର୍କ ରେ ସମ୍ୟକ ସୂଚନା ଦେଇଥିଲେ,ଶ୍ରୀମତୀ ରେବତୀ କର ଓ ସମ୍ପାଦକ ଭାଗ୍ୟଧର ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ, ପରିଚାଳନା କମିଟି ସଭାପତି ରବୀନ୍ଦ୍ର ନାଥ ସୁତାର ସଭା କାର୍ଯ୍ୟ ପରିଚାଳନା କରିଥିଲେ, ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟ କ୍ରମ ନାଚ ଗୀତ ଆଦି ଅନୁଷ୍ଠିତ ହୋଇଥିଲା,କୃତି ଛାତ୍ର ଛାତ୍ରୀ ଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ, ସହକାରୀ ଶିକ୍ଷୟତ୍ରୀ ସୌଦାମିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ, ବିଦ୍ୟାଳୟ ର ସମସ୍ତ ଅପା ଭାଇ ତଥା ପରିଚାଳନା କମିଟି ର ସଭ୍ୟ ସଭ୍ୟା ଏଥିରେ ସହଯୋଗ କରିଥିଲେ ଶିଶିର କୁମାର ସାମଲ ସଂଯୋଜନା କରିଥିଲେ ।

## ଓଡ଼ିଶାର ସ୍ୱାର୍ଥ ପାଇଁ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଦାବି



**ବ୍ରହ୍ମପୁର (ଅମୃତ ମିଡିଆ):** ଓଡ଼ିଶାର ଖଣିଜ ସମ୍ପଦ ଓ ରାଜ୍ୟର ଆର୍ଥିକ ସ୍ୱାର୍ଥର ସୁରକ୍ଷା ପାଇଁ ସଂସଦରେ ଏକ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଆଣିବାକୁ ପଦକ୍ଷେପ ନେବା ସହ ଓଡ଼ିଶା ବିଧାନସଭାରେ ଏକ ସର୍ବସମ୍ମତ ପ୍ରସ୍ତାବ ପାରିତ କରିବାକୁ ସମାଜବାଦୀ ଅନୁଷ୍ଠାନ ମାନବ ଅଧିକାର ସୁରକ୍ଷା ମଞ୍ଚ ଦାବି କରିଛି । ମଞ୍ଚ ପକ୍ଷରୁ ଜାରି ଏକ ପ୍ରେସ୍ ବାର୍ତ୍ତାରେ କୁହାଯାଇଛି ଯେ, ଏମଏମଡିଆର୍ ,୧୯୫୭ର ସାମ୍ପ୍ରତିକ ସଂଶୋଧନ ଫଳରେ ଓଡ଼ିଶା ସମେତ ଖଣି ଓ ଖଣିଜ ସମ୍ପଦରେ ସମୃଦ୍ଧ ରାଜ୍ୟଗୁଡ଼ିକର ରାଜସ୍ୱ ଏବଂ ଆର୍ଥିକ ସ୍ୱାଧୀନତା ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଓଡ଼ିଶାର ସ୍ୱାର୍ଥକୁ ଯଥେଷ୍ଟ ଗୁରୁତ୍ୱ ନଦେଇ ଏହି ବିଲ୍‌କୁ ଅତ୍ୟନ୍ତ ତରବରିଆ ଭାବେ ସଂସଦରେ ପାରିତ କରାଯାଇଥିବା ନେଇ ମଞ୍ଚ ଗଭୀର ଉଦ୍‌ବେଗ ପ୍ରକାଶ କରିଛି । ମଞ୍ଚ ଆବାହକ ତଥା ଆଇନଜୀବୀ ଅବନୀ ଗୟା କହିଛନ୍ତି ଯେ, ଓଡ଼ିଶା ଦେଶର ଅନ୍ୟତମ ପ୍ରମୁଖ ଖଣିଜ ସମୃଦ୍ଧ ରାଜ୍ୟ । ନୂତନ ସଂଶୋଧିତ ଆଇନ ଫଳରେ ରାଜ୍ୟ ଭବିଷ୍ୟତରେ ନିଜ ଖଣିଜ ସମ୍ପଦ ଉପରେ ଅତିରିକ୍ତ କର ବା ସେସ୍ ଲାଗୁ କରିବାର ଅଧିକାର ସୀମିତ ହେବାର ଆଶଙ୍କା ରହିଛି । ଏହାଦ୍ୱାରା ଓଡ଼ିଶାର କୋଟି କୋଟି ଟଙ୍କାର ସମ୍ଭାବ୍ୟ ରାଜସ୍ୱ କ୍ଷତି ହେବା ସହ ରାଜ୍ୟର ଆର୍ଥିକ ସ୍ୱାଧୀନତା ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି କ୍ଷ ସେ ଆହୁରି କହିଛନ୍ତି ଯେ, ଓଡ଼ିଶାର ଖଣିଜ ସମ୍ପଦରୁ ରାଜ୍ୟ ନିଜସ୍ୱ ରାଜସ୍ୱ ଆଦାୟ କରିବା ସମ୍ପର୍କିତ ସାମ୍ବିଧାନିକ ଅଧିକାର ସୀମିତ ହେବାର ଆଶଙ୍କାକୁ ଗୁରୁତ୍ୱର ସହ ବିଚାର କରାଯିବା ଆବଶ୍ୟକ । ଏଣୁ ଓଡ଼ିଶା ବିଧାନସଭାରେ ଦଳମତ ନିର୍ବିଶେଷରେ ଏକ ସର୍ବସମ୍ମତ ପ୍ରସ୍ତାବ ପାରିତ କରି ରାଜ୍ୟର ସ୍ୱାର୍ଥ ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରାଯିବା ଉଚିତ । ମାନବ ଅଧିକାର ସୁରକ୍ଷା ମଞ୍ଚ ଓଡ଼ିଶାର ସମସ୍ତ ଲୋକସଭା ଓ ରାଜ୍ୟସଭା ସାଂସଦଙ୍କୁ ଏହି ପ୍ରସଙ୍ଗରେ ଏକତ୍ରିତ ହୋଇ ଓଡ଼ିଶାର ସ୍ୱାର୍ଥର ସୁରକ୍ଷା ପାଇଁ ସଂସଦରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଆହ୍ୱାନ କରିଛି । ବିଶେଷକରି ସାଂସଦମାନଙ୍କ ମାଧ୍ୟମରେ ଏକ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଆଣି ସମ୍ପୃକ୍ତ ଆଇନର ପୁନଃସମୀକ୍ଷା ଓ ଓଡ଼ିଶା ସମେତ ଖଣିଜ ସମୃଦ୍ଧ ରାଜ୍ୟଗୁଡ଼ିକର ଆର୍ଥିକ ଅଧିକାର ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ମଞ୍ଚ ଦୃଢ଼ ଦାବି କରିଛି କ୍ଷ ଓଡ଼ିଶାର ଖଣିଜ ସମ୍ପଦ ଉପରେ ରାଜ୍ୟର ନ୍ୟାୟସଙ୍ଗତ ଆର୍ଥିକ ଅଧିକାର ଓ ସ୍ୱାର୍ଥର ସୁରକ୍ଷା ସମସ୍ତ ଜନପ୍ରତିନିଧି ଏବଂ ରାଜନୈତିକ ଦଳଙ୍କ ସାମୂହିକ ଦାୟିତ୍ୱ ବୋଲି ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ କୁହାଯାଇଛି ।

# ସମବାୟ ସମିତିରୁ ରାତିରେ ସାର ଚାଲାଣ ଅଭିଯୋଗ
# ବଢ଼ିଲା ଚାଷୀ ଅସନ୍ତୋଷ



**ହାଟଡିହି/ଛେନାପଦୀ (ଅମୃତ ମିଡିଆ):** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସମଣା ସେବା ସମବାୟ ସମିତିରେ ଚାଷୀଙ୍କ ପାଇଁ ମହଜୁଦ ଥିବା ସାରକୁ ବିକ୍ରି ଉଦ୍ଦେଶ୍ୟରେ ରାତିରେ ଅନ୍ୟତ୍ର ଚାଲାଣ ହେଉଥିବା ଅଭିଯୋଗ ହୋଇଛି । ଏନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବର୍ତ୍ତମାନ ଚାଷ କାର୍ଯ୍ୟର ଗୁରୁତ୍ୱପୂର୍ଣ୍ଣ ସମୟରେ ସାର ପାଇଁ ଚାଷୀ କଲବଲ ହେଉଥିବା ବେଳେ ସମିତିରୁ ରାତିରେ ସାର ବିକ୍ରି ହେବା ଘଟଣା ଚାଷୀଙ୍କ ମନରେ ପ୍ରଶ୍ନ ସୃଷ୍ଟି କରିବା ସହ ଅଞ୍ଚଳରେ ଏହା ଚର୍ଚ୍ଚାର ବିଷୟ ହୋଇଛି ।

ସମିତି ସମ୍ପାଦକ ଅକ୍ଷୟ କବିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, କିଛି ଚାଷୀ ଏକତ୍ରିତ ହୋଇ ଏକ ଟ୍ରାକ୍ଟରରେ ସେମାନଙ୍କ ସାର ସାରେ ନେଇଛନ୍ତି । କେନ୍ଦୁଝର ଡିଆରସିଏ ? ପର୍ଶୁରାମ ପାତ୍ର କହିଛନ୍ତି ଯେ, ସାରର ଉଠାଣ, ବଣ୍ଟନ ଏବଂ ମହଜୁଦ ସମ୍ପର୍କିତ ସ୍ଥିତିର ତଦନ୍ତ ପାଇଁ ଆନନ୍ଦପୁର ଏଆରସିଏସ୍ ?ଙ୍କୁ କୁହାଯାଇଛି ।

ତେବେ ସାର କେଉଁ ପରିସ୍ଥିତିରେ ରାତିରେ ବିକ୍ରି କରାଗଲା, ସାର ବଣ୍ଟନ ପ୍ରକ୍ରିୟାରେ ସମସ୍ତ ନିୟମ ପାଳନ ହୋଇଛି କି ନାହିଁ, ରେକର୍ଡ ହିସାବରେ ସମିତିକୁ ଆସିଥିବା ସାରର ପରିମାଣ, ସାର ବଣ୍ଟନ ହୋଇଥିବା ଚାଷୀଙ୍କ ସଂଖ୍ୟା ଏବଂ ମହଜୁଦ ଥିବା ସାରର ପରିମାଣ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ଆଲୋଚନା ହେଉଛି ।

ସୂଚନା ଯୋଗ୍ୟ, ଚାଷୀଙ୍କ ଅଭିଯୋଗ ଅନୁସାରେ, ସମିତିରୁ ଦିନରେ ଆବଶ୍ୟକ ପରିମାଣର ସାର ମିଳୁ ନ ଥିବା ବେଳେ ରାତିରେ ସାର ବିକ୍ରି ପାଇଁ ଅନ୍ୟତ୍ର ଚାଲାଣ ହେଉଛି । ଦିନରେ ସାର ପାଇଁ ସମିତିକୁ ଆସି ଅପେକ୍ଷା କରୁଥିବା ଚାଷୀମାନେ ଅନେକ ସମୟରେ ନିରାଶ ହୋଇ ଘରକୁ ଫେରୁଛନ୍ତି । ଚାଷୀଙ୍କୁ ସାର ପ୍ରଦାନରେ ନିର୍ଦ୍ଧାରିତ ନିୟମ ପାଳନ କରାଯିବା, ଯୋଗ୍ୟ ଚାଷୀଙ୍କୁ ଆବଶ୍ୟକତା ଅନୁସାରେ ସାର ଯୋଗାଇ ଦିଆଯିବା, ସମିତିକୁ ଆସୁଥିବା ସାରର ପରିମାଣ ସମ୍ପର୍କିତ ସୂଚନା, ବିଭିନ୍ନ ଚାଷୀଙ୍କୁ ପ୍ରଦାନ କରାଯାଉଥିବା ସାରର ପରିମାଣ ତାଲିକା ସାର୍ବଜନୀନ କରାଯିବାକୁ ଚାଷୀମାନେ ଦାବି କରିଛନ୍ତି । ସାରର କଳାବଜାରୀ ଓ ଅନିୟମିତତା ରୋକିବା ପାଇଁ ପ୍ରଶାସନ ଏବଂ ସମବାୟ ବିଭାଗ ଉପଯୁକ୍ତ ପଦକ୍ଷେପ ନେବା ସହ ନିରପେକ୍ଷ ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି ।

### ।। ୧୪୬ ଦିନରେ ନୀରବ ସତ୍ୟାଗ୍ରହ ପଦଯାତ୍ରା ।।

# ଦାବି ପୂରଣ ନହେବା ଯାଏଁ ଜାରି ରହିବ ସଂଘର୍ଷ







**ପୁରୀ (ବ୍ୟୁରୋ):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ସହରବାସୀଙ୍କ ନିମନ୍ତେ ସ୍ୱତନ୍ତ୍ର ପ୍ରବେଶ ଓ ଦର୍ଶନ ବ୍ୟବସ୍ଥା ଦାବିରେ ଚାଲିଥିବା ନୀରବ ସତ୍ୟାଗ୍ରହ ସଚେତନତା ପଦଯାତ୍ରା ଆଜି ୧୪୬ତମ ଦିନରେ ପହଞ୍ଚିଛି । ଗତ ଅପ୍ରେଲ ୧ ଉତ୍କଳ ଦିବସ ଠାରୁ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ପୀଠରୁ ପ୍ରତିଦିନ ଏହି ପଦଯାତ୍ରା ଶ୍ରୀମନ୍ଦିର ଅଭିମୁଖେ ଜାରି ରହିଛି । ଦୀର୍ଘ ୧୪୬ ଦିନ ଧରି ସତ୍ୟାଗ୍ରହୀମାନେ ନୀରବତା ଅବଲମ୍ବନ କରି ହାତରେ ବିଭିନ୍ନ ଦାବି ସମ୍ବଳିତ ପ୍ଲାକାର୍ଡ ଧରି ପଦଯାତ୍ରା କରୁଛନ୍ତି । ପ୍ରବଳ ଖରା, ବର୍ଷା ଓ ପର୍ବପର୍ବାଣୀ ସତ୍ତ୍ୱେ ଏହି ଶାନ୍ତିପୂର୍ଣ୍ଣ ପଦଯାତ୍ରାରେ କୌଣସି ବିରତି ଦିଆଯାଇନାହିଁ । ଆଜି ଭକ୍ତ ସାଲବେଗ ପୀଠରୁ ପଦଯାତ୍ରା ବାହାରି ଶ୍ରୀମନ୍ଦିର ସିଂହଦ୍ୱାରରେ ପହଞ୍ଚିଥିଲା । ସେଠାରେ ସତ୍ୟାଗ୍ରହୀମାନେ ପତିତପାବନଙ୍କ ଦର୍ଶନ କରିବା ସହ ପୁରୀବାସୀଙ୍କ ନ୍ୟାୟସଙ୍ଗତ ଦାବି ପୂରଣ ଏବଂ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୂର୍ବରୁ ରହିଥିବା ସୁବିଧା ପୁନଃସ୍ଥାପନ ନିମନ୍ତେ ପ୍ରାର୍ଥନା କରିଥିଲେ ।ସତ୍ୟାଗ୍ରହର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, "୧୪୬ ଦିନ ଧରି ଆମର ନୀରବ ପଦଯାତ୍ରା ଜାରି ରହିଛି । ଆମର ଲକ୍ଷ୍ୟ ସ୍ପଷ୍ଟ-ପୁରୀବାସୀଙ୍କ ନ୍ୟାୟସଙ୍ଗତ ଦାବିକୁ ସତ୍ୟ ଓ ଅହିଂସାର ମାର୍ଗରେ ଶାନ୍ତିପୂର୍ଣ୍ଣ ଭାବେ ସରକାର ଓ ପ୍ରଶାସନଙ୍କ ନିକଟରେ ପହଞ୍ଚାଇବା । ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ପଦଯାତ୍ରା ଜାରି ରହିବ । ପାଦ ଚାଲିବ ଅଧିକାର ପାଇଁ, ନୀରବତା କହିବ ନ୍ୟାୟ ପାଇଁ ଏବଂ ହୃଦୟ ଅପେକ୍ଷା କରିବ ମହାପ୍ରଭୁଙ୍କ ଦର୍ଶନ ପାଇଁ ।" ସେ ଆହୁରି କହିଛନ୍ତି ଯେ, ଏହି ଆନ୍ଦୋଳନ କୌଣସି ବ୍ୟକ୍ତି, ରାଜନୈତିକ ଦଳ କିମ୍ବା ସରକାର ବିରୋଧୀ ନୁହେଁ । ଏହା ପୁରୀବାସୀଙ୍କ ଭାବନା ଓ ଅଧିକାର ସହ ଜଡିତ ଏକ ଶାନ୍ତିପୂର୍ଣ୍ଣ ଅହିଂସାମୂଳକ ପ୍ରୟାସ । ସୋମବାର ପଦଯାତ୍ରାରେ ସର୍ବଶ୍ରୀ ବିଶ୍ୱନାଥ ମିଶ୍ର, ଚକ୍ରଧର ମହାପାତ୍ର, ସୁକାନ୍ତ ପଣ୍ଡା, ଯାଦବାନନ୍ଦ ରାୟ, ନୃସିଂହନାଥ ନାୟକ, ପ୍ରକାଶ ଚନ୍ଦ୍ର ନାୟକ, ଶିଶିରକାନ୍ତ ଶତପଥୀ, ମନୋରଞ୍ଜନ ରଣସିଂହ, ଅଭିମନ୍ୟୁ ରାୟଗୁରୁ, ଲିଙ୍ଗରାଜ ସାହୁ, ସନ୍ତୋଷ ସେନାପତି, ଅରୁଣା ପଟ୍ଟନାୟକ, ସନ୍ଧ୍ୟାରାଣୀ ମିଶ୍ର, ସୌମ୍ୟା ସାହୁ, ଦୀପା ବେହେରା, ବର୍ଷା ପଣ୍ଡା, ସୁଭଦ୍ରା ସାହୁ, ଅଞ୍ଜୁବାଳା ମହାନ୍ତି, ମମତା ସ୍ୱାଇଁ, ରମେଶ ଚନ୍ଦ୍ର ମହାନ୍ତି, ବାପିନା ସାମନ୍ତରାୟ, କାଶୀନାଥ ସାହୁ, ଓ ମାନସ ପଟ୍ଟନାୟକଙ୍କ ସମେତ ବହୁ ସତ୍ୟାଗ୍ରହୀ ସାମିଲ ହୋଇଥିଲେ ।

# ମା' ବାଟମଙ୍ଗଳାଙ୍କ ସମ୍ମୁଖରେ ବୋଲବମ୍ ଭଜନ ସଂଧ୍ୟା

**ପ୍ରୟାସ ଟେଲିଭିଜନ, ୱଣ୍ଡର ୱାର୍ଲଡ ୱାଟରପାର୍କ, ମିନା ଫୁଡ୍ସ, ବଲ୍ ବ୍ୟାଡମିଣ୍ଟନ ଆସୋସିଏସନ, ଓଡିଶା ଖୋ ଖୋ ଆସୋସିଏସନ, ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ ଓ ଜିଲ୍ଲା ଚେସ୍ ଆସୋସିଏସନ ପକ୍ଷରୁ ମିଳିତ ଆୟୋଜନ**




**ପୁରୀ (ବ୍ୟୁରୋ):** ଶ୍ରାବଣ ଶେଷ ସୋମବାରରେ ହଜାର ହଜାର କାଉଡିଆ ଭକ୍ତମାନେ ଜାତୀୟ ରାଜପଥରେ ଚାଲି ଚାଲି ଜଳଭାର ଧରି ନିଷ୍ଠା, ଭକ୍ତି ଓ ଶ୍ରଦ୍ଧାର ସହ ଶ୍ରୀ ଲୋକନାଥ ମହାଦେବଙ୍କୁ ଜଳଲାଗି କରିବାକୁ ଯାଉଥିବା ଦେଖିବାକୁ ମିଳିଥିଲା । ଏହି ପରିପ୍ରେକ୍ଷୀରେ କାଉଡିଆ ଭକ୍ତମାନଙ୍କୁ ରବିବାର ସଂଧ୍ୟାରେ ପ୍ରୟାସ ଟେଲିଭିଜନ, ୱଣ୍ଡର ୱାର୍ଲଡ ୱାଟରପାର୍କ,ମିନା ଫୁଡ୍ସ, ବଲ ବ୍ୟାଡମିଣ୍ଟନ ଆସୋସିଏସନ, ଓଡିଶା ଖୋ ଖୋ ଆସୋସିଏସନ ଓ ଅଲ ଓଡ଼ିଶା ଚେସ ଆସୋସିଏସନ ଓ ଜିଲ୍ଲା ଚେସ ଆସୋସିଏସନ ପୁରୀ ମିଳିତ ଆନୁକୂଲ୍ୟରେ ମା' ବାଟମଙ୍ଗଳାଙ୍କ ସମ୍ମୁଖରେ ବୋଲବମ ଭଜନ ସଂଧ୍ୟା ପୁରୀ ମହ୍ଲାର ଗ୍ରୁପ ଦ୍ୱାରା ପରିବେଷଣ ହୋଇଯାଇଛି । ମୁଖ୍ୟ ଅତିଥି ପ୍ରୟାସ ଟେଲିଭିଜନର ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ମିଶ୍ର ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଶୁଭାରମ୍ଭ କରି କହିଲେ ସମସ୍ତ ଅନୁଷ୍ଠାନ ମିଳିତ ସହଯୋଗରେ ୨୩ ବର୍ଷ ଧରି ବୋଲବମ ଭକ୍ତଙ୍କ କଷ୍ଟ ଲାଘବ ସହ ଆଶ୍ୱସ୍ତି ଓ ଭଜନ ଶ୍ରବଣ ଦ୍ୱାରା ଆଧାତ୍ମିକ ଜାଗରଣ ପାଇଁ ଏକ ଛୋଟ ପ୍ରୟାସ । ବୋଲବମ ଭକ୍ତମାନଙ୍କ ମନସ୍କାମନା ପୂର୍ଣ୍ଣ ହେବା ସହ ଜଗତର ମଙ୍ଗଳ କାମନା କରିଥିଲେ । ମହ୍ଲାର ଗ୍ରୁପର ନିର୍ଦ୍ଦେଶକ ସଂଧ୍ୟାରାଣୀ ମିଶ୍ରଙ୍କ ନିର୍ଦ୍ଦେଶନାରେ କଣ୍ଠଶିଳ୍ପୀମାନଙ୍କ ସୁମଧୁର କଣ୍ଠରେ ଭଜନ ପରିବେଷଣ କରାଯାଇଥିଲା । ମୁଖ୍ୟ ଅତିଥଙ୍କ ଦ୍ୱାର କଣ୍ଠଶିଳ୍ପୀ ମାନଙ୍କୁ ଉପଢୌକନ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ମଞ୍ଚର ଉପସ୍ଥାପକ ଗଣେଶ ମହାପାତ୍ରଙ୍କ ଭକ୍ତିଭାବ ଉପସ୍ଥାପନ ଶୈଳୀ ଭକ୍ତ ମାନଙ୍କୁ କରିଥିଲା ମନ୍ତ୍ରମୁଗ୍ଧ । ଜୟ ପ୍ରକାଶ ମିଶ୍ର,ଅନିଲ କୁମାର ପଣ୍ଡା, ପ୍ରୀତିଶା ମହାପାତ୍ର, ମୋନାଲିସା, ସାଇପ୍ରଜ୍ଞା, ରୋଜାଲିନ, ମାମୁନି ସାହୁ, ଅନିଲ ପଣ୍ଡା, ଜୟ ପ୍ରକାଶ ଦାସ, ସୁଶ୍ରୀ ପ୍ରିୟଦର୍ଶନୀ ସ୍ୱାଇଁ ପ୍ରମୁଖଙ୍କ ସୁମଧୁର କଣ୍ଠରେ ଭକ୍ତି ଗୀତ ଓ ଭଜନ ପରିବେଷଣରେ ଝୁମିଲେ ଭକ୍ତ, ଶ୍ରଦ୍ଧାଳୁଙ୍କ ସମେତ ଶତାଧିକ ଦର୍ଶକ ଓ ଶ୍ରୋତାମାନେ । ବାଦ୍ୟ ଯନ୍ତ୍ରରେ ନୃସିଂହ ମହାରଣା, ସୋମନାଥ କୁମାର, ଗଙ୍ଗାଧର, ଜିତୁ ମହାରଣା, ସମିର ମହାରଣା,ଗଣେଶ ମହାରଣା ପ୍ରମୁଖ ସହଯୋଗ କରିଥିଲେ । କଣ୍ଠଶିଳ୍ପୀଙ୍କ ସୁମଧୁର ଗୀତ ଓ ବାଦ୍ୟଯନ୍ତ୍ର ଧ୍ୱନୀର ତାଳେ ତାଳେ ପ୍ରକମ୍ପିତ ହୋଇଥିଲା ମା' ବାଟମଙ୍ଗଳାଙ୍କ ପରିସର । ଭଜନ ଦ୍ୱାରା ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ହରିବୋଲ, ହର ହର ମହାଦେବ, ଓ ଶ୍ରଦ୍ଧାଳୁଙ୍କ କରତାଳିରେ ପ୍ରକମ୍ପିତ ହୋଇଥିଲା ମଞ୍ଚ ପରିସର । ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ହଜାର ହଜାର କାଉଡିଆ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମେତ ସ୍ଥାନୀୟ ବାସିନ୍ଦା ଭଜନ ଶୁଣି ଭାବ ଭକ୍ତିରେ ଭିଜିଥିଲେ ।

# ଶ୍ରାବଣ ଶେଷ ସୋମବାରରେ ବିଭିନ୍ନ ଶୈବପୀଠରେ ଜଳାଲାଗି ନୀତି



**ପୁରୀ (ବ୍ୟୁରୋ):** ପବିତ୍ର ଶ୍ରାବଣ ମାସର ଶେଷ ସୋମବାରରେ ପୁରୀ ସ୍ଥିତ ଶ୍ରୀ ଲୋକନାଥ ମନ୍ଦିରରେ ପ୍ରାୟ ୧୫ ହଜାର ଶ୍ରଦ୍ଧାଳୁ ଜଳାଲାଗି କରିଥିଲେ ।ଶ୍ରୀ ଲୋକନାଥ ମନ୍ଦିର ସମେତ ସହରର ବିଭିନ୍ନ ଶୈବପୀଠରେ ମଧ୍ୟ ୫ ହଜାର ରୁ ଉର୍ଦ୍ଧ୍ୱ କାଉଡ଼ିଆ ଭକ୍ତ ଜଳଲାଗି କରିଥିଲେ । ଭକ୍ତମାନଙ୍କ ସୁରକ୍ଷା, ସୁବିଧା ଓ ସୂଚାରୁ ଦର୍ଶନ ବ୍ୟବସ୍ଥା ପାଇଁ ପୁରୀ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ଓ ଟ୍ରାଫିକ୍ ବ୍ୟବସ୍ଥା କରାଯାଇଥିଲା । ପୋଲିସର ସୂଚାରୁ ପରିଚାଳନା ଫଳରେ ସମସ୍ତ ଭକ୍ତ ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ପରିବେଶରେ ଜଳଲାଗି କରିପାରିଥିଲେ । ପୁରୀ ପୋଲିସ ପକ୍ଷରୁ କରାଯାଇଥିବା ସୁଚିନ୍ତିତ ବ୍ୟବସ୍ଥା, ବିଭିନ୍ନ ବିଭାଗର ସମନ୍ୱୟ ଓ ସମସ୍ତଙ୍କ ସହଯୋଗ ଫଳରେ ଶ୍ରାବଣ ମାସର ଶେଷ ସୋମବାରରେ ସମସ୍ତ କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ସୁଚାରୁ ଭାବେ ସମ୍ପନ୍ନ ହୋଇଛି ।

## ଅନ୍ନପୂର୍ଣ୍ଣା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ବୃକ୍ଷରୋପଣ

**ପୁରୀ (ବ୍ୟୁରୋ):** ଅନ୍ନପୁର୍ଣ୍ଣା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବ୍ରହ୍ମଗିରି ବ୍ଲକ କପିଳେଶ୍ୱରପୁର ପଞ୍ଚାୟତର ତିନିକୁଦି ଗ୍ରାମରେ ଗ୍ରାମବାସୀଙ୍କ ସହଭାଗିତାରେ ବିଭିନ୍ନ ଜଙ୍ଗଲ ବୃକ୍ଷ, ଔଷଧୀୟ ଗଛ ସହ ଫଳଗଛ ସମୁଦାୟ ଦୁଇହଜାର ଗଛ ପୂଜନ ସହ ରୋପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ସରପଞ୍ଚ ଦୀନବନ୍ଧୁ ମଟୁଆ, ବରିଷ୍ଠ ଭାରତୀୟ ଜନର ପାର୍ଟିର ପଠାଣି ଜେନା ତରୁଣ କବି ଦାମୋଦର ପରିଡ଼ା ,ପ୍ରତାପ ଦାସ, ଦୁନିଆ ସ୍ୱାଇଁ ସହ ସମସ୍ତ ଗ୍ରାମବାସୀ ବୃନ୍ଦ ଙ୍କ ସହ ଟ୍ରଷ୍ଟ ପ୍ରତିଷ୍ଠାତା ଡକ୍ଟର ପ୍ରମୋଦ କୁମାର ଆଚାର୍ଯ୍ୟ ବୃକ୍ଷ ପୂଜନ କରିବା ପରେ ରୋପଣ କରିଥିଲେ ।



## ୫୯ତମ କୁମାର ଉତ୍ସବର ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଉଦ୍‌ଯାପିତ

# 'ଶ୍ରୀକ୍ଷେତ୍ର କୁମାର/କୁମାରୀ' ଓ 'ଶ୍ରୀକ୍ଷେତ୍ର ଗୃହିଣୀ' ମୁଖ୍ୟଆକର୍ଷଣ



**ପୁରୀ (ବ୍ୟୁରୋ):** ପୁରୀ କୁମାର ଉତ୍ସବ ସମିତି ପକ୍ଷରୁ ଆୟୋଜିତ ୫୯ତମ କୁମାର ଉତ୍ସବ ୨୦୨୬ର ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଭାବଗମ୍ଭୀର ପରିବେଶରେ ଉଦ୍‌ଯାପିତ ହୋଇଛି । ସ୍ଥାନୀୟ ଅନ୍ନପୂର୍ଣ୍ଣା ଥିଏଟର ଠାରେ ସ୍ୱର୍ଗତ ପାର୍ବତୀ ପାଟଯୋଶୀ ମହାପାତ୍ରଙ୍କ ପବିତ୍ର ସ୍ମୃତିରେ ଆୟୋଜିତ ଏହି ଦୁଇଦିନିଆ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ଉଦଯାପନୀ ଦିବସରେ ବିଭିନ୍ନ ବିଭାଗରେ ପ୍ରତିଭାମାନଙ୍କ ଅପୂର୍ବ କଳାନୈପୁଣ୍ୟ ଓ ସୃଜନଶୀଳତାର ଝଲକ ଦେଖିବାକୁ ମିଳିଥିଲା । ଉଦଯାପନୀ ଦିବସରେ ଚିତ୍ରାଙ୍କନ, ଫ୍ୟାନ୍ସି ଡ୍ରେସ୍, ଝୋଟି, ଶ୍ରୀକ୍ଷେତ୍ର କୁମାର-କୁମାରୀ, ଶ୍ରୀକ୍ଷେତ୍ର ଗୃହିଣୀ, ଭକ୍ତି ଓ ଦେଶାତ୍ମବୋଧକ ସଙ୍ଗୀତ, ଭଜନ, ନୃତ୍ୟ ଓ ଲୋକନୃତ୍ୟ ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଶେଷ କରି 'ଶ୍ରୀକ୍ଷେତ୍ର କୁମାର-କୁମାରୀ' ଓ 'ଶ୍ରୀକ୍ଷେତ୍ର ଗୃହିଣୀ' ପ୍ରତିଯୋଗିତା ଉତ୍ସବର ପ୍ରମୁଖ ଆକର୍ଷଣ ସାଜିଥିଲା । ଶିଶୁ, କିଶୋର ଓ ମହିଳା ପ୍ରତିଭାମାନଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ସମଗ୍ର ପରିବେଶକୁ ଉତ୍ସବମୁଖର କରିଥିଲା । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ବେଳେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ୨୭ - ୨୯ ଅକ୍ଟୋବର ପର୍ଯ୍ୟନ୍ତ ପୁରୀ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ହେବାକୁ ଥିବା ୫୯ତମ କୁମାର ଉତ୍ସବ ୨୦୨୬ ମୁଖ୍ୟ ମଞ୍ଚରେ ସମ୍ମାନିତ କରାଯିବ ।ଆଜିର ଉଦଯାପନୀ କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ଛତିଶା ନିଯୋଗର ସଭାପତି ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମାଜସେବୀ ଚକ୍ରଧର ମହାପାତ୍ର, ବିଦ୍ୟୁଲତା ଆଚାର୍ଯ୍ୟ, ଶ୍ରୀକାନ୍ତ ମହାନ୍ତି, ସୁକାନ୍ତ ପଣ୍ଡା, ଅମରେନ୍ଦ୍ର ପାଇକରାୟ, ବିକାଶ ଦତ୍ତ ଓ କିଶୋର ଚନ୍ଦ୍ର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସମିତିର ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡାଙ୍କ ସଂଯୋଜନାରେ ଦୁଇଦିନିଆ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା । ସନ୍ତୋଷେ ମହାନ୍ତି,ଶୁଭଶ୍ରୀ ଜୟସିଂ, ବିରଞ୍ଚି ଷଡ଼ଙ୍ଗୀ, ଜ୍ୟୋତିର୍ମୟୀ ପଣ୍ଡା, ଶ୍ୟାମପ୍ରକାଶ ସେନାପତି, ମନସ୍ମିତା ସାହୁ, ଚନ୍ଦନ କୁମାର ସାହୁ, ମିର୍ଣ୍ଣାଳିନ ଦାସ, ପ୍ରୀତିପର୍ଣ୍ଣା କରନ, ବିଷ୍ଣୁପ୍ରିୟା ଦାସ, ରାକେଶ ନାୟକ, ଦେବରାଜ ଦାସ ଓ ସୌମ୍ୟରଞ୍ଜନ ନାୟକ ପ୍ରମୁଖ ବିଭିନ୍ନ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ । ବିଶିଷ୍ଟ ନାଟ୍ୟକାର ଭରତ ନାୟକ ମଞ୍ଚ ପରିଚାଳନା କରିଥିଲେ ।ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ସମିତି ପକ୍ଷରୁ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରାଯାଇଥିଲା ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ

**ପୁରୀ (ବ୍ୟୁରୋ):** ଚକ୍ରତୀର୍ଥ ରୋଡ ସ୍ଥିତ ଯୁଥ ହଷ୍ଟେଲ ପରିସରରେ ଦୁଇଦିନବ୍ୟାପି ଅବସର ପ୍ରାପ୍ତ କର୍ମଚାରୀ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ ସଭାପତି ଅଧ୍ୟାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଇଂ ନବକୁମାର କର୍ମକାର ସର୍ବ ଭାରତୀୟ ନେତୃତ୍ୱ ସମ୍ମିଳନୀକୁ ଉଦଘାଟନ କରିଥିଲେ । ନରସିଂହ ରାଓ ରେଡ୍ଡୀ, ରାମଅବତାର ପାଣ୍ଡେ, ଅଧ୍ୟାପକ ମାନସ ବେହେରା ଓ ବିଶ୍ୱ ଶିକ୍ଷକ ସଙ୍ଘ ସଭାପତି ଡ. ଅମୀୟ କୁମାର ମହାନ୍ତି ବିଦ୍ୟାଳୟ ସ୍ତରୀୟ ଶିକ୍ଷାରେ ଉପୁଜୁଥିବା ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଲୋକପାତ କରିଥିଲେ । ସାଧାରଣ ସମ୍ପାଦକ ବିବେକାନନ୍ଦ ଦାଶ ସମ୍ମିଳନୀର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଅତିଥିବୃନ୍ଦ ଓ ପ୍ରତିନିଧିମାନଙ୍କୁ ସ୍ୱାଗତ କରିଥିଲେ । ଡ଼. ଦିଲ୍ଲୀପ କୁମାର ମିଶ୍ର ଦିବଂଗତ ଆତ୍ମମାନଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିଥିଲେ । ଶିକ୍ଷକ ମହାସଂଘ ସଭାପତି ଅକ୍ଷୟ ଦାସ, କର୍ମକର୍ତ୍ତା ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ, ଯୁଗ୍ମ ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ଓ ରାମନାରାୟଣ ମିଶ୍ର ଶେଷରେ ସଂଗଠନ ସମ୍ପାଦକ ଗଗନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ମହାପ୍ରଭୁଙ୍କ ପାଇଁ ରାକ୍ଷୀ ପ୍ରସ୍ତୁତିରେ ପାଟେରା ବିଷୋୟୀ



**ପୁରୀ (ବ୍ୟୁରୋ):** ଆସୁଛି ଗହ୍ମା ପୂନେଇଁ । ଏହିଦିନ ମହାପ୍ରଭୁ ପିନ୍ଧିବେ ରାକ୍ଷୀ । ମାନବୀୟ ଲୀଳାକ୍ରମରେ କୋଟି ଓଡ଼ିଆଙ୍କ ମଉଡ଼ମଣି ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କୁ ଲାଗି ହେବ ରାକ୍ଷୀ । ମହାପ୍ରଭୁଙ୍କ ପାଇଁ ରାକ୍ଷୀ ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି ପାଟେରା ବିଷୋୟୀ । ବଡ଼ ଠାକୁରଙ୍କ ପାଇଁ ବଡ଼ ରାକ୍ଷୀ ତିଆରି କରୁଛନ୍ତି । ଚିତାଲାଗି ଅମାବାସ୍ୟାଠାରୁ ପାଟେରା ବିଷୋୟୀ ଦୋଳମଣ୍ଡପ ସାହିସ୍ଥିତ ନିଜ ଘରେ ରାକ୍ଷୀ ପ୍ରସ୍ତୁତି ଚଳାଇଛନ୍ତି । ବିଧି ମୁତାବକ ମହାପ୍ରଭୁ ଶ୍ରୀଜଗନ୍ନାଥ ଦୁଇଟି ଏବଂ ଶ୍ରୀବଳଭଦ୍ର ଦୁଇଟି ଲେଖାଏଁ ରାକ୍ଷୀ ପିନ୍ଧିବେ ।ଏଥିସହ ହାତରେ ଦୁଇଟି ଲେଖାଏଁ ଗୁଆମାଳ ପରିଧାନ କରି ରାକ୍ଷୀ ପୂର୍ଣ୍ଣମୀରେ ଭକ୍ତଙ୍କୁ ଦର୍ଶନ ଦେବେ । ଗହ୍ମା ପୂର୍ଣ୍ଣମୀରେ ଶ୍ରୀବଳଭଦ୍ରଙ୍କ ଜନ୍ମଦିନ ମଧ୍ୟ ପାଳନ ହେବ । ମହାପ୍ରଭୁଙ୍କ ପାଇଁ ରାକ୍ଷୀ ତିଆରି କରୁଥିବା ପାଟରା ବିଷୋୟୀ ସନ୍ତୋଷ କୁମାର ପାତ୍ରଙ୍କ କହିବା ମୁତାବକ, ରାକ୍ଷୀ ତିଆରି ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆବଶ୍ୟକ ପରିମାଣରେ ବାସୁଙ୍ଗା ପାଟ ଯୋଗାଇ ଦିଆଯାଇଛି । ଏହାକୁ ପ୍ରାକୃତିକ ରଙ୍ଗରେ ବୁଡ଼ାଇ ଖରାରେ ଶୁଖାଯାଇଥିଲା । ହଳଦିଆ, ନାଳି, ନେଳି ଓ ବାଇଗେଣି ରଙ୍ଗରେ ବାସୁଙ୍ଗା ପାଟକୁ ରଙ୍ଗିନ କରିବା ପରେ ତାକୁ ନିର୍ଦ୍ଦିଷ୍ଟ ମାପରେ କଟାଯାଇ ଗୋଲେଇ ପ୍ରସ୍ତୁତ କରାଯାଇଥିଲା । କାଠ ପାନିଆରେ ଏହାକୁ ସାଇଜ କରି ୫ ଥାକିଆ ରାଖୀ ପ୍ରସ୍ତୁତ କରାଯାଉଛି । ଏଥିପାଇଁ ବାସୁଙ୍ଗା ପାଟରେ ଡୋରି ମଧ୍ୟ ପ୍ରସ୍ତୁତ କରାଯାଉଛି । ଏହାବ୍ୟତୀତ ୫୪ଟି ଲେଖାଏଁ ଗୁଆରେ ୪ଟି ଗୁଆମାଳ ପ୍ରସ୍ତୁତ କରାଯାଉଛି । ରାକ୍ଷୀ ପ୍ରସ୍ତୁତି ବେଳେ ଖାଦ୍ୟ ପେୟଠୁ ନେଇ ସବୁ କ୍ଷେତ୍ରରେ ପବିତ୍ରତା ବଜାୟ ରଖିବାକୁ ପଡ଼େ । ପାଟେରା ବିଷୋୟୀ ମହାପ୍ରଭୁଙ୍କର ଚିତାଲାଗି, ରାହୁରେଖା ଓ ପଇତା ଲାଗି ଭଳି ଗୁପ୍ତ ସେବା ବର୍ଷ ତମାମ ତିଥି ଅନୁଯାୟୀ କରିଥାଆନ୍ତି । ଏହାବ୍ୟତୀତ ରାକ୍ଷୀ ପୂର୍ଣ୍ଣମୀରେ ରାକ୍ଷୀ ତିଆରି କାର୍ଯ୍ୟ କରିଥାଆନ୍ତି । ଚାରିଟି ବଡ଼ ରାକ୍ଷୀ ସମେତ ମହାପ୍ରଭୁ ଶ୍ରୀଜଗନ୍ନାଥ ହଳଦିଆ ଓ ନାଲି ରଙ୍ଗର ଗୁଆମାଳ ଏବଂ ନେଳି ଓ ବାଇଗଣି ରଙ୍ଗର ଗୁଆମାଳ ଶ୍ରୀବଳଭଦ୍ର ହାତରେ ପରିଧାନ କରିଥାଆନ୍ତି । ଏହାବ୍ୟତୀତ ସେଇ ବାସୁଙ୍ଗା ପାଟରେ ୧୫ଟି ଛୋଟ ରାକ୍ଷୀ ପ୍ରସ୍ତୁତ କରାଯାଏ । ପାର୍ଶ୍ୱ ଦେବାଦେବୀମାନେ ଏହି ରାକ୍ଷୀ ପରିଧାନ କରିଥାଆନ୍ତି । ରାକ୍ଷୀ ପିନ୍ଧିବା ପରେ ମହାପ୍ରଭୁଙ୍କ ଏହି ସ୍ୱତନ୍ତ୍ର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି । ରାକ୍ଷୀ ଓଲାଗି ହେବା ପରେ ଗୋଟିଏ ଗଜପତିଙ୍କ ନିକଟକୁ ଯାଏ ଏବଂ ଅନ୍ୟ ରାକ୍ଷୀ ଭଣ୍ଡାର ଘରେ ରହିଥାଏ । ରାକ୍ଷୀ ପ୍ରସ୍ତୁତି ପାଇଁ ସେବକ ହିସାବରେ ସ୍ୱତ୍ୱଲିପି ଅନୁସାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ କିଛି ପାଉଣା ଉପଲବ୍ଧ ହୁଏ ।

# ନିଶାଡୀଙ୍କ କବଳରେ ସମୁଦ୍ର ବେଳାଭୂମି

**ପୁରୀ (ବ୍ୟୁରୋ):** ନିଶାଡ଼ିଙ୍କ ପ୍ରାଦୁର୍ଭାବ ବଢୁଛି ପୁରୀ ସମୁଦ୍ର ବେଳାଭୂମି ଅଞ୍ଚଳରେ । ଯାହାଦ୍ୱାରା ସୈାହାକୁ ନେଇ ହତ୍ୟା ଓ ଆତ୍ମହତ୍ୟା ବଢ଼ିବାରେ ଲାଗିଛି । ଚଳିତ ମାସ ୨୦ ତାରିଖରେ ପୁରୀ ବେଳାଭୂମିରୁ ଏକ ମୃତଦେହ ଉଦ୍ଧାର କରାଯାଇଥିଲା । ତେବେ ଏହା ହତ୍ୟା ନା ଆତ୍ମହତ୍ୟା ସେନେଇ ସାଧାରଣ ଲୋକଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ ପାଇଛି । ଦୀର୍ଘ ୧ବର୍ଷ ମଧ୍ୟରେ ଏଠାରେ ୭ରୁ ଅଧିକ ହତ୍ୟାକାଣ୍ଡ ଘଟିଥିବା ବେଳେ ଏକାଧିକ ଆତ୍ମହତ୍ୟା ଜନିତ ଘଟଣା ଦେଖିବାକୁ ମିଳିଛି । ବିଳମ୍ବିତ ରାତିରେ ପୁଲିସ ପଇଁତରା ଠିକ୍ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ବିଳମ୍ବିତ ରାତିରେ ଷ୍ଟର୍ଲିଂ ଛକ ଠାରୁ ଏକ ହୋଟେଲ ପର୍ଯ୍ୟନ୍ତ ୨ କିଲୋମିଟର ବ୍ୟାପୀ ସମୁଦ୍ର ବେଳାଭୂମି ଅଞ୍ଚଳ ଅପରାଧୀଙ୍କ ଚରାଭୂଇଁ ପାଲଟିଛି । ଷ୍ଟର୍ଲିଂ ଛକରେ ପୁଲିସ ଏଡ଼ ପୋଷ୍ଟ ଅଛି ହେଲେ ପଇଁତରା କଡ଼ାକଡ଼ି ହେଉନାହିଁ ବୋଲି ଅଭିଯୋଗ ହେଉଛି । ପୂର୍ବରୁ ଏହି ଅଞ୍ଚଳରେ ବ୍ୟାପକ ନିଶା କାରବାର ଅଭିଯୋଗ ହୋଇ ଆସୁଥିଲା । ଏବେ ୩୧୬ ନଂ ଜାତୀୟ ରାଜପଥରେ ବିଳମ୍ବିତ ରାତିରେ ଆସୁଥିବା ପର୍ଯ୍ୟଟକଙ୍କ ଗାଡ଼ି ଅଟକାଇ ଦାଦାବଟି ମାଗିବା ନେଇ ଏକାଧିକ ଅଭିଯୋଗ ହୋଇଛି । ଏହି ନିଛାଟିଆ ତଥା ଅନ୍ଧାରୁଆ ବେଳାଭୂମି ବର୍ତ୍ତମାନ ଅନ୍ୟ କାରଣ ପାଇଁ ବଦନାମ ହେବାରେ ଲାଗିଛି । କୌଣସି ସ୍ଥାନରେ ହତ୍ୟାକାଣ୍ଡ ଭିଆଇ ଏଠାରେ ଆଣି ଶବକୁ ଫିଙ୍ଗାଯାଉଥିବା ଭଳି ଘଟଣା ଦେଖିବାକୁ ମିଳିଲାଣି । ଗତ ବର୍ଷକ ମଧ୍ୟରେ ସୋର ଥାନା ଅଞ୍ଚଳର ଜଣେ ଯୁବକ ପ୍ରହଲ୍ଲାଦ ଦାସଙ୍କୁ ସାଙ୍ଗମାନେ ଆଣି ବିଳମ୍ବିତ ରାତିରେ ହତ୍ୟା କରି ବେଳାଭୂମିରେ ଫୋପାଡ଼ି ଦେଇଥିଲେ । ସେହିପରି ପୂର୍ବ ଶତ୍ରୁତାକୁ ନେଇ ଏକ ଓଟକୁ ହତ୍ୟା କରି ବାଲିରେ ପୋତି ଦେଇଥିବା ଘଟଣା ମଧ୍ୟ ଦେଖିବାକୁ ମିଳିଥିଲା । ରାତି ୩ଟାରେ ଷ୍ଟର୍ଲିଂ ଛକରେ ରାହୁଲ ବେହେରା ଦୁର୍ଘଟଣାରେ ସନ୍ଦେହଜନକ ଅବସ୍ଥାରେ ପ୍ରାଣ ହରାଇବା, ପିପିଲି ଅଞ୍ଚଳର ଯୁବକ ନିରଞ୍ଜନ ସିଂ ମୃତ ଅବସ୍ଥାରେ ସମୁଦ୍ରରେ ଭାସିବା ଭଳି ସନ୍ଦେହଜନକ ଘଟଣା ଏବଂ ଚଳିତ ମାସରେ ବିଳମ୍ବିତ ରାତିରେ ଷ୍ଟର୍ଲିଂ ଜଙ୍ଗଲ ମଧ୍ୟରେ ଜଣେ ଯୁବକଙ୍କୁ ତାଙ୍କର ୨ଜଣ ସାଙ୍ଗ ଡାକିନେଇ ଯେଉଁଳି ଅମାନୁଷିକଭାବେ ବେକ କାଟି ହତ୍ୟା କରିଛନ୍ତି ତାହା ପୁଲିସର ପାରିବା ପଣିଆ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଅନେକ ମାମଲାକୁ ପୁଲିସ ବର୍ତ୍ତମାନ ସୁଦ୍ଧା ଉଜାଗର କରି ପାରିନାହିଁ । ଅନ୍ୟପକ୍ଷରେ ଆତ୍ମହତ୍ୟା ଜନିତ ଘଟଣା ପୁରୀ ସମୁଦ୍ର ବେଳାଭୂମିରେ ରେକର୍ଡ଼ କିଛି କମ ନୁହେଁ । ବେଳାଭୂମିରେ ଜିଲା ପୁଲିସ ପଇଁତରା ବ୍ୟବସ୍ଥା ପାଇଁ ଅନେକ ବ୍ୟକ୍ତି ଏଠାରେ ଆତ୍ମହତ୍ୟା କରିଛନ୍ତି । ଚଳିତ ମାସ ୨୦ ତାରିଖ ସକାଳେ ବେଳାଭୂମିରେ ଏକ ମୃତ ଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା । ଗତ ୧ ବର୍ଷ ମଧ୍ୟରେ ଏହିପରି ବହୁ ଘଟଣା ଏଠାରେ ଘଟିଛି । ହତ୍ୟାକାଣ୍ଡ ପରେ ଶବକୁ ଫୋପାଡ଼ି ଅନ୍ଧକାର ମଧ୍ୟରେ ଅପରାଧୀ ଖସିଯିବାକୁ ସକ୍ଷମ ହେଉଛନ୍ତି । ଅପରାଧୀ ହୋଟେଲରେ ରହୁଥିଲେ ମଧ୍ୟ ସ୍ଥାନୀୟ ପୁଲିସ ତାର ସୂଚନା ପାଉ ନାହିଁ ଓ ପୁଲିସ କେବଳ ରାସ୍ତା ଉପରେ ପଇଁତରା ଦେଉଥିବା ବେଳେ ଅପରାଧୀ ନିଛାଟିଆ ବେଳାଭୂମିରେ ଅପରାଧ ଘଟାଇ ଖସିଯିବାରେ ସକ୍ଷମ ହେଉଛନ୍ତି । ପୁଲିସ ପଇଁତରା ବ୍ୟବସ୍ଥାକୁ ନେଇ ସ୍ଥାନୀୟ ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି । ଏନେଇ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ କହନ୍ତି, ଜିଲା ପୁଲିସ କାର୍ଯ୍ୟାଳୟ ପକ୍ଷରୁ ବେଳାଭୂମିର ନିଛାଟିଆ ଅଞ୍ଚଳରେ ହତ୍ୟା, ଆତ୍ମହତ୍ୟା, ଦାଦାବଟି ଏବଂ ନିଶା କାରବାର ରୋକିବା ପାଇଁ ଖୁବ ଶୀଘ୍ର ପୁଲିସ ପଇଁତରା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ ।



**ଶ୍ରାବଣ ଶେଷ ସୋମବାର**

# ଶ୍ରୀଲୋକନାଥଙ୍କ ପୀଠରେ ଜଳଲାଗି କଲେ ହଜାର ହଜାର କାଉଡ଼ିଆ



**ପୁରୀ (ବ୍ୟୁରୋ):** ଶ୍ରାବଣ ମାସ ଶେଷ ସୋମବାର । ଶ୍ରୀକ୍ଷେତ୍ରର ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥଙ୍କ ମନ୍ଦିରରେ କାଉଡିଆ ଭକ୍ତ ଜଳାଭିଷେକ କରିଛନ୍ତି । କାଉଡିଆ ଭକ୍ତ ମାନେ ଜିଲ୍ଲା ବାହାର ଓ ଜିଲ୍ଲାର ଆଖପାଖ ବିଭିନ୍ନ ଜଳାଶୟରୁ ଆଣିଥିବା ପବିତ୍ର ଜଳ ବାବା ଶ୍ରୀଲୋକନାଥ ଦେବଙ୍କୁ ଲାଗି କରିଛନ୍ତି ।ବାବା ଶ୍ରୀଲୋକନାଥଙ୍କ ମଙ୍ଗଳଆଳତି ଓ ଅବକାଶ ପରେ ରାତି ୧୨ଟାରୁ ବୋଲବମ ଭକ୍ତ ମାନେ ଜଳଲାଗି ପାଇଁ ପ୍ରବେଶ କରିଥିଲେ । ବୋଲବମ ହରେ ହରେ ବମ୍ ,ଓଁ ନମଃ ଶିବାୟ, ହର ହର ମହାଦେବ, ଜୟ ବାବା ଶ୍ରୀଲୋକନାଥ ଧ୍ୱନିରେ ପ୍ରକମ୍ପିତ ହେଉଥିଲା ମନ୍ଦିର ପରିସର । ଶେଷ ସୋମବାର କାଉଡିଆମୟ ହୋଇଥିଲା ଶ୍ରୀକ୍ଷେତ୍ର । ରବିବାର ଅପରାହ୍ନରୁ ବହୁ ବୋଲବମ ଭକ୍ତ ଶ୍ରୀଲୋକନାଥଙ୍କ ପୀଠରେ ଅସ୍ଥାୟୀ ବିଶ୍ରାମସ୍ଥଳରେ ଆଶ୍ରୟ ନେଇଥିଲେ । ଭୁବନେଶ୍ୱର ପାର୍ଶ୍ୱରୁ ଆସୁଥିବା ବୋଲବମ ଭକ୍ତମାନେ ବାଟମଙ୍ଗଳା, ଅଠରନଳା ଦେଇ ପୁରୀକୁ ପ୍ରବେଶ କରିଥିଲେ । ସେହିପରି ପୁରୀ ବାଇପାସ ମଙ୍ଗଳଘାଟ ଛକ ଦେଇ ଅନେକ ବୋଲବମ ଭକ୍ତ ଲୋକନାଥଙ୍କ ପୀଠକୁ ଯାଇଥିଲେ । ପାଳିଆ ସେବକ ମନମୋହନ ପଣ୍ଡା ନୀତି ସମ୍ପାଦନ ପରେ ଜଳଲାଗି ପର୍ବ ଆରମ୍ଭ ହୋଇଥିଲା । ବୋଲବମ ଭକ୍ତଙ୍କ ସୁରକ୍ଷା ସୁବିଧା ଓ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ପୁରୀ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ଓ ଟ୍ରାଫିକ ପରିଚାଳନା କରାଯାଇଥିଲା । ଭକ୍ତ ମାନଙ୍କ ଶୃଙ୍ଖଳିତ ଧାଡି ଦର୍ଶନ ଓ ଜଳଲାଗି ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା ।

# ଆଙ୍କୋଲୋଜୀ ସ୍ପଣ୍ଡିଲାଇସ

ଆଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ୍ ମୁଖ୍ୟତଃ ଯୁବାବସ୍ଥାରେ ହୋଇଥାଏ। ଜଣଙ୍କ ବୟସ ୨୦ରୁ ୪୦ବର୍ଷ ହୋଇଥିବା ବେଳେ ଏହା ଆରମ୍ଭ ହୋଇଥାଏ। ଏହାର ଚିକିତ୍ସା ସମ୍ଭବ। କିନ୍ତୁ ଚିକିତ୍ସାରେ ଅବହେଳା ଯୋଗୁଁ ବୟସ ବଢ଼ିବା ବେଳକୁ ଏହି ରୋଗୀମାନଙ୍କ ସକ୍ରିୟତା କମି ଯାଇଥାଏ। କ୍ରମଶଃ ସେମାନେ ଆବଶ୍ୟକ ଚଳପ୍ରଚଳ କରିପାରି ନଥାନ୍ତି। ବରଂ ସେମାନଙ୍କ ଶରୀର ନମନୀୟତା ହରାଇଥାଏ। ଯଦି ଆରମ୍ଭରୁ ଏହି ରୋଗର ଚିକିତ୍ସା କରାଯାଏ, ତେବେ ରୋଗୀ ସୁସ୍ଥ ହୋଇପାରିବେ। ଆଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ୍ ଏକପ୍ରକାରର ଗଣ୍ଠିବାତ, ଯାହା ସମୟ ସହିତ ମେରୁଦଣ୍ଡ, ହାତ ଓ ଏହାର ଆଖପାଖ ଗଣ୍ଠି ସମୂହକୁ ପ୍ରଭାବିତ କରିଥାଏ। କ୍ରମଶଃ ରୋଗୀର ମେରୁଦଣ୍ଡର ନମନୀୟତା ମଧ୍ୟ ନଷ୍ଟ ହୋଇଯାଏ। ପରିଣାମ ସ୍ୱରୂପ, ଧୀରେ ଧୀରେ ରୋଗୀର ଶରୀର ବଙ୍କା ହୋଇଯାଇଥାଏ। ଏହି ରୋଗର ପ୍ରକୃତ କାରଣ ଏଯାଏ ଜଣାପଡ଼ି ନାହିଁ। ପ୍ରାୟତଃ ବଂଶଗତ ଓ ପରିବେଶର ପ୍ରଭାବରେ ଏହି ରୋଗ ହୋଇଥାଏ। ଏଚ୍ଏଲ୍ଏ-ବି୨୭ ନାମକ ଏକ ଜିନ୍ ଏହି ରୋଗୀମାନଙ୍କଠାରେ ଦେଖାଦେଇଥାଏ। ଆଙ୍କାଇଲୋଜି ସ୍ପଣ୍ଡିଲାଇଟିସ୍ ମହିଳାଙ୍କ ଅପେକ୍ଷା ପୁରୁଷଙ୍କ ଠାରେ ଅଧିକ ଦେଖା ଦେଇଥାଏ।





ଆଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ୍ ମୁଖ୍ୟତଃ ଯୁବାବସ୍ଥାରେ ହୋଇଥାଏ। ଜଣଙ୍କ ବୟସ ୨୦ରୁ ୪୦ବର୍ଷ ହୋଇଥିବା ବେଳେ ଏହା ଆରମ୍ଭ ହୋଇଥାଏ। ଏହାର ଚିକିତ୍ସା ସମ୍ଭବ। କିନ୍ତୁ ଚିକିତ୍ସାରେ ଅବହେଳା ଯୋଗୁଁ ବୟସ ବଢ଼ିବା ବେଳକୁ ଏହି ରୋଗୀମାନଙ୍କ ସକ୍ରିୟତା କମି ଯାଇଥାଏ।



### ରୋଗର ଲକ୍ଷଣ

ଏହି ସ୍ପଣ୍ଡିଲାଇଟିସ୍ ଆରମ୍ଭ ପର୍ଯ୍ୟାୟରେ ଅଣ୍ଟାର ନିମ୍ନ ଭାଗରେ ଯନ୍ତ୍ରଣା ହେବା ସହ ଷ୍ଟିଫ୍ ହୋଇଯାଇଥାଏ। ଏହି ଯନ୍ତ୍ରଣା ବିଶେଷତଃ ସକାଳ ସମୟରେ କିମ୍ବା ଶରୀର ନିଷ୍କ୍ରିୟ ହେବା ପରେ ଅନୁଭୂତ ହୋଇଥାଏ। ଏହି ରୋଗ ହେବା ପରେ ବେକରେ ଯନ୍ତ୍ରଣା ଓ ଥକାପଣ ଅନୁଭବ ହୁଏ। ସମୟ ସହିତ ଏସବୁ ଲକ୍ଷଣରେ ପରିବର୍ତ୍ତନ ଆସିଥାଏ। ଏହାର କେତେକ ମୁଖ୍ୟ ଲକ୍ଷଣ ହେଉଛି:

୧. ସକାଳୁ ଉଠିବା ପରେ ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଅଣ୍ଟା ଦରଜ ରହିବା।
୨. ରାତିରେ ଶୋଇବା ସମୟରେ ପିଠି ଦରଜ ବଢ଼ିଯିବା।
୩. ବେକ ଦରଜ ହେବା ସହ ବୁଲାଇବାରେ ମଧ୍ୟ ଯନ୍ତ୍ରଣା ହେବା।
୪. ଅନ୍ୟାନ୍ୟ ଗଣ୍ଠି, ଯେପରିକି ଜଂଘସନ୍ଧି, ଆଣ୍ଠୁ, କାନ୍ଧ ଓ କହୁଣି ଆଦି ଫୁଲିବା ସହ ଦରଜ ହେବା।
୫. ସକାଳୁ ଉଠି ଭୂଇଁରେ ପାଦ ପକାଇବାରେ କଷ୍ଟ ହେବା।
୬. ଆଖି ଲାଲ ପଡ଼ିବା ସହ ଯନ୍ତ୍ରଣା ଅନୁଭୂତ ହେବା।

ପ୍ରାୟ ୯୦ ଭାଗ ଅଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ୍ ରୋଗୀଙ୍କଠାରେ ଏଚ୍ଏଲ୍ଏ-ବି୨୭ ଜିନ୍ ରହିଥିବା ଜଣାପଡ଼ିଛି।



### ଚିହ୍ନଟ କରିବେ କେମିତ

ଯଦି କୌଣସି ଲୋକ ନିୟମିତ ଭାବେ ସକାଳୁ ଉଠିବା ସମୟରେ ଅଣ୍ଟାରେ ଯନ୍ତ୍ରଣା ହୋଇଥାଏ, କିନ୍ତୁ କିଛି ସମୟର କାର୍ଯ୍ୟକଳାପ ପରେ ଏହି ଯନ୍ତ୍ରଣା କମିଯାଇଥାଏ ତେବେ ଏହା ଆଙ୍କାଇଲୋଜିଂ ସ୍ପଣ୍ଡିଲାଇଟ୍ସ ବୋଲି ସନ୍ଦେହ କରାଯାଇପାରେ। ଏହି ପରିସ୍ଥିତିରେ ତୁରନ୍ତ ରୁମାଟୋଲୋଜିଷ୍ଟଙ୍କ ପରାମର୍ଶ ନେବା ଉଚିତ। ଏଥିପାଇଁ ବିଭିନ୍ନ ପ୍ରକାରର ରକ୍ତ ପରୀକ୍ଷା କରାଯାଏ ଯେପରି ଇଏସ୍ଆର, ସି.ଆର.ପି. ଓ ଅଣ୍ଟା ଏକ୍ସରେ ମାଧ୍ୟମରେ ଏହି ରୋଗକୁ ଚିହ୍ନଟ କରାଯାଏ। ଏହା ବ୍ୟତୀତ ରୋଗର ଚିହ୍ନଟ ପାଇଁ ଏମ୍.ଆର୍.ଆଇ. ଓ ଏଚ୍ଏଲ୍ଏ-ବି୨୭ ଜିନ୍ର ପରୀକ୍ଷା ମଧ୍ୟ କରାଯାଇଥାଏ।

### ଚିକିତ୍ସା ଓ ନିୟନ୍ତ୍ରଣର ଉପାୟ

ରୋଗକୁ ନିୟନ୍ତ୍ରଣ କରିବା ପାଇଁ ଆଧୁନିକ ଚିକିତ୍ସା ବିଜ୍ଞାନରେ ବହୁପ୍ରକାର ଔଷଧ ଉପଲବ୍ଧ ହେଲାଣି, ଯାହାକୁ ଡିଜିଜ୍ ମୋଡିଫାଇଙ୍ଗ୍ ଆଣ୍ଟିରୁମାଟିକ୍ ଡ୍ରଗ୍ସ କୁହାଯାଏ। ସ୍ପଣ୍ଡିଲାଇଟିସ୍କୁ ସଂପୂର୍ଣ୍ଣ ଭଲ କରାଯାଇ ନପାରିଲେ ମଧ୍ୟ ଲକ୍ଷଣକୁ ଦେଖି ନିୟନ୍ତ୍ରଣ କରାଯାଇପାରିବ। ଏଥିସହିତ ତୀବ୍ର ବେଗରେ ବଢୁଥିବା ରୋଗର ଗତିକୁ ହ୍ରାସ କରିଦିଆଯାଇପାରେ। ଦୈନନ୍ଦିନ ଜୀବନରେ ବିଭିନ୍ନ ଆହ୍ୱାନକୁ ସାମନା କରିବା ପାଇଁ ବିଭିନ୍ନ ପ୍ରକାରର ପୋଷକତତ୍ତ୍ୱର ଆବଶ୍ୟକତା ରହିଛି। ଶରୀର ପାଇଁ ଫଳ, ପନିପରିବା, ବିଭିନ୍ନ ଶସ୍ୟଜାତୀୟ ଖାଦ୍ୟ ସହ ସତେଜ ଓ ସୁସ୍ଥକର ଖାଦ୍ୟ ଦରକାର। ଅଧିକ ମଦ୍ୟପାନ ଓ ଧୂମପାନ ନ କରିବା ଭଲ। ପର୍ଯ୍ୟାପ୍ତ ମାତ୍ରାର କ୍ୟାଲ୍ସିୟମ୍ ଓ ଭିଟାମିନ୍ ଡି ଖାଇଲେ ଭଲ। ଏହି ଦୁଇ ପୋଷକତତ୍ତ୍ୱ ହାଡ଼କୁ ମଜଭୁତ କରିଥାଏ। ବୟସ୍କଙ୍କ କ୍ଷେତ୍ରରେ ଦିନକୁ ୧୦୦୦ରୁ ୧୨୦୦ ମି.ଗ୍ରା. କ୍ୟାଲ୍ସିୟମ୍ ଆବଶ୍ୟକ ହୋଇଥାଏ। କିନ୍ତୁ ନିଜ ପାଇଁ କେତେ କ୍ୟାଲ୍ସିୟମ୍ ଆବଶ୍ୟକ, ତାହା ଡାକ୍ତରଙ୍କ ସହ ପରାମର୍ଶ କଲେ ଜଣାପଡ଼ିବ। କ୍ୟାଲ୍ସିୟମ୍ଯୁକ୍ତ ଖାଦ୍ୟପଦାର୍ଥ ମଧ୍ୟରେ ଦୁଗ୍ଧ ଜାତୀୟ ଉତ୍ପାଦ, କଦଳୀ, ବ୍ରୋକୋଲି, ଶସ୍ୟଜାତୀୟ ଖାଦ୍ୟ ଓ ଜୁସ୍ ଆଦି ରହିଛି। ସେହିପରି ଭିଟାମିନ୍ ଡି କେତେକ ମାଛ ଓ ସୂର୍ଯ୍ୟକିରଣରେ ରହିଛି। ଏହା ସହିତ ଓଜନକୁ ନିୟନ୍ତ୍ରଣରେ ରଖନ୍ତୁ।

*ଚିକିତ୍ସା ନିର୍ଦ୍ଦେଶକ, ଓଡ଼ିଶା*
*ଆର୍ଥ୍ରାଇଟିସ୍ ଓ ରୁମାଟୋଲୋଜି କେନ୍ଦ୍ର, ସହିଦନଗର, ଭୁବନେଶ୍ୱର*

# କେତେ ସ୍ୱଚ୍ଛ ବୋତଲ ପାଣି

**ଦୋକାନରେ ସହଜରେ ମିଳୁଥିବା ସିଲ୍ମରା ପାଣି ବୋତଲ କିଣି ପିଇଦେଲେ ତୃଷା ମେଣ୍ଟିବା ସହ ଶରୀରର ଆର୍ଦ୍ରତା ଠିକ୍ ହୋଇଯାଇଥାଏ। ମାତ୍ର ଖାଲି ଆଖିକୁ କାଚକେନ୍ଦୁ ପରି ସ୍ୱଚ୍ଛ ଦେଖାଯାଉଥିବା ପ୍ଲାଷ୍ଟିକ୍ ବୋତଲ ପାଣିରେ କ'ଣ ସବୁ ଲୁଚି ରହିଛି, ତାହା ଜାଣିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼ିବ।**



ଅଧିକା ସମୟ ଯାତ୍ରା କରୁଥିଲେ ବା ଅତ୍ୟଧିକ ଖରା ବେଳେ ଯଦି ଶୋଷ ଲାଗିଲା ଆଖପାଖ ଦୋକାନରେ ସହଜରେ ମିଳୁଥିବା ସିଲ୍ମରା ପାଣି ବୋତଲ କିଣି ପିଇଦେଲେ ତୃଷା ମେଣ୍ଟିବା ସହ ଶରୀରର ଆର୍ଦ୍ରତା ଠିକ୍ ହୋଇଯାଇଥାଏ। ମାତ୍ର ଖାଲି ଆଖିକୁ କାଚକେନ୍ଦୁ ପରି ସ୍ୱଚ୍ଛ ଦେଖାଯାଉଥିବା ପ୍ଲାଷ୍ଟିକ୍ ବୋତଲ ପାଣିରେ କ'ଣ ସବୁ ଲୁଚି ରହିଛି, ତାହା ଜାଣିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼ିବ। ପ୍ରକୃତରେ ସେହି ନିର୍ମଳ ଦେଖାଯାଉଥିବା ଜଳ ଭିତରେ ଅନେକ ବିପଦ ଛପି ରହିଥାଏ, ଯାହା ବିଭିନ୍ନ ଦିଗରୁ ଆମ ସ୍ୱାସ୍ଥ୍ୟ ପାଇଁ ଭୀଷଣ ହାନିକାରକ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ସେହି ସିଲ୍ମରା ବୋତଲ ପାଣିର କିଛି ନକାରାତ୍ମକ ପ୍ରଭାବ ବାବଦରେ ଆଲୋଚନା କରିବା। ବୋତଲ ପାଣି ଜୀବାଣୁମୁକ୍ତ ବୋଲି ଦାବି କରାଯାଉଥିଲେ ହେଁ ସେଥିରେ ଅନେକ ସଂକ୍ରମଣକାରୀ ବୀଜାଣୁ ରହିଥିବା ପରୀକ୍ଷାରୁ ଜଣାପଡ଼ିଛି। ସବୁଠୁ ଚିନ୍ତାଜନକ ହେଲା, ବୋତଲ ପାଣିରେ ଭରି ରହିଥିବା ବିପଜ୍ଜନକ ରାସାୟନିକ ପଦାର୍ଥ। ଜଳକୁ ସୁରକ୍ଷିତ ରଖୁଥିବା ସେହି ପ୍ଲାଷ୍ଟିକ୍ ବୋତଲଗୁଡ଼ିକ ସାଧାରଣତଃ ପଲିଇଥିଲିନ୍ ଟେରିଅଫ୍ଥାଲେଟ୍ (ପିଇଟି ବା ପେଟ୍) ନାମକ ପଦାର୍ଥରେ ନିର୍ମିତ। ତାପମାତ୍ରା ବଢ଼ିଲେ ପେଟ୍ରୁ ଆଣ୍ଟିମନି ଓ ଅଫ୍ଥାଲେଟ୍ ପରି ରାସାୟନିକ ନିର୍ଗତ ହୋଇ ବୋତଲ ଭିତର ପାଣିରେ ମିଶିଥାଏ। ଏହି ରାସାୟନିକ ପଦାର୍ଥଗୁଡ଼ିକ ଆମ ଅନ୍ତସ୍ରାବୀ କ୍ରିୟାରେ ବାଧା ଉପୁଜାଇବା ସହ ନାନା ପ୍ରକାର ପ୍ରଜନନ ସମସ୍ୟା ଆଣିଥାନ୍ତି। ସେହିପରି ନାମୀଦାମୀ ପାଣି ବୋତଲରେ ମଧ୍ୟ ଅଗଣିତ ଅଣୁପ୍ଲାଷ୍ଟିକ ରହିଥାଏ। ଏହି ଅଣୁପ୍ଲାଷ୍ଟିକ୍ ଟୁକୁଡ଼ାଗୁଡ଼ିକ ଶରୀରରେ ପ୍ରଦାହ ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଆଣିଥାଏ। ପ୍ରାକୃତିକ କଳ ପାଣିରେ ରହିଥିବା କ୍ୟାଲସିଅମ୍ ଓ ମାଗ୍ନେସିଅମ୍ ପରି ଅନେକ ଉପକାରୀ ଖଣିଜ ଏହି ବୋତଲପାଣିରେ ନଥାଏ। କାରଣ ବୋତଲ ପାଣିକୁ ମାତ୍ରାଧିକ ପରିସ୍ରବଣ କରାଯାଉଥିବାରୁ ସେଥିରୁ ଏହି ସବୁ ଖଣିଜ ପଦାର୍ଥ ଛାଣି ହୋଇ ରହିଯାଇଥାଏ। ତେଣୁ ବୋତଲପାଣି ଅପେକ୍ଷା କଳପାଣି ଅଧିକ ସ୍ୱାସ୍ଥ୍ୟାନୁକୂଳ। ବିଭିନ୍ନ କମ୍ପାନିର ଏହି ବୋତଲ ପାଣି ଯେତେ ପରିଷ୍କୃତ ଓ ଜୀବାଣୁମୁକ୍ତ ବୋଲି ଦାବି କରାଯାଉଥିଲେ ହେଁ ସେଥିରେ ଅନେକ ସଂକ୍ରମଣକାରୀ ବୀଜାଣୁ ରହିଥିବା ପରୀକ୍ଷାନିରୀକ୍ଷାରୁ ଜଣାପଡ଼ିଛି। ତେଣୁ ତାହା ଶରୀରକୁ ଯାଇ ପାକସ୍ଥଳୀ ସଂକ୍ରମଣ ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ସର୍ବୋପରି ପ୍ଲାଷ୍ଟିକ୍ ବୋତଲ ପରିବେଶ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ପାଇଁ ଅନ୍ୟତମ ପ୍ରମୁଖ କାରଣ ସାଜୁଛି। ବୋତଲ ନିର୍ମାଣ ପ୍ରକ୍ରିୟାରେ ବାୟୁମଣ୍ଡଳକୁ ଅଙ୍ଗାର ନିର୍ଗମନ ବଢ଼ିଥାଏ। ସେହିପରି ବର୍ଜ୍ୟ ବୋତଲଗୁଡ଼ିକ ବିଘଟିତ ହେବାକୁ ଶହଶହ ବର୍ଷ ଲାଗୁଥିବାରୁ ତାହା ଜମା ହୋଇ କଳ୍ପନାତୀତ ପରିବେଶ ପ୍ରଦୂଷଣ ସୃଷ୍ଟି କରିଥାଏ।





# ଜରାୟୁ କର୍କଟ ଓ ବଦଭ୍ୟାସ

**ଭାରତରେ ପ୍ରତିବର୍ଷ ଲକ୍ଷେରେ ୨୨ ଜଣ ମହିଳା ଜରାୟୁ କର୍କଟର ଶିକାର ହେଉଥିବା ବେଳେ ସେମାନଙ୍କର ମୃତ୍ୟୁହାର ହେଉଛି ଏକ ଲକ୍ଷରେ ୧୨.୪। ତେବେ ଧୂମପାନ, ଏକାଧିକ ଯୌନସାଥୀ ଓ ଖୁବ୍ କମ୍ ବୟସରୁ ଯୌନ ସଂପର୍କ ପରି ବଦଭ୍ୟାସ ସାଙ୍ଗକୁ ଦୁର୍ବଳ ରୋଗପ୍ରତିରୋଧ ଶକ୍ତି ଜରାୟୁ କର୍କଟ ଆଶଙ୍କାକୁ ବଢ଼ାଇଥାଏ।**



ମହିଳାଙ୍କ ଗର୍ଭାଶୟର ନିମ୍ନଭାଗସ୍ଥ ସର୍ଭିକ୍ସରେ ହେଉଥିବା କର୍କଟକୁ ସର୍ଭିକାଲ୍ କ୍ୟାନ୍ସର ବା ଜରାୟୁ କର୍କଟ କୁହାଯାଏ। ସର୍ଭିକ୍ସ ସହ ସଂପୃକ୍ତ ଥିବା ଜୀବକୋଷଗୁଡ଼ିକର ଡିଏନ୍ଏରେ କୌଣସି ପ୍ରକାର ପରିବର୍ତ୍ତନ ଦେଖାଗଲେ ତାହା କର୍କଟ କୋଷରେ ପରିଣତ ହୋଇଥାଏ। ଏକ ପରିସଂଖ୍ୟାନ ଅନୁଯାୟୀ, ବିଶ୍ୱବ୍ୟାପୀ ମହିଳାମାନଙ୍କ ଠାରେ ଦେଖାଦେଉଥିବା ବିଭିନ୍ନ ପ୍ରକାର କର୍କଟ ରୋଗ ମଧ୍ୟରେ ଜରାୟୁ କର୍କଟର ସ୍ଥାନ ଚତୁର୍ଥ। କେବଳ ୨୦୨୨ ମସିହାରେ ଏହି ଧରଣର ୬.୬ ଲକ୍ଷ ନୂତନ କର୍କଟ ରୋଗୀ ଦେଖାଦେଇଥିବା ବେଳେ ସେମାନଙ୍କ ଭିତରୁ ୩.୫ ଲକ୍ଷ ମହିଳା ପ୍ରାଣ ହରାଇଥିଲେ। ଭାରତରେ ପ୍ରତିବର୍ଷ ଲକ୍ଷେରେ ୨୨ ଜଣ ମହିଳା ଜରାୟୁ କର୍କଟର ଶିକାର ହେଉଥିବା ବେଳେ ସେମାନଙ୍କର ମୃତ୍ୟୁହାର ହେଉଛି ଏକ ଲକ୍ଷରେ ୧୨.୪।



ତେବେ ଧୂମପାନ, ଏକାଧିକ ଯୌନସାଥୀ ଓ ଖୁବ୍ କମ୍ ବୟସରୁ ଯୌନ ସଂପର୍କ ପରି ବଦଭ୍ୟାସ ସାଙ୍ଗକୁ ଦୁର୍ବଳ ରୋଗପ୍ରତିରୋଧ ଶକ୍ତି ଜରାୟୁ କର୍କଟ ଆଶଙ୍କାକୁ ବଢ଼ାଇଥାଏ। ସେହିପରି ବହୁଦିନ ଧରି ଗର୍ଭନିରୋଧକ ବଟିକା ଖାଇଲେ ମଧ୍ୟ ଏହି ଆଶଙ୍କା ବଢ଼ିପାରେ। ଜରାୟୁ କର୍କଟର ପ୍ରାରମ୍ଭିକ ସୂଚନା ହେଲା ମାସିକ ଋତୁସ୍ରାବ ମଧ୍ୟରେ କିମ୍ବା ରଜନିବୃତ୍ତି ପରେ ରକ୍ତସ୍ରାବ ହେବା। ଏପରିକି ଜରାୟୁ କର୍କଟ ଥିବା ମହିଳାଙ୍କର ମାସିକ ଋତୁସ୍ରାବ ବେଳେ ପ୍ରବଳ ରକ୍ତସ୍ରାବ ହୋଇଥାଏ। ନିର୍ଗତ ରକ୍ତ ପୁଣି ଫିକା ପାଣିଚିଆ ଓ ଅତି ଦୁର୍ଗନ୍ଧଯୁକ୍ତ ହୋଇଥାଏ। ଅନେକ ପୀଡ଼ିତା ତଳିପେଟରେ ଭୀଷଣ ଯନ୍ତ୍ରଣା ଅନୁଭବ କରିଥା'ନ୍ତି। ଜରାୟୁ କର୍କଟ ପାଇଁ ବିଶେଷ କରି 'ହ୍ୟୁମ୍ୟାନ୍ ପାପିଲୋମା ଭୂତାଣୁ' (ଏଚ୍ପିଭି) ଦାୟୀ। ନାନା ପ୍ରତିକୂଳ ପରିସ୍ଥିତିରୁ ବହୁଦିନ ଧରି ବର୍ତ୍ତିଯାଇପାରୁଥିବା ଏହି ଭୂତାଣୁ ସାଧାରଣତଃ ଯୌନସମ୍ପର୍କ ବେଳେ ସଂକ୍ରମିତ ହୋଇଥାଏ। ତେବେ ଏଚ୍ପିଭି ଟିକା ନେବା ଦ୍ୱାରା ଜରାୟୁ କର୍କଟ ଆଶଙ୍କା ଉଲ୍ଲେଖନୀୟ ଭାବେ ହ୍ରାସ ପାଏ ବୋଲି ବିଶେଷଜ୍ଞ ମତ ଦିଅନ୍ତି।

# ମେଦବହୁଳତା କମାଉଛି ଶୁକ୍ରାଣୁ ସଂଖ୍ୟା





ବିଶ୍ୱରେ ପୁରୁଷମାନଙ୍କ ଠାରେ ଶୁକ୍ରାଣୁ ସଂଖ୍ୟା ହ୍ରାସ ବା ଶୁକ୍ରାଣୁ କ୍ଷରଣରେ ହ୍ରାସକୁ 'ସ୍ପର୍ମୋକାଲିପ୍ସ' ଭାବେ ବର୍ଣ୍ଣନା କରାଯାଏ। ପ୍ରଜନନ ସଂକଟ ପଛରେ ପ୍ରମୁଖ କାରଣ ଭାବେ ରହିଥିବା ଏହି ବ୍ୟାଧିର ଶିକାର ଏବେ ଭାରତୀୟମାନେ ମଧ୍ୟ ହୋଇ ଚାଲିଛନ୍ତି। ବିଭିନ୍ନ ପ୍ରକାର କୀଟନାଶକ, ଭାରୀ ଧାତୁ ଓ ପ୍ଲାଷ୍ଟିକ୍ ସଂସ୍ପର୍ଶରେ ଆସିବା ଆଦି ଏଥି ପାଇଁ ଦାୟୀ ବୋଲି କୁହାଯାଉଥିବା ବେଳେ ମେଦବହୁଳତା ବି ଏହାର ଅନ୍ୟତମ କାରଣ। ଶୁକ୍ରାଣୁ ସଂଖ୍ୟା ହ୍ରାସର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ମୋଟାପଣ ବା ମେଦବହୁଳତା ବୋଲି ଚୀନର ସୁନ୍ ୟାତ୍-ସେନ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ଜାଣିପାରିଛନ୍ତି। ଏକ ଅନୁଧ୍ୟାନରେ ୭୧ ହଜାର ପୁରୁଷ ସ୍ୱେଚ୍ଛାସେବୀଙ୍କୁ ସାମିଲ କରି ଗବେଷକମାନେ ମାତ୍ରାଧିକ ଶରୀର ଓଜନ ସହ ଶୁକ୍ରରସର ଗୁଣବତ୍ତା ହ୍ରାସ ଜଡ଼ିତ ବୋଲି ସ୍ପଷ୍ଟ ହୋଇଛନ୍ତି। ଶୁକ୍ରରସର ଗୁଣବତ୍ତା କହିଲେ ସାଧାରଣତଃ କ୍ଷରିତ ଶୁକ୍ରରସ ପରିମାଣ, ସେଥିରେ ଥିବା ଶୁକ୍ରାଣୁ ସଂଖ୍ୟା ଓ ଶୁକ୍ରାଣୁମାନଙ୍କର ସକ୍ରିୟତାକୁ ବୁଝାଯାଏ। ଜଣେ ସୁସ୍ଥ ସୁଠାମ ଶରୀରଧାରୀ ପୁରୁଷ ତୁଳନାରେ ଜଣେ ମେଦବହୁଳଙ୍କର ଶୁକ୍ରରସ କ୍ଷରଣ କମ୍ ହେବା ସହ ସେଥିରେ କମ୍ ସଂଖ୍ୟକ ଶୁକ୍ରାଣୁ ଥାଆନ୍ତି ଓ ସେମାନଙ୍କର ଗତିଶୀଳତା କମ୍ ରହିଥାଏ। ଏପରିକି ଜଣେ ମେଦବହୁଳ ନହୋଇ ବି ତାଙ୍କର ଓଜନ ଧାର୍ଯ୍ୟ ପରିମାଣଠାରୁ ସାମାନ୍ୟ ଅଧିକ ଥିଲେ, ତାଙ୍କ ଠାରେ ଶୁକ୍ରରସ ପରିମାଣ ଓ ଶୁକ୍ରାଣୁ ଗତିଶୀଳତାରେ ହ୍ରାସ ଦେଖାଯାଇଛି।






# ବଜାରରେ ପରିବେଶ ଅନୁକୂଳ ଓ କଷ୍ଟମାଇଜଡ୍ ରାକ୍ଷୀ ଚାହିଦା



**ଭୁବନେଶ୍ୱର(ବ୍ୟୁରୋ):** ଆସୁଛି ରାକ୍ଷୀ ପୂର୍ଣ୍ଣିମା। ଭାଇ ହାତରେ ରକ୍ଷାର ପ୍ରତିଶ୍ରୁତି ବନ୍ଧନ ବାନ୍ଧିବାକୁ ପ୍ରସ୍ତୁତ ହେଉଛି ଭଉଣୀ। ରାଜଧାନୀ ଭୁବନେଶ୍ୱରରେ ବି ରାଖିକୁ ନେଇ ବେଶ୍ ଉତ୍କଣ୍ଠା। ସହରର ଛକ ବଜାର ଓ ଗଳିକନ୍ଦିରେ ରାଖି ଦୋକାନ ଖୋଲିବା ଆରମ୍ଭ ହୋଇଗଲାଣି। ବଜାରରେ ଏବେ ପାରମ୍ପରିକ ରାଖିଠାରୁ ଆରମ୍ଭ କରି ଫ୍ୟାନ୍ସି, ବ୍ରେସ୍‌ଲେଟ୍, ଗୋଲଡ୍ଚେନ୍, ମୟୂର ପୁଚ୍ଛ, କଉଡ଼ି, ରୁଦ୍ରାକ୍ଷ, କପଡ଼ାରେ ପ୍ରସ୍ତୁତ ରାଖୀ ମଧ୍ୟ ଉପଲବ୍ଧ ହେଉଛି। ଏସବୁର ଦାମ୍ ୧୦ଟଙ୍କାରୁ ଆରମ୍ଭ କରି ୨୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ତେବେ ଷ୍ଟୋନ୍ ରାଖିର ଚାହିଦା ବେଶି। ଏହାର ଦାମ୍ ୧୦୦ ଟଙ୍କାରୁ ନେଇ ୬୦୦ ଟଙ୍କା ଯାଏଁ ରହିଛି। ଏସବୁ କୋଲକାତା, ରାଜସ୍ଥାନ, ଦିଲ୍ଲୀ, ଜୟପୁର ଓ ଗୁଜୁରାଟରୁ ଓଡ଼ିଶାକୁ ଆସୁଛି। ସେହିପରି ଅନଲାଇନ୍‌ରେ ରାଖି ସହିତ ବିଭିନ୍ନ ଡ୍ରାଏ ଫ୍ରୁଟ୍‌ସ, ଚକୋଲେଟ୍, ସିନ୍ଦୁର, କି-ଚେନ୍, କାର୍ଡ ଥିବା ସ୍ୱତନ୍ତ୍ର ବାକ୍ସର ମଧ୍ୟ ବେଶ୍ ଚାହିଦା ରହିଛି। ରାଖି ପାଇଁ ଡାକଘରେ ଗହଳି ପରିଲକ୍ଷିତ ହେଲାଣି। ଜିପିଓରୁ ମିଳିଥିବା ତଥ୍ୟ ଅନୁଯାୟୀ, ସାଧାରଣ ଦିନରେ ଦିନକୁ ୩୦୦ରୁ ୪୦୦ଟି ସ୍ପିଡ୍‌ପୋଷ୍ଟ ଏଠାରୁ ଯାଉଥିବା ବେଳେ ରାକ୍ଷୀ ପୂର୍ଣ୍ଣିମା ଥିବା ମାସରେ ଏହାର ସଂଖ୍ୟା ୬୦୦ରୁ ୭୦୦ ହୋଇଯାଏ। ଚଳିତ ବର୍ଷ ମାତ୍ର ଆଠ ଦିନରେ ପ୍ରାୟ ୩୦୦୦ରୁ ଊର୍ଦ୍ଧ୍ୱ ସ୍ପିଡ୍‌ପୋଷ୍ଟ ହେଲାଣି। ରାଖି ଥିବାରୁ ଚଳିତ ମାସ ସ୍ପିଡ୍ ପୋଷ୍ଟ ସଂଖ୍ୟା ୬ ଲକ୍ଷ ଛୁଇଁବ ବୋଲି ଆକଳନ କରାଯାଇଛି। ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ଜିପିଓ ତରଫରୁ ରାଖି ପୋଷ୍ଟ ପାଇଁ ସ୍ୱତନ୍ତ୍ର ଚିତ୍ରଥିବା ରାକ୍ଷୀ କଭର ପ୍ରଦାନ କରାଯାଉଛି। ଚଳିତ ବର୍ଷ ଲୋକଙ୍କ ଚାହିଦା ଦେଖି ଏକ ଲକ୍ଷ ପଚାଶ ହଜାର ରାଖି କଭର ଆସିଛି। ସେହିପରି ରାଖି ପୂର୍ଣ୍ଣିମା ପାଇଁ ସ୍ପିଡ୍ ପୋଷ୍ଟରେ ରାଖି ପ୍ରେରଣ କଲେ ୧୦ ପ୍ରତିଶତର ରିହାତି ମଧ୍ୟ ପ୍ରଦାନ କରାଯାଉଛି। ଆଧୁନିକୀକରଣ ଯୋଗୁ ଧୀରେ ଧୀରେ ଗଛ ସଂଖ୍ୟା କମିବାରେ ଲାଗିଛି। ତେଣୁ ପ୍ରଦୂଷଣ କମାଇବା ସହିତ ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ବହୁ ବ୍ୟବସାୟୀ ବ୍ୟବହାର ପରେ ରୋପଣଯୋଗ୍ୟ ରାଖି ପ୍ରସ୍ତୁତ କରୁଛନ୍ତି। ଉଭୟ ଅନଲାଇନ୍ ଓ ଅଫ୍‌ଲାଇନ୍‌ରେ ଏହାର ବିକ୍ରି ବଢୁଛି। କଖାରୁ, ଭେଣ୍ଡି, ଜହ୍ନି, ବିନ୍, ବିରି, ଧାନ, ମୁଗ, ମସୁର ଡାଲି ଭଳି ମଞ୍ଜି ମୋଟା ପେପର, ବୋର୍ଡ ଓ ସୂତା ବ୍ୟବହାର କରି ଏହି ରାଖି ପ୍ରସ୍ତୁତ କରୁଛନ୍ତି। ଏନେଇ 'ଲିଟିଲ୍ ୱିମେନ୍' ବ୍ରାଣ୍ଡର ଧୃପାନ୍ୱିତା ମଲ୍ଲିକ କହିଛନ୍ତି ଯେ ଲୋକଙ୍କ ଚାହିଦା ମୁତାବକ ସେ ପ୍ରାକୃତିକ ଉପାଦ ବ୍ୟବହାର କରି ରାଖି ପ୍ରସ୍ତୁତ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ୫୦୦ଟି ପରିବେଶ ଅନୁକୂଳ ରାଖି ବରାଦ ଆସିଗଲାଣି। ସେହିପରି ବିଭିନ୍ନ ଷ୍ଟୋର ପକ୍ଷରୁ ଭାଇଭଉଣୀଙ୍କ ଫଟୋ, ନାମ, ଜଗନ୍ନାଥଙ୍କ ପଟ୍ଟଚିତ୍ର ଥିବା କଷ୍ଟମାଇଜଡ୍ ରାଖି ପ୍ରସ୍ତୁତ କରୁଛନ୍ତି।

# ଚଉଷଠୀ ଯୋଗିନୀ ପୀଠ ପାଇଁ ସରିଲା ଜମିଅଧିଗ୍ରହଣ



**ଭୁବନେଶ୍ୱର(ବ୍ୟୁରୋ):** 'ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି' ନ୍ୟାୟରେ ହୀରାପୁର ଚଉଷଠୀ ଯୋଗିନୀ ପୀଠର ବିକାଶ କାମ ବିଳମ୍ବିତ ହୋଇଚାଲିଛି। ପର୍ଯ୍ୟଟନ ବିଭାଗ ୨୩କୋଟି ଟଙ୍କା ମଞ୍ଜୁର କରିସାରିବା ପରେ ବି ପ୍ରକଳ୍ପ ନିର୍ମାଣ ପାଇଁ ଇଟା ଖଣ୍ଡେ ପଡ଼ିପାରିନାହିଁ। ଆରମ୍ଭରୁ ଘରୋଇ ଜମି ଅଧିଗ୍ରହଣ ସମସ୍ୟା ପାଇଁ ଏହି ପ୍ରକଳ୍ପ ଝୁଣ୍ଟିଲା। ବହୁ ଘଣ୍ଟାଚକଟା ପରେ ଜମି ଅଧିଗ୍ରହଣ ସରିଲା। ଜମି ମାଲିକମାନେ ଏହି ପ୍ରକଳ୍ପ ପାଇଁ ଜମି ଦେବାକୁ ରାଜି ହେଲେ। କିନ୍ତୁ ସବୁ ଜମି ମାଲିକଙ୍କୁ ଟଙ୍କା ମିଳିପାରିନି ବୋଲି କାମ ଅଟକି ରହିଛି। ଚଳିତବର୍ଷ ଜାନୁଆରି ମାସରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଚଉଷଠୀ ପୀଠ ପରିଦର୍ଶନ କରିବା ସହ ଏହାର ବିକାଶ ପାଇଁ ୨୩ କୋଟି ଟଙ୍କାର ଅନୁଦାନ ଘୋଷଣା କରିଥିଲେ। ଏହି ଅର୍ଥରେ ପୀଠର ଆଲୋକୀକରଣ, ପୀଠକୁ ସଂଯୋଗ କରୁଥିବା ପୁରୀ କେନାଲ ଉପରେ ବ୍ରିଜ ନିର୍ମାଣ, କାରୁକାର୍ଯ୍ୟପୂର୍ଣ୍ଣ ତୋରଣ ନିର୍ମାଣ, ମହାମାୟା ପୁଷ୍କରିଣୀର ସୌନ୍ଦର୍ଯ୍ୟୀକରଣ, ପୀଠ ଚାରିକଡ଼ରେ ପ୍ରାଚୀର ନିର୍ମାଣ, ପାର୍କ, କାନ୍ଥ ଚାରିପାଖରେ ପୂଜା ପାଉଥିବା ଯୋଗିନୀ ମୂର୍ତ୍ତିମାନଙ୍କର ରକ୍ଷଣାବେକ୍ଷଣ ପାଇଁ ନିର୍ମାଣ ଆଦି ହେବ ବୋଲି ନକ୍‌ସା ପ୍ରସ୍ତୁତ ହୋଇଥିଲା। ସେହିଭଳି ପୀଠର ସାମଗ୍ରିକ ବିକାଶ ପାଇଁ ୧୩ଜଣ ଚାଷୀଙ୍କଠାରୁ ୨ ଏକରରୁ ଅଧିକ ପରିମିତ ଜମି ଅଧିଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। କିନ୍ତୁ ଘରୋଇ ଜମି ମାଲିକମାନେ ରାଜଧାନୀ ଉପକଣ୍ଠର ବର୍ଦ୍ଧିତ ଜମି ମୂଲ୍ୟ ଦାବି କରିବାରୁ ଜମି ଅଧିଗ୍ରହଣ ବିଳମ୍ବ ହେଲା। ଜମି ମାଲିକମାନଙ୍କ ସହ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଘନଘନ ବୈଠକ କରି ଆଲୋଚନା କଲେ। ଶେଷରେ ଜମି ମାଲିକମାନେ ରାଜି ହେଲେ। ଜମି ଅଧିଗ୍ରହଣ ସମସ୍ୟା ସମାଧାନ ହେବା ପରେ ଆଶା କରାଯାଉଥିଲା ଯେ ପ୍ରକଳ୍ପ ନିର୍ମାଣ ଖୁବ୍‌ଶୀଘ୍ର ଆରମ୍ଭ ହୋଇଯିବ। ମାତ୍ର ଜମି ଛାଡ଼ିଥିବା ସବୁ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ମିଳିପାରିନାହିଁ। ତେଣୁ ୯ମାସ ହେଲା ଅନୁଦାନ ମିଳିସାରିଥିଲେ ହେଁ ଜମି ମାଲିକମାନଙ୍କୁ ସେମାନଙ୍କ ପ୍ରାପ୍ୟ ମିଳିପାରିନାହିଁ। ତେଣୁ ପାଚେରି ନିର୍ମାଣ କାମ ଆରମ୍ଭ ହୋଇପାରୁନି। ଏସମ୍ପର୍କରେ ପର୍ଯ୍ୟଟନ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ସୁବ୍ରତ କୁମାର ଜେନାଙ୍କ କହିବା କଥା ଜମି ମାଲିକମାନଙ୍କୁ ପ୍ରାପ୍ୟ ପ୍ରଦାନ କରାଯିବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଖୁବ ଶୀଘ୍ର ପାଚେରି କାମ ଆରମ୍ଭ ହେବ ବୋଲି ସେ କହିଥିଲେ। କିନ୍ତୁ 'ଜମି ଛାଡ଼ିଥିବା ଚାଷୀଙ୍କୁ କ'ଣ ପାଇଁ ଟଙ୍କା ମିଳୁନି' ପ୍ରଶ୍ନର କୌଣସି ସନ୍ତୋଷଜନକ ଉତ୍ତର ସେ ଦେଇନାହାନ୍ତି। ଜମି ମାଲିକମାନଙ୍କ ଅଭିଯୋଗ ଅନୁସାରେ ଜିଲ୍ଲା ପ୍ରଶାସନ ପ୍ରାପ୍ୟ ପ୍ରଦାନ କରିବାରେ ବିଳମ୍ବ କରୁଛି।

# ରାଜଧାନୀରେ ମାତିଲେଣି ଜାଲ୍ ବିଏମ୍‌ସି କର୍ମଚାରୀ

**ଭୁବନେଶ୍ୱର(ବ୍ୟୁରୋ):** ଆବାସିକ ପ୍ଲାନିଂ ନେଇ ବ୍ୟବସାୟ କରୁଛ । ଟ୍ରେଡ୍ ଲାଇନେନ୍ସ ନାହିଁ । ଦୋକାନ ସିଲ୍ କରିବୁ । ଏମିତି ନାଲି ଆଖି ଦେଖାଉଛନ୍ତି । ଗଳାବାଟରେ ଟଙ୍କା ନେଇ ମାମଲା ରଫାଦଫା କରୁଛନ୍ତି । ବିଏମ୍‌ସି ନାଁ ନେଇ କିଛି ଜାଲିଆ କର୍ମଚାରୀ ଏପରି ଟଙ୍କା ଆଦାୟ ଘଟଣା ଏବେ ସାମ୍ନାକୁ ଆସିଛି । ଦିନକ ତଳେ ଡୁମୁଡୁମା ଅଞ୍ଚଳରେ କିଛି ବ୍ୟକ୍ତି ନିଜକୁ ବିଏମ୍‌ସିର କର୍ମଚାରୀ ପରିଚୟ ଦେଇ ଏକାଧିକ ଦୋକାନରେ ଚଢ଼ଉ କରିଥିଲେ । ସେମାନେ ହଠାତ୍ ଦୋକାନରେ ପହଞ୍ଚି ପ୍ଲାନିଂ କାଗଜପତ୍ର ମାଗିଥିଲେ । ଆବାସିକ ପ୍ଲାନିଂ ଆଣି କାହିଁକି ବ୍ୟବସାୟ କରୁଛ ବୋଲି ତାଗିଦ କରିଥିଲେ । ଏହା ସହ ମୋଟା ଅଙ୍କର ଫାଇନ ଲାଗିବ ବୋଲି ଚେତାବନୀ ଦେଇଥିଲେ । ଏହାପରେ ମାମଲା ରଫାଦଫା କରିବା ପାଇଁ ଟଙ୍କା ମାଗିଥିଲେ । ଭୟରେ ଦୋକାନ ଜଣଙ୍କ ଟଙ୍କା ଦେଇଥିଲେ । ହେଲେ ଏବାବଦକୁ କୌଣସି ରସିଦ ଦେଇନଥିଲେ । ଅନୁରୂପ ଭାବେ ବାପୁଜୀନଗରରେ ମଧ୍ୟ ଏହି ଘଟଣା ସାମ୍ନାକୁ ଆସିଛି । ଏକ ଇଲେକ୍ଟ୍ରିକ୍ ଦୋକାନରୁ ମଧ୍ୟ ସାମାନ ଭାବେ ଟଙ୍କା ଆଦାୟ ହୋଇଥିବା ନେଇ ଅଭିଯୋଗ ଆସିଛି । ଏହା ସହ ଅନ୍ୟ ଅଞ୍ଚଳରେ ମଧ୍ୟ ଏପରି ଭାବେ ବିଏମ୍‌ସି ନାଁରେ ଟଙ୍କା ଆଦାୟ କରୁଥିବାର ଅଭିଯୋଗ ଆସିଛି । ବିଏମ୍‌ସି ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଆବାସିକ ପ୍ଲାନିଂରେ ବ୍ୟବସାୟ କରୁଥିବା ୪୭୩୯ ଜଣଙ୍କୁ ନୋଟିସ କରାଯାଇଥିଲା । ଏବେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇଛି । ସଂଖ୍ୟା ପାଖାପାଖି ୧୦ ହଜାର ଡେଇଁଛି । ପ୍ରତିଦିନ ନୂଆ ଦୋକାନ ଏହି ତାଲିକାରେ ଯୋଡି ହେଉଛି । ଆଗକୁ ଏହି ସଂଖ୍ୟା ବୃଦ୍ଧି ପାଇବ । ଏହାରି ସୁଯୋଗ ନେଇ କିଛି ଅସାଧୁ କର୍ମଚାରୀ ଏହାର ଫାଇଦା ନେଉଥିବା ନେଇ ଅଭିଯୋଗ ଆସିଛି । ଏହି ଜାଲ୍ କର୍ମଚାରୀମାନେ ଛୋଟ ଛୋଟ ଦୋକାନକୁ ଟାର୍ଗେଟ କରୁଛନ୍ତି । ସେପେଟ ବିଏମ୍‌ସିର ଡେପୁଟି କମିଶନର ଅଜୟକୁମାର ମହାନ୍ତି କହିଛନ୍ତି ଯେ ବିଏମ୍‌ସି କୌଣସି ପରିସ୍ଥିତିରେ ଟଙ୍କା ଆଦାୟ କରିବ ନାହିଁ । ଯଦି ଟଙ୍କା ନେବ ଏହାର ରସିଦ ଦେବ। ଯଦି ରସିଦ ଦିଆଯାଉନି ତାହେଲେ ସଙ୍ଗେ ସଙ୍ଗେ ଏନେଇ ବିଏମ୍‌ସି ହେଲ୍ପଲାଇନ୍ ନମ୍ବରରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଭଳି ଅଭିଯୋଗ ଆସିଲେ ଆମେ ସଙ୍ଗେ ସଙ୍ଗେ ପୁଲିସର ଆଶ୍ରୟ ନେବୁ ବୋଲି ସେ କହିଛନ୍ତି । ଏହି ଘଟଣା ନୂଆ ନୁହେଁ, ପୂର୍ବରୁ ମଧ୍ୟ ଏକାଧିକ ଥର ୟୁଜର୍ସ ଫି, ଭେଣ୍ଡିଂଜୋନ୍, ଡୋର ଟୁ ଡୋର ଅଳିଆ ସଂଗ୍ରହ ବିଲ୍ଡିଂ ଆସେସମେଣ୍ଟ ଆଳ ଦେଖାଇ ବାରମ୍ବାର ଟଙ୍କା ଆଦାୟ ହୋଇଛି । ତେଣୁ ଏହି ସବୁ ଉପରେ ନଜର ରଖିବାବାକୁ ସାଧାରଣ ଲୋକେ।

# ଅଟୋଚାଳକଙ୍କୁ କାରଣଦର୍ଶାଅ ନୋଟିସ



**ଭୁବନେଶ୍ୱର(ବ୍ୟୁରୋ):** ଭୁବନେଶ୍ୱର ରିଜର୍ଭ ପୁଲିସ ଗ୍ରାଉଣ୍ଡରେ ଅନ୍‌ଲାଇନ୍ ଅଟୋଚାଳକଙ୍କ ଜବତ ହୋଇଥିବା ଅଟୋ ଜମା ହୋଇ ରହିଛି। ଗିରଫ ଭୟରେ କେତେକ ଅନ୍‌ଲାଇନ୍ ଅଟୋଚାଳକ ରାଜଧାନୀ ଛାଡ଼ିଦେଇଛନ୍ତି। ଅନ୍ୟପଟରେ ଜବତ ଅଟୋର ପରମିଟ ବାତିଲ କରିବାକୁ ପରିବହନ ବିଭାଗ ପକ୍ଷରୁ ଅଟୋମାଲିକଙ୍କୁ ଦିଆଯାଇଥିବା କାରଣଦର୍ଶାଅ ନୋଟିସର ଆସନ୍ତାକାଲି ଶେଷ ଦିନ ରହିଛି। ଏନେଇ ଅଟୋ ଅନ୍‌ଲାଇନ୍ ଅଟୋ ଚାଳକ ସଂଘ ପକ୍ଷରୁ କୁହାଯାଇଛି ଯେ ପୁଲିସ ଅଟୋ ଜବତ କରିବା ପରେ ଗାଡ଼ିର ଭବିଷ୍ୟତ ନେଇ ଅନିଶ୍ଚିତତା ଦେଖାଦେଇଛି। ତେଣୁ ସରକାର ଗାଡ଼ି ନ ଛାଡ଼ିଲେ, ଜେଲ ଭିତରେ ଅନଶନ କରିବାକୁ ଅଟୋ ଚାଳକମାନେ ଚେତାବନୀ ଦେଇଛନ୍ତି। ସୂଚନା ଅନୁସାରେ, ଗତ ୧୭ ତାରିଖରେ ସ୍ମାର୍ଟ ସିଟି ଅନ୍‌ଲାଇନ୍ ଅଟୋଚାଳକ ମିଳିତ ମଞ୍ଚ ପକ୍ଷରୁ ବିଭିନ୍ନ ଦାବି ନେଇ ଆନ୍ଦୋଳନ ଡକାଯାଇଥିଲା। ଏଥିରେ ୨୦ଟି ସଂଘ ସମର୍ଥନ ଜଣାଇଥିଲା। ବିଶେଷ କରି ଭଡ଼ା ବୃଦ୍ଧି, ବାତିଲ ଫି ପ୍ରଦାନ, ସବୁ ଅନ୍‌ଲାଇନ୍ କମ୍ପାନି ପାଇଁ ଗୋଟିଏ ଦର ଆଦି ଦାବି ମଞ୍ଚ ପକ୍ଷରୁ କରାଯାଇଥିଲା। କିନ୍ତୁ ୧୯ ତାରିଖରେ ଏହି ଆନ୍ଦୋଳନ ହିଂସାତ୍ମକ ହୋଇପଡ଼ିଥିଲା। ମାଷ୍ଟରକ୍ୟାଣ୍ଟିନ ଛକରେ ଅଟୋଚାଳକମାନେ ରାସ୍ତା ଉପରେ ଅଟୋ ରଖି ରାସ୍ତା ବ୍ଲକ୍ କରିଥିଲେ। ପୁଲିସକୁ ଆନ୍ଦୋଳନକାରୀମାନେ ଢେଲା ମାଡ଼ କରିବା ସହିତ ସାଧାରଣ ଲୋକଙ୍କ ଗାଡ଼ି, ପୁଲିସ ଭ୍ୟାନ୍ ଓ ୧୫ରୁ ଅଧିକ 'ଆମ ବସ'କୁ ଭାଙ୍ଗି ଦେଇଥିଲେ। ଏହି ଘଟଣାରେ ସ୍ମାର୍ଟ ସିଟି ଅନ୍‌ଲାଇନ୍ ଅଟୋ ଚାଳକ ସଂଘର ମୁଖ୍ୟ ଦୀନବନ୍ଧୁ ନାୟକଙ୍କ ସମେତ ଏପର୍ଯ୍ୟନ୍ତ ମୋଟ୍ ୧୧୪ ଜଣଙ୍କୁ ଖାରବେଳନଗର ଥାନା ପୁଲିସ ଗିରଫ କରିଛି। ଏହାସହିତ ୩୫୪ ଟି ଅଟୋକୁ ଜବତ କରିଛି। ଏହାସହିତ ଗାଡ଼ି ମାଲିକମାନଙ୍କ ଗାଡ଼ିର ପରମିଟ୍ ଏବଂ ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍ କାହିଁକି ବାତିଲ କରାଯିବ ନାହିଁ, ସେ ନେଇ ପରିବହନ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏହି ନୋଟିସ୍‌ର ଉତ୍ତର ଦେବାକୁ ଆସନ୍ତାକାଲି ପର୍ଯ୍ୟନ୍ତ ସମୟ ଦିଆଯାଇଛି। ଅନ୍ୟ ପକ୍ଷରେ ବେଆଇନ ଭାବେ ରାସ୍ତା ବ୍ଲକ୍ କରିବା ପାଇଁ ସମସ୍ତ ଅଟୋକୁ ୫୦୦ ଟଙ୍କା ଲେଖାଏଁ ଜରିମାନା କରାଯାଇଛି। ଅନ୍ୟ ପକ୍ଷରେ ଆନ୍ଦୋଳନ ପରେ ବହୁ ଚାଳକ ଅନ୍‌ଲାଇନ୍ କମ୍ପାନିରୁ ନିଜକୁ ଦୂରେଇ ଦେଇ ଅଫ୍‌ଲାଇନ୍ ଅଟୋ ଚଳାଉଛନ୍ତି। ଗିରଫ ଭୟରେ ବହୁ ଅଟୋ ଚାଳକ ଭୁବନେଶ୍ୱର ଛାଡ଼ି ଗାଁକୁ ପଳାଇଥିବା ମଧ୍ୟ ଜଣାପଡ଼ିଛି। ଏବେ ଝାରପଡ଼ା ଜେଲ୍‌ରେ ମୋଟ୍ ୧୧୪ ଜଣ ଅଟୋ ଚାଳକଙ୍କୁ ରଖାଯାଇଛି। ଭିନ୍ନ ଭିନ୍ନ ସେଲ୍‌ରେ ସେମାନଙ୍କୁ ରଖାଯାଇଛି। ପ୍ରତିଦିନ ୪୦ରୁ ୫୦ ଜଣ ଅଟୋଚାଳକଙ୍କ ପରିବାର ଲୋକେ ସେମାନଙ୍କୁ ଭେଟିବାକୁ ଆସୁଛନ୍ତି। ଅନ୍ୟପକ୍ଷରେ, ଏତେ ସଂଖ୍ୟକ କଏଦୀ ଝାରପଡ଼ା ଜେଲ୍‌ରେ ରହିବା ଫଳରେ ଝାରପଡ଼ା ଜେଲ୍‌ରେ ଭିଡ଼ ବଢ଼ିଛି।

# ଟ୍ରେନରେ ସୁଟକେସରୁ ମିଳିଲା ଜଣେ ଓଡ଼ିଆ ମହିଳାଙ୍କ ଖଣ୍ଡବିଖଣ୍ଡିତ ଶରୀର



**ଭୁବନେଶ୍ୱର(ବ୍ୟୁରୋ) :** ଟ୍ରେନରେ ସୁଟକେସରୁ ମିଳିଲା ଜଣେ ଓଡ଼ିଆ ମହିଳାଙ୍କ ଖଣ୍ଡବିଖଣ୍ଡିତ ଶରୀର । ମୃତକ ହେଲେ ଜଗତସିଂହପୁରର ୩୮ ବର୍ଷୀୟା ହାୟାଥୁନ୍ ନିଶା । ଚେନ୍ନାଇ ଭଡ଼ା ଘରୁ ମିଳିଛି ଆଉ କିଛି ଶରୀରର ଅବଶେଷ । ଚେନ୍ନାଇରୁ ଦିଲ୍ଲୀ ଯାଉଥିବା ତାମିଲନାଡୁ ଏକ୍ସପ୍ରେସର ଏକ ସାଧାରଣ ବଗିରୁ ଲାଲ୍ ରଙ୍ଗର ଟ୍ରଲି ସୁଟକେସ୍ ଭିତରୁ ମିଳିଥିଲା ଖଣ୍ଡବିଖଣ୍ଡିତ ମୃତଦେହ । ହାୟାଥୁନ୍ ଚେନ୍ନାଇରେ ରହି କାମ କରୁଥିଲେ। ଗତ ୫ ତାରିଖରେ ଟ୍ରେନ୍ ଟି ଆଗ୍ରା କ୍ୟାଣ୍ଟ ରେଲଷ୍ଟେସନରେ ପହଞ୍ଚିବା ପରେ ଏକ ସାଧାରଣ ବଗିରେ ପଡ଼ିଥିବା ଲାଲ୍ ଟ୍ରଲି ବ୍ୟାଗରୁ ଦୁର୍ଗନ୍ଧ ବାହାରୁଥିବା ଜଣାପଡ଼ିଥିଲା। ରେଳ କର୍ମଚାରୀ ଓ ପୋଲିସ ଯାଞ୍ଚ କରିବା ପରେ ଜଣେ ମହିଳାଙ୍କ ଶରୀରର କିଛି କଟା ଅଂଶ ମିଳିଥିଲା। ତେବେ ମୁଣ୍ଡ ସମେତ ଶରୀରର ଅନ୍ୟ କିଛି ଅଂଶ ସେଠାରେ ନଥିଲା। ଏହାପରେ ଆଗ୍ରା ଏଜଚ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସୁଟକେସ୍ ଭିତରୁ ମିଳିଥିବା କିଛି ସାମଗ୍ରୀ ଓ ରିଟେଲ୍ ଟ୍ୟାଗ୍ ତଦନ୍ତକାରୀଙ୍କୁ ଚେନ୍ନାଇ ଆଡ଼କୁ ବାଟ କଢ଼ାଇଥିଲା । ଚେନ୍ନାଇ ସେଣ୍ଟ୍ରାଲ୍ ଷ୍ଟେସନର ଉଉଞ୍ଚଠ ଫୁଟେଜ୍ ଯାଞ୍ଚ ବେଳେ ଦୁଇ ଜଣ ସନ୍ଦିଗ୍ଧ ସମାନ ଲାଲ୍ ଟ୍ରଲି ସୁଟକେସ୍ ନେଇ ଅଗଷ୍ଟ ୩ ତାରିଖରେ ଟ୍ରେନରେ ଚଢୁଥିବା ଦୃଶ୍ୟ ସାମ୍ନାକୁ ଆସିଥିଲା। ଏହି ଉଉଞ୍ଚଠ ଫୁଟେଜ୍ କୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଭାବେ ନେଇ ପୋଲିସ ତଦନ୍ତ ଆଗକୁ ବଢ଼ାଇଥିଲା। ଚେନ୍ନାଇ ଉପକଣ୍ଠ ଗୁଡୁଭାଞ୍ଚେରୀରେ ହାୟାଥୁନ୍ ନିଶା ରହୁଥିବା ଭଡ଼ାଘରେ ପହଞ୍ଚିଥିଲା ପୋଲିସ । ଆଗ୍ରା ଏଜଚର ତଦନ୍ତକାରୀ ଟିମ୍ ସ୍ଥାନୀୟ ପୋଲିସ ସହାୟତାରେ ଘରେ ତଲାସି କରିବା ପରେ ସେଠାରୁ ଆହୁରି କିଛି ଶରୀରର ଅଂଶ ଉଦ୍ଧାର କରିଥିଲା। ଶରୀରର ଅବଶେଷ ଏକ ବଡ଼ ପାତ୍ର ଭିତରେ ରଖାଯାଇଥିବା ତଦନ୍ତରୁ ସାମ୍ନାକୁ ଆସିଛି। ପୋଲିସ ସ୍କାନରରେ ଏବେ ମଣିକ ଉଦ୍ଦିନ ଲସ୍କର ଯାହାର ଘର ଆସାମରେ ଏବଂ ଓଡ଼ିଶାର ଭଗବତୀ ମାଝୀଙ୍କ ନାମ ସନ୍ଦିଗ୍ଧ ଭାବେ ସାମ୍ନାକୁ ଆସିଛି। ଦୁହେଁ ଫେରାର ଥିବାବେଳେ ସେମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ପୋଲିସ ଟିମ୍ ଖୋଜାଖୋଜି ଚଳାଇଛି। ଏବେ ପ୍ରଶ୍ନ ଉଠିଛି, ହାୟାଥୁନ୍ ନିଶାଙ୍କୁ କେବେ ଓ କେଉଁଠି କରାଗଲା ହତ୍ୟା । ହତ୍ୟା ପଛର କାରଣ କ'ଣ । ମୃତଦେହକୁ ଖଣ୍ଡଖଣ୍ଡ କରି ଟ୍ରେନରେ ସୁଟକେସ୍ ଛାଡ଼ିବା ପଛରେ କିଏ କିଏ ସାମିଲ । ଏସବୁ ଦିଗକୁ ନେଇ ଏବେ ତଦନ୍ତ ଜାରି ରଖିଛି ପୋଲିସ ।

# ବିଭିନ୍ନ ମିଠା ଦୋକାନରେ ବିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ଉ

**ଭୁବନେଶ୍ୱର(ବ୍ୟୁରୋ) :** ରାଖୀ ପୂର୍ଣ୍ଣିମା ପୂର୍ବରୁ ରାଜଧାନୀରେ ନକଲି ଛେନା ଓ ପନିର ବିରୋଧରେ ଜୋରଦାର ହୋଇଛି ଯାଞ୍ଚ । ବିଭିନ୍ନ ମିଠା ଦୋକାନରେ ଈଗଉ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି । ବିଶେଷକରି କେମିକାଲ୍ ଓ ଅସ୍ୱାସ୍ଥ୍ୟକର ଉପାୟରେ ପ୍ରସ୍ତୁତ ପନିର ବିକ୍ରି ହେଉଛି କି ନାହିଁ, ତା' ଉପରେ ରହିଛି ଟିମ୍ ର ନଜର । ଉଜଚ ଛକ ସମେତ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଥିବା ମିଠା ଦୋକାନରେ ଯାଞ୍ଚ କରାଯାଉଛି । ମିଠା ପ୍ରସ୍ତୁତିରେ ବ୍ୟବହୃତ ଛେନା, ପନିର ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀର ମାନ ଯାଞ୍ଚ କରୁଛି ସ୍ୱାସ୍ଥ୍ୟ ବିଭାଗ । ନିୟମ ଉଲ୍ଲଂଘନ କିମ୍ବା ନିମ୍ନମାନର ସାମଗ୍ରୀ ମିଳିଲେ ନମୁନା ସଂଗ୍ରହ ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବା ନେଇ ସୂଚନା ମିଳିଛି । ପାର୍ବଣ ସମୟରେ ମିଠାର ଚାହିଦା ବଢୁଥିବାରୁ ନକଲି ଛେନା ଓ ପନିରର କାରବାର ଉପରେ ରୋକ୍ ଲଗାଇବାକୁ ଏହି ଚଢ଼ାଉ ଜାରି ରହିଛି । ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳୁଥିବା ବ୍ୟବସାୟୀଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦେଇଛି ବିଏମ୍‌ସି। ହେଲେ ଏଠାରେ କଥା ଉଠୁଛି ଯେ ବର୍ଷା ଦିନ ହୋଇଥିବାରୁ ବାସି ଖାଦ୍ୟ, ନକଲି ଛେନା, ପନିର ଏବେ ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏହି ସବୁ ଖାଇ ରୋଗକୁ ନିମନ୍ତ୍ରଣ କରାଯାଉଛି। ଫଳରେ ସାଧାରଣ ଲୋକମାନଙ୍କ ପାଇଁ ଏବେ ଛେନା, ପନିର ଓ ବାସି ଖାଦ୍ୟକୁ ନେଇ ଛନକା ପସିଛି। ଫଳରେ ଖାଦ୍ୟ ସୁରକ୍ଷା ପକ୍ଷରୁ ଏହିପରି ଚଢ଼ଉ ପ୍ରତି ସପ୍ତାହରେ କରାଯିବା ଦରକାର ବୋଲି ସାଧାରଣରେ ଦାବୀ ହୋଇଛି।

# ଟ୍ୟାକ୍ସି ଡ୍ରାଇଭରଙ୍କ କଳାକାରନାମା, ଚୀନ୍ ନାଗରିକଙ୍କଠୁ ୧.୧୮ ଲକ୍ଷ ଚୋରି

**ଭୁବନେଶ୍ୱର(ବ୍ୟୁରୋ):** ଟ୍ୟାକ୍ସି ଡ୍ରାଇଭରଙ୍କ କଳାକାରନାମା । ବିଦେଶୀ ଦେଖି ଲୁଟି ନେଇଥିଲେ ଟଙ୍କା । ଡିସିପିଙ୍କ ହସ୍ତକ୍ଷେପ ପରେ ଟଙ୍କା ଫେରି ପାଇଲେ ଚୀନ ନାଗରିକ । ଏଭଳି ଘଟଣା ଘଟିଛି ରାଜଧାନୀ ଭୁବନେଶ୍ୱରରେ । ଚୀନ୍ ନାଗରିକ ଏକ ବଡ଼ ଧରଣ ଚୋରିର ଶିକାର ହୋଇଛନ୍ତି । ତିନିଜଣ ଚୀନ୍ ନାଗରିକଙ୍କଠୁ ଜଣେ ଟାକ୍ସି ଡ୍ରାଇଭର ୯୦୦ ରଂନ୍ମେଙ୍ଗୀ (ଚୀନ ମୁଦ୍ରା) ଓ ୧୮ ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି । ତେବେ ପୁଲିସ ହସ୍ତକ୍ଷେପ ପରେ ଟାକ୍ସି ଡ୍ରାଇଭର ଜଣକ ଚୋରି ଟଙ୍କା ଫେରାଇ ଦେଇଛନ୍ତି । ତିନି ଜଣ ଚୀନ ନାଗରିକ ପୁଲିସର ଏହି ତ୍ୱରିତ ପଦକ୍ଷେପ ପାଇଁ ଡିସିପି ଜଗମୋହନ ମୀନାଙ୍କୁ ଧନ୍ୟବାଦ ଜଣେଇଛନ୍ତି । ସୂଚନା ମୁତାବକ, ଚୀନରୁ କୃଷି ଯନ୍ତ୍ରପାତି ବିକ୍ରି ପାଇଁ ୩ଜଣ ଚୀନ ନାଗରିକ ଓଡ଼ିଶା ଆସିଛନ୍ତି । ସେମାନେ ପ୍ରଥମେ ସହିଦ୍ ନଗର ଥାନା ଅଞ୍ଚଳର ଏକ ହୋଟେଲ୍ ରେ ରହିଥିଲେ । ଜଣେ ଓଡ଼ିଆ ସହଯୋଗୀଙ୍କ ଜରିଆରେ ସେହି ଅଞ୍ଚଳର ଗୋଟିଏ ଟ୍ରାଭେଲ୍ସରୁ କ୍ୟାବ ଭଡ଼ାରେ ନେଇଥିଲେ ।

# ରାଜ୍ୟରୁ ୨୪ ହଜାର ଶିଶୁ ନିଖୋଜ, ୨୦୨୪ରେ ସର୍ବାଧିକ



**ଭୁବନେଶ୍ୱର(ବ୍ୟୁରୋ):** ଯାଜପୁର ଜିଲାର ପିହୁ ହେଉ ଅବା ନୟାଗଡ଼ର ପରୀ। ରାଜ୍ୟର ବିଭିନ୍ନ ଜିଲାରୁ କୋମଳମତି ଶିଶୁ ନିଖୋଜ ହୋଇଯାଉଛନ୍ତି। ସେମାନଙ୍କୁ ଖୋଜିବା ପାଇଁ ରାଜ୍ୟ ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ପୋଲିସ କିମ୍ବା କ୍ରାଇମବ୍ରାଞ୍ଚ ଉଦ୍ଧାର କରିବାରେ ବିଫଳ ହେଉଛି। ଉଦ୍ଧାରକାରୀ ଟିମ୍ ରାଜ୍ୟ ବାହାରକୁ ଖୋଜିବାକୁ ଯାଉଥିଲେ ମଧ୍ୟ ନିଖୋଜ ୧୦ ଶିଶୁଙ୍କ ମଧ୍ୟରୁ ଜଣଙ୍କୁ ଉଦ୍ଧାର କରିବାରେ ସଫଳ ହେଉଛି। ନ୍ୟାଶନାଲ୍ କ୍ରାଇମ୍ ରେକର୍ଡସ ବ୍ୟୁରୋ(ଏନ୍‌ସିଆରବି)ରୁ ମିଳିଥିବା ତଥ୍ୟ ଅନୁସାରେ ରାଜ୍ୟରେ ଗତ ୫ ବର୍ଷରେ ୨୩, ୯୫୦ ଶିଶୁ ନିଖୋଜ ହୋଇଛନ୍ତି। ତେବେ ୨୦୨୪ରେ ସର୍ବାଧିକ ୬,୨୨୩ ନିଖୋଜ ହୋଇଛନ୍ତି। ନିଖୋଜଙ୍କ ମଧ୍ୟରେ ସର୍ବାଧିକ ୮୭% ନାବାଳିକା ରହିଥିବା ଜଣାପଡ଼ିଛି। ୨୦୨୪ରେ ରାଜ୍ୟରେ ୧୮ ବର୍ଷରୁ କମ୍ ବୟସର ୬,୨୨୩ ଜଣ ନିଖୋଜ ହୋଇଥିବା ନେଇ ମାମଲା ରୁଜୁ ହୋଇଛି। ସେଥିରୁ ୬,୨୦୮ ଜଣ ୧୬ରୁ ୧୮ ବର୍ଷ ବୟସର ଝିଅ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ୨୦୨୩ରେ ଏହି ସଂଖ୍ୟା ୫,୯୩୮ ଥିବାବେଳେ ବର୍ଷକ ମଧ୍ୟରେ ପ୍ରାୟ ୪.୮ ପ୍ରତିଶତ ବୃଦ୍ଧି ପାଇଥିଲା। ୨୦୨୦ରେ ଓଡ଼ିଶାରେ ୨,୮୯୯ ଜଣ ଶିଶୁ ନିଖୋଜ ହୋଇଥିବାବେଳେ ୨୦୨୧ରେ ୪,୧୩୩ ଏବଂ ୨୦୨୨ରେ ୪,୭୫୭ରେ ପହଞ୍ଚିଥିଲା। ୫ ବର୍ଷରେ ନିଖୋଜ ଶିଶୁଙ୍କ ସଂଖ୍ୟା ୧୧୪.୬ ପ୍ରତିଶତ ବଢ଼ିଛି। ତଥ୍ୟର ସବୁଠାରୁ ଚିନ୍ତାଜନକ ଦିଗ ହେଉଛି ନିଖୋଜ ଶିଶୁଙ୍କ ମଧ୍ୟରେ ୮୭ ପ୍ରତିଶତ ଝିଅ ବୋଲି ରିପୋର୍ଟରେ ଦର୍ଶାଯାଇଛି। ୨୦୨୩ ଶେଷ ସୁଦ୍ଧା ରାଜ୍ୟରେ ୭,୨୭୨ ଶିଶୁଙ୍କ ପତ୍ତା ମିଳି ନ ଥିଲା। ୨୦୨୪ର ନୂଆ ନିଖୋଜ ମାମଲାକୁ ମିଶାଇଲେ ନିଖୋଜ ଓ ଉଦ୍ଧାର ହୋଇ ନ ଥିବା ଶିଶୁଙ୍କ ସଂଖ୍ୟା ୧୩,୪୯୫। ୨୦୨୪ରେ ପୋଲିସ ଓ କ୍ରାଇମ୍‌ବ୍ରାଞ୍ଚ ୩, ୫୬୬ ଶିଶୁଙ୍କୁ ଠାବ କରିଥିଲେ। ନିଖୋଜ ଶିଶୁଙ୍କ ମଧ୍ୟରେ କିଶୋରୀଙ୍କ ଅଧିକ ସଂଖ୍ୟାକୁ ନେଇ ଶିଶୁ ଅଧିକାର ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। ନିଖୋଜ କିଶୋରୀମାନଙ୍କୁ ମାନବ ଚାଲାଣ, ବାଲ୍ୟବିବାହ, ଶୋଷଣ ଓ ପର୍ନୋଗ୍ରାଫିରେ ସାମିଲ କରାଯାଉଥିବା ଅଭିଯୋଗ ହେଉଛି। ରାଜ୍ୟରୁ କମ୍ ବୟସର ଶିଶୁଙ୍କୁ ଅପହରଣ ପରେ ରାଜ୍ୟ ବାହାରକୁ ଚାଲାଣ କରାଯାଉଛି। ସେମାନଙ୍କୁ ନେଇ ହୋଟେଲ ଏବଂ ବେଶ୍ୟାଳୟରେ ନିୟୋଜିତ କରାଯାଉଛି। ଏଭଳି ଗୁରୁତ୍ୱପୂର୍ଣ୍ଣ ପରିସ୍ଥିତିରୁ ଶିଶୁମାନଙ୍କ ସୁରକ୍ଷା ପାଇଁ ତ୍ୱରିତ ଉଦ୍ଧାର ବ୍ୟବସ୍ଥା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଅନ୍ୟପକ୍ଷରେ, ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେଇଥିବା ତଥ୍ୟ ଅନୁସାରେ, ୨୦୨୪ରେ ୬ ହଜାର ୮୩୮ ଜଣ ଶିଶୁ ନିଖୋଜ ହୋଇଥିବାବେଳେ ୨୦୨୫ରେ ଏହି ସଂଖ୍ୟା ୮, ୨୦୬କୁ ବୃଦ୍ଧି ପାଇଛି। କ୍ରାଇମବ୍ରାଞ୍ଚ ତଥ୍ୟ ଅନୁସାରେ, ଓଡ଼ିଶା ପୋଲିସ ୨୦୨୪ ବର୍ଷ ସୁଦ୍ଧା ୩,୫୬୬ ଶିଶୁଙ୍କୁ ଉଦ୍ଧାର କରିଥିବାବେଳେ ୯,୯୨୯ ଶିଶୁଙ୍କ ପତ୍ତା ପାରି ନାହିଁ । ଏଥିରେ ସର୍ବାଧିକ ୮,୮୭୬ ନାବାଳିକାଥିବା ବେଳେ ୧,୦୫୩ ଜଣ ନାବାଳକ ଅଛନ୍ତି। ୨୦୨୨ ରେ ନିଖୋଜ ୬,୨୨୩ ଶିଶୁଙ୍କ ମଧ୍ୟରେ ୧୧,୯୨୨ଜଣ ନାବାଳିକା ଏବଂ ୭୯୮ ନାବାଳକ ଅଛନ୍ତି। ଓଡ଼ିଶା ପୋଲିସ ପକ୍ଷରୁ ଗଠନ ହୋଇଥିବା ସ୍ପେଶାଲ ଟିମ୍ ଅପରେଶନ ଅନ୍ୱେଷଣ ମାଧ୍ୟମରେ ଅଗଷ୍ଟ ୨୮ରୁ ବିଭିନ୍ନ ରାଜ୍ୟ ଯାଇ ଖୋଜିବ। ଶିଶୁ ନିଖୋଜ ମାମଲାର ବଢୁଥିବା ସଂଖ୍ୟା ରାଜ୍ୟରେ ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ନେଇ ଗୁରୁତର ପ୍ରଶ୍ନ ଉଠାଇଛି। ଏନେଇ ପୋଲିସ ଡିଜି ବିନୟତୋଷ ମିଶ୍ର କହିଛନ୍ତି, କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟିମ୍ ବିଭିନ୍ନ ରାଜ୍ୟକୁ ଯାଇ ନିଖୋଜ ଶିଶୁଙ୍କୁ ଉଦ୍ଧାର କରୁଛି। ଆମର ଏହି ଟିମ୍ ୨୮ରୁ ପୁଣି ଅପରେଶନ ଅନ୍ୱେଷଣ ମାଧ୍ୟମରେ ଖୋଜିବ। ଏନେଇ ଆଇନଜୀବୀ ଅଭିନାଶ ଗୁରୁ କହିଛନ୍ତି, ଓଡିଶା ପୋଲିସ ଆଉ କ୍ରାଇମବ୍ରାଞ୍ଚ ଶିଶୁମାନଙ୍କୁ ଉଦ୍ଧାର କରିବାରେ ଫେଲ୍ ମାରିଛି। ଗୋଟେ ମା' କୋଳରୁ ଶିଶୁକୁ ଅପହରଣ କରି ନିଆଯାଉଛି। ହେଲେ କ୍ରାଇମ୍‌ବ୍ରାଞ୍ଚ ଓ ପୋଲିସ ଖୋଜିବାରେ ବିଫଳ ହେଉଛନ୍ତି। ଅନ୍ୟ ରାଜ୍ୟ ଅପେକ୍ଷା ଓଡିଶାରେ ଉଦ୍ଧାର ସଂଖ୍ୟା ଖୁବ କମ୍ ବୋଲି ଗୁରୁ କହିଛନ୍ତି। ଏନ୍‌ସିଆରବି ତଥ୍ୟ ଅନୁସାରେ, ଉତ୍ତରପ୍ରଦେଶ ଭଳି ବଡ଼ ରାଜ୍ୟ ୨୦୨୦ରେ ୨,୩୮୦ ଶିଶୁ ନିଖୋଜ ହୋଇଥିବା ବେଳେ ୨୦୨୧ରେ ୩,୫୨୨ ନିଖୋଜ ହୋଇଥିଲେ। ସେହିପରି ୨୦୨୨ରେ ୨,୨୧୭ ଶିଶୁ ନିଖୋଜ ହୋଇଛନ୍ତି। ସେହିପରି ଛତିଶଗଡ଼ରେ ୨୦୨୦ରେ ୨,୪୫୯ ଶିଶୁ ନିଖୋଜ ହୋଇଥିବାବେଳେ ୨୦୨୧ରେ ୩,୨୭୮ ଏବଂ ୨୦୨୨ରେ ୩ହଜାର ୪୩୪ ଶିଶୁ ନିଖୋଜ ହୋଇଛନ୍ତି। ଆନ୍ଧ୍ରପ୍ରଦେଶରେ ୨୦୨୦ରେ ୨ହଜାର ୭୪୫ ଶିଶୁ ନିଖୋଜ ହୋଇଥିବାବେଳେ ୨୦୨୧ରେ ୩, ୭୨୦ ଏବଂ ୨୦୨୨ରେ ୪,୦୪୬ ଜଣ ଶିଶୁ ନିଖୋଜ ହୋଇଥିବା ବେଳେ ୨୦୨୩ରେ ୩, ୬୦୮ ଶିଶୁ ନିଖୋଜ ହୋଇଛନ୍ତି। ସେହିପରି ମହାରାଷ୍ଟ୍ରରେ ୨୦୨୦ରେ ୩,୩୫୬, ୨୦୨୧ରେ ୪,୧୨୯ଜଣ, ୨୦୨୨ରେ ୩,୦୬୯ ଶିଶୁ ନିଖୋଜ ହୋଇଛନ୍ତି। ତାମିଲନାଡୁରେ ୨୦୨୦ରେ ୪,୫୯୧ ଶିଶୁ ନିଖୋଜ ହୋଇଥିବାବେଳେ ୨୦୨୧ରେ ୬,୩୯୯ ଏବଂ ୨୦୨୨ରେ ୫,୦୫୮ ଶିଶୁ ନିଖୋଜ ହୋଇଛନ୍ତି।

# ଜାତିଭିତ୍ତିକ ସଂରକ୍ଷଣ ଓ ମହିଳା କୋଟାକୁ ନେଇ ତେଜିଲା ରାଜନୀତି

## ବିଜେପି-କଂଗ୍ରେସ ମୁହାଁମୁହିଁ

**ନୂଆଦିଲ୍ଲୀ,୨୪।୮:** ସଂରକ୍ଷଣ ବ୍ୟବସ୍ଥାରେ ସୁଧାର ଦାବି ଏବଂ ମହିଳା ସଂରକ୍ଷଣକୁ ନେଇ ଦେଶର ରାଜନୀତି ପୁଣି ସରଗରମ ହୋଇଛି। ଦିଲ୍ଲୀ, ଲକ୍ଷ୍ନୌ, ପାଟନା ଓ ଜୟପୁର ସମେତ ବିଭିନ୍ନ ସହରରେ ଜାତି ଭିତ୍ତିକ ସଂରକ୍ଷଣକୁ ନେଇ ବିରୋଧର ସ୍ୱର ଶୁଣିବାକୁ ମିଳୁଛି। ରବିବାର ସେଣ୍ଟ୍ରାଲ ଦିଲ୍ଲୀରେ ପ୍ରାୟ ୩୦୦ ଲୋକ ସଂରକ୍ଷ ବ୍ୟବସ୍ଥାରେ ସୁଧାର ଦାବି କରି ପ୍ରଦର୍ଶନ କରିଥିଲେ। ପରେ ପୁଲିସ ସେମାନଙ୍କୁ ହେପାଜତକୁ ନେଇଥିଲା।

ସଂରକ୍ଷଣରେ ସଂସ୍କାର ଦାବି କରୁଥିବା ପ୍ରତିବାଦକୁ ସମର୍ଥନ କରିବା ପାଇଁ ସୋସିଆଲ ମିଡିଆ ହ୍ୟାଣ୍ଡେଲ ତିଆରି ସୃଷ୍ଟି କରାଯାଇଛି। ଇନଷ୍ଟାଗ୍ରାମରେ ସଂରକ୍ଷଣ ହଟାଓ ଆନ୍ଦୋଳନର ୫୬ ଲକ୍ଷରୁ ଅଧିକ ଫଲୋଅର୍ସ ଅଛନ୍ତି। ଆନ୍ଦୋଳନରେ ସାମିଲ ଥିବା ୟୁଟ୍ୟୁବର ଅଜିତ ଭାରତୀ କହିଛନ୍ତି ଯେ ଇଡବ୍ଲୁଏସ୍‌ଙ୍କୁ ଏସସିଙ୍କ ପରି ସମାନ ଆର୍ଥିକ ସହାୟତା ଦିଆଯିବା ଉଚିତ। ପ୍ରଦର୍ଶନକାରୀଙ୍କ କହିବା ଅନୁସାରେ, ସେମାନେ ସଂରକ୍ଷଣର ସମ୍ପୂର୍ଣ୍ଣ ବିରୋଧ କରୁନାହାନ୍ତି। ଏହାର ଲାଭ ପ୍ରକୃତରେ ଆବଶ୍ୟକ କରୁଥିବା ଲୋକଙ୍କ ପାଖରେ ପହଞ୍ଚିବା ଉଚିତ। ଆର୍ଥିକ ଦୁର୍ବଳ ଲୋକଙ୍କ ପାଇଁ ସହାୟତା ବଢ଼ାଇବା, 'କ୍ରିମି ଲେୟର' ନିୟମ ଲାଗୁ କରିବା ଏବଂ ବର୍ତ୍ତମାନର ସଂରକ୍ଷଣ ବ୍ୟବସ୍ଥାର ସମୀକ୍ଷା କରିବାକୁ ସେମାନେ ଦାବି କରିଛନ୍ତି। ସୋସିଆଲ ମିଡିଆରେ ମଧ୍ୟ ଏହି ଆନ୍ଦୋଳନକୁ ନେଇ ଚର୍ଚ୍ଚା ବଢ଼ିଛି। ଆନ୍ଦୋଳନ ସହ ଜଡ଼ିତ କିଛି ବ୍ୟକ୍ତି ରଉଝ ବର୍ଗକୁ ମଧ୍ୟ ଶିକ୍ଷା, କୋଚିଂ, ଫର୍ମ ଓ ହଷ୍ଟେଲ ଫି ଭଳି ସୁବିଧା ଦେବା ଦାବି କରୁଛନ୍ତି। ସେହିପରି SC ଓ OBC ମଧ୍ୟରେ 'କୋଟା ଭିତରେ କୋଟା' ବ୍ୟବସ୍ଥା ଲାଗୁ କରିବା ଦାବି ମଧ୍ୟ ଉଠିଛି।

ଏହି ଆନ୍ଦୋଳନକୁ ନେଇ ଦଳିତ ନେତାମାନେ କଡ଼ା ଆପତ୍ତି ଜଣାଇଛନ୍ତି। କେନ୍ଦ୍ରମନ୍ତ୍ରୀ ଚିରାଗ ପାସୱାନ କହିଛନ୍ତି ଯେ ସଂରକ୍ଷଣ କାହାର ଦୟା କିମ୍ବା ଭିକ୍ଷାନୁହେଁ, ଏହା ସମ୍ବିଧାନ ପ୍ରଦତ୍ତ ଅଧିକାର। ରାମଦାସ ଅଠାୱଲେ ମଧ୍ୟ ଆରକ୍ଷଣ ବିରୋଧୀ ପ୍ରଦର୍ଶନକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସମାଜବାଦୀ ପାର୍ଟି ନେତା ଅଖିଲେଶ ଯାଦବ ସଂରକ୍ଷଣ ସୁଧାର ନାମରେ ସଂରକ୍ଷଣ ଶେଷ କରିବାର ଷଡ଼ଯନ୍ତ୍ର ହେଉଥିବା ଅଭିଯୋଗ କରିଛନ୍ତି। ବିଏସପି ମୁଖ୍ୟ ମାୟାବତୀ ମଧ୍ୟ ଆର୍ଥିକ ଆଧାରରେ SC, ST ଓ OBC ଆରକ୍ଷଣ ଲାଗୁ କରିବା ଦାବିକୁ ବିରୋଧ କରିଛନ୍ତି। ମହିଳା ସଂରକ୍ଷଣକୁ ନେଇ ବିଜେପି ଓ କଂଗ୍ରେସ ମଧ୍ୟରେ ରାଜନୈତିକ ବିବାଦ ତୀବ୍ର ହୋଇଛି। ବିଜେପି ନେତ୍ରୀ ସ୍ମୃତି ଇରାନୀ କଂଗ୍ରେସକୁ ଟାର୍ଗେଟ କରି କହିଛନ୍ତି, ସଂସଦରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ବ୍ୟବସ୍ଥା କରାଯାଇଛି ଏବଂ ଏହାକୁ ଶୀଘ୍ର ଲାଗୁ କରିବାକୁ କଂଗ୍ରେସ ସମର୍ଥନ କରିବା ଉଚିତ। ଅନ୍ୟପଟେ କଂଗ୍ରେସର ପ୍ରଶ୍ନ ହେଉଛି ୨୦୨୩ରେ ପାରିତ ହୋଇଥିବା ମହିଳା ସଂରକ୍ଷଣ ଆଇନକୁ ଏପର୍ଯ୍ୟନ୍ତ କାହିଁକି ଲାଗୁ କରାଯାଇନାହିଁ? କଂଗ୍ରେସ ଅଭିଯୋଗ କରୁଛି ଯେ ସରକାର ଏହାକୁ ଜନଗଣନା ଓ ପରିସୀମନ ସହ ଯୋଡ଼ି ଦେଇଛି।

ମହିଳା ସଂରକ୍ଷଣ ଆଇନ ଲାଗୁ କରିବା ପୂର୍ବରୁ ଜନଗଣନା ଓ ପରିସୀମନର ପ୍ରକ୍ରିୟା ଆବଶ୍ୟକ ହେବାକୁ ନେଇ ରାଜନୈତିକ ବିବାଦ ରହିଛି। ବିରୋଧୀ ଦଳଗୁଡ଼ିକ କହୁଛନ୍ତି ଯେ ପରିସୀମନକୁ ଅପେକ୍ଷା ନକରି ମହିଳା ସଂରକ୍ଷଣ ଲାଗୁ କରାଯିବା ଉଚିତ।




# ପୁଟିନ୍‌ଙ୍କୁ ଭେଟିଲେ ବୈଦେଶିକ ମନ୍ତ୍ରୀ

## ବ୍ରିକ୍ସ ଓ ବାଣିଜ୍ୟ ପ୍ରସଙ୍ଗରେ ଆଲୋଚନା

**ମସ୍କୋ,୨୪।୮:** ଭାରତର ବୈଦେଶିକ ମନ୍ତ୍ରୀଏସ୍ ଜୟଶଙ୍କରଅଗଷ୍ଟ ୨୩ ଓ ୨୪ରେ ରୁଷର ସରକାରୀ ଗସ୍ତରେ ଅଛନ୍ତି। ଏହି ଗସ୍ତ ସମୟରେ ସୋମବାର ସେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ମସ୍କୋରେ ସାକ୍ଷାତ କରିଛନ୍ତି। ଏହା ସହିତ ରୁଷ ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭରୋଭଙ୍କ ସହ ମଧ୍ୟ ଜୟଶଙ୍କର ଆଲୋଚନା କରିଛନ୍ତି। ଏହି ସାକ୍ଷାତକାରରେ ଦ୍ୱିପାକ୍ଷିକ ସମ୍ପର୍କ ସହ ବିଭିନ୍ନ ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମତ ବିନିମୟ ହୋଇଛି। ସାକ୍ଷାତକାର ସମୟରେ ଜୟଶଙ୍କର ପ୍ରଧାନମନ୍ତ୍ରୀନରେନ୍ଦ୍ର ମୋଦୀଙ୍କ ପକ୍ଷରୁ ରାଷ୍ଟ୍ରପତି ପୁଟିନଙ୍କୁ ଶୁଭେଚ୍ଛାଜଣାଇବା ସହ ତାଙ୍କର ବ୍ୟକ୍ତିଗତ ବାର୍ତ୍ତା ମଧ୍ୟ ପହଞ୍ଚାଇଛନ୍ତି। ଜୟଶଙ୍କର କହିଛନ୍ତି, ଭାରତ ଓ ରୁଷ ଭିତରେ ଆର୍ଥିକ ସହଯୋଗରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି।

ମସ୍କୋରେ ଭାରତ-ରୁଷ ଆନ୍ତଃସରକାରୀ ଆୟୋଗର ବୈଠକପରେ ଜୟଶଙ୍କର କହିଛନ୍ତି ଯେ ଦୁଇ ଦେଶ ମଧ୍ୟରେ ଆର୍ଥିକ ସହଯୋଗରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି। ଆଗାମୀ ଦିନରେ ମଧ୍ୟ ଏହି ସହଯୋଗକୁ ଆହୁରି ମଜବୁତ କରିବା ଉପରେ ଦୁଇ ଦେଶ ଗୁରୁତ୍ୱ ଦେଉଛନ୍ତି। ବୈଠକରେ ବାଣିଜ୍ୟ, ଶକ୍ତି, ସାର, ପରମାଣୁ ସହଯୋଗ ସମେତ ଅନେକ କ୍ଷେତ୍ରର ସମ୍ପର୍କର ସମୀକ୍ଷା କରାଯାଇଛି। ଉଭୟ ପକ୍ଷ ଏହି କ୍ଷେତ୍ରଗୁଡ଼ିକରେ ସହଯୋଗକୁ ଆହୁରି ବଢ଼ାଇବା ପାଇଁ ଆଗକୁ ବଢ଼ିବା ନେଇ ଆଲୋଚନା କରିଛନ୍ତି। ଜୟଶଙ୍କରଙ୍କ ରୁଷ ଗସ୍ତକୁ ଭାରତ-ରୁଷ ସମ୍ପର୍କ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଉଛି। ପୁଟିନ ଓ ଲାଭରୋଭଙ୍କ ସହ ଆଲୋଚନାରେ ଦ୍ୱିପାକ୍ଷିକ ସହଯୋଗ ସହିତ ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମତ ବିନିମୟ ହୋଇଛି। ଜୟଶଙ୍କରଙ୍କ ଏହି ଗସ୍ତ ମାଧ୍ୟମରେ ଭାରତ ଓ ରୁଷ ମଧ୍ୟରେ କୂଟନୈତିକ, ଆର୍ଥିକ ଓ ରଣନୈତିକ ସହଯୋଗକୁ ଆହୁରି ମଜବୁତ କରିବା ଦିଗରେ ଆଲୋଚନା ଜାରି ରହିଛି। ବୈଦେଶିକ ମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏସସିଓ ସମ୍ମିଳନୀ ସମୟରେ ରୁଷ ରାଷ୍ଟ୍ରପତିଙ୍କୁ ଭେଟିବାକୁ ଅପେକ୍ଷା କରିଛନ୍ତି। ଏହାଛଡା ବ୍ରିକ୍ସ ସମ୍ମିଳନୀ ପାଇଁ ରୁଷ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବାକୁ ପ୍ରସ୍ତୁତ। ଜୟଶଙ୍କର ଏହା ମଧ୍ୟ କହିଛନ୍ତି ଯେ ଭବିଷ୍ୟତରେ ଦୁଇ ନେତାଙ୍କ ମଧ୍ୟରେ ପାରସ୍ପରିକ ସୁବିଧା ଅନୁସାରେ, ଏକ ବାର୍ଷିକ ଶିଖର ବୈଠକ ଅନୁଷ୍ଠିତ ହେବ।



# ଭେଣ୍ଟିଲେଟରରେ ଜଳିଗଲେ ୩ ନବଜାତ



**ନୂଆଦିଲ୍ଲୀ,୨୪।୮:** ଆଜି ଭୋର ପ୍ରାୟ ସକାଳ ୩ଟା ୩୦ ମିନିଟ୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ୩ ଜଣ ନବଜାତ ଶିଶୁଙ୍କର ମୃତ୍ୟୁ ହୋଇଥିବାବେଳେ ପ୍ରାୟ ୬ ଜଣ ଶିଶୁ ଆହତ ହୋଇଛନ୍ତି। ମହାରାଷ୍ଟ୍ରର ଅମରାବତୀ ଜିଲ୍ଲା ହସ୍ପିଟାଲର ତୃତୀୟ ମହଲାରେ ଥିବା NICUରେ ହଠାତ୍ ନିଆଁ ଲାଗିଯାଇଥିଲା। ପ୍ରାଥମିକ ସୂଚନା ଅନୁସାରେ, NICUରେ ଥିବା ଏକ ଭେଣ୍ଟିଲେଟରରେ ବିସ୍ଫୋରଣ ହେବା ପରେ ନିଆଁ ଲାଗିଥିବା ଜଣାପଡ଼ିଛି। ମାତ୍ର କିଛି ସମୟ ମଧ୍ୟରେ ନିଆଁ ଓ ଧୂଆଁ ୱାର୍ଡରେ ବ୍ୟାପି ଯାଇଥିଲା। ସେତେବେଳେ ଘଓଉଟରେ ପ୍ରାୟ ୩୯ ଜଣ ନବଜାତ ଶିଶୁ ଚିକିତ୍ସିତ ହେଉଥିଲେ। ନିଆଁ ଲାଗିବା ପରେ ଡ୍ୟୁଟିରେ ଥିବା ଡାକ୍ତର, ନର୍ସ ଓ ହସ୍ପିଟାଲ କର୍ମଚାରୀମାନେ ତୁରନ୍ତ ଉଦ୍ଧାର କାର୍ଯ୍ୟରେ ଲାଗିପଡ଼ିଥିଲେ। ଧୂଆଁ ଓ ନିଆଁ ମଧ୍ୟରୁ ଶିଶୁମାନଙ୍କୁ ଗୋଟିଏ ପରେ ଗୋଟିଏ କରି ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା। ଅନେକ ଶିଶୁଙ୍କୁ ସୁରକ୍ଷିତ ଭାବେ ୱାର୍ଡରୁ ବାହାର କରାଯାଇଥିଲା। ତେବେ ଏହି ଉଦ୍ଧାର ମଧ୍ୟରେ ୩ ଜଣ ନବଜାତ ଶିଶୁଙ୍କ ଜୀବନ ବଞ୍ଚାଯାଇପାରିନଥିଲା। ନିଆଁରେ ଝଲସିଯାଇ ସେମାନଙ୍କର ମୃତ୍ୟୁ ହୋଇଛି। ଅନ୍ୟପକ୍ଷରେ, ପ୍ରାୟ ୬ ଜଣ ଆହତ ଶିଶୁଙ୍କୁ ତୁରନ୍ତ ସୁପର୍ ସ୍ପେସିଆଲିଟି ହସ୍ପିଟାଲକୁ ନିଆଯାଇ ଚିକିତ୍ସା କରାଯାଉଛି। ଅଗ୍ନିକାଣ୍ଡ ପରେ ହସ୍ପିଟାଲ ପରିସରରେ ଆତଙ୍କ ସୃଷ୍ଟି ହୋଇଥିଲା। ଉଦ୍ଧାରକାରୀ ଦଳ ଓ ହସ୍ପିଟାଲ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁ ନିୟନ୍ତ୍ରଣ ସହ ଶିଶୁମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଥିଲେ।

# ୯ଟି ଦେଶ ସହ ମୁକ୍ତ ବାଣିଜ୍ୟ ରାଜିନାମା ଆଲୋଚନା

**ଟୋକିଓ,୨୪।୮:** ବିଶ୍ୱ ବାଣିଜ୍ୟର ପ୍ରାୟ ୭୫ ପ୍ରତିଶତକୁ ମୁକ୍ତ ବାଣିଜ୍ୟ ଚୁକ୍ତି ଅଧୀନରେ ଆଣିବା ଲକ୍ଷ୍ୟ ରଖିଛି ଭାରତ। ଏଥିପାଇଁ ଆଉ ୮-୯ଟି ଦେଶ ଗୋଷ୍ଠୀ ଓ ବିଭିନ୍ନ ଦେଶ ସହ ଭାରତ ଆଲୋଚନା କରୁଛି ବୋଲି କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି। ସୋମବାର ଜାପାନରେ ଭାରତ ଓ ଜାପାନର ବ୍ୟବସାୟିକ ପ୍ରତିନିଧିମାନଙ୍କୁ ସମ୍ବୋଧିତ କରି ଗୋୟଲ କହିଛନ୍ତି ଯେ ଭାରତ ଅନ୍ୟ ୮-୯ଟି ଦେଶ ଗୋଷ୍ଠୀ କିମ୍ବା ଦେଶ ସହ ମୁକ୍ତ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା କରୁଛି। ଏହି ଦେଶଗୁଡ଼ିକର ମିଳିତ ଅର୍ଥନୀତିର ଆକାର ପ୍ରାୟ ୧୫ ଟ୍ରିଲିୟନ ଡଲାର। ଗୋୟଲଙ୍କ କହିବା ଅନୁସାରେ, ଗତ ଚାରି ବର୍ଷରେ ଭାରତ ୯ଟି ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିଛି। ଏହି ଚୁକ୍ତିଗୁଡ଼ିକ ୩୮ଟି ବିକଶିତ ଦେଶ ସମେତ ପ୍ରାୟ ୬୦ ଟ୍ରିଲିୟନ ଡଲାରର ଅର୍ଥନୀତିକୁ ଆବୃତ କରୁଛି। ଏହା ବ୍ୟତୀତ ଜାପାନ, ଦକ୍ଷିଣ କୋରିଆ ଏବଂ ଆସିଆନ୍ ଅଞ୍ଚଳ ସହ ପୂର୍ବରୁ ରହିଥିବା ବାଣିଜ୍ୟ ଚୁକ୍ତି ଆଉ ପ୍ରାୟ ୧୦ ଟ୍ରିଲିୟନ ଡଲାରର ଅର୍ଥନୀତିକୁ ଭାରତ ପାଇଁ ବଜାର ପ୍ରବେଶ ସୁଯୋଗ ଦେଇଛି। ଏହାକୁ ମିଶାଇ ଭାରତ ପାଇଁ ବର୍ତ୍ତମାନ ପ୍ରାୟ ୭୦ ଟ୍ରିଲିୟନ ଡଲାରର ଅର୍ଥନୀତିରେ ପ୍ରାଥମିକତାମୂଳକ ବଜାର ପ୍ରବେଶର ସୁଯୋଗ ଖୋଲିଛି। ଆଉ ୧୫ ଟ୍ରିଲିୟନ ଡଲାର ଅର୍ଥନୀତିକୁ ଯୋଡ଼ିବା ପରେ ଭାରତର ଏଫ୍‌ଟିଏ ନେଟୱର୍କ ବିଶ୍ୱ ବାଣିଜ୍ୟର ପ୍ରାୟ ୭୫ ପ୍ରତିଶତକୁ ଆବୃତ କରିବ ବୋଲି ଗୋୟଲ କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ଏହି ଚୁକ୍ତିଗୁଡ଼ିକ ଭାରତକୁ ବିଶ୍ୱର ଗ୍ଲୋବାଲ୍ ଭାଲ୍ୟୁ ଚେନ୍‌ରେ ଅଧିକ ଗଭୀର ଭାବେ ସାମିଲ ହେବାର ସୁଯୋଗ ଦେବ। ଏହା ଭାରତକୁ ଏକ ବିଶ୍ୱସନୀୟ ବାଣିଜ୍ୟିକ ଭାଗୀଦାର ଭାବେ ସ୍ଥାପିତ କରିବାରେ ସହାୟକ ହେବ। ଜାପାନ ଗସ୍ତ ସମୟରେ ଗୋୟଲଙ୍କ ସହ ୨୦୦ରୁ ଅଧିକ ବ୍ୟବସାୟିକ ପ୍ରତିନିଧି ଅଛନ୍ତି। ଭାରତ-ଜାପାନ ବାଣିଜ୍ୟ ଓ ନିବେଶ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ। ଭାରତରେ ଡାଟା ସେଣ୍ଟର, ଉତ୍ପାଦନ କ୍ଷେତ୍ର ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଭଳି ଉଚ୍ଚ ପ୍ରଯୁକ୍ତି କ୍ଷେତ୍ରରେ ବିପୁଳ ନିବେଶ ସୁଯୋଗ ରହିଛି ବୋଲି ଗୋୟଲ କହିଛନ୍ତି। ଭାରତ-ଜାପାନ ବଢୁଥିବା ଅର୍ଥନୈତିକ ସମ୍ପର୍କ ଦୁଇ ଦେଶ ମଧ୍ୟରେ ଅଧିକ ସନ୍ତୁଳିତ ବାଣିଜ୍ୟକୁ ଆଗକୁ ନେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।



## ଚୁଟ୍‌କୀରେ...

### ଜନ୍ମଦିନ ଉତ୍ସବରେ ମାଡ଼ିଗଲା ବସ୍, ୫ ମୃତ

**ନୂଆଦିଲ୍ଲୀ,୨୪।୮:** ବାର୍ଥ ଡେ' ପାର୍ଟିକୁ ମାଡ଼ିଗଲା ବସ୍। ଜନ୍ମଦିନ ଉତ୍ସବରେ ମରିଗଲେ ୫ ଜଣ। ଚାହୁଁ ଚାହୁଁ ଖୁସିର ମହୋଲରୁ ଶୁଭିଲା କାନ୍ଦ ବୋବାଳି। ବିହାରର ବେଟିଆରେ ଏକ ଶିଶୁର ଜନ୍ମଦିନ ପାଳନ ସମୟରେ ଏହି ଘଟଣା ଘଟିଛି। ରାସ୍ତାକଡ଼ରେ ଚାଲିଥିବା ଡ୍ୟାନ୍ସ ପ୍ରୋଗ୍ରାମ ଉପରୁ ଏକ ଦ୍ରୁତଗାମୀ ବସ୍ ମାଡ଼ିଯିବାରୁ ୫ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ଅନେକ ଲୋକ ଆହତ ହୋଇଥିବା ବେଳେ କିଛି ଲୋକ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ, ବେଟିଆ ସହର ନିକଟସ୍ଥ ପାରାଉ ଟୋଲା ବାଙ୍କଟୱା ଗାଁରେ ଗତକାଲି ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଛି। ଏକ ଶିଶୁର ଜନ୍ମ ଉତ୍ସବ ପାଳନ ପାଇଁ ରାସ୍ତାକଡ଼ରେ ନାଚୁଥିଲେ କିଛି କଳାକାର। ଯାହାକୁ ଦେଖିବାକୁ ସେଠାରେ ବହୁ ଲୋକ ଏକାଠି ହୋଇଥିଲେ। ସେହି ସମୟରେ ଉତ୍ତର ପ୍ରଦେଶର ଗୋରଖପୁରରୁ ବେଟିଆ ଅଭିମୁଖେ ଯାଉଥିବା ଗୋଟିଏ ବସ୍ ଆସିଥିଲା। ଏକ ଟ୍ରକ୍ ସହ ଧକ୍କାକୁ ଏଡ଼ାଇବାକୁ ଯାଇ ବସ୍‌ଟି ନିୟନ୍ତ୍ରଣ ହରାଇ କାର୍ଯ୍ୟକ୍ରମସ୍ଥଳ ଆଡ଼କୁ ମାଡ଼ି ଯାଇଥିବା କୁହାଯାଉଛି। ଏହି ଦୁର୍ଘଟଣାରେ ବାହାଦୁର ମାହାତୋ, ସଞ୍ଜୟ କୁମାର, ଭୋଲା ଦୁବେ, ଦେବେନ୍ଦ୍ର ଦୁବେ ଏବଂ ଚାଙ୍ଗୁର ରାମଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଦେବେନ୍ଦ୍ର ଦୁବେ ସେହି ଶିଶୁର ପିତା, ଯାହାର ଜନ୍ମ ଉତ୍ସବ ପାଇଁ କାର୍ଯ୍ୟକ୍ରମ ଚାଲିଥିଲା। ଏହି ଖବର ପରେ ଉତ୍ସବର ମାହୋଲ ଶୋକରେ ପରିଣତ ହୋଇଛି। ଅ

### ମଣିପୁରରେ ହିଂସା : ଦୁଇ ଗୋଷ୍ଠୀ ମୁହାଁମୁହିଁ

**ନୂଆଦିଲ୍ଲୀ,୨୪।୮:** ମଣିପୁରର ସେନାପତି ଜିଲ୍ଲାର ତାପୋଏ ଏବଂ ଆଖପାଖ ଅଞ୍ଚଳରେ ହିଂସା ଘଟିଛି। ଏକ ଘରେ ନିଆଁ ଲଗାଇ ଦିଆଯାଇଥିବାବେଳେ ଗୁଳି ବିନିମୟରେ ଜଣେ ସିଆରପିଏଫ ଯବାନ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ଏହି ଘଟଣା ପରେ ଅଞ୍ଚଳରେ ପୁଣି ଉତ୍ତେଜନାପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଛି। ସେନାପତି ଜିଲ୍ଲାରେ ଭୋର୍ ୩ଟାରେ ଏହି ଅଭାବନୀୟ ଘଟଣା ଘଟିଛି । ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଯୋଗୁଁ ହିଂସା ଏବଂ ଗୁଳିଚାଳନା ହୋଇଥିଲା। ସଂଘର୍ଷ ସମୟରେ ଅନିୟନ୍ତ୍ରିତ ଭିଡ଼ ଘର ପୋଡ଼ି ଦେଇଥିଲେ। ଘଟଣାର କିଛି ପ୍ରତ୍ୟକ୍ଷଦର୍ଶୀ ସ୍ଥାନୀୟ ବାସିନ୍ଦା ପୁଲିସକୁ ଖବର ଦେଇ ଦମକଳ ବାହିନୀକୁ ଡାକିଥିଲେ। ସେମାନେ ଆହତ ସିଆରପିଏଫ ଯବାନଙ୍କୁ ଡାକ୍ତରଖାନାକୁ ନେଇଥିଲେ। ଘଟଣା ପରେ, ଅଞ୍ଚଳରେ ଏକ ଉତ୍ତେଜନାପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଛି। ମଣିପୁର ପୁଲିସର ସୂଚନା ଅନୁଯାୟୀ , ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିକୁ ଦୃଷ୍ଟିରେ ରଖି ଅତିରିକ୍ତ ସୁରକ୍ଷା ବାହିନୀ ମୁତୟନ କରାଯାଇଛି। ହିଂସାକାଣ୍ଡ ଭିଆଇଥିବା ଲୋକଙ୍କ ସନ୍ଧାନ ଜାରି ରହିଛି। ଅଞ୍ଚଳରେ ସୁରକ୍ଷା ଏବଂ ଶାନ୍ତି ବଜାୟ ରଖିବା ପାଇଁ ପୁଲିସ ଏକ ସର୍ଚ୍ଚ ଅପରେସନ ମଧ୍ୟ ଚଳାଇଛି।

### ତାମିଲନାଡୁ ସରକାରଙ୍କ ବଡ଼ ଘୋଷଣା
### ମିଳିବ ୩ଟି ମାଗଣା ସିଲିଣ୍ଡର

**ତାମିଲନାଡୁ,୨୪।୮:** ତାମିଲନାଡୁ ସରକାରଙ୍କ ଆଉ ଏକ ବଡ଼ ଘୋଷଣା । ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଟିଭିକେ ସୁପ୍ରିମୋ ବିଜୟ ଗରିବ ପରିବାରକୁ ବାର୍ଷିକ ତିନୋଟି ମାଗଣା ସିଲିଣ୍ଡର ଦେବା ନେଇ ଘୋଷଣା କରିଛନ୍ତି । ଅନ୍ନପୂର୍ଣ୍ଣୀ ସୁପର୍ ସିକ୍ସ ନାମରେ ଏହି ଯୋଜନା ଆରମ୍ଭ ହୋଇଛି। ଏହାଦ୍ୱାରା ବର୍ଷକୁ ୨.୫ ଲକ୍ଷ ଟଙ୍କାରୁ କମ୍ ଆୟ କରୁଥିବା ପରିବାରକୁ ତିନୋଟି ସିଲିଣ୍ଡର ମାଗଣାରେ ମିଳିବ । ଯାହା ୨୦୨୭ରୁ ଲାଗୁ ହେବ । ଏହାଛଡା ଟ୍ରାନ୍ସଜେଣ୍ଡରଙ୍କୁ ମାଗଣାରେ ଯାତ୍ରା କରିବା ନେଇ ଯୋଜନା କରାଯାଇଛି । ଅନ୍ନପୂର୍ଣ୍ଣୀ ସୁପର୍ ସିକ୍ସ ଯୋଜନାରେ ପ୍ରାୟ ୧.୩୦ କୋଟି ପରିବାରକୁ ଲାଭ ମିଳିବ । ଯୋଗ୍ୟ ପରିବାର ନିଜ ଖର୍ଚ୍ଚରେ କିଣିଥିବା ୩ଟି ଖଚଏ ସିଲିଣ୍ଡରର ଟଙ୍କା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାକୁ ଦିଆଯିବ। ଏହି ଯୋଜନା ଯୋଗୁଁ ରାଜ୍ୟ ସରକାରଙ୍କ ରାଜକୋଷ ଉପରେ ପ୍ରତିବର୍ଷ ପ୍ରାୟ ୪,୦୦୦ କୋଟି ଟଙ୍କାର ଅତିରିକ୍ତ ଭାର ପଡ଼ିବ । ଲାଭାର୍ଥୀ ବା ହିତାଧିକାରୀମାନେ ସିଲିଣ୍ଡର କିଣିଲା ପରେ ସମ୍ପୂର୍ଣ୍ଣ ଟଙ୍କା ତାଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ପଠାଯିବ । ଅର୍ଥାତ ପ୍ରଥମେ ଗରିବ ପରିବାରର ଲୋକେ ସିଲିଣ୍ଡର କ୍ରୟ କରିବେ । କିଣିସାରିଲା ପରେ ଏହି ଅର୍ଥ ସେମାନଙ୍କୁ ଫେରସ୍ତ ଦିଆଯିବ । ବିଜୟ ମହିଳାଙ୍କ ପାଇଁ ମାଗଣା ବସ୍ ସେବା ଘୋଷଣା କରିଛନ୍ତି । ମହିଳାମାନେ ସାଧାରଣ ବସ୍ ସହ ଏକ୍ସପ୍ରେସ୍, ଡିଲକ୍ସ ଭଳି ବସରେ ମାଗଣା ଯାତ୍ରା କରିପାରିବେ । ଏହାକୁ ଅକ୍ଟୋବର ୨ରୁ ଲାଗୁ କରାଯିବ । ତୃତୀୟଲିଙ୍ଗୀଙ୍କୁ ମଧ୍ୟ ଏହି ସୁବିଧା ପ୍ରଦାନ କରାଯିବ । ଏହାଦ୍ୱାରା ଆର୍ଥିକ ଏବଂ ଦୁର୍ବଳ ଆର୍ଥିକ ବର୍ଗର ମହିଳା ଖୁବ୍ ଉପକୃତ ହେବେ ବୋଲି ବିଜୟ କହିଛନ୍ତି ।

## ସରକାର ବିରୋଧରେ ସିଜେପିର ବଡ଼ ଘୋଷଣା

# ୫ ସେପ୍ଟେମ୍ବରରେ ଶାନ୍ତିପୂର୍ଣ୍ଣ ମାର୍ଚ୍ଚ

**ନୂଆଦିଲ୍ଲୀ,୨୪।୮:** କକରୋଚ ଜନତା ପାର୍ଟି (ସିଜେପି) ନୂଆଦିଲ୍ଲୀରେ ବିରୋଧ ମାର୍ଚ୍ଚ କରିବାକୁ ଘୋଷଣା କରିଛି। ଦଳର ଅଭିଯୋଗ ଅନୁସାରେ, କେନ୍ଦ୍ର ସରକାର ୨୫ ଜୁଲାଇରେ ଦେଶର ଯୁବପିଢ଼ିଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିନାହାନ୍ତି। ଏହାକୁ ନେଇ ଆସନ୍ତା ୫ ସେପ୍ଟେମ୍ବର ୨୦୨୬ରେ ଶାନ୍ତିପୂର୍ଣ୍ଣ ବିରୋଧ ମାର୍ଚ୍ଚ କରାଯିବ ବୋଲି ସିଜେପି କହିଛି। ଦଳର ସୂଚନା ଅନୁସାରେ, ଏହି ମାର୍ଚ୍ଚ ଇଣ୍ଡିଆ ଗେଟ୍‌ରୁ ଆରମ୍ଭ ହୋଇ ନୂଆଦିଲ୍ଲୀ ପୋଲିସ ମୁଖ୍ୟାଳୟ ଦିଗକୁ ଯିବ। ନିଟ୍ ପରୀକ୍ଷା ସମ୍ପର୍କିତ ଘଟଣାରେ ଜୀବନ ହରାଇଥିବା ଛାତ୍ରାଛାତ୍ରୀଙ୍କ ପରିବାର ଏବଂ ପୋଲିସ କାର୍ଯ୍ୟାନୁଷ୍ଠାନର ଶିକାର ହୋଇଥିବା ଲୋକଙ୍କ ପରିବାର ଏହି ମାର୍ଚ୍ଚର ନେତୃତ୍ୱ ନେବେ। ଦେଶର ବିଭିନ୍ନ ସ୍ଥାନରୁ ଛାତ୍ର, ଯୁବ ସଂଗଠନ ଓ ଯୁବ ନାଗରିକମାନେ ଏଥିରେ ସାମିଲ ହେବେ ବୋଲି ଦଳ ଆଶା ରଖିଛି। ସିଜେପିର ସହ-ସଂଯୋଜକ ସୌରଭ ଦାସ ଏକ୍ସରେ ଦଳର ବୟାନ ପୋଷ୍ଟ କରିଛନ୍ତି। ବୟାନ ଅନୁସାରେ, ସିଜେପିର ନ୍ୟାଶନାଲ ୱର୍କିଂ କମିଟି ସରକାର ଏବଂ ବିଜେପି/ଏନଡିଏ ଶାସିତ ରାଜ୍ୟଗୁଡ଼ିକ ପକ୍ଷରୁ ୨୫ ଜୁଲାଇ ୨୦୨୬ରେ ଯୁବପିଢ଼ିଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତିର ସମୀକ୍ଷା କରିଥିଲା। ସିଜେପିର ଅଭିଯୋଗ ହେଉଛି, ପ୍ରତିଶ୍ରୁତି ପୂରଣ କରିବା ବଦଳରେ ଗତ ଏକ ମାସ ଧରି ସରକାର ବିଳମ୍ବ କରୁଛି ଏବଂ ବିଭିନ୍ନ ବୈଷୟିକ ପ୍ରସଙ୍ଗର ଆଳ ନେଉଛି। ଏପରିକି ସୁପ୍ରିମକୋର୍ଟରେ ମଧ୍ୟ ସ୍ପଷ୍ଟ ପ୍ରତିଶ୍ରୁତି ଦେବାରୁ ସରକାର ଦୂରେଇ ରହିଥିବା ଦଳ ଅଭିଯୋଗ କରିଛି। ସିଜେପି କହିଛି ଯେ, ୧୮ ଅଗଷ୍ଟରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଦେଶର ବିଭିନ୍ନ ସ୍ଥାନରେ ରୁଜୁ ହୋଇଥିବା ଏଫଆଇଆର ଗୁଡ଼ିକର ତାଲିକା ମାଗିଥିଲେ। ଏହା ଦ୍ୱାରା ସମସ୍ତ ରଉଜକୁ ଏକାଠି ବାତିଲ କରିବା ନେଇ ବିଚାର କରାଯାଇପାରିଥାନ୍ତା। କିନ୍ତୁ ସରକାର ଏନେଇ ସ୍ପଷ୍ଟ ପ୍ରତିଶ୍ରୁତି ଦେଇନଥିବା ସିଜେପିର ଦାବି। ନିଟ୍ ପରୀକ୍ଷାରେ ଅନିୟମିତତା ଅଭିଯୋଗକୁ ନେଇ ଦୀର୍ଘ ସମୟ ଧରି ଆନ୍ଦୋଳନ ଚାଲିଥିଲା। ଏହା ପରେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଇଥିବା ପରେ ସିଜେପି ଆନ୍ଦୋଳନ ସମାପ୍ତ କରିବା ଘୋଷଣା କରିଥିଲା।

# ଦିଲ୍ଲୀ-ଏନ୍‌ସିଆରରେ ପ୍ରବଳ ବର୍ଷା: ୩୮୦ ବିମାନ ବିଳମ୍ବିତ



**ନୂଆଦିଲ୍ଲୀ,୨୪।୮:** ଉତ୍ତର ଭାରତସମେତ ଦେଶର ଅନ୍ୟାନ୍ୟ ଅଞ୍ଚଳରେ ସୋମବାର ମୌସୁମୀ ସକ୍ରିୟ ହେବା ଯୋଗୁ ଦିନ ସାରା ପ୍ରବଳ ବର୍ଷା ଲାଗି ରହିଛି। ଦିଲ୍ଲୀ ଓ ସଂଲଗ୍ନ ଏନ୍‌ସିଆର ଅଞ୍ଚଳ ନୋଏଡା, ଗାଜିଆବାଦ, ଗୁରୁଗ୍ରାମ ଓ ଫରିଦାବାଦରେ ପ୍ରବଳ ବର୍ଷା ଓ ପବନ ଯୋଗୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ଦିଲ୍ଲୀ ବିମାନବନ୍ଦରରେ ପ୍ରତିକୂଳ ପାଗ ବିମାନ ଚଳାଚଳରେ ବାଧା ସୃଷ୍ଟି କରିଛି, ପ୍ରାୟ ୩୮୫ ଟି ବିମାନ ବିଳମ୍ବିତ/ପ୍ରଭାବିତ ହୋଇଛି, ୨୬ ଟି ବାତିଲ ହୋଇଛି ଓ ୧୫ ଟି ଅନ୍ୟତ୍ର ଗତି ପରିବର୍ତ୍ତନ କରିଛି, ଯେଉଁଥିରେ ତିନିଟି ଅନ୍ତର୍ଜାତୀୟ ବିମାନ ରହିଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଦିଲ୍ଲୀ-ଏନ୍‌ସିଆରରେ ଓ ଆଖାପାଖ ଅଞ୍ଚଳରେ ଅଧିକ ମୌସୁମୀ ବର୍ଷା ନେଇ ଆକଳନ କରିଛି। ଉତ୍ତରାଖଣ୍ଡ, ଓଡ଼ିଶା ଓ ତେଲଙ୍ଗାନାରେ ମଧ୍ୟ ପ୍ରବଳ ବର୍ଷା ନେଇ ଆଇଏମ୍‌ଡି ଆକଳନ କରିଛି। ଆଇଏମ୍‌ଡି ଗୁରୁଗ୍ରାମ ଓ ଫରିଦାବାଦ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। ଏହି ଦୁଇଟି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଲୋକମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ପ୍ରବଳ ବର୍ଷା ଯୋଗୁଁ ଗୁରୁଗ୍ରାମର ଇସଲାମପୁର ଗାଁ ନିକଟରେ ସୋହନା ରୋଡର ସର୍ଭିସ୍ ଲେନରେ ପ୍ରାୟ ଦୁଇ ଫୁଟ ପାଣି ଜମି ଯାଇଥିଲା। ପାଣି ଜମା ହେବା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା ଓ ପ୍ରାୟ ୪ କିଲୋମିଟର ପର୍ଯ୍ୟନ୍ତ ଟ୍ରାଫିକ ଜାମ୍ ହୋଇଥିଲା। ଇଣ୍ଡିଆ ଗେଟ୍ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁ ଲୋକମାନଙ୍କୁ ଗରମରୁ ଆଶ୍ୱସ୍ତି ମିଳିଛି।

# ପ୍ରବଳ ବର୍ଷା ଯୋଗୁଁ ଡମ୍ପିଂୟାର୍ଡରେ ଭୟଙ୍କର ଭୂସ୍ଖଳନ: ୩୦ମୃତ

**ନୂଆଦିଲ୍ଲୀ,୨୪।୮:** ଡମ୍ପିଂୟାର୍ଡରେ ଭୟଙ୍କର ଭୂସ୍ଖଳନ । ଚାଲିଗଲା ଅନେକ ଜୀବନ । ପ୍ରବଳ ବର୍ଷା ଯୋଗୁଁ ପଶ୍ଚିମ ଆଫ୍ରିକୀୟ ଦେଶ ଗିନିର ଡମ୍ପିଂୟାର୍ଡରେ ଭୂସ୍ଖଳନ ଘରି ପ୍ରାୟ ୩୦ ଜଣଙ୍କ ମୃତ୍ୟୁ ହୋଇଛି । ଗିନି ରାଜଧାନୀ କୋନୋକ୍ରିରେ ଏହି ଅଘଟଣ ଘଟିଛି। କୋନାକ୍ରିର ସବୁଠାରୁ ବଡ ଲ୍ୟାଣ୍ଡଫିଲରେ ଏକ ବିଶାଳ ଅଳିଆ ଗଦା ଭୁଶୁଡ଼ି ପଡ଼ିଛି । ଗତ ସପ୍ତାହରେ କୋନାକ୍ରିରେ ଡମ୍ପିଂୟାର୍ଡ ବନ୍ଦ କରାଯାଇଥିଲା । ଉଦ୍ଧାର କାର୍ଯ୍ୟ ଜାରି ରହିଛି, ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି । ଅଧିକାରୀଙ୍କ ସୂଚନା ଅନୁସାରେ, ରବିବାର ରାତି ପ୍ରାୟ ୨ଟାରୁ ଆରମ୍ଭ ହୋଇଥିଲା ପ୍ରବଳ ବର୍ଷା । ଫଳରେ କୋନାକ୍ରିର ସବୁଠାରୁ ବଡ ଲ୍ୟାଣ୍ଡଫିଲ୍ 'ଦାର ଏସ୍ ସଲାମ୍'ରେ ଅଳିଆ ଆବର୍ଜନା ଧୋଇ ଯାଇଥିଲା । ଫଳରେ ଏହା ଭୟଙ୍କର ଭୂସ୍ଖଳନର ରୂପ ନେଇଥିଲା । ଫଳରେ ନିକଟସ୍ଥ ବସ୍ତିଗୁଡ଼ିକ ଆବର୍ଜନା ତଳେ ପୋତି ହୋଇଯାଇଥିଲା । ରିପୋର୍ଟ ଲେଖାଯିବା ସୁଦ୍ଧା ୩୦ ଜଣଙ୍କର ମୃତ୍ୟୁ ହୋଇଛି । ଉଦ୍ଧାରକାର୍ଯ୍ୟ ଜାରି ରହିଛି । ୬ ଜଣ ଗୁରୁତର ଆହତ ହୋଇଛନ୍ତି । ଅନେକ ଘର ନଷ୍ଟ ହୋଇଯାଇଥିଲା। ମିଲିଟାରୀ ଇଞ୍ଜିନିୟରିଂ ବାଟାଲିୟନର ପରିମଳ ଅଧିକାରୀ ଲେଫ୍ଟନାଣ୍ଟ କର୍ଣ୍ଣେଲ ବାଲଡେ ମାମାଡୋ ବାଇଲୋଙ୍କ ଅନୁଯାୟୀ, ରବିବାର ସହରର ସର୍ବବୃହତ ଖୋଲା ଅଳିଆ ଆବର୍ଜନା ପକାଇବା ସ୍ଥାନ ବନ୍ଦ ହେବାର କାର୍ଯ୍ୟକ୍ରମ ଥିଲା ।



ଲ୍ୟାଣ୍ଡଫିଲ୍ ଆଖପାଖରେ ରହୁଥିବା ଲୋକଙ୍କୁ ନୋଟିସ୍- ଅଧିକାରୀଙ୍କ କହିବାନୁସାରେ, ଲ୍ୟାଣ୍ଡଫିଲ୍ ଆଖପାଖରେ ରହୁଥିବା ଲୋକଙ୍କୁ ସ୍ଥାନାନ୍ତର ନୋଟିସ୍ ଦିଆଯାଇଥିଲା, ଯେଉଁଥି ପାଇଁ ଅନେକ ଲୋକ ଏହି ଅଞ୍ଚଳ ଛାଡି ଚାଲିଯାଇଥିଲେ, କିନ୍ତୁ ବିପର୍ଯ୍ୟୟ ସମୟରେ ଅନ୍ୟ କିଛି ଲୋକ ମଧ୍ୟ ଉପସ୍ଥିତ ଥିଲେ । ଘଟଣାସ୍ଥଳରେ ଆଞ୍ଚଳିକ ପ୍ରଶାସନ ଏବଂ ବିକେନ୍ଦ୍ରୀକରଣ ମନ୍ତ୍ରୀ ଡାଏନାବୁ ଟୁରେ କହିଛନ୍ତି, 'ଆମେ ନିଶ୍ଚିତ କରିବୁ ଯେ ବାକି ପରିବାରକୁ ସ୍ଥାନାନ୍ତର କରାଯିବ । ଗିନି ଖଣିଜ ପଦାର୍ଥରେ ସମୃଦ୍ଧ ଏକ ଦେଶ- ଗିନି ହେଉଛି ଖଣିଜ ପଦାର୍ଥରେ ସମୃଦ୍ଧ ଦେଶ, ଯେଉଁଥିରେ ବକ୍ସାଇଟର ବିପୁଳ ଭଣ୍ଡାର ରହିଛି, ଯାହା ବିଶ୍ୱର ସର୍ବବୃହତ୍ ଏବଂ ଏଥିରେ ଲୁହାପଥର, ସୁନା, ହୀରା ଏବଂ ଅନ୍ୟାନ୍ୟ ଖଣିଜ ପଦାର୍ଥ ମଧ୍ୟ ରହିଛି । ତଥାପି, ବିଶ୍ୱ ବ୍ୟାଙ୍କ ଅନୁଯାୟୀ, ଏଠାରେ ୪୩.୭% ଜନସଂଖ୍ୟା ଜାତୀୟ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରନ୍ତି । ଲୋକଙ୍କୁ ସ୍ଥାନାନ୍ତର କରିବା ବାବଦରେ ମନ୍ତ୍ରୀ ଆଲୋଚନା କରିଛନ୍ତି ।





# ଜାତୀୟ ରାଜପଥ- ୫୨୦ରେ ବାରବାଙ୍କ ନିକଟରେ ଭୂସ୍ଖଳନ

## ■ ଯାତାୟାତ ବାଧାପ୍ରାପ୍ତ



**ଯୋଡା (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ଆଶଙ୍କା ବଢ଼ିଥିବା ବେଳେ ୫୨୦ ନମ୍ବର ଜାତୀୟ ରାଜପଥର ବାରବାଙ୍କ ନିକଟରେ ଭୂସ୍ଖଳନ ଘଟିଛି । ଭୂସ୍ଖଳନ ଯୋଗୁଁ ପାହାଡ଼ ଉପରୁ ମାଟି ଧଶି ରାସ୍ତା ଉପରେ ପଡ଼ିବାରୁ ଯାନବାହାନ ଚଳାଚଳରେ ବାଧା ସୃଷ୍ଟି ହୋଇଛି ।

ସୂଚନା ଅନୁଯାୟୀ, ଉକ୍ତ ଅଞ୍ଚଳରେ ଲଗାଣ ବର୍ଷା ଲାଗିରହିଛି । ଲଗାଣ ବର୍ଷା ଯୋଗୁଁ ପାହାଡ଼ିଆ ଅଞ୍ଚଳର ମାଟି ନରମ ହୋଇପଡ଼ିବା ସହ ବର୍ଷାଜଳର ପ୍ରଭାବରେ ବାରବାଙ୍କ ନିକଟରେ ଭୂସ୍ଖଳନ ଘଟିଛି । ଏଥିରେ ପାହାଡ଼ ଉପରୁ ମାଟି ଓ ପଥର ରାସ୍ତା ଉପରକୁ ଧଶି ଆସିଛି । ଫଳରେ ରାଜପଥରେ ଯାନବାହାନ ଚଳାଚଳ କରିବାରେ ଅସୁବିଧା ଦେଖାଦେଇଛି । ଭୂସ୍ଖଳନ ଘଟଣା ପରେ ରାଜପଥ ପ୍ରାଧିକରଣ ପକ୍ଷରୁ ତୁରନ୍ତ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି । ଯାନବାହାନ ଚାଳକ, ଯାତ୍ରୀ ଓ ସାଧାରଣ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଭୂସ୍ଖଳନ ହୋଇଥିବା ସ୍ଥାନରେ ବେରିକେଡ୍ ଲଗାଯାଇଛି । ଏଥିସହ ସେହି ସ୍ଥାନଟି ବିପଦପୂର୍ଣ୍ଣ ହୋଇଥିବାରୁ ଯାତାୟାତ କରୁଥିବା ଲୋକଙ୍କୁ ସଚେତନ କରାଯାଉଛି । ବର୍ଷା ଜାରି ରହିଥିବାରୁ ଭୂସ୍ଖଳନ ସ୍ଥାନରେ ପୁଣି ମାଟି ଧଶିବାର ଆଶଙ୍କା ରହିଛି । ଏପରି ସ୍ଥିତିରେ ରାଜପଥ ଦେଇ ଯାତାୟାତ କରୁଥିବା ଚାଳକମାନେ ବେରିକେଡ୍ ଓ ସତର୍କତା ସୂଚନାକୁ ଅବହେଳା ନକରି ଧୀର ଗତିରେ ଯାନ ଚଳାଇବାକୁ ଅନୁରୋଧ କରାଯାଇଛି । ଅପରପକ୍ଷେ ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଲଗାଣ ବର୍ଷା ସମୟରେ ଏହି ଅଞ୍ଚଳରେ ଭୂସ୍ଖଳନର ଆଶଙ୍କା ରହୁଥିବାରୁ ରାଜପଥ କର୍ତ୍ତୃପକ୍ଷ ପକ୍ଷରୁ ଉକ୍ତ ସ୍ଥାନରେ ନିୟମିତ ନଜର ରଖିବା ଆବଶ୍ୟକ । ରାସ୍ତା ଉପରେ ଜମା ହୋଇଥିବା ମାଟି ଓ ପଥରକୁ ଶୀଘ୍ର ହଟାଇବା ସହ ଭବିଷ୍ୟତରେ ଏଭଳି ଘଟଣାକୁ ରୋକିବା ପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରିବାକୁ ମଧ ଦାବି ହୋଇଛି ।

# ଦୁଇଶହ ପରିବାରକୁ ଶୁଖିଲାଖାଦ୍ୟ ବଣ୍ଟନ



**ଆଳି (ଅମୃତ ମିଡିଆ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଖରସ୍ରୋତା ନଦୀରେ ପ୍ରବଳ ବନ୍ୟା ଆସିବା ଯୋଗୁଁ ଦଶିପୁର ପଞ୍ଚାୟତର ଖରିଅଣ୍ଡା ଗ୍ରାମ ପାଣି ଘେରରେ ରହିଛନ୍ତି । ପାଣି ଘେରରେ ଥିବା ଲୋକମାନଙ୍କୁ ଆଳି ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୌରହରି ସାହୁ ଚାରିଟେବୁଲ ଟ୍ରଷ୍ଟର ସଭାପତି ସୁଶାନ୍ତ ସାହୁ ଓ ହୋଟେଲ 'ଏ ମାର୍ଟ'ର ପ୍ରତିଷ୍ଠାତା ସନ୍ତୋଷ ସାହୁଙ୍କ ପ୍ରଚେଷ୍ଟାରେ ଖରିଅଣ୍ଡା ଗ୍ରାମର ଦୁଇଶହ ପରିବାରକୁ ଭେଟି ଆଶ୍ୱାସନା ଦେବା ସହିତ ଶୁଖିଲା ଖାଦ୍ୟ ଯୋଗାଇ ଦେଇଛନ୍ତି । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରଫୁଲ୍ଲ କୁମାର ମଲ୍ଲିକ, କାଳନ୍ଦୀ ପ୍ରସାଦ ସାହୁ, ଶ୍ରୀକାନ୍ତ କୁମାର ମଲ୍ଲିକ, ଚିରଞ୍ଜୀବୀ ବେହେରା, ବିବେକାନନ୍ଦ ଜେନା, ଅମର ପ୍ରସାଦ ସାହୁ, ସୁମନ କୁମାର ବେହେରା, ଧନେଶ୍ୱର ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

# ବିଶ୍ୱ ବନ୍ଧୁତ୍ୱ ରକ୍ତଦାନ ମହାଭିଯାନ

**ଆଳି (ଅମୃତ ମିଡିଆ):** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପୂର୍ବ ମୁଖ୍ୟ ପ୍ରଶାସିକା ରାଜଯୋଗିନୀ ଦାଦି ପ୍ରକାଶମଣିଜୀଙ୍କ ୧୯ତମ ପୁଣ୍ୟସ୍ମୃତିରେ ବିଶ୍ୱ ବନ୍ଧୁତ୍ୱ ରକ୍ତଦାନ ମହାଭିଯାନ ଆଦ୍ୟାଶକ୍ତି ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଆଳି ସେବାକେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରକୁ ମୁଖ୍ୟଅତିଥି ଭାବେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ପ୍ରଣବ କୁମାର ଶୁକ୍ଳା ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜଗତ୍‌ସିଂହପୁର ସେବାକେନ୍ଦ୍ର ପ୍ରଭାରୀ ବ୍ରହ୍ମାକୁମାରୀ ସାଗରିକା, ରାଜନଗର ସେବାକେନ୍ଦ୍ର ସଂଚାଳିକା ବ୍ରହ୍ମାକୁମାରୀ ନିର୍ମଳା ଯୋଗ ଦେଇଥିଲେ । ଏହି ଅବସରରେ ୭୭ଜଣ ରକ୍ତଦାତା ରକ୍ତଦାନ କରିଥିଲେ । ୩୪ଥର ରକ୍ତଦାନ କରି ଉଦାହରଣ ସୃଷ୍ଟି କରିଥିବା ରାକେଶ କୁମାର ବାରିକଙ୍କୁ ବ୍ରହ୍ମାକୁମାରୀ ସଂସ୍ଥା ପକ୍ଷରୁ ରକ୍ତବୀର ସମ୍ମାନପତ୍ର ପ୍ରଦାନ କରାଯାଇଥିଲା । ଆଳି ଥାନା ଏସ୍‌ଆଇ ମାନସ ପ୍ରତାପ ସାହୁ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲ୍ଲା ଚାଳକ ବିରଞ୍ଚି ନାରାୟଣ ମହାପାତ୍ର, ଆଇନଜୀବୀ ଶରତ କୁମାର ମହାନ୍ତି, ରଞ୍ଜନ ବେହେରା, ଅଶୋକ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଶୋକ ନଗରରେ ଏ ବର୍ଷ ୩୨ ଫୁଟର ଗଣେଶ ମୂର୍ତ୍ତି



**ବ୍ରହ୍ମପୁର (ଅମୃତ ମିଡିଆ):**ଆସୁଛି ଗଣେଶ ପୂଜା,ପ୍ରତିବର୍ଷ ଭଳି ଏଥର ମଧ ବିଭିନ୍ନ ପୂଜା ମଣ୍ଡପରେ ପ୍ରସ୍ତୁତି ଆରମ୍ଭ ହୋଇଥିବାବେଳେ ଆୟୋଜକମାନେ ନୂଆ ଢ଼ଙ୍ଗରେ ପୂଜା କରିବାକୁ ତତ୍ପର ହୋଇଛନ୍ତି । ଆଡ଼ମ୍ବର ଓ ଚାକଚକ୍ୟ ସହ ପୂଜାବିଧ, ସଂସ୍କୃତି ଓ ପରମ୍ପରାକୁ ଅଧିକ ଗୁରୁତ୍ୱ ଦେଇ ଚଳିତବର୍ଷ ଅଶୋକନଗର ଷଷ୍ଠ ଲାଇନ୍‌ରେ ଆୟୋଜନ ହୋଇଛି ଗଣେଶ ପୂଜା। ୩୨ ଫୁଟ ଉଚ୍ଚର ଗଣେଶ ମୂର୍ତ୍ତି ହୋଇଥିବାବେଳେ କଳା, ସଂସ୍କୃତି ଓ ପରମ୍ପରାକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି ବୋଲି ଆଜି ପୂଜା କମିଟି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ପୂଜା ଆୟୋଜକ ଏ.ହରି ପାତ୍ର ଓ ଏ.ସନ୍ତୋଷ ପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଦୀର୍ଘବର୍ଷ ହେଲା ପୂଜା ଆୟୋଜନ କରାଯାଉଛି । ଚଳିତବର୍ଷ ପୂଜାକୁ ଅଧିକ ଆଡ଼ମ୍ବରପୂର୍ଣ୍ଣ କରିବା ପାଇଁ ଯୋଜନା କରାଯାଇ ପୂଜା କମିଟି ଘୋଷଣା କରାଯାଇଛି। ଉପଦେଷ୍ଟା ଅଛନ୍ତି ବିଶିଷ୍ଟ ଉଦ୍ ?ଘୋଷକ ହୃଷୀକେଶ ପାଣିଗ୍ରାହୀ, ବରିଷ୍ଠ ସାମ୍ବାଦିକ ପ୍ରକାଶ ପଟ୍ଟନାୟକ ଓ ଅମ୍ବିକା ପ୍ରସାଦ ଦାଶ । କର୍ପୋରେଟର ସୁରେନ୍ଦ୍ର କୁମାର ମହାରଣା ସଭାପତି ଥିବାବେଳେ ଉପସଭାପତି ବରିଷ୍ଠ ସାମ୍ବାଦିକ ଶକ୍ତିଧର ରାଜଗୁରୁ ଓ ଅଶୋକ କୁମାର ବ୍ରହ୍ମା, ସମ୍ପାଦକ ଏ.ଶିବରାମ ପାତ୍ର, ଯୁଗ୍ମ ସମ୍ପାଦକ ସାମ୍ବାଦିକ ଦେବହରି ବେହେରା ଓ ସମୀର କୁମାର ଆଚାର୍ଯ୍ୟ, କୋଷାଧକ୍ଷ ଦାୟିତ୍ୱରେ ଅଛନ୍ତି ପି.ସତ୍ୟନାରାୟଣ ଓ କିରଣ କୁମାର ସାହୁ, ସଂଯୋଜକ ଦାୟିତ୍ୱରେ ଅଛନ୍ତି ବ୍ୟବସାୟୀ ପ୍ରଭାକର ପାଢ଼ି। ମିଡିଆ ସେଲ୍ ମୁଖ୍ୟ ଭାବେ ସାମ୍ବାଦିକ ସୁଦୀପ କୁମାର ସାହୁଙ୍କୁ ମନୋନିତ କରାଯାଇଛି। କାର୍ଯ୍ୟକାରୀ କମିଟିରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ରହିଛନ୍ତି। ଅଶୋକ ନଗରରେ ଚଳିତବର୍ଷ ୧୯ତମ ଗଣେଶ ପୂଜା ଆୟୋଜନ ହୋଇଛି। ଚଳିତବର୍ଷ ୩୨ ଫୁଟ ଉଚ୍ଚତାର ମୂର୍ତ୍ତି ହୋଇଥିବାବେଳେ ସ୍ଥାନୀୟ ମୂର୍ତ୍ତି କାରିଗରଙ୍କୁ ହିଁ ସୁଯୋଗ ଦିଆଯାଇଛି। ବ୍ରହ୍ମପୁରର ମୂର୍ତ୍ତିକାରିଗର ନିୟୋଜିତ ହୋଇଛନ୍ତି। ତାଙ୍କୁ ସହଯୋଗ କରୁଛନ୍ତି କଟକର କିଛି କାରିଗର। ଆସନ୍ତା ୮ ତାରିଖରେ ଶୁଭଖୁଣ୍ଟି ସ୍ଥାପନ ହେବ। ୧୪ ତାରିଖରେ ପୂଜା ଏବଂ ୨୫ ତାରିଖରେ କ୍ଷୀରାଭିଶେକ କରାଯାଉଛି। ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସହ ଏଠାରେ ମେଗା ରକ୍ତଦାନ ଶିବିର ଆୟୋଜନ କରାଯିବ। ପ୍ରତ୍ୟେକଦିନ ପୂଜା ସହ ସନ୍ଧ୍ୟା ଆଳତି ସହ ପୂଜାବିଧ ? କରି ଭକ୍ତିମୟ ପରିବେଶ ସୃଷ୍ଟି କରାଯିବ। ଭକ୍ତଙ୍କ ପାଇଁ ପ୍ରସାଦ ବଣ୍ଟନ ବ୍ୟବସ୍ଥା ହୋଇଛି। ସମାଜସେବାରେ ନିୟୋଜିତ ହେବାକୁ ଯୁବପିଢ଼ିଙ୍କୁ ଉତ୍ସାହିତ କରିବାକୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଶିବ ପାଢ଼ି, ଅମ୍ରିତରାଜ୍, ବିକ୍ରମ କୁମାର ଜେନା, ଶ୍ରୀଧର ସାହୁ, ସ୍ୱାଧୀନ,ରାଜ, ବିକାଶ ପ୍ରଧାନ, କିରଣଙ୍କ ସହ ବହୁ ଯୁବକ ପୂଜା ପରିଚାଳନା ଦାୟିତ୍ୱରେ ଅଛନ୍ତି।

# ସାଇବର ସୁରକ୍ଷା ସଚେତନତା, ନିଶାମୁକ୍ତ ଓଡ଼ିଶା କାର୍ଯ୍ୟକ୍ରମ




**ବେଗୁନିଆପଡା (ଅମୃତ ମିଡିଆ):** ସୋମବାର ଦିବା ଘ୧୧.୩୦ ମିନିଟ୍ ସମୟରେ କୋଦଳା ସ୍ଥିତ ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟ ପରିସର ରେ କୋଦଳା ଥାନା ଆନୁକୂଲ୍ୟରେ ସାଇବର ସୁରକ୍ଷା, ନିଶାମୁକ୍ତ ଓଡିଶା ଏବଂ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅଧକ୍ଷ ରଘୁନାଥ ମୁଦୁଲି ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କୋଦଳା ଥାନା ଭାରପ୍ରାପ୍ତ ଅଧିକାରୀ ସୁବାଷ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ । ମଞ୍ଚାସୀନ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ଅଧାପିକା ରଂଜୁବାଳା ନନ୍ଦ, ଅନ୍ତଃନିହିତ ଗୁଣାବଳୀ ବର୍ଦ୍ଧକ ସଂଯୋଜକ ଅଧାପକ ସପନ କୁମାର ଦାଶ, ଓଡ଼ିଆ ବିଭାଗ ଅଧାପିକା ଡଃ ଜ୍ୟୋତ୍ସ୍ନା ରାଣୀ ସାହୁ ,ଏ.ଏସ. ଆଇ. ଗଣେଶ ବରଡ଼, ରାଜନୀତି ବିଜ୍ଞାନ ବିଭାଗ ଅଧାପକ ଲିପୁନ ମାଝୀ ପ୍ରମୁଖ ଯୋଗ ଦେଇ ନିଜ ନିଜର ମନ୍ତବ୍ୟ ରଖିଥିଲେ । କନଷ୍ଟେବଲ ରିଲୀ ବେହେରା, ହରିଶ୍ଚନ୍ଦ୍ର ବେହେରା (ଓ.ଏ.ପି.ଏଫ୍), ଗୃହରକ୍ଷୀ ରାମାନନ୍ଦ ମିଶ୍ର, ରଜନୀକାନ୍ତ ସେଠି, ଅଧାପିକା ତପସ୍ୱିନୀ କରଣ, ଅପରାଜିତା ପାତ୍ର, ସମସ୍ତ ଅଧାପକ ଅଧାପିକା, ଅଣ ଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ । ଛାତ୍ରଛାତ୍ରୀମାନେ ସାଇବର ସୁରକ୍ଷା, ସଡକ ସୁରକ୍ଷା ଏବଂ ନିଶାମୁକ୍ତ ଓଡିଶା ସମ୍ପର୍କରେ ନିଜର ବକ୍ତୃତା ମାଧମରେ ସଚେତନତାର ବାର୍ତ୍ତା ସୃଷ୍ଟି କରିଥିଲେ । ଅଧକ୍ଷ ଶ୍ରୀ ମୁଦୁଲି ସାଇବର ଅପରାଧ ସମ୍ପର୍କରେ ନିଜର ଅନୁଭୂତି ପ୍ରକାଶ କରିଥିଲେ ଅଧାପିକା ସୁଶ୍ରୀ ପ୍ରିୟଦର୍ଶିନୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧାପକ ଲିପୁନ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ଲ୍ୟାବ ଆଟେଣ୍ଡାଣ୍ଟ ବାଦଲ କୁମାର ପାଢ଼ୀଙ୍କ ସହାୟତାରେ କାର୍ଯ୍ୟକ୍ରମ ସଫଳ ରୂପାୟନ ହୋଇପାରିଥିଲା ।

# ବଡ଼ଡୁମ୍ବୁଳା ଗାଁରେ ସିରିଜ୍ ଚୋରି

## ହନୁମାନ ମନ୍ଦିର ଦାନହୁଣ୍ଡି ବି ଛାଡ଼ିଲେନି ଦୁର୍ବୃତ୍ତ

**ଦିଗପହଣ୍ଡି (ଅମୃତ ମିଡିଆ):** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବଡ଼ଡୁମ୍ବୁଳା ଗ୍ରାମରେ ସିରିଜ ଚୋରି ହୋଇଛି। ରବିବାର ବିଳମ୍ବିତ ରାତିରେ ଗ୍ରାମର ନାଗେଶର ସୁବୁଦ୍ଧିଙ୍କ ଲୁଗାଦୋକାନ,ଦେବରାଜ ସାହୁଙ୍କ ରାସନ ଦୋକାନ, କୈଳାସ ସେଠୀଙ୍କ ପାନ ଦୋକାନ, ସୁଦାମ ଜେନାଙ୍କ ଚା ଦୋକାନ,ରବୀନ୍ଦ୍ର ଜେନା ଓ ଅଭିନ୍ନ ସୁନ୍ଦର ଜାନିଙ୍କ ପୂଜା ସାମଗ୍ରୀ ଦୋକାନର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ୧୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଏବଂ ବିଭିନ୍ନ ସାମଗ୍ରୀ ଲୁଟି ନେଇଛନ୍ତି। ଏପରିକି ଗ୍ରାମରେ ପୂଜା ପାଉଥିବା ମା' ବାଙ୍କେଶ୍ୱରୀ ମନ୍ଦିର ବେଢ଼ାରେ ଥିବା ଶ୍ରୀ ହନୁମାନଙ୍କ ବିଗ୍ରହ ସମ୍ମୁଖରେ ଥିବା ଲୁହାରେ ନିର୍ମିତ ଦାନହୁଣ୍ଡିକୁ ମଧ ଦୁର୍ବୃତ୍ତ ମାନେ ଛାଡି ନାହାନ୍ତି। ଶ୍ରଦ୍ଧାଳୁ ବୃନ୍ଦ ଦର୍ଶନ କରି ହୁଣ୍ଡିରେ ପକାଇଥିବା ଦକ୍ଷିଣା ଅର୍ଥରାଶିକୁ ଦୁର୍ବୃତ୍ତମାନେ ଲୁଟି ନେବାକୁ ପଛାଇନାହାନ୍ତି। ଭୋର ସମୟରେ ପୂଜକ ରାଜୁ ନାହାକ ଶ୍ରୀ ହନୁମାନଙ୍କ ମନ୍ଦିରକୁ ପୂଜାର୍ଚ୍ଚନା କରିବାକୁ ଗଲାବେଳେ ଦାନହୁଣ୍ଡି ଭଙ୍ଗାଯାଇ କିଛିଦୂରରେ ପଡ଼ିଥିବା ଦେଖିଥିଲେ। ଏନେଇ ସେ ଗ୍ରାମବାସୀଙ୍କୁ ଜଣାଇବା ପରେ ସେଠାରେ ଲୋକଙ୍କ ଭିଡ଼ ହୋଇଥିଲା। ସେହିପରି ଗ୍ରାମର ବିଭିନ୍ନ ଦୋକାନ ଗୁଡିକରୁ ଚୋରି ଯାଇଥିବା ଜଣାପଡିଥିଲା। ଏନେଇ ଦିଗପହଣ୍ଡି ଥାନାକୁ ଖବର ଦିଆଯିବା ପରେ ପୋଲିସ ଟିମ ପହଞ୍ଚି ସବିଶେଷ ତଦନ୍ତ କରି ଫେରିଥିବା ଜଣାପଡ଼ିଛି। ଗାଁ ରେ ମଦ,ଗଞ୍ଜେଇ ବେଧଡକ ବିକ୍ରୀ ଚାଲିଛି। କିଛି ନିଶାଡି ଯୋଜନାବଦ୍ଧ ଭାବେ ଏହିସବୁ ଚୋରି ଘଟଣାରେ ସମ୍ପୃକ୍ତ ଥିବା ଗାଁରେ ଚର୍ଚ୍ଚା ଚାଲିଛି। ସେହିପରି ଗତ ଜୁନ ୧୧ ରାତିରେ ବଡ଼ଡୁମ୍ବୁଳା ଗ୍ରାମ ନିକଟ ବି. ତୁରୁବୁଡି ଗ୍ରାମର ଶ୍ରୀ ତୁମ୍ବେଶର ଶୈବପୀଠ ପରିସରରେ ଥିବା ଦାନବାକ୍ସକୁ କେହି ଦୁର୍ବୃତ୍ତ ଭାଙ୍ଗି ପ୍ରାୟ ୬୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିଲେ।

## ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ବନ୍ଧୁମିଳନ

# ଭାରତୀୟ ସେନା ଆମ ଗର୍ବ ଓ ଗୌରବ – ବିଧାୟକ





**ଭଞ୍ଜନଗର (ଅମୃତ ମିଡିଆ):** ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ସଂଘର ଏକ ସ୍ୱତନ୍ତ୍ର ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ କାର୍ଗିଲ ଭବନ ପରିସରରେ ଆୟୋଜିତ ହୋଇଯାଇଛି। ସଂଘ ସଭାପତି କ୍ୟାପଟେନ୍ ମହେନ୍ଦ୍ର କୁମାର ସ୍ୱାଇଁ ଙ୍କ ପୌରହିତ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଓ ସମ୍ମାନିତ ଅତିଥି ଭାବେ ପୌରାଧକ୍ଷ ଗୋପବନ୍ଧୁ ମହାପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକ ନାୟକ ଭାରତୀୟ ସେନା ଆମର ଗର୍ବ ଓ ଗୌରବ ବୋଲି ଉଲ୍ଲେଖ କରିଥିଲେ। ଏବେ ଭାରତୀୟ ସେନା ବିଶ୍ୱର ଅନ୍ୟାନ୍ୟ ବଡ ବଡ ଦେଶର ସେନା ବାହିନୀ ଠାରୁ ବହୁ ଉର୍ଦ୍ଧ ରେ। ଶତ୍ରୁ ପକ୍ଷ ଭାରତ ଆଡ଼କୁ ନଜର କରିବାକୁ ସାହାସ ଜୁଟାଇବା ମୁସ୍କିଲ ହୋଇ ପଡୁଛି। ଏଣୁ ଦେଶ ମାତୃକା ପାଇଁ ନିଜ ଜୀବନକୁ ବାଜି ଲଗାଉଥିବା ଏଭଳି ବୀର ଯବାନମାନଙ୍କ ପାଇଁ ସ୍ୱତଃ ମୁଣ୍ଡ ନଇଁ ଯାଉଛି ବୋଲି ସେ ଉଲ୍ଲେଖ କରିବା ସହ ଭଞ୍ଜନଗର ଠାରେ ଥିବା ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ର ସମସ୍ତ ଅଭାବ ଅସୁବିଧା ପୁରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ସେବା ମେଡାଲ ପ୍ରାପ୍ତ ଅବସରପ୍ରାପ୍ତ ସେନା କର୍ମଚାରୀ ବ୍ରିଗେଡିୟର ଅଭିମନ୍ୟୁ ରାଉତ(ଭିଏସଏମ), କର୍ଣ୍ଣେଲ ଏ କେ ଆଚାର୍ଯ୍ୟ, ପି ଘୋଷ, ୱିଙ୍ଗ୍ କମାଣ୍ଡର ଟି ଆର୍ ବେହେରା, କ୍ୟାପଟେନ୍ ବି ପଦ୍ମନାଭନ୍, ସୁବେଦାର ମେଜର ତ୍ରିନାଥ ଗୌଡ ଓ ଏ ସାମଲ ପ୍ରମୁଖ ମଞ୍ଚାସୀନ ରହି ନିଜ ଚାକିରି ଜୀବନ ର ଅନେକ ତିକ୍ତ ଅନୁଭୂତି ବଖାଣିଥିଲେ। ସେହିପରି କ୍ୟାପଟେନ୍ କେ ସି ପ୍ରଧାନ ଅବସରପ୍ରାପ୍ତ ସେନା କର୍ମଚାରୀ ମାନେ ଭୋଗୁଥିବା ବିଭିନ୍ନ ଅସୁବିଧା ସଂପର୍କରେ ଉଲ୍ଲେଖ କରି ଏହାର ନିରାକରଣ ଦିଗରେ ସଂଘ ଧାନ ଦେବାକୁ ଅନୁରୋଧ କରିଥିଲେ। ଶେଷରେ ସାମାଜିକ କର୍ମୀ ଶୁଳପାଣି ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ଭାଗସ୍ତରୀୟ ସଂସ୍କୃତି ମହୋତ୍ସବ



**ଭଞ୍ଜନଗର (ଅମୃତ ମିଡିଆ):** ଭଞ୍ଜନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଡିହପଢାଳ ଠାରେ ସମ୍ଭାଗ ସ୍ତରୀୟ ସଂସ୍କୃତି ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଛି ।ମୁଖ୍ୟ ଅତିଥି ଭାବେ ଭଞ୍ଜନଗର ବିଧାୟକ ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗଦେଇଥିଲେ ।ସମ୍ମାନିତ ଅତିଥି ଭାବେ ।ପୂର୍ବ କ୍ଷେତ୍ର ଶାରୀରିକ ଓ ଖେଳକୁଦ ସଂଯୋଜକ ଶ୍ରୀଯୁକ୍ତ ବଳରାମ ସାହୁ,ଦକ୍ଷିଣ -ପୂର୍ବ ସମ୍ଭାଗ ସଂଯୋଜକ ଶ୍ରୀଯୁକ୍ତ ବିଭୁତି ଭୂଷଣ ପାଇକରାୟ ,ବିଭାଗ ନିରୀକ୍ଷକ ଶ୍ରୀଯୁକ୍ତ ସନ୍ତୋଷ କୁମାର ପାଢୀ,ସହ ଜିଲ୍ଲା ପ୍ରମୁଖ ତ୍ରିନାଥ ଗୌଡ଼,ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଜ୍ୟୋତି ରଞ୍ଜନ ବିଷୋୟୀ,ଅବସର ପ୍ରାପ୍ତ ଶିକ୍ଷକ ବନମାଳୀ ଗୌଡ଼ ପ୍ରମୁଖ ଯୋଗଦେଇଥିଲେ ।ଦକ୍ଷିଣ ପୂର୍ବ ସମ୍ଭାଗ ଅନ୍ତର୍ଗତ ଗଞ୍ଜାମ, ,କନ୍ଧମାଳ ଜିଲ୍ଲାରୁ ୧୦୬ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ ।ଶିଶୁ ବର୍ଗ ବାଲ ବର୍ଗ, କିଶୋର ର୍ଗ ,ତରଣ ବର୍ଗ ପ୍ରତିଯୋଗୀ ଙ୍କ ମଧରେ ସଂସ୍କୃତି ଜ୍ଞାନ ପ୍ରଶ୍ନ ମଞ୍ଚ, କଥା କଥନ ,ଆଶୁ ଭାଷଣ ,ପତ୍ର ବାଚନ, ମୂର୍ତ୍ତି କଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା,ବିଚାରକ ଭାବରେ ସଂସ୍କୃତି ରନ୍ ନାରାୟଣ ମହାରଣା,ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ମହାନ୍ତି,ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ନେତାଜୀ ବିଷୋୟୀ,ଅବସର ପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର ଜେନା ,ପ୍ରଧାନ ଶିକ୍ଷକ ଉମାକାନ୍ତ ମିଶ୍ର,ନମିତା ଷଢଙ୍ଗୀ,ହୃଷିକେଶ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ ।ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା ପରିଚାଳନା କରିଥିବା ବେଳେ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ ।

# ନାହାଡା ଗାଁରେ ସ୍ତ୍ରୀର ତଣ୍ଟିକାଟି ହତ୍ୟା କଲା ସ୍ୱାମୀ



**ଆସିକା (ଅମୃତ ମିଡିଆ):**ଗାଙ୍ଗପୁର ଥାନା ଅଧୀନ ଆସିକା ବ୍ଲକ ବେଣାପାଟ ପଞ୍ଚାୟତ ନାହାଡା ଗାଁରେ ଅଭାବନୀୟ ଘଟଣା। ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ଥାନାରେ ଆତ୍ମସମର୍ପଣ କଲା ଅଭିଯୁକ୍ତ ସ୍ୱାମୀ। ମୃତ ମହିଳା ହେଲେ ନାହାଡା ଗାଁର ରୋହିତ ପ୍ରଧାନଙ୍କ ଝିଅ ନମିତା ପ୍ରଧାନ ଓରଫ ମୁନି ପ୍ରଧାନ। ଘଟଣା ପରେ ଗାଙ୍ଗପୁର ପୋଲିସ ସହ ଭଞ୍ଜନଗର ଅତିରିକ୍ତ ଏସ୍‌ପି ରଞ୍ଜନ ଦେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ତେବେ ହତ୍ୟାକାଣ୍ଡର ପ୍ରକୃତ କାରଣ ଏଯାଏଁ ସ୍ପଷ୍ଟ ହୋଇନାହିଁ।

ମିଳିଥିବା ସୂଚନା ଅନୁସାରେ, ପ୍ରାୟ ୧୧ ବର୍ଷ ତଳେ ନମିତା ସେହି ଗାଁର ରାଜେନ୍ଦ୍ର ବିଶ୍ୱାଳଙ୍କ ପୁଅ ଜଗା ବିଶ୍ୱାଳଙ୍କୁ ପ୍ରେମ ବିବାହ କରିଥିଲେ। ପରବର୍ତ୍ତୀ ସମୟରେ ଉଭୟ କୋର୍ଟ ମ୍ୟାରେଜ କରି ସୁରତ ଚାଲିଯାଇଥିଲେ। ତେବେ ସୁରତରେ ଜଗା ଏକ ହତ୍ୟା ମାମଲାରେ ଜେଲ ଯାଇଥିବା ଜଣାପଡ଼ିଛି । ସ୍ୱାମୀ ଜେଲ ଯିବା ପରେ ନମିତା ନିଜ ଗାଁ ନାହାଡାକୁ ଫେରି ଆସି ଚାଷବାସ କରି ଜୀବନଯାପନ କରୁଥିଲେ। ତେବେ ଆଜି ଜଗା ସୁରତରୁ ଗାଁକୁ ଫେରିଥିବା ବେଳେ ଅପରାହ୍ନ ସମୟରେ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ଘଟଣା ଘଟିଥିବା ସୂଚନା ମିଳିଛି। ଅଭିଯୋଗ ଅନୁସାରେ, ଜଗା ନିଜ ସ୍ତ୍ରୀ ନମିତାଙ୍କୁ ହତ୍ୟା କରିବା ପରେ ଗାଙ୍ଗପୁର ଥାନାରେ ଯାଇ ଆତ୍ମସମର୍ପଣ କରିଥିଲା। ଖବର ପାଇ ଗାଙ୍ଗପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ଭଞ୍ଜନଗର ଅତିରିକ୍ତ ଏସ୍‌ପି ରଞ୍ଜନ ଦେ ମଧ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି।

ତେବେ କେଉଁ କାରଣରୁ ଏହି ହତ୍ୟାକାଣ୍ଡ ଘଟିଲା, ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ। ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ପଚରାଉଚରା କରିବା ସହ ଘଟଣାର ବିଭିନ୍ନ ଦିଗ ନେଇ ତଦନ୍ତ ଜାରି ରଖିଛି। ପୋଲିସ ତଦନ୍ତ ପରେ ହିଁ ହତ୍ୟାକାଣ୍ଡ ପଛର ପ୍ରକୃତ କାରଣ ସ୍ପଷ୍ଟ ହେବ।





# ବ୍ୟାସ ଫାଉଣ୍ଡେସନର ସପ୍ତମ ବାର୍ଷିକୋତ୍ସବ



**ପାରାଦୀପ (ଅମୃତ ମିଡିଆ) :** ବାଣୀକ୍ଷେତ୍ର ଜଗତସିଂହପୁର ଜିଲ୍ଲା ର ବାଲିକୁଦା ବ୍ଲକ ଅଧିନସ୍ଥ ଆମ୍ରଶାଳସ୍ଥିତ କଲ୍ୟାଣମଣ୍ଡପଠାରେ ବ୍ୟାସ ଫାଉଣ୍ଡେସନ ଚାରିଟେବୁଲ ଟ୍ରଷ୍ଟ ଓଡିଶା ଆନୁକୂଲ୍ୟରେ ସେବା ଓ ଆଧାତ୍ମିକ ପ୍ରଚାରପ୍ରସାର କ୍ଷେତ୍ରରେ ସମର୍ପିତ, ବ୍ୟାସ ଫାଉଣ୍ଡେସନର ସପ୍ତମ ବାର୍ଷିକ ଉତ୍ସବ ଓ ଗୀତାଜ୍ଞାନାଞ୍ଜନର ଚତୁର୍ଦ୍ଦଶ ସଂଖ୍ୟାର ବିଶେଷାଙ୍କର ଶୁଭଉନ୍ମୋଚନ କାର୍ଯ୍ୟକ୍ରମ ଆନନ୍ଦଉଲ୍ଲାସ ମଧ୍ୟରେ ରବିବାର ଦିନ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ଡ଼ଃ.ସିଦ୍ଧେଶ୍ୱର ପଣ୍ଡା ପ୍ରାରମ୍ଭିକ ସୂଚନା ଓ ମଞ୍ଚପରିଚାଳନା କରିଥିବା ବେଳେ ଅଧ୍ୟାପକ ପଣ୍ଡିତ ପ୍ରଶାନ୍ତ କୁମାର ଶତପଥୀ ଓ ଯୁଗ୍ମ ସମ୍ପାଦକ ନଗେନ୍ଦ୍ରନାଥ ସ୍ୱାଇଁ ନିମନ୍ତ୍ରିତ ଅତିଥି ମାନଙ୍କୁ ମଞ୍ଚକୁ ସ୍ୱାଗତ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଫାଉଣ୍ଡେସନର ଅଧ୍ୟକ୍ଷ ସ୍ନେହମୟୀ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମର ଲକ୍ଷ୍ୟ ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପୂଜ୍ୟ ସ୍ୱାମୀ ଗିରିଜାନନ୍ଦ ପର୍ବତ, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ଏସଭିଏମ କଲେଜର ଅଧ୍ୟକ୍ଷା ସୁଜାତା ହୋତା, ଖ୍ୟାତନାମା ସାହିତ୍ୟିକ ଡ଼ଃ.ବଟକୃଷ୍ଣ ସ୍ୱାଇଁ, ପ୍ରାର୍ଥନା ଚ୍ୟାନେଲର ମୁଖ୍ୟ ନିର୍ଦ୍ଦେଶକ ସୁଶାନ୍ତ କୁମାର ବିଶୋଇ, ଆଇନଜୀବି ପ୍ରକାଶ ଚନ୍ଦ୍ର ପ୍ରଧାନ, ଅଧ୍ୟାପକ ଡ଼ଃ.ପ୍ରସନ୍ନ କୁମାର ବାରିକ ପ୍ରମୁଖ ବରେଣ୍ୟ ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦଘାଟନ କରିବା ସହିତ ନିଜନିଜର ବକ୍ତବ୍ୟ ପ୍ରଦାନ କରି ଅନୁଷ୍ଠାନର ମୁଖପତ୍ର ଗୀତାଜ୍ଞାନାଞ୍ଜନ ଉନ୍ମୋଚନ କରିଥିଲେ । ଏହି ଅବସରରେ ବରଗଡ଼ର ବିଶ୍ୱ ପ୍ରସିଦ୍ଧ କଂସ ମହାରାଜ ଭୂମିକାର କଳାକାର ନାଟ୍ୟଶ୍ରୀ ଦେବରାଜ ଛତ୍ରୀୟା, କିଛିସମୟ ପାଇଁ ନିଜର କଳାକୃତି ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକମାନଙ୍କୁ ସ୍ତବଧ କରିଦେଇଥିଲେ । ଶ୍ରୀମଦ ଭଗବତ ଗୀତାର ଅଭିଜ୍ଞତା ଓ ଆବୃତ୍ତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରାୟ ୭୫ ଜଣ କୃତି ଛାତ୍ରଛାତ୍ରୀ ମାନଙ୍କୁ ପ୍ରଶଂସାପତ୍ର, ପୁସ୍ତକ ଓ ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସମାଜର ବିଭିନ୍ନକ୍ଷେତ୍ରରେ ଦକ୍ଷତା ଓ ପାରଦର୍ଶିତା ଅର୍ଜନ କରିଥିବା ବହୁ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ମଧ୍ୟ ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ତିମ ପର୍ଯ୍ୟାୟରେ ଶିଶୁ ନୃତ୍ୟଶିଳ୍ପୀ ଆଦ୍ୟାଶାଙ୍କ ଶାସ୍ତ୍ରୀୟ ନୃତ୍ୟ ସମସ୍ତଙ୍କ ପାଇଁ ଖୁବ ଉପଭୋଗ୍ୟ ହୋଇଥିଲା । ତେବେ ଏହି ସମସ୍ତ କାର୍ଯ୍ୟକ୍ରମକୁ ଉପସଭାପତି ଶରତ କୁମାର ଦାଶ, ରଞ୍ଜନ କୁମାର ପ୍ରଧାନ, ଉପଦେଷ୍ଟା ରମାକାନ୍ତ ରାଉଳ, ଆଡଭୋକେଟ ବୀର ନାରାୟଣ ପାତ୍ର, ପୂର୍ବତନ ଜିଲ୍ଲାପରିଷଦ ତଥା କବି ହେମନ୍ତ ନାୟକ, ପ୍ରଦ୍ୟୁମ୍ନ ରଥ, ପ୍ରିତୀମୟୀ ଆଚାର୍ଯ୍ୟ ପ୍ରମୁଖ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । ଶେଷରେ ସାଧାରଣ ସମ୍ପାଦକ ବିବେକାନନ୍ଦ ହୋତା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବନ୍ୟା ମୁକାବିଲାରେ ସରକାରଙ୍କ ବିଫଳତା ଅଭିଯୋଗ

## ୭ଦଫା ଦାବି ନେଇ ବ୍ଲକ କଂଗ୍ରେସର ବ୍ଲକ ଘେରାଉ ଓ ଦାବିପତ୍ର ପ୍ରଦାନ



**ଚାନ୍ଦବାଲି (ଅମୃତ ମିଡ଼ିଆ) :** ବନ୍ୟା ମୁକାବିଲାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଅଭିଯୋଗ କରି ଚାନ୍ଦବାଲି ବ୍ଲକ କଂଗ୍ରେସ ପକ୍ଷରୁ ଆଜି ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି । ବନ୍ୟା ପ୍ରଭାବିତ ଲୋକଙ୍କୁ ତୁରନ୍ତ କୃଷି ଋଣ ଛାଡ଼, ପ୍ରଧାନମନ୍ତ୍ରୀ ଆବାସ, ମାଗଣାରେ ସାର ଓ ବିହନ ଯୋଗାଣ, ହେକ୍ଟର ପିଛା ୩୦ ହଜାର ଟଙ୍କା ସହାୟତା, କେନାଲ ଓ ଦୁର୍ବଳ ନଦୀବନ୍ଧର ମରାମତି ସମେତ ୭ ଦଫା ଦାବି ନେଇ କଂଗ୍ରେସ କର୍ମୀ ଓ ନେତାମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଚାନ୍ଦବାଲିରେ ବନ୍ୟା ମୁକାବିଲାକୁ ନେଇ ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିଛି କଂଗ୍ରେସ । ଚାନ୍ଦବାଲି ବ୍ଲକ କଂଗ୍ରେସ ପକ୍ଷରୁ ୭ ଦଫା ଦାବି ନେଇ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି । ବ୍ଲକ କଂଗ୍ରେସ ସଭାପତି ସୁବାଶିଷ ମଲ୍ଲିକଙ୍କ ନେତୃତ୍ୱରେ କଂଗ୍ରେସ ଦଳର ଜିଲ୍ଲା ସଭାପତି ନଳିନ ମହାନ୍ତି, ପ୍ରାକ୍ତନ ବିଧାନସଭା ପ୍ରାର୍ଥୀ ଦିଗମ୍ବର ଦାସ, ଛାମୁଆ କଂଗ୍ରେସ ନେତା ସତ୍ୟନନ୍ଦ ରାଉତ, ଯୁବନେତା ମନୋଜ ବିଶ୍ୱାଳଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଜ୍ୟସରକାରଙ୍କୁ ବିଡ଼ିଓଙ୍କ ମାଧ୍ୟମରେ ଦାବୀ ପତ୍ର ପ୍ରଦାନ କରିଥିଲେ । ବନ୍ୟା ସମୟରେ ପ୍ରଭାବିତ ଲୋକଙ୍କ ପାଖରେ ଆବଶ୍ୟକ ରିଲିଫ ଓ ସରକାରୀ ସହାୟତା ସଠିକ୍ ଭାବେ ପହଞ୍ଚି ପାରିନଥିବା କଂଗ୍ରେସ ଅଭିଯୋଗ କରିଛି । ବନ୍ୟାରେ ଘର, ଚାଷଜମି ଓ ଅନ୍ୟାନ୍ୟ ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଥିବାରୁ ପ୍ରଭାବିତ ପରିବାରଙ୍କୁ ତୁରନ୍ତ ଆର୍ଥିକ ସହାୟତା ଦେବାକୁ ଦଳ ଦାବି କରିଛି ।

# ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

**ସହଜ...**

ଆଇନ କାର୍ଯ୍ୟକାରୀ ହେଲେ ମନ୍ଦିର, ମଠ ଏବଂ ଧାର୍ମିକ ଅନୁଷ୍ଠାନର ପ୍ରଶାସନିକ ଓ ଆର୍ଥିକ ସୁପରିଚାଳନା ଅଧିକ ସୁଦୃଢ଼ ହୋଇପାରିବ । ଏହି ବୈଠକରେ ଲ'କମିଶନର ଜଷ୍ଟିସ୍ ବିଶ୍ୱନାଥ ରଥ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ଦେବୋତ୍ତର କମିଶନର ସତ୍ୟ ନାରାୟଣ ଷଡ଼ଙ୍ଗୀ, ସ୍ୱତନ୍ତ୍ର ଶାସନ ସଚିବ ପ୍ରଣବ କୁମାର ପାତ୍ର, ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ଏବଂ ଅତିରିକ୍ତ ସରକାରୀ ଅଧିବକ୍ତା ମନ୍ମୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

**ସମସ୍ତଙ୍କୁ...**

ଚୁପ୍ ରହୁଛି । ଏଭଳି ସ୍ଥିତିରେ ପରିସ୍ଥିତି ବିଗିଡ଼ିବାର ଆଶଙ୍କା ଦେଖାଦେଇଛି । ଆଗକୁ ପଞ୍ଚାୟନ ଓ ପୌର ଭୋଟ ଥିବା ବେଳେ ରାଜ୍ୟ ସରକାର ଅସହାୟ ହୋଇପଡ଼ିଛନ୍ତି । କେନ୍ଦ୍ରକୁ ଖୁସି କରାଇବା ଲାଗି ମୋହନ ସରକାର ରାଜ୍ୟ ସ୍ୱାର୍ଥକୁ ଭୁଲିଯିବା ସମୀଚୀନ ନୁହେଁ ବୋଲି ସ୍ୱର ଉଠିଲାଣି ।

**ବାଇକରେ...**

ଘଟଣାକୁ ନେଇ ସୋସିଆଲ ମିଡିଆରେ ବିଭିନ୍ନ ଚର୍ଚ୍ଚା ହେଉଥିବାବେଳେ ଗରିବ ପରିବାରବର୍ଗଙ୍କ ମୃତ ବ୍ୟକ୍ତିଙ୍କ ପାଇଁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଗାଡ଼ି ଖଣ୍ଡେ ବ୍ୟବସ୍ଥା କରି ନ ପାରିବା ଏବେ ଆଲୋଚନାର ବିଷୟ ହୋଇଛି ।

**ବିପୁଳ...**

ଯଦିଓ ମାଓବାଦୀ ସଂପୁର୍ଣ୍ଣ ଭାବରେ ନିପାତ ହୋଇଛି କିନ୍ତୁ ପଡ଼ୋଶୀ ଝାଡ଼ଖଣ୍ଡର ସରଣ୍ଡା ଜଙ୍ଗଲରେ ଏବେ ବି ମାଓବାଦୀ ଅଛନ୍ତି ସକ୍ରିୟ । ଝାଡ଼ଖଣ୍ଡ ସରଣ୍ଡା ଜଙ୍ଗଲ ପଟୁ ଓଡ଼ିଶା ସରଣ୍ଡା ଜଙ୍ଗଲକୁ ମାଓବାଦୀ ପ୍ରବେଶ କରି ପାରିବେ ନାହିଁ ତାକୁ ନଜର ରେ ରଖି ରାଉରକେଲା ପୋଲିସ , ସିଆରପିଏଫ ସହ କୋବ୍ରା ଟିମ୍ ୨୪ ଘଣ୍ଟିଆ ସର୍ଚ୍ଚ ଅପରେସନ କରୁଛନ୍ତି ବୋଲି ରାଉରକେଲା ଏସପି ସୂଚନା ଦେଇଛନ୍ତି ।

# ବନ୍ୟାଞ୍ଚଳରେ ସମାଜସେବୀଙ୍କ ପକ୍ଷରୁ ରିଲିଫ ସାମଗ୍ରୀ ବଣ୍ଟନ



**ଦଶରଥପୁର (ଅମୃତ ମିଡିଆ) :** ଦଶରଥପୁର ବ୍ଲକର ବିଭିନ୍ନ ପଞ୍ଚାୟତର ବନ୍ୟା ପ୍ରପୀଡ଼ିତଙ୍କୁ ସମାଜସେବୀ ସରୋଜ ବିଶ୍ୱାଳଙ୍କ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏବର୍ଷ ବାରମ୍ବାର ବନ୍ୟା ମାଡ଼ରେ ବ୍ଲକ ଅଞ୍ଚଳବାସୀ ନାହିଁନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏବେ ମଧ୍ୟ ଅନେକ ଗାଁ ପାଣି ଘେରରେ । କିଛି ଗାଁରେ ପାଣି ଛାଡ଼ିଛି । ହେଲେ ଦୁର୍ଦ୍ଦଶା ଛାଡି ନାହିଁ । ସମାଜସେବୀ ସରୋଜ ବିଶ୍ୱାଳ, ସହ ନିରଞ୍ଜନ ଦାସ, ମନୋଜ ରାୟ, ଜୟକୃଷ୍ଣ ଦାସ, ପ୍ରଶାନ୍ତ ଦାସ, ଗଣେଶ ଦାସ, ପ୍ରଭାତ ଦାସ, ଦିବାକର ଦାସ, ନୀଳକଣ୍ଠ ଦାସ ଆଜି ଶୁଖିଲା ଖାଦ୍ୟ ଓ ବୋତଲ ପାଣି ବଣ୍ଟନ କରିଥିଲେ । ବ୍ଲକର ଧନୀପୁର, ବିଦ୍ୟାଧରପୁର, ମହାନ୍ତିପାଟଣା, ଜଗନ୍ନାଥପୁର ଆଦି ଗ୍ରାମର ପହଞ୍ଚି ପ୍ରପୀଡ଼ିତ ପରିବାରକୁ ବିସ୍କୁଟ, ଚୁଡା, ମୁଢି, ଗୁଡ଼ ଓ ପାଣି ବୋତଲ ପ୍ରଦାନ କରିଥିଲେ । ପରିସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଏହି କାର୍ଯ୍ୟ ଜାରି ରହିବ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି ।

# ବନ୍ୟାକ୍ଷତି ଦେଖିଲେ ମନ୍ତ୍ରୀ, ତ୍ୱରିତ ରାସ୍ତା ମରାମତି ନିର୍ଦ୍ଦେଶ

## ବୋଡକ ନିକଟରେ ୨ ଦିନରେ କାମ ଆରମ୍ଭ



**ଧୂଷୁରୀ (ଅମୃତ ମିଡିଆ) :** ଚାନ୍ଦବାଲି ବ୍ଲକର ଓଳଗ, ସୁନ୍ଦରପୁର, ଆରଡି ଓ ନାନ୍ଦପୁର ପଞ୍ଚାୟତର ୨୪ଟି ଗାଁ ବନ୍ୟା ପ୍ରଭାବିତ ହୋଇଛି । ବନ୍ୟାଜଳରେ ବ୍ୟାପକ ଧାନ ଓ ପନିପରିବା ଫସଲ ନଷ୍ଟ ହେବା ସହ ଅନେକ ରାସ୍ତା କ୍ଷତିଗ୍ରସ୍ତ ହୋଇଛି । ଏହି ବନ୍ୟା ପରିସ୍ଥିତିର ଅନୁଧ୍ୟାନ ପାଇଁ ରବିବାର ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକ ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ । ମନ୍ତ୍ରୀ ପ୍ରଥମେ ମଠଡିହ ଛକରେ ପହଞ୍ଚିବା ପରେ ସ୍ଥାନୀୟ ଭାଜପା ନେତା ଓ କର୍ମୀମାନେ ତାଙ୍କୁ ସ୍ୱାଗତ କରିଥିଲେ । ପରେ ଓଳଗ ପଞ୍ଚାୟତର ବୋଡକ ନିକଟରେ ଏନ୍‌ଏଚ୍-୨୦ର କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିଥିଲେ । ପ୍ରାୟ ୪୦୦ ଫୁଟ ରାସ୍ତା ବନ୍ୟାଜଳରେ ବୁଡି ରହିଥିବା ଏବଂ ରାସ୍ତା ଉପରେ ପାଣି ପ୍ରବାହିତ ହେଉଥିବା ମନ୍ତ୍ରୀ ଦେଖିଥିଲେ । ଦୀର୍ଘଦିନ ଧରି ମରାମତି ହୋଇନଥିବା ଜାଣି ସେ ଉଦ୍‌ବେଗ ପ୍ରକାଶ କରିଥିଲେ । ନଦୀବନ୍ଧ ରାସ୍ତା ହୋଇଥିବାରୁ ଏହାକୁ ଉଚ୍ଚ ଓ ସୁଦୃଢ଼ କରାଯିବ ବୋଲି କହିଥିଲେ । ପରେ ବୋଟ୍ ଯୋଗେ ବୋଡକ ଗାଁକୁ ଯାଇ ବନ୍ୟାବିପନ୍ନଙ୍କ ସମସ୍ୟା ଶୁଣିଥିଲେ । ସୁନ୍ଦରପୁର ପଞ୍ଚାୟତର ପାରଡିଆ ବିଦ୍ୟାଳୟରେ ଚାଲିଥିବା ଫ୍ରି କିଚେନ୍ କେନ୍ଦ୍ର ପରିଦର୍ଶନ କରି ଖାଦ୍ୟର ମାନ ମଧ୍ୟ ପରଖିଥିଲେ । ବୋଡକ ନିକଟ ଏନ୍‌ଏଚ୍-୨୦ ଓ ମଠଡିହ-ପାରଡିଆ ଗ୍ରାମ୍ୟ ଉନ୍ନୟନ ରାସ୍ତାର ମରାମତି ଯୁଦ୍ଧକାଳୀନ ଭିତ୍ତିରେ କରାଯିବ । ବୋଡକ ନିକଟ ରାସ୍ତାର ମରାମତି ଦୁଇ ଦିନ ମଧ୍ୟରେ ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଥିଲେ । ବନ୍ୟାରେ ନଷ୍ଟ ଫସଲର କ୍ଷୟକ୍ଷତି ଆକଳନ ପରେ ଶତ ପ୍ରତିଶତ ସହାୟତା ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ପାରଡିଆର ବିକାଶ ପାଇଁ ମନ୍ତ୍ରୀ ରବି ନାରାୟଣ ନାୟକ ଓ ସୂର୍ଯ୍ୟବଂଶୀ ସୂରଜ ଗ୍ରାମବାସୀଙ୍କୁ ଆଶ୍ୱାସନା ଦେଇଥିଲେ । ଏହି ଗସ୍ତରେ ଏମ୍‌ପି ଅଭିମନ୍ୟୁ ସେଠୀଙ୍କ ସମେତ ଜିଲା ପ୍ରଶାସନର ବହୁ ଅଧିକାରୀ ଓ ଭାଜପା ନେତା-କର୍ମୀ ଉପସ୍ଥିତ ଥିଲେ ।

# ବୁଲା ଗାଈ ଗୋରୁ ଓ ଷଣ୍ଢଙ୍କୁ ପିନ୍ଧାଯାଉଛି ରେଡିୟମ୍ ବେଲ୍ଟ



**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ):** ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ରାଜ୍ୟରେ ଗୋସମ୍ପଦର ସୁରକ୍ଷା ଓ ସଡ଼କ ଦୁର୍ଘଟଣା ହ୍ରାସ କରିବା ଉଦ୍ଦେଶ୍ୟରେ ଗୋମାତା ସୁରକ୍ଷା ଅଭିଯାନ ଆରମ୍ଭ କରାଯାଇଛି । ରାଜପଥ ଓ ବିଭିନ୍ନ ସଡ଼କରେ ବୁଲୁଥିବା ଅସହାୟ,ବୁଲା ଗୋରୁ ଗାଈ ଓ ଷଣ୍ଢଙ୍କୁ ସୁରକ୍ଷା ଦେବା ସହ ରାତ୍ରୀକାଳୀନ ଦୁର୍ଘଟଣାରୁ ସେମାନଙ୍କୁ ଓ ସାଧାରଣ ଜନତାଙ୍କୁ ରକ୍ଷା କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ । ଏହି ଅଭିଯାନ ଚଳିତ ଅଗଷ୍ଟ ମାସ ୩୧ ତାରିଖ ଯାଏଁ ଚାଲିବ । ଏହି ଅଭିଯାନ ମାଧ୍ୟମରେ ବୁଲା ଗାଈ ଗୋରୁ ଷଣ୍ଢମାନଙ୍କୁ ରେଡ଼ିୟମ୍ ବେଲ୍ଟ (ପ୍ରତିଫଳକ ଫିତା)ପିନ୍ଧାଯାଉଛି । ଏହି ଅବସରରେ ନିଶ୍ଚିନ୍ତକୋଇଲି ମଣ୍ଡଳ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ମଣ୍ଡଳ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ାକ୍ତର ପ୍ରକାଶ କୁମାର ବେଉରାଙ୍କ ପ୍ରତ୍ୟକ୍ଷ ତ ୍ୱାବଧାନରେ ଡ଼ାକ୍ତର ରମାରଂଜନ ପତି,ଡ଼ାକ୍ତର ସୁଦିପ୍ତା ସାହୁ ,ଡ଼ାକ୍ତର ପ୍ରିୟଙ୍କା ଦାସଙ୍କ ସଂଯୋଜନାରେ ପ୍ରାଣୀଧନ ନିରୀକ୍ଷକ ଚକ୍ରଧର ମଲିକ,ନୁର ଜମା ହାସନାଇନ୍ ରାଜି,ସିଦ୍ଧାର୍ଥ ରାଉତରାୟ,ସିତାଂଶୁ ଶେଖର ମହାପାତ୍ର,ରାଜୀବ ଚାନ୍ଦ,ପିତାମ୍ବର ପାତ୍ର,ଅଚ୍ୟୁତାନନ୍ଦ ମଲିକଙ୍କ ସମେତ ମଣ୍ଡଳ ପ୍ରାଣୀ ଚିକିତ୍ସାଳୟ ଅଧିନରେ ଥିବା ସମସ୍ତ ପ୍ରାଣୀଧନ ନିରୀକ୍ଷକ ମାନେ ବୁଲି ବୁଲି ବୁଲା ଗାଈ,ଗୋରୁ ଓ ଷଣ୍ଢଙ୍କ ବେକରେ ରେଡ଼ିୟମ୍ ବେଲ୍ଟ(ପ୍ରତିଫଳକ ଫିତା) ପିନ୍ଧାଉଛନ୍ତି ।

# ପୂର୍ବତନ ଶରଣକୁଳ ଆଇଆଇସିଙ୍କ ବଢ଼ିଲା ଅଡୁଆ

## ହାଇକୋର୍ଟରେ ଆଗୁଆ ଜାମିନ୍ ଖାରଜ

**କଟକ (ବ୍ୟୁରୋ) :** ବଢ଼ିଲା ଶରଣକୁଳ ଥାନାର ପୂର୍ବତନ ଆଇଆଇସିଙ୍କ ଅଡୁଆ । ହାଇକୋର୍ଟରେ ଜାମିନ୍ ଆବେଦନ ଖାରଜ । ଜାମିନ୍ ଆବେଦନ ଖାରଜ ପରେ ଏବେ ସୁଜିତ କୁମାରଙ୍କ ମୁଣ୍ଡରେ ଝୁଲୁଛି ଗିରଫଦାରୀ ଭୟ । ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ହେବା ପରେ ଫେରାର ଅଛନ୍ତି ପୂର୍ବତନ ଆଇଆଇସି । ସୁଜିତଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି କ୍ରାଇମବ୍ରାଞ୍ଚର ସିଏଡବ୍ଲୁ ବା କ୍ରାଇମ ଏଗେନ୍‌ଷ୍ଟ ଓ୍ୱିମେନ । ହାଇକୋର୍ଟରେ ଆଗୁଆ ଜାମିନ ଖାରଜ ସହ କୋର୍ଟରେ ଆତ୍ମସମର୍ପଣ କରିବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି । ଜଣେ ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ ପରେ ସୁଜିତଙ୍କୁ ନିଲମ୍ବନ କରାଯାଇଥିଲା । ଏହାସହ ଶରଣକୁଳ ଥାନାରେ ୧୩୩/୨୬ରେ ଦୁଷ୍କର୍ମ ମାମଲା ରୁଜୁ କରାଯିବା ସହ ପୁଲିସ ତଦନ୍ତ ଚଳାଇଥିଲା । ଏହାପରେ ମାମଲା କ୍ରାଇମବ୍ରାଞ୍ଚର ସିଏଡବ୍ଲୁକୁ ହସ୍ତାନ୍ତର ହୋଇଥିଲା । କ୍ରାଇମବ୍ରାଞ୍ଚ୍ ତଦନ୍ତ କରିବା ସହ ସୁଜିତଙ୍କ ବିରୋଧରେ ଆସିଥିବା ଅଭିଯୋଗର ସତ୍ୟତା ପାଇବା ସହ ପ୍ରାଥମିକ ପ୍ରମାଣ ହାସଲ କରିଥିଲା । ପୂର୍ବରୁ ହାଇକୋର୍ଟ ତାଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଥିଲେ ଏବଂ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସୁଜିତ୍ କ୍ରାଇମବ୍ରାଞ୍ଚ ନିକଟରେ ହାଜର ହୋଇ ମେଡିକାଲ ଟେଷ୍ଟ ଓ ବୟାନ ରେକର୍ଡ କରାଇଥିଲେ । କ୍ରାଇମବ୍ରାଞ୍ଚ ପକ୍ଷରୁ ସମସ୍ତ ତଥ୍ୟ ଓ ପ୍ରମାଣ ଦାଖଲ କରାଯିବା ପରେ, ଗତ ୨୦ ତାରିଖ ଦିନ ହାଇକୋର୍ଟ ଶୁଣାଣି କରି ତାଙ୍କର ଅନ୍ତରୀଣ ସୁରକ୍ଷା ପ୍ରତ୍ୟାହାର କରିନେଇଛନ୍ତି ଏବଂ କୋର୍ଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ବିଦ୍ୟୁତ ଆଘାତରେ ଶ୍ରମିକ ମୃତ୍ୟୁ ଘଟଣା

# କ୍ଷତିପୂରଣ ଦାବିରେ ୫ ଘଣ୍ଟା ଶବ ରଖି ଧାରଣାରେ ପରିବାର

**ବାଲକାଟୀ (ଅମୃତ ମିଡିଆ) :** ଧଉଳି ଥାନା ଲିଙ୍ଗିପୁର ଟ୍ରାଫିକ ଛକ ନିକଟରେ ଥିବା ଏକ କଲ୍ୟାଣମଣ୍ଡପରେ କାମକରୁଥିବା ସମୟରେ ଗତକାଲି ଜଣେ ଶ୍ରମିକଙ୍କ ମୃତ୍ୟୁରେ କ୍ଷତିପୂରଣ ଦାବି କରି ପରିବାର ଲୋକେ ମଣ୍ଡପ ସମ୍ମୁଖରେ ମୃତଦେହ ରଖି ଧାରଣାରେ ବସିଥିଲେ । ପ୍ରାୟ ୫ ଘଣ୍ଟା ଧାରଣାରେ ବସିବା ପରେ ଆପୋଷ ସମାଧାନ ପରେ ଧାରଣାରୁ ନିବୃତ୍ତ ରହିଥିଲେ ମୃତକଙ୍କ ପରିବାର । ଖବରନେବାରେ ଜଣାପଡିଛି ଉକ୍ତ ମଣ୍ଡପରେ ପୁରୀ ଜିଲା ଗୋପ ବ୍ଲକ ଝଞ୍ଜାଳିଆ ଗ୍ରାମର ସୁବ୍ରତ ଭୋଇ, ବିଶ୍ୱଜିତ ସ୍ୱାଇଁ, ପ୍ରମୋଦ ବେହେରା କାମ କରୁଥିଲେ । ଗତକାଲି କାମ କରୁଥିବା ସମୟରେ ପୂର୍ବାହ୍ନ ସାଢେ ୯ ଟାରେ ବିଦ୍ୟୁତ ଆଘାତରେ ଆହତ ହୋଇଥିଲେ । ସମସ୍ତ ଆହତଙ୍କୁ ଅନ୍ୟ ସହକର୍ମୀ ମାନେ ଚିକିତ୍ସିତ ନିମନ୍ତେ ରାଜଧାନୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ସୁବ୍ରତକୁ ଡାକ୍ତର ମୃତ ଘୋଷଣା କରିଥିଲେ । ଖବରପାଇ ମୃତକଙ୍କ ପରିବାର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ସହ କ୍ଷତିପୂରଣ ଦାବିରେ ମଣ୍ଡପ ସମ୍ମୁଖରେ ଧାରଣାରେ ବସିଥିଲେ । ଏପରିକି ଶବ ବ୍ୟବଚ୍ଛେଦ ପାଇଁ ମଧ୍ୟ ପରିବାର ଲୋକେ ଯାଇନଥିଲେ । ଜୋନ-୨ ଅତିରିକ୍ତ ପୁଲିସ ଆୟୁକ୍ତ କୃଷ୍ଣଚନ୍ଦ୍ର ପଲେଇ, ଥାନା ଅଧିକାରୀ ସ୍ମୃତିରଞ୍ଜନ ମହାନ୍ତି ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିବାର ଲୋକଙ୍କ ଉପସ୍ଥିତିରେ ଆଜି ମଧ୍ୟାହ୍ନ ପ୍ରାୟ ୧ ଟାରେ ଶବ ବ୍ୟବଚ୍ଛେଦ ହୋଇଥିଲା ।

# ଯୋଡ଼ା ଥାନାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ



**ଯୋଡ଼ା(ଅମୃତ ମିଡିଆ):** କେନ୍ଦୁଝରର ଜିଲ୍ଲା ଯୋଡ଼ା ଥାନାରେ ଆଜି ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରତେକ ବର୍ଷ ଭଳି ଚଳିତ ବର୍ଷ ଯୋଡ଼ା ନଗରରେ ମୁସ୍ଲିମ୍ ସମ୍ପ୍ରଦାୟ ର ବ୍ୟକ୍ତି ବିଶେଷ ଇଦ୍ ଉଲ୍ ଯୁହା ପର୍ବ ପାଳନ କରିବା କୁ ଯାଉଥିବାରୁ ଯୋଡ଼ା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ ଏକ ଶାନ୍ତି କମିଟି ବୈଠକ ଉଭୟ ହିନ୍ଦୁ ଓ ମୁସଲମାନ ଙ୍କୁ ନେଇ କରାଇଥିଲେ । ଏହି ବୈଠକରେ ବଡ଼ବିଲ ଏସଡିପିଓ ଡେବେନ୍ଦ୍ର ନାଥ ପିଙ୍ଗୁଆ ଓ ତହସିଲ୍ ଦାର୍ ରାକେଶ କୁମାର ପଣ୍ଡା ଉପସ୍ଥିତ ରହି ଉଭୟ ପକ୍ଷ ଙ୍କ ମଧ୍ୟରେ ସ୍ୱଆର୍ଦ୍ଧ୍ୟ ପୂର୍ଣ୍ଣ ବାତାବରଣ ରେ ଆଲୋଚନା ସମ୍ପର୍ଣ୍ଣ ହୋଇଥିଲା । ଶେଷରେ ଥାନା ଅଧିକାରୀ ଧନ୍ୟବାଦ୍ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

# ଆଦର୍ଶ ଶିକ୍ଷକଙ୍କୁ ଶ୍ରଦ୍ଧାଞ୍ଜଳି




**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ଜିଲ୍ଲା ପ୍ରତିଭା ପୂଜା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଖଡିଅଙ୍ଗସ୍ଥିତ ସିପିଆଇ.(ଏମ)ସମ୍ମିଳନୀ କକ୍ଷରେ ଆଦର୍ଶ ଶିକ୍ଷକ ଅବନୀ କୁମାର ମହାନ୍ତିଙ୍କ ବିୟୋଗରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ସଂସଦର ସଭାପତି ପ୍ରଦୀପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ଆଇନଜୀବୀ ଉମେଶ ଚନ୍ଦ୍ର ସିଂ ଓ ଅକ୍ଷୟ କୁମାର ମହାନ୍ତି, ସାମ୍ବାଦିକ ପରେଶ ଚନ୍ଦ୍ର ଦାସ, ଜଗତଜୀବନ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିକ୍ଷକ ସ୍ୱର୍ଗତ ମହାନ୍ତିଙ୍କ ତ୍ୟାଗପୂତ ଓ ସତ୍ୟନିଷ୍ଠ ଜୀବନାଦର୍ଶ ଉପରେ ଆଲୋକପାତ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସୁଶିଲ ସାମଲ, ଗୋଲଖ ପଢିଆରୀ, ଶୁଭାଂଶୁ ଦାସ, ମୁକ୍ତାର ଖାଁ, ରାଜେନ୍ଦ୍ର ମହାପାତ୍ର, ରାଜେଶ ପଣ୍ଡା,ରମଣୀରଞ୍ଜନ ରାଉତରାୟ, ରାଜେନ୍ଦ୍ର ରାଉତ, ହେମନ୍ତ କୁମାର ଜେନା, ଗୟାଧର ଧଳ, ଭାଗିରଥି ଜେନା, ଶିକ୍ଷାବିତ ନିରଞ୍ଜନ ବେହେରା, ସରୋଜରାଜ ସିଂ, ମନସୁଲ ଅଲ୍ଲୀ, ନିର୍ମଳା ସିଂ, ପଣ୍ଡିତ ପ୍ରତାପ ପତି, ଭ୍ରମରବର ରାଉତ, ଆଦିକନ୍ଦ ରାଉଳ, ରଣଧୀର ଜେନା, ନରୋତ୍ତମ ଜେନା, ମାଧବାନନ୍ଦ ଦାସ, ଚିତ୍ତରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧା ନିବେଦନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱର୍ଗ ମହାନ୍ତିଙ୍କ ଝିଆରୀ ଅନନ୍ୟା ଓ ଜ୍ୱାଇଁ ଶ୍ରୀନିବାସ ମଧ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ପର୍ଯ୍ୟଟନ ମାନଚିତ୍ରରେ ଠିକଣା ଖୋଜୁଛି ବାବାଜୀ କୁଣ୍ଡ

## ପର୍ଯ୍ୟଟନ ବିଭାଗର ନଜର ଆଢୁଆଳରେ, ପ୍ରଶାସନର ନଜର ପଡ଼ିବ କେବେ



**ହିନ୍ଦୋଳ (ଅମୃତ ମିଡିଆ) :** ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ଘଞ୍ଚଜଙ୍ଗଲ ମଧ୍ୟରେ ଏକ ସୁନ୍ଦର ଜଳପ୍ରପାତ ଦେଖିବାକୁ ମିଳିଛି । ଯାହାର ନାମ ବାବାଜୀ କୁଣ୍ଡ । ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟରେ କୁଳୁକୁଳୁ ନାଦରେ ବହିଯାଉଛି ଝରଣା । ଯାହାର ଦୃଶ୍ୟ ଅତି ମନୋରମ । ତାକୁ ଦେଖିବାକୁ ଛୁଟୁଛି ଆଖପାଖ ଓ ଦୂରଦୂରାନ୍ତରୁ ପର୍ଯ୍ୟଟକଙ୍କ ଶୁଅ । କିନ୍ତୁ ସେଠାରେ ନାହିଁ କୌଣସି ପ୍ରକାରର ସୁବିଧା । ତେଲିଭୂଇଁ ବଜାରଠାରୁ ମାତ୍ର ୧୭ କିଲୋମିଟର ରାସ୍ତା ଏବଂ ପ୍ରସିଦ୍ଧ ସାପୁଆ ଡ଼୍ୟାମ୍ ଠାରୁ ମାତ୍ର ୭ କିଲୋମିଟର ଦୂରରେ ଅବସ୍ଥିତ ବାବାଜୀ କୁଣ୍ଡ । ଏହି ବାବାଜୀ କୁଣ୍ଡ ହିନ୍ଦୋଳ ବ୍ଲକ୍ ଦଣ୍ଡିରୀ ପଞ୍ଚାୟତ ଅନ୍ତର୍ଗତ ଗୁରୁଜାଙ୍ଗ ଗ୍ରାମର କୁଣ୍ଡ ପାହାଡ଼ରେ ଅବସ୍ଥିତ । ପାହାଡ଼ ତଳୁ ବାବାଜୀ କୁଣ୍ଡ ପ୍ରାୟ ଏକ କିଲୋମିଟରର ରାସ୍ତା । ବାବାଜୀ କୁଣ୍ଡକୁ ଯିବାକୁ କେବଳ ପାଦଚଲା ରାସ୍ତାଟିଏ ଅଛି । ଚଳିତ ବର୍ଷରେ ଅହେତୁକ ବର୍ଷା ହେବା ଫଳରେ ପାହାଡ଼ରୁ ଏକ ବିରାଟ ପଥର ଖସିବା ପରେ ସୃଷ୍ଟି ହୋଇଛି ଏହି ପ୍ରାକୃତିକ ଜଳପ୍ରପାତ । ଏଇଠୁ ବାହାରିଥିବା ଝରଣାର ପାଣି ପୁରା କାଚକେନ୍ଦୁ ପରି ସ୍ୱଚ୍ଛ । କୁଳୁକୁଳୁ ନାଦରେ ବହିଯାଉଥିବା ଝରଣା ଏତେ ମନୋରମ ଯେ ତାକୁ ଯେ କେହି ଦେଖିବ ସେ ଘଡ଼ିଏ ଅନାଇ ରହିବ । ପ୍ରଥମେ ସାମାଜିକ ଗଣମାଧ୍ୟମରେ ଘୁରିବା ଫଳରେ ତାକୁ ଦେଖିବାକୁ ଆଖପାଖ ଓ ଦୂରଦୂରାନ୍ତରୁ ଛୁଟୁଛି ପର୍ଯ୍ୟଟକଙ୍କ ଶୁଅ । ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ପହଂଚି ବାବାଜୀ କୁଣ୍ଡର ମନୋରମ ଦୃଶ୍ୟକୁ ଉପଭୋଗ କରୁଛନ୍ତି । ବହି ଆସୁଥିବା ଝରଣାରେ ପର୍ଯ୍ୟଟକମାନେ ଗାଧୋଇ ଢେର୍ ମଜା ଉଠାଉଛନ୍ତି । ସେଠାରେ ବଣଭୋଜି କରି ଖାଇବା ସହ ଫଟୋ ଉଠାଇ ଖୁସି ମନାଉଛନ୍ତି । କିନ୍ତୁ ସେଠାରେ ନାହିଁ କୌଣସି ପ୍ରକାରର ସୁରକ୍ଷା ବ୍ୟବସ୍ଥା । ନା ଅଛି ବିଜୁଳି ବ୍ୟବସ୍ଥା, ନା ଅଛି ଗମନାଗମନର ସୁବିଧା, ନା ଅଛି ପାନୀୟଜଳର ବ୍ୟବସ୍ଥା । ହାତୀପ୍ରବଣ ଅଞ୍ଚଳ ହୋଇଥିବାରୁ ପର୍ଯ୍ୟଟକମାନେ ବହୁ ସମୟରେ ସେଠାକୁ ଯିବାକୁ ନିଜକୁ ସୁରକ୍ଷିତ ମଣୁନାହାନ୍ତି । ତେଣୁ ସେଠାରେ ଗମନାଗମନର ସୁବିଧା ସହ ବିଜୁଳୀ ବ୍ୟବସ୍ଥା ଓ ପାନୀୟଜଳର ବ୍ୟବସ୍ଥା କରିବାକୁ ପର୍ଯ୍ୟଟକମାନେ ଦାବି କରିଛନ୍ତି । ଏଠାରେ ଆଗରୁ ଠାକୁରାଣୀ ଥିଲେ ଏବଂ ଜଣେ ବାବାଜୀ ବନଦେବୀଙ୍କୁ ପୂଜା କରନ୍ତି । ସମୟକ୍ରମେ ଏବେ ନାହାନ୍ତି ଠାକୁରାଣୀ କି ପୂଜକ ବାବାଜୀ । ହେଲେ ବାବାଜୀ ପୂଜା କରୁଥିବାରୁ ଏହାର ନାମ ବାବାଜୀ କୁଣ୍ଡ ହୋଇଛି ବୋଲି ସ୍ଥାନୀୟ ଲୋକମାନେ ମତପ୍ରକାଶ କରିଛନ୍ତି । ପ୍ରକୃତି ରାଣୀର ଏହି ଅପରୂପ ସୌନ୍ଦର୍ଯ୍ୟ ଜଳପ୍ରପାତ ପର୍ଯ୍ୟଟନ ବିଭାଗର ନଜର ଆଢୁଆଳରେ । ପ୍ରଶାସନ ଏବଂ ପର୍ଯ୍ୟଟନ ବିଭାଗର ନଜର ପଡ଼ିଲେ ଏଠାକୁ ରାଜ୍ୟ ଏବଂ ରାଜ୍ୟବାହାରୁ ପର୍ଯ୍ୟଟକଙ୍କ ଶୁଅ ଛୁଟନ୍ତା ।

# ଧନୁର୍ଜୟ ବିଶ୍ୱାଳ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ବନ୍ୟାବିପନ୍ନଙ୍କୁ ସହାୟତା




**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରାପଡା ଜିଲ୍ଲାର କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ବ୍ଲକର ବନ୍ୟା ପ୍ରପିଡିତ ଧୋୟାଞ୍ଚଳରେ ଜନସାଧାରଣଙ୍କୁ ଧନୁର୍ଜୟ ବିଶ୍ୱାଳ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଶୁଖିଲା ଖାଦ୍ୟ ପ୍ୟାକେଟ ବଣ୍ଟନ କରାଯାଇଛି । ଟ୍ରଷ୍ଟର ଅଧ୍ୟକ୍ଷ ଇଂ ଭଗବାନ ବିଶ୍ୱାଳଙ୍କ ସହିତ କେତେକ ସ୍ୱେଚ୍ଛାସେବୀ ବନ୍ୟାଞ୍ଚଳକୁ ଯାଇ ଘାଗରାଡ଼ିଆ, ତରଡ଼ିପାଳ ଓ ତୁଳସୀଡ଼ିଆ ହରିଜନ ସାହିରେ ଅଟା, ସୁଜି, ଚୁଡା ଓ ବିସ୍କୁଟ ପ୍ରଭୃତି ଥିବା ପ୍ୟାକେଟ ଗୁଡିକୁ ବନ୍ୟାପ୍ରପିଡିତ ଲୋକମାନଙ୍କୁ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଘାଗରା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ନାରାୟଣ ଚନ୍ଦ୍ର ପରିଡା,୧୫ ନମ୍ବର ଜିଲ୍ଲା ପରିଷଦ ସଭ୍ୟା ପ୍ରିୟଦର୍ଶିନୀ ତରାଇ, ତରଡ଼ିପାଳ ସରପଞ୍ଚ ଦେବବ୍ରତ ନାୟକ, ରମେଶ ଚନ୍ଦ୍ର ବାରିକ, ବୁଧେଶ୍ୱର ପାତ୍ର, ନୃସିଂହ ଚରଣ ପରିଡା, ସୁରେନ୍ଦ୍ର ଗିରି, ଅରୂପାନନ୍ଦ ବିଶ୍ୱାଳ, ଅଶୋକ ବିଶ୍ୱାଳ, ଗିରିଶ ବିଶ୍ୱାଳ ଓ ସମିତିସଭ୍ୟ ନିରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ରହି ଏହି ରିଲିଫ ବଣ୍ଟନରେ ସହାୟତା କରିଥିଲେ ।




### ଆର୍ଜେଣ୍ଟିନା ଠାରୁ ୩-୫ରେ ହାରି

# ହକି ବିଶ୍ୱକପ୍ ସେମି ରେସ୍‌ରୁ ଭାରତ ଆଉଟ୍

**ନୂଆଦିଲ୍ଲୀ :** ବିଧିବଦ୍ଧ ଭାବେ ହକି ବିଶ୍ୱକପର ସେମି ଫାଇନାଲ ରେସ୍‌ରୁ ବିଦାୟ ନେଇଛି ଭାରତ। ରବିବାର ଭାରତୀୟ ମହିଳା ଦଳ ଓ ଆଜି ଭାରତୀୟ ପୁରୁଷ ଦଳ ହକି ବିଶ୍ୱକପର ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଭାରତୀୟ ମହିଳା ଦଳ ନିଜର ଶେଷ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ସହ ୦-୦ରେ ଶେଷ କରିଥିଲେ ହେଁ ଗୋଲ ବ୍ୟବଧାନ ଦୃଷ୍ଟିରୁ ସେମି ଫାଇନାଲ ରେସ୍‌ରୁ ବାଦ ପଡ଼ିଥିଲା। ଆଉ ଭାରତୀୟ ପୁରୁଷ ଦଳକୁ ସେମି ରେସ୍‌ରେ ରହିବା ପାଇଁ ଆର୍ଜେଣ୍ଟିନକା ୨ ଗୋଲ ବ୍ୟବଧାନରେ ହରାଇବାର ଥିଲା। କିନ୍ତୁ ଆର୍ଜେଣ୍ଟିନା ୫-୩ରେ ମ୍ୟାଚ୍ ଜିତି ନିଜର ସେମି ଫାଇନାଲ ଆଶା ବଜାୟୀ ରଖିଛି। ଆଜିର କର ବା ମର ମ୍ୟାଚ୍‌ରେ ଭାରତୀୟ ଖେଳାଳି ଆରମ୍ଭରୁ ହିଁ ନର୍ଭସ ହୋଇ ଯାଇଥିଲେ। ମ୍ୟାଚ୍‌ର ୪୦ ସେକେଣ୍ଡ ମଧ୍ୟରେ ଆର୍ଜେଣ୍ଟିନା ଗୋଲ ସ୍କୋର କରି ଭାରତକୁ ବ୍ୟାକଫୁଟକୁ ଠେଲି ଦେଇଥିଲା। ଜୋଆକ୍ୱିନ ତୋସକାନି ଫିଲ୍ଡ ଗୋଲ କରି ଭାରତ ଶିବିରରେ ନିରାଶା ଖେଳାଇ ଦେଇଥିଲେ। ଏହାର ୬ ମିନିଟ



ପରେ ଆର୍ଜେଣ୍ଟିନାକୁ ମିଳିଥିବା ପେନାଲ୍ଟି କର୍ଣ୍ଣର। ଏହାକୁ ଡେଲା ଟୋରେ ଗୋଲରେ ପରିଣତ କରି ସ୍ଥିତି ୨-୦ କରିଥିଲେ। ୦-୨ରେ ପଛରେ ଥିଲେ ମଧ୍ୟ ଭାରତ କମବ୍ୟାକ ପାଇଁ ଚେଷ୍ଟା କରିଥିଲା। ସୁଖଜିତ ମ୍ୟାଚ୍‌ର ୧୦ମ ମିନିଟ୍‌ରେ ଗୋଲ କରି ସ୍ଥିତିକୁ ୧-୨ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଆର୍ଜେଣ୍ଟିନା ଘନଘନ ଆକ୍ରମଣ କରିଥିଲା। ଭାରତ କେବଳ ଏହାକୁ ଡିଫେଣ୍ଡ କରିବା ଛଡ଼ା ଆଉ କିଛି କରିପାରି ନଥିଲା। ଦ୍ୱିତୀୟ କ୍ୱାର୍ଟର ଗୋଲ ଶୂନ୍ୟ ରହିବାରୁ ହାଫ ଟାଇମ ସୁଦ୍ଧା ସ୍ଥିତି ୧-୨ ରହିଥିଲା। ଭାରତ ପ୍ରଥମ ୩୦ ମିନିଟରେ କୌଣସି ପିସି ହାସଲ ନ କରିବା ମଧ୍ୟ ସମସ୍ତଙ୍କୁ ଚକିତ କରିଥିଲା। ହାଫ ଟାଇମ ପରେ ରଣନୀତି ବଦଳାଇଥିଲା ଆର୍ଜେଣ୍ଟିନା। ପୂର୍ବାପେକ୍ଷା ଦଳ ଅଧିକ ଆକ୍ରମଣ କରିଥିଲା। ହେଲେ ଭାରତ ପ୍ରଥମେ ଏହାକୁ ରୋକି ଥିଲା। ଦଳକୁ ପିସି ବି ମିଳିଥିଲା। କିନ୍ତୁ ଏହାକୁ ଅଧିନାୟକ ହରମନପ୍ରୀତି ସିଂହ ୪ଥରର ପ୍ରୟାସରେ ବି ଗୋଲରେ ପରିଣତ କରିପାରି ନଥିଲେ। ଏହାପରେ ଆର୍ଜେଣ୍ଟିନା ଗୋଲ ବର୍ଷା କରିଥିଲା। ୩୩ତମ ମିନିଟରେ ଡୋମେନେ ଫିଲ୍ଡ ଗୋଲ କରିଥିବା ବେଳେ ଡି ଭିତରେ ଭାରତ ଭୁଲ କରିବାରୁ ଆର୍ଜେଣ୍ଟିନକା ୪୫ତମ ମିନିଟରେ ପେନାଲ୍ଟି ଷ୍ଟ୍ରୋକ ମିଳିଥିଲା। ଏହାକୁ ଡୋମେନେ ପୁଣି ଗୋଲରେ ପରିଣତ କରି ସ୍ଥିତି ୪-୧ କରି ଦେଇଥିଲେ। ଭାରତ ୧-୪ରେ ପଛରେ ଥିବା ବେଳେ ୫୩ତମ ମିନିଟରେ ଲୁକାସ ତୋସକାନି ପୁଣି ଗୋଟିଏ ଫିଲ୍ଡ ଗୋଲ କରିଥିଲେ। ଏଥିସହ ଭାରତର ବିଜୟକୁ ସଂପୂର୍ଣ୍ଣ ଭାବେ ଧୂଳିସାତ କରି ଦେଇଥିଲେ। ଭାରତ ୫୮ତମ ମିନିଟରେ ସୁଖଜିତଙ୍କ ଷ୍ଟିକରୁ ଆଉ ଗୋଟିଏ ଗୋଲ ପାଇଥିଲା। ମ୍ୟାଚ୍‌ର ୫୯ତମ ମିନିଟରେ ହାର୍ଦ୍ଦିକ ସିଂହ ପେନାଲ୍ଟି ଷ୍ଟ୍ରୋକରୁ ତୃତୀୟ ଗୋଲ କରିଥିଲେ। ଶେଷ ମିନିଟରେ ଭାରତକୁ ସ୍ଥିତି ୪-୫ କରିବାର ସୁଯୋଗ ମିଳିଥିଲା। କିନ୍ତୁ ପିସିକୁ ହରମନପ୍ରୀତ ପୁଣି ଗୋଲ କରିବାରେ ବିଫଳ ହୋଇଥିଲେ। ଶେଷରେ ଆର୍ଜେଣ୍ଟିନା ୫-୩ରେ ମ୍ୟାଚ୍ ଜିତି ସେମି ଫାଇନାଲ ରେସରେ ନିଜକୁ ବଜାୟୀ ରଖିଛି। ଯଦି ନେଦରଲ୍ୟାଣ୍ଡସ ବଡ଼ ବ୍ୟବଧାନରେ ଇଂଲଣ୍ଡକୁ ହରାଇ ଦେବ, ତା’ହେଲେ ଆର୍ଜେଣ୍ଟିନା ସେମି ଫାନାଲକୁ ଯାଇ ପାରିବ।

# ଭାରତ ବିପକ୍ଷ ଟି-୨୦ ସିରିଜ୍ ପାଇଁ ଆଫଗାନିସ୍ତାନ ଦଳ ଘୋଷିତ

**ନୂଆଦିଲ୍ଲୀ:** ଆସନ୍ତା ମାସରେ ଭାରତ ବିପକ୍ଷରେ ଟି-୨୦ ସିରିଜ୍ ଖେଳିବ ଭାରତ । ତିନି ମ୍ୟାଚ୍ ବିଶିଷ୍ଟ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଯାଉଛି । ତେବେ ଭାରତ ବିପକ୍ଷ ସିରିଜ୍ ପାଇଁ ଘୋଷଣା ହୋଇଛି ଆଫଗାନିସ୍ତାନ ଦଳ । ଇବ୍ରାହିମଙ୍କ ନେତୃତ୍ୱରେ ଦଳ ଭାରତ ବିପକ୍ଷରେ ମଇଦାନକୁ ଓହ୍ଲାଇବ । ସବୁଠୁ ବଡ଼ କଥା ହେଲା, ଏହି ସିରିଜ୍ ମାଧ୍ୟମରେ ଦଳର ଘାତକ ଦ୍ରୁତ ବୋଲର ନବୀନ-ଉଲ୍-ହକ୍ ପୁନର୍ବାର ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡର ସୂଚନା ଅନୁଯାୟୀ, ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ଏହି ତିନି ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ୍ ନୂଆଦିଲ୍ଲୀର ଅରୁଣ ଜେଟଲୀ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ହେବ।ସିରିଜ୍ର କାର୍ଯ୍ୟସୂଚୀ ମୁତାବକ, ପ୍ରଥମ ମୁକାବିଲା ସେପ୍ଟେମ୍ବର ୧୩ରେ, ଦ୍ୱିତୀୟ ମ୍ୟାଚ୍ ସେପ୍ଟେମ୍ବର ୧୫ରେ ଏବଂ ତୃତୀୟ ତଥା ଅନ୍ତିମ ଟି-୨୦ ମ୍ୟାଚ୍ ସେପ୍ଟେମ୍ବର ୧୭ ତାରିଖରେ ଖେଳାଯିବ। ଡାହାଣହାତୀ



ଦ୍ରୁତ ବୋଲର ନବୀନ-ଉଲ୍-ହକ୍ ଆହତ କାରଣରୁ ଦଳରୁ ବାହାରେ ଥିଲେ।କାନ୍ଧରେ ଆଘାତ ଲାଗିବା ଯୋଗୁଁ ସେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ସିରିଜ୍ ଏବଂ ଟି-୨୦ ବିଶ୍ୱକପ୍ରୁ ବଞ୍ଚିତ ହୋଇଥିଲେ।ବର୍ତ୍ତମାନ ସମ୍ପୂର୍ଣ୍ଣ ଫିଟ୍ ହୋଇ ସେ ଦଳକୁ ଫେରିଥିବାରୁ ଆଫଗାନିସ୍ତାନର ପେସ୍ ଆଟାକ୍ ଅଧିକ ଶକ୍ତିଶାଳୀ ହୋଇଛି।ତାଙ୍କ ସହିତ ଫଜଲହକ ଫାରୁକୀ ଏବଂ ଅଜମତୁଲ୍ଲା ଉମରଜାଇ ମଧ୍ୟ ଦ୍ରୁତ ବୋଲିଂ ଭାର ସମ୍ଭାଳିବେ।ଏହାଛଡ଼ା ଅଭିଜ୍ଞ ଅଲରାଉଣ୍ଡର ଗୁଲବଦୀନ ନାଏବ ମଧ୍ୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଆଫଗାନିସ୍ତାନର ସବୁଠୁ ବଡ଼ ଶକ୍ତି ଏହାର ସ୍ପିନ୍ ଆଟାକ୍ । ଏହି ଦଳରେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ସ୍ପିନର୍ ରସିଦ ଖାନଙ୍କ ସହିତ ନୂର ଅହମଦ, ମୁଜିବ ଉର ରହମାନ ଏବଂ ନାଙ୍ଗ୍ୟାଲ ଖରୋଟିଙ୍କ ଭଳି ଘାତକ ସ୍ପିନର୍ ସାମିଲ ଅଛନ୍ତି।ଅଭିଜ୍ଞ ଅଲରାଉଣ୍ଡର ମହମ୍ମଦ ନବୀ ମଧ୍ୟ ଦଳର ମଧ୍ୟକ୍ରମକୁ ଅଧିକ ମଜବୁତ ଏବଂ ସନ୍ତୁଳିତ କରିବେ।

## ମହିଳା ହକି ବିଶ୍ୱକପରୁ ବିଦା ଭାରତ



**ନୂଆଦିଲ୍ଲୀ :** ଭାରତୀୟ ମହିଳା ଦଳ ଚଳିତ ହକି ବିଶ୍ୱକପ୍‌ରେ ଅନ୍ତକେ ସେମି ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଛି । ଦ୍ୱିତୀୟ ରାଉଣ୍ଡର ଅନ୍ତିମ ମ୍ୟାଚ ଅଷ୍ଟ୍ରେଲିଆ ସହ ଗୋଲ ଶୂନ୍ୟ ଡ୍ର’ ରଖି ପଏଣ୍ଟ ଭାଗ କରିଥିଲା । ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନ ସହ ଅଷ୍ଟ୍ରେଲିଆ ସେମି ଫାଇନାଲରେ ପ୍ରବେଶ କରିଛି । ଉଭୟ ଭାରତ ଓ ଅଷ୍ଟ୍ରେଲିଆ ୨ ପଏଣ୍ଟ ଲେଖାଏଁ ପାଇଥିଲେ ଏବଂ ଗୋଲ ବ୍ୟବଧାନରେ ମଧ୍ୟ ସମାନ ସ୍ଥିତିରେ ରହିଥିଲେ । ଅଷ୍ଟ୍ରେଲିଆ ଦ୍ୱିତୀୟ ରାଉଣ୍ଡରେ ୨ଟି ମ୍ୟାଚ ଖେଳି ଗୋଟିଏ ଗୋଲ ଦେଇଥିବାବେଳେ ଭାରତ ଗୋଟିଏ ବି ଗୋଲ ଦେଇ ପାରି ନଥିଲା । ପୂର୍ବ ମ୍ୟାଚରେ ଦଳ ନେଦରଲାଣ୍ଡସଠୁ ୨-୦ ଗୋଲରେ ପରାଜିତ ହୋଇଥିଲା । ଅଷ୍ଟ୍ରେଲିଆ ପୂର୍ବ ମ୍ୟାଚରେ ଚୀନ ସହ ୧-୧ ଗୋଲରେ ଡ୍ର’ ରଖିଥିଲା । ଭାଗ୍ୟ ସହାୟ ନହେବାରୁ ଭାରତ ତୃତୀୟ ସ୍ଥାନରେ ରହି ଟାଇଟଲ ଦୌଡ଼ରୁ ବିଦାୟ ନେଇଥିଲା । ନେଦରଲାଣ୍ଡସ ୯ ପଏଣ୍ଟ ସହ ଶୀର୍ଷ ସ୍ଥାନ ହାସଲ କରିଥିଲା । ଅଷ୍ଟ୍ରେଲିଆ-ଭାରତ ମ୍ୟାଚ ବେଶ ସଂଘର୍ଷପୂର୍ଣ୍ଣ ହୋଇଥିଲା । ଅଷ୍ଟ୍ରେଲିଆ ଘନ ଘନ ଆକ୍ରମଣ କରିଥିଲା । କିନ୍ତୁ ଭାରତୀୟ ଗୋଲକିପର ସବିତା ଓ ରକ୍ଷଣଭାଗ ଏହାର କଡ଼ା ପ୍ରତିରୋଧ କରିଥିଲେ । ସଂପୂର୍ଣ୍ଣ ମ୍ୟାଚରେ ଅଷ୍ଟ୍ରେଲିଆକୁ ୮ଟି ପେନାଲ୍ଟି କର୍ଣ୍ଣର ମିଳିଥିଲା କିନ୍ତୁ ଭାରତ ମାତ୍ର ଗୋଟିଏ ପାଇଥିଲା । ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଦୁଇ ଦଳ ଜୋରଦାର ଲଢ଼େଇ କରିଥିଲେ । ଭାରତୀୟ ଦଳ ତା’ର ଶ୍ରେଷ୍ଠ ପ୍ରଦର୍ଶନ ଦେଇଥିଲା । ମ୍ୟାଚ ଗୋଲ ଶୂନ୍ୟ ଡ୍ର’ ରହିବାରୁ ଉଭୟ ଦଳ ପଏଣ୍ଟ ଭାଗ କରିଥିଲେ ।

## ଇତିହାସ ରଚିଲେ ରିଷଭ ପନ୍ତ, ଭାଙ୍ଗିଲେ ଧୋନିଙ୍କ ରେକର୍ଡ



**ନୂଆଦିଲ୍ଲୀ :** ଟିମ୍ ଇଣ୍ଡିଆର ୱିକେଟ୍ କିପର ବ୍ୟାଟର ରିଷଭ ପନ୍ତ ଇତିହାସ ରଚିଛନ୍ତି । ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଦମଦାର ବ୍ୟାଟିଂ କରି ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ଇତିହାସରେ ଭାରତ ପାଇଁ ସର୍ବାଧିକ ରନ୍ କରିଥିବା ବ୍ୟାଟର ହୋଇଛନ୍ତି । ସେ ଶୁବମନ ଗିଲଙ୍କୁ ପଛରେ ପକାଇ ଏହି ରେକର୍ଡ ନିଜ ନାମରେ କରିଛନ୍ତି । ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଖେଳାଯାଉଥିବା ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଦିନରେ ପନ୍ତ ମଇଦାନକୁ ଫେରିବା ପରେ ପନ୍ତ ଆକ୍ରମଣାତ୍ମକ ଶୈଳୀରେ ବ୍ୟାଟିଂ କରିଥିଲେ । ପ୍ରଥମ ଦିନରେ ଶ୍ରୀଲଙ୍କାର ଦ୍ରୁତ ବୋଲର ଲାହିରୁ କୁମାରାଙ୍କ ଏକ ଶର୍ଟ ବଲ୍ ପନ୍ତଙ୍କ ବାମ ହାତରେ ବାଜିଥିଲା । ଏହାପରେ ସେ ଯନ୍ତ୍ରଣା ଅନୁଭବ କରିବାରୁ ଫିଜିଓଙ୍କ ସହାୟତା ନେଇଥିଲେ । ଶେଷରେ ୧୫ଟି ବଲରୁ ୩ ରନ୍ କରି ମଇଦାନ ଛାଡ଼ିଥିଲେ। ତେବେ ଟିମ୍ ପକ୍ଷରୁ ତାଙ୍କ ଆଘାତ ଗୁରୁତର ନୁହେଁ ବୋଲି ସୂଚନା ମିଳିଥିଲା । ପନ୍ତ ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ୬୩ ରନ କରି ଆଉଟ୍ ହୋଇଛନ୍ତି । ଦ୍ୱିତୀୟ ଦିନରେ ପନ୍ତ ପୁଣି ପଡ଼ିଆକୁ ଫେରି ନିଜ ଆକ୍ରମଣାତ୍ମକ ବ୍ୟାଟିଂରେ ଭାରତୀୟ ଇନିଂସକୁ ମଜବୁତ କରିଥିଲେ । ଭାରତ ପାଇଁ ୱିକେଟକିପର ଭାବେ ସର୍ବାଧିକ ଟେଷ୍ଟ ରନ୍ କରିବାରେ ସେ ମହେନ୍ଦ୍ର ସିଂହ ଧୋନିଙ୍କୁ ପଛରେ ପକାଇଛନ୍ତି । ଧୋନି ୪୮ ଟେଷ୍ଟ ମ୍ୟାଚରେ ଏଭଳି କରିଥିବା ବେଳେ ପନ୍ତ ୩୬ତମ ଟେଷ୍ଟ ମ୍ୟାଚରେ ଏଭଳି କରି ଦେଖାଇଛନ୍ତି । ରିଷଭ ପନ୍ତ ଟେଷ୍ଟରେ ୱିକେଟକିପର ଭାବେ ୨୫୦୨ ରନ୍ କରିଥିବା ବେଳେ ମହେନ୍ଦ୍ର ସିଂ ଧୋନି ୨୪୯୬ ରନ୍ କରିଛନ୍ତି ।

# ପଡ଼ିଆରେ ଝଗଡ଼ା: ଜୈସୱାଲଙ୍କ ବିରୋଧରେ ଆଇସିସି ନେଲା କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ :** ଟିମ ଇଣ୍ଡିଆର ଟେଷ୍ଟ ଓପନର ଯଶସ୍ୱୀ ଜୈସୱାଲଙ୍କ ପାଇଁ ଖରାପ ଖବର। ଉତ୍ତେଜନାପୂର୍ଣ୍ଣ ଆଚରଣ ପାଇଁ ଜୈସୱାଲଙ୍କ ବିରୋଧରେ ହୋଇଛି କାର୍ଯ୍ୟାନୁଷ୍ଠାନ। ଶ୍ରୀଲଙ୍କାର ଦ୍ରୁତ ବୋଲର ଅସିଥା ଫର୍ଣ୍ଣାଣ୍ଡୋଙ୍କ ସହ ମୁହାଁମୁହିଁ ସ୍ଥିତି ପାଇଁ ଆଜି ଆଇସିସି ଜୈସୱାଲଙ୍କୁ ଦଣ୍ଡିତ କରିଛି। ତାଙ୍କ ମ୍ୟାଚ୍ ଫି’କୁ ଆଇସିସି ପକ୍ଷରୁ ୨୫% କାଟ କରାଯାଇଛି। ଏହି କାର୍ଯ୍ୟାନୁଷ୍ଠାନରୁ ଫର୍ଣ୍ଣାଣ୍ଡୋ ମଧ୍ୟ ବର୍ତ୍ତି ନାହାନ୍ତି। ଜୈସୱାଲଙ୍କ ଭଳି ତାଙ୍କ ମ୍ୟାଚ୍ ଫି’ ମଧ୍ୟ ୨୫% କାଟି ଦେଇଛି ଆଇସିସି। ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ଘଟିଥିଲା ପୂରା ଘଟଣା। ୪୪ ରନରେ ବ୍ୟାଟିଂ କରୁଥିବା ଜୈସୱାଲଙ୍କୁ ବୋଲ୍ଡ କରି ନାଲି ଆଖି ଦେଖାଇଥିଲେ ଫର୍ଣ୍ଣାଣ୍ଡୋ। ଏହାର ଜବାବ



ଦେବାକୁ ମଧ୍ୟ ପଛାଇ ନଥିଲେ ଜୈସୱାଲ। ସେ ସିଧା ଫର୍ଣ୍ଣାଣ୍ଡୋଙ୍କ ପାଖରେ ପହଞ୍ଚି ତାଙ୍କ ସହ ଯୁକ୍ତିତର୍କ କରିଥିଲେ। ଏପରି କି ତାଙ୍କ ସହ ମୁଣ୍ଡ ଲଢ଼େଇ କରିଥିଲେ। ମୁଣ୍ଡରେ ସେ ଫର୍ଣ୍ଣାଣ୍ଡୋଙ୍କୁ ହାଲୁକା ଧକ୍କା ବି ଦେଇଥିଲେ। ସ୍ଥିତି ବିଗୁଡ଼ୁ ଥିବାର ଦେଖି ଅନ୍ୟ ଖେଳାଳିମାନେ ହସ୍ତକ୍ଷେପ କରିଥିଲା। ଏଥିଯୋଗୁ ମାମଲା ଶାନ୍ତ ପଡ଼ିଥିଲା। କିନ୍ତୁ ପଡ଼ିଆ ଭିତରେ ଏପରି ଉତ୍ତେଜନାମୂଳକ ଆଚରଣ ପାଇଁ ଆଜି ଆଇସିସି ଉଭୟ ଜୈସୱାଲ ଓ ଫର୍ଣ୍ଣାଣ୍ଡୋଙ୍କ ବିରୋଧରେ କଡ଼ା ପଦକ୍ଷେପ ନେଇଛି। ଉଭୟଙ୍କ ମ୍ୟାଚ୍ ଫି’ କାଟ କରିବା ସହ ଗୋଟିଏ ଲେଖାଏ ଡିମେରିଟ୍ ପଏଣ୍ଟ ଦେଇଛି। ଉଭୟ ଆଇସିସି ଆଚରଣବିଧି ଲେଭଲ ୧ର ଉଲ୍ଲଙ୍ଘନ କରି ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଆଇସିସି ପକ୍ଷରୁ ଗୋଟିଏ ପ୍ରେସ ବିବୃତି ଜରିଆରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରି ଦିଆଯାଇଛି। ୨୪ ମାସର ଅବଧି ମଧ୍ୟରେ ଉଭୟ ଜୈସୱାଲ ଓ ଫର୍ଣ୍ଣାଣ୍ଡୋ ପ୍ରଥମଥର ଆଚରଣ ବିଧି ଉଲ୍ଲଙ୍ଘନ କରିଛନ୍ତି। ଉଭୟ ଖେଳାଳି ସେମାନଙ୍କ ବିରୋଧରେ ହୋଇଥିବା କାର୍ଯ୍ୟାନୁଷ୍ଠାନକୁ ଗ୍ରହଣ କରି ନେଇଛନ୍ତି। ତେଣୁ ମ୍ୟାଚ୍ ରେଫରୀ ଆଣ୍ଡୀ ପାୟକ୍ରଫ୍ଟ ନେଇଥିବା ନିଷ୍ପତ୍ତିର ବିଧିବଦ୍ଧ ଭାବେ ଶୁଣାଣି ହେବ ନାହିଁ।

## କେମରଙ୍କୁ ହରାଇ ଫାଇନାଲରେ ପ୍ରଜ୍ଞାନନ୍ଦା

**ନୂଆଦିଲ୍ଲୀ :** ଜର୍ମାନୀର ଗ୍ରାଣ୍ଡମାଷ୍ଟର ଭିନସ୍ଙ୍କେ କେମରଙ୍କୁ ପରାସ୍ତ କରି ଭାରତୀୟ ତାରକା ଆର. ପ୍ରଜ୍ଞାନନ୍ଦା ଗ୍ରାଣ୍ଡ ଚେସ୍ ଟୁରର ଚୂଡ଼ାନ୍ତ ଇଭେଣ୍ଟ ଫାଇନାଲର ନିକଟତର ହୋଇଛନ୍ତି। ପ୍ରଜ୍ଞାନନ୍ଦା ସେମିଫାଇନାଲ୍ ମ୍ୟାଚ୍‌ରେ ୯-୩ ପଏଣ୍ଟରେ ଆଗୁଆ ରହିଛନ୍ତି। ସେଣ୍ଟ ଲୁଇସ୍‌ରେ ଖେଳାଯାଇଥିବା ମୁକାବିଲାଟି ଆରମ୍ଭରୁ ରୋମାଞ୍ଚକ ରହିଥିଲା। ଧଳା ଘୋଡ଼ାରେ ଖେଳୁଥିବା ପ୍ରଜ୍ଞାନନ୍ଦାଙ୍କ ପ୍ରାରମ୍ଭିକ ଚାଲ୍‌ରେ କିଛି ତ୍ରୁଟି ଦେଖାଯାଇଥିଲା। କେମର ଏହାର ଫାଇଦା ଉଠାଇ ପ୍ରଜ୍ଞାନନ୍ଦାଙ୍କ ରାଜା ଉପରେ ଚାପ ବଢ଼ାଇଥିଲେ। ତେବେ କେମର ଏକ ରଣନୈତିକ ଭୁଲ୍ କରିବା ପରେ ଖେଳର ଗତି ଭାରତୀୟ ଗ୍ରାଣ୍ଡମାଷ୍ଟରଙ୍କ ସପକ୍ଷରେ ଯାଇଥିଲା। ଦ୍ୱିତୀୟ ଟାଇମ୍ କଣ୍ଟ୍ରୋଲ୍ ପରେ ପ୍ରଜ୍ଞାନନ୍ଦା ନିଜ ଆକ୍ରମଣକୁ ଆହୁରି ତୀବ୍ର କରିଥିଲେ। ସେ କେମରଙ୍କ ରାଜାକୁ ମାତ୍ ଦେବାର ଖୁବ୍ ନିକଟରେ ପହଞ୍ଚିବା ପରେ ୫୫ତମ ଚାଲ୍‌ରେ ଜର୍ମାନ ଖେଳାଳି ପରାଜୟ ସ୍ୱୀକାର କରିଥିଲେ। ଏହି ବିଜୟ ପରେ ୪.୫ ଲକ୍ଷ ଡଲାର ପୁରସ୍କାର ରାଶି ବିଶିଷ୍ଟ ଟୁର୍ଣ୍ଣାମେଣ୍ଟର ଫାଇନାଲକୁ ଯିବା ପାଇଁ ପ୍ରଜ୍ଞାନନ୍ଦା ଆଉ ମାତ୍ର ୬ ପଏଣ୍ଟ ଦୂରରେ ଅଛନ୍ତି। ଟୁର୍ଣ୍ଣାମେଣ୍ଟ ବିଜେତାଙ୍କ ପାଇଁ ୨ ଲକ୍ଷ ଡଲାର ପୁରସ୍କାର ରହିଛି। ଏହାପରେ ଆହୁରି ଦୁଇଟି ରାପିଡ୍ ଗେମ୍ ଖେଳାଯିବ। ରାପିଡ୍‌ରେ ଗୋଟିଏ ବିଜୟ ପାଇଁ ୪ ପଏଣ୍ଟ ମିଳିବ। ଏହାପରେ ୪ଟି ବ୍ଲିଜ୍ ଗେମ୍ ରହିଛି ଏବଂ ପ୍ରତ୍ୟେକ ବିଜୟ ପାଇଁ ୨ ପଏଣ୍ଟ ଦିଆଯିବ। ଏହି ହିସାବରେ ୯-୩ର ଅଗ୍ରଣୀ ପ୍ରଜ୍ଞାନନ୍ଦାଙ୍କୁ ଫାଇନାଲରେ ପହଞ୍ଚିବା ପାଇଁ ଦୃଢ଼ ସ୍ଥିତିରେ ରଖିଛି।

## ଏସୀୟ କ୍ରୀଡ଼ା ଟେନିସ ଦଳ ଚୟନରେ ବୋପନ୍ନାଙ୍କ ପ୍ରତିକ୍ରିୟା

**ନୂଆଦିଲ୍ଲୀ :** ଦୁଇ ଥର ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜେତା ରୋହନ ବୋପନ୍ନା ଆଗାମୀ ଏସୀୟ କ୍ରୀଡ଼ା ପାଇଁ ଭାରତୀୟ ଟେନିସ୍ ଦଳରେ କରାଯାଇଥିବା ପରିବର୍ତ୍ତନକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଲିଙ୍କଡଇନ୍‌ରେ ଏକ ବିବୃତି ଜାରି କରି ବୋପନ୍ନା ଏହି ଚୟନ ନିୟମର ସମ୍ଭାବ୍ୟ ପ୍ରଭାବକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଭାରତର ମହିଳା ଏକକରେ ଏକ ନମ୍ବର ଓ ଦୁଇ ନମ୍ବର ଖେଳାଳିଙ୍କ ସମେତ ୫ ଜଣ ଖେଳାଳି କଠିନ ପରିଶ୍ରମ କରି ନିଜର ମାନ୍ୟତା ହାସଲ କରିଛନ୍ତି। ଏଥିରେ କୌଣସି ସର୍ଟକଟ୍ କିମ୍ବା ବିଶେଷ ସୁବିଧା ନଥିଲା। ଏହି ଖେଳାଳିମାନେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗନେଇ, ଯୋଗ୍ୟତା ହାସଲ କରିବା ସହ ନିଜ ସ୍ଥାନ ପ୍ରମାଣ କରିଛନ୍ତି।

## ରାଙ୍କିଂରେ ନବମ ସ୍ଥାନରୁ ଉପରକୁ ଉଠିଛି ବାଂଲାଦେଶ

**ନୂଆଦିଲ୍ଲୀ :** ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଏକ ଇନିଂସ ଓ ୫୧ ରନ୍‌ରେ ପରାଜୟ ବରଣ କରିଛି ବାଂଲାଦେଶ । ତେବେ ଏହି ପରାଜୟ ସତ୍ତ୍ୱେ ଟେଷ୍ଟ ରାଙ୍କିଂରେ ଦଳ ହାସଲ କରିଛି ବଡ଼ ସଫଳତା । ଆଇସିସି ଟେଷ୍ଟ ଟିମ୍ ରାଙ୍କିଂରେ ତିନିଟି ସ୍ଥାନ ଉପରକୁ ଉଠି ବାଂଲାଦେଶ ଷଷ୍ଠ ସ୍ଥାନରେ ପହଞ୍ଚିଛି । ବାଂଲାଦେଶ ପ୍ରଥମ ଟେଷ୍ଟରେ ଅଷ୍ଟ୍ରେଲିଆକୁ ୯ ୱିକେଟ୍‌ରେ ପରାସ୍ତ କରିଥିଲା । ଏହି ଐତିହାସିକ ବିଜୟର ପ୍ରଭାବ ରାଙ୍କିଂରେ ଦେଖିବାକୁ ମିଳିଛି । ପ୍ରଥମ ଥର ପାଇଁ ଟେଷ୍ଟ ରାଙ୍କିଂରେ ନବମ ସ୍ଥାନରୁ ଉପରକୁ ଉଠିଛି ବାଂଲାଦେଶ । ଏବେ ପାକିସ୍ତାନ, ଶ୍ରୀଲଙ୍କା ଓ ୱେଷ୍ଟଇଣ୍ଡିଜ୍ ଭଳି ଦଳକୁ ପଛରେ ପକାଇ ଷଷ୍ଠ ସ୍ଥାନ ଦଖଲ କରିଛି । ଏହି ଉପଲବ୍ଧିକୁ ବଡ଼ ସଫଳତା ବୋଲି କହିଛନ୍ତି ବାଂଲାଦେଶ ଟେଷ୍ଟ ଅଧିନାୟକ ନଜମୁଲ ହୁସେନ ଶାନ୍ତୋ । ଦ୍ୱିତୀୟ ଟେଷ୍ଟ ପରେ ସେ କହିଛନ୍ତି, ଟେଷ୍ଟ ରାଙ୍କିଂରେ ଷଷ୍ଠ ସ୍ଥାନ ହାସଲ କରିବା ନିଶ୍ଚିତ ଭାବେ ଏକ ବଡ଼



ଉପଲବ୍ଧି । ତେବେ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଦଳ ଆହୁରି ଭଲ ପ୍ରଦର୍ଶନ କରିପାରିଥାନ୍ତା ବୋଲି ସେ କହିଛନ୍ତି । ଦୀର୍ଘ ବ୍ୟବଧାନ ପରେ ଅଷ୍ଟ୍ରେଲିଆ ମାଟିରେ ଟେଷ୍ଟ ଖେଳିବାର ସୁଯୋଗ ପାଇଛି ବାଂଲାଦେଶ । ଶାନ୍ତୋଙ୍କ ମତରେ, ଅଷ୍ଟ୍ରେଲିଆ ଭଳି କଠିନ ପରିବେଶରେ ନିୟମିତ ଟେଷ୍ଟ ଖେଳିଲେ ଖେଳାଳିମାନେ ସେଠାକାର ପରିସ୍ଥିତି ସହ ଅଭ୍ୟସ୍ତ ହୋଇପାରିବେ । ଏହା ଦଳକୁ ଭବିଷ୍ୟତରେ ଆହୁରି ଭଲ ପ୍ରଦର୍ଶନ କରିବାରେ ସହାୟକ ହେବ ।

# କଲୋମ୍ବୋ ଟେଷ୍ଟ : ୫୦୩ରେ ଭାରତର ପାଳି ଘୋଷଣା, ଶ୍ରୀଲଙ୍କା ୮/୨

**ନୂଆଦିଲ୍ଲୀ :** ଭାରତ ନିୟନ୍ତ୍ରଣରେ କଲୋମ୍ବୋ ଟେଷ୍ଟ। ପ୍ରଥମ ଦିନରେ ଦେବଦତ୍ତ ପଡିକ୍କଲ ଓ ଦ୍ୱିତୀୟରେ ଶତକ ମାରିଛନ୍ତି ଧ୍ରୁବ ଜୁରେଲ। ପ୍ରଥମ ଦିନରେ ରିଟାୟର୍ଡ ହର୍ଟ ହୋଇଥିବା ଋଷଭ ପନ୍ତ ବି ଆଜି ଖେଳିଛନ୍ତି ୬୩ ରନର ଦମଦାର ଇନିଂସ। ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସରେ ଭାରତ ୯ ୱିକେଟ ହରାଇ ୫୦୩ ରନ କରିବା ପରେ ପାଳି ଘୋଷଣା କରିଛି। ଭାରତ ପାଳି ଘୋଷଣା କରିବା ପରେ ଶ୍ରୀଲଙ୍କା ଦ୍ୱିତୀୟ ଦିନରେ ୩ ଓଭର ବ୍ୟାଟିଂ କରିଛି। କିନ୍ତୁ ଘରୋଇ ଟିମ ୮ ରନରେ ୨ ୱିକେଟ ହରାଇ ଦେଇଛି। ଶ୍ରୀଲଙ୍କା ଦ୍ୱିତୀୟ ୱିକେଟ ଦିବସର ଶେଷ ବଲରେ ହରାଇବା ଘରୋଇ ଦର୍ଶକଙ୍କୁ ନିରାଶ କରିଛି। ଷ୍ଟମ୍ପ ଅପସାରଣ ବେଳକୁ କେବଳ କାମିଲ ମିଶରା ୫ ରନ କରି ଅପରାଜିତ ରହିଛନ୍ତି। ଭାରତ ପାଇଁ ପ୍ରସିଦ୍ଧ କ୍ରିଷ୍ଣା ଓ ମାନବ ସୁତାର ଗୋଟିଏ ଲେଖାଏ ୱିକେଟ ନେଇଛନ୍ତି। ପ୍ରଥମ ଦିନରେ ପାଡିକ୍କଲଙ୍କ ୧୧୭ ରନ ଯୋଗୁ ଭାରତ ଖେଳ ଶେଷ ସୁଦ୍ଧା ୫ ୱିକେଟ ହରାଇ ୩୦୦ ରନ କରିଥିଲା। ଆଜି ଜୁରେଲ ୭ ରନ ଓ ଡେବ୍ୟୁଟାଣ୍ଟ ସାରାଂଶ ଜୈନ ୪ ରନରୁ ନିଜର ଇନିଂସ ଆରମ୍ଭ କରିଥିଲେ। କିନ୍ତୁ ସାରାଂଶ କେବଳ ଆଉ ୨ ରନ କରି ପ୍ୟାଭିଲିୟ ଫେରିଥିଲେ। ଆଉ ଏହାପରେ ଆସିଥିଲେ ପନ୍ତ। ସେ ଜୁରେଲଙ୍କ ସହ ମିଶି ଦଳୀୟ ସ୍କୋର ଆଗକୁ ନେଇଥିଲେ। ଉଭୟ ଦ୍ରୁତଗତିରେ ରନ ସଂଗ୍ରହ କରି ନିଜ ନିଜର ଅର୍ଦ୍ଧଶତ ହାସଲ କରିଥିଲେ। ଦଳୀୟ ସ୍କୋରକୁ ୪୦୦ ପାର କରାଇ ଦେଇଥିଲେ। ହେଲେ ଲଞ୍ଚ ପରେ ବଡ଼ ଶଟ ଖେଳିବାକୁ ଯାଇ ୬୩ ରନରେ ଆଉଟ ହୋଇଥିଲେ ପନ୍ତ। ପନ୍ତ ଆଉଟ ହେବା ବେଳକୁ ଦଳୀୟ ସ୍କୋର ୪୧୯ ଥିଲା। ଏହି ଠାରୁ ସ୍ଥିତି ସମ୍ଭାଳିଥିଲେ ଜୁରେଲ। ପ୍ରଥମେ ସେ ମାନବ ସୁତାରଙ୍କ ସହ ମିଶି ନିଜର ଶତକ ଅଭିମୁଖେ ଯାଇଥିଲେ। ଭାରତ ମଧ୍ୟ ଦୃଢ଼ ସ୍ଥିତିରେ ପହଞ୍ଚି ଯାଇଥିଲା। କିନ୍ତୁ ଜୁରେଲ ୯୫ ରନରେ ଥିବା ବେଳେ ବର୍ଷା ହୋଇଥିଲା। ମାନବ ମଧ୍ୟ ୧୮ ରନ କରି ଆଉଟ ହୋଇ



ଯାଇଥିଲେ। ଗୋଟିଏ ପଟେ ବର୍ଷା ଓ ଆଉ ଗୋଟିଏ ପଟେ ମାତ୍ର ୨ଟି ୱିକେଟ ଥିବାରୁ ଜୁରେଲଙ୍କ ଶତକ ପୂରଣ ନେଇ ଆଶଙ୍କା ପ୍ରକାଶ ପାଇଥିଲା। ହେଲେ ମହମ୍ମଦ ସିରାଜ ତାଙ୍କୁ ଭରପୂର ସାଥ ଦେଇଥିଲେ। କିଛି ସମୟ ପରେ ବର୍ଷା ମଧ୍ୟ ଛାଡ଼ ଯାଇଥିଲା। ବର୍ଷା ଛାଡ଼ି ଖେଳ ଆରମ୍ଭ ହେବା ମାତ୍ରେ ଜୁରେଲ ନିଜ ଟେଷ୍ଟ କ୍ୟାରିୟରର ଦ୍ୱିତୀୟ ଟେଷ୍ଟ ଶତକ ହାସଲ କରିଥିଲେ। ଶତକ ହାସଲ କରିବା ମାତ୍ରେ ତାଙ୍କ ବ୍ୟାଟରୁ ଦେଖିବାକୁ ମିଳିଥିଲା ଛକା। କିନ୍ତୁ ପରବର୍ତ୍ତୀ ଓଭରର ପ୍ରଥମ ବଲରେ ୩ ରନ କରିଥିବା ମହମ୍ମଦ ସିରାଜ ଆଉଟ ହୋଇଯାଇଥିଲେ। କିନ୍ତୁ ସେ ୨୯ଟି ବଲର ସାମ୍ନା କରି ଜୁରେଲଙ୍କ ଶତକ ପୂରଣରେ ସହାୟତା କରିଥିଲେ। ସିରାଜ ଆଉଟ ହେବା ପରେ ଜୁରେଲ କିଛି ବଡ଼ ଶଟ ଖେଳି ଦଳୀୟ ସ୍କୋରକୁ ୫୦୦ ପାର କରିଥିଲେ। ଦଳୀୟ ସ୍କୋର ୪୯୯ ରନ ଥିବା ବେଳେ ପ୍ରସିଦ୍ଧ କ୍ରିଷ୍ଣାଙ୍କ ବ୍ୟାଟ୍‌ରୁ ଦେଖିବାକୁ ମିଳିଥିଲା ଚୌକା। ଏହି ଚୌକା ସହ ଭାରତର ସ୍କୋର ୫୦୦ ପାର କରିଥିଲା। ଭାରତ ୫୦୩/୯ ସ୍ଥିତିରେ ଥିବା ବେଳେ ଅଧିନାୟକ ଶୁବମନ ଗିଲ୍ ପାଳି ଘୋଷଣା କରିଥିଲେ। ଏହି ସମୟରେ ଜୁରେଲ ୧୧୫ ରନ କରିଥିଲେ। ଭାରତ ପାଳି ଘୋଷଣା କରିବାରୁ ଶ୍ରୀଲଙ୍କାକୁ ଦ୍ୱିତୀୟ ଦିନରେ ୩ ଓଭର ବ୍ୟାଟିଂ କରିବାକୁ ପଡ଼ିଥିଲା। ହେଲେ ଦ୍ୱିତୀୟ ଓଭରର ପ୍ରଥମ ବଲରେ ପ୍ରସିଦ୍ଧ ୧ ରନ କରିଥିବା ଲାହିରୁ ଉଦାରାଙ୍କୁ ଆଉଟ କରିଥିଲେ। ଶ୍ରୀଲଙ୍କା ୧ ରନରେ ପ୍ରଥମ ୱିକେଟ ହରାଇଥିଲା। ଖେଳ ସରିବାକୁ ୧୦ଟି ବଲ ବାକି ଥିବାରୁ ଶ୍ରୀଲଙ୍କା ନାଇଟ ୱାଚମ୍ୟାନ ଭାବେ ପ୍ରଭତ ଜୟସୁରିୟାଙ୍କୁ ପଠାଇଥିଲା। ସେ ମଧ୍ୟ ୬ଟି ବଲ ସାମ୍ନା କରି ୨ ରନ କରିଥିଲେ। କିନ୍ତୁ ଦିବସର ଶେଷ ବଲରେ ମାନବ ସୁତାର ତାଙ୍କୁ ଆଉଟ କରି ସବୁ କିଛି ଓଲଟପାଲଟ କରି ଦେଇଛନ୍ତି। ଏବେ ଶ୍ରୀଲଙ୍କା ଭାରତ ପ୍ରଥମ ଇନିଂସ ଠାରୁ ଆହୁରି ୪୯୫ ରନ ଦୂରରେ ରହିଛି।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra
Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085(News)
ସମ୍ପାଦକ: ନିରଞ୍ଜନ ପାତ୍ର
Editor: Niranjan Patra





## ଶ୍ରୀସିଦ୍ଧବଳଦେବଜୀଉ ସାଂସ୍କୃତିକ ପରିଷଦ ପକ୍ଷରୁ ପ୍ରତିଯୋଗିତା



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଜନ୍ମୋତ୍ସବ ଓ ରସାବଳୀ ଦିବସ ପାଳନ ଉପଲକ୍ଷେ ଶ୍ରୀ ସିଦ୍ଧ ବଳଦେବଜୀଉ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ବିଭିନ୍ନ ସାଂସ୍କୃତିକ ତଥା ଅଧ୍ୟାତ୍ମିକ ପ୍ରତିଯୋଗିତା ଯଥା ନୃତ୍ୟ, ସଂଗୀତ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରଭୃତି ପ୍ରତିଯୋଗିତା ବଳଦେବ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ନିମ୍ନମାଧ୍ୟମିକ, ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀମାନଙ୍କୁ ଆସନ୍ତା ୨୭ତାରିଖ ରେ ଶ୍ରୀବଳଦେବଜୀଉଙ୍କ ଜନ୍ମଦିବସ ଓ ରସାବଳୀ ଦିବସ ପାଳନ ଉତ୍ସବରେ ଇଚ୍ଛାପୁରସ୍ଥିତ ଯାତ୍ରୀନିବାସରେ ପୁରସ୍କୃତ କରାଯିବ। ସେହି ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲାପାଳ ରଘୁରାମ ଆର. ଆୟର, ପ୍ରାକ୍ତନ ପାଣିପାଗ ନିର୍ଦ୍ଦେଶକ ଡ. ଶରତ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ଆଇ.ଏ.ଏସ. ଅଲେଖ ଚନ୍ଦ୍ର ପଢିଆରୀ, ଡ. ହରିହର କାନୁନଗୋ, ପ୍ରାକ୍ତନ ଅଧ୍ୟକ୍ଷ ଡ. ବଳରାମ ଲେଙ୍କା ପ୍ରମୁଖ ଅତିଥି ଭାବେ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ପରିଷଦର ସଭାପତି ରାଜେଶ ମହାନ୍ତି, ଉପସଭାପତି ଆଶିଷ ମେକାପ ଓ ଜାନକୀବଲ୍ଲଭ ସାମନ୍ତରାୟ, ସମ୍ପାଦକ ଉମାଶଙ୍କର ଜେନା, କାର୍ଯ୍ୟକାରୀ ସଭାପତି ପ୍ରମୋଦ ନାୟକ, କୋଷାଧ୍ୟକ୍ଷ ଗୋଲଖ ଚନ୍ଦ୍ର ପଢିଆରୀଙ୍କ ସମେତ ସଭ୍ୟସଭ୍ୟାମାନେ ଉପସ୍ଥିତ ରହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

## ଉତ୍ତରା ବରିଷ୍ଠ ନାଗରିକ ମଞ୍ଚର ତାଳ ଚାରାରୋପଣ



**ବାଲିଅନ୍ତା (ଅମୃତ ମିଡିଆ) :** ପରିବେଶ ସୁରକ୍ଷା ଓ ଜନସୁରକ୍ଷା ପାଇଁ ଉତ୍ତରା ବରିଷ୍ଠ ନାଗରୀକ ମଞ୍ଚ ପକ୍ଷରୁ ଆଜି ତାଳ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଭଳି ଏକ ଅଭିନବ ପ୍ରୟାସ କରି ସମସ୍ତଙ୍କ ଉଦାହରଣ ପାଲଟିଛନ୍ତି ବରିଷ୍ଠ ନାଗରୀକ। ଅବସର ପରେ କିମ୍ବା ବୟସର ଅପରାହ୍ନରେ ମଧ୍ୟ ସେମାନେ ଥକି ନ ପଡି ଏଭଳି ଜନହିତକର କାର୍ଯ୍ୟ କରୁଛନ୍ତି ବୋଲି ଅଞ୍ଚଳବାସୀ ଭୁୟସୀ ପ୍ରଂଶସା କରିଥିଲେ। ତାଳ ଗଛ ଆମ ପରିବେଶ, ଜୈବବିବିଧତା, ମୃତ୍ତିକା ସଂରକ୍ଷଣ ଏବଂ ଗ୍ରାମୀଣ ଅର୍ଥନୀତି ପାଇଁ ଏକ ଅତ୍ୟନ୍ତ ଉପଯୋଗୀ ବୃକ୍ଷ। ବିଶେଷକରି ବଜ୍ରପାତ ପ୍ରବଣ ଅଞ୍ଚଳରେ ତାଳ ଗଛର ବ୍ୟାପକ ରୋପଣ ଜନସୁରକ୍ଷା ଦୃଷ୍ଟିରୁ ମଧ୍ୟ ଗୁରୁତ୍ୱ ବହନ କରେ ବୋଲି ବରିଷ୍ଠ ନାଗରୀକ ମାନେ ମତପ୍ରକାଶ କରିଛନ୍ତି। ଏହି ଉପଯୋଗୀ ବୃକ୍ଷର ଗୁରୁତ୍ୱକୁ ଅନୁଭବ କରି ଉତ୍ତରା ଜଳସମ୍ପଦ ବିଭାଗ ସାଇଫନ କେନାଲ ବନ୍ଧ ପାର୍ଶ୍ୱରେ ୧୫୦ଟି ତାଳ ଚାରା ରୋପଣ କରାଯାଇଛି। ମଞ୍ଚର ସଭାପତି ଡ଼. ଅମରେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ତାଳ ଗଛ ଏକ ଦୀର୍ଘଜୀବୀ ଓ ବହୁମୁଖୀ ଉପକାରୀ ବୃକ୍ଷ। ଏହାର ମୂଳ ମାଟିକୁ ଦୃଢ଼ ଭାବେ ଧରି ରଖିବାରେ ସହାୟକ ହୋଇଥିବାରୁ କେନାଲ ବନ୍ଧ, ନଦୀବନ୍ଧ ଓ ପୋଖରୀ ହୁଡ଼ା ଆଦିରେ ମୃତ୍ତିକା କ୍ଷୟ ରୋକିବାରେ ଏହାର ଭୂମିକା ରହିଛି। ତାଳ ଗଛ ବଜ୍ରପାତ ପ୍ରବଣ ଅଞ୍ଚଳରେ ମଧ୍ୟ ଏକ ପ୍ରାକୃତିକ ଉଚ୍ଚ ବୃକ୍ଷ ଭାବେ ଉପକାରୀ ହୋଇଥାଏ। ତାଳ ଗଛର ଫଳ, ତାଳସଜ, ତାଳରସ, ନୀରା ଓ ତାଳଗୁଡ଼ ଆଦି ଗ୍ରାମୀଣ ଅର୍ଥନୀତିରେ ଆୟର ଉତ୍ସ ସୃଷ୍ଟି କରିଥାଏ। ଏହାର ପତ୍ର ଓ କାଠ ବିଭିନ୍ନ ଘରୋଇ ଓ ହସ୍ତଶିଳ୍ପ ସାମଗ୍ରୀ ପ୍ରସ୍ତୁତିରେ ବ୍ୟବହୃତ ହୁଏ। ଏଥିସହିତ ତାଳ ଗଛ ବାୟା ଚଢ଼େଇ ସମେତ ବିଭିନ୍ନ ପକ୍ଷୀଙ୍କୁ ବାସସ୍ଥାନ ଯୋଗାଇ ଜୈବବିବିଧତା ସୁରକ୍ଷାରେ ମଧ୍ୟ ଅବଦାନ ରଖେ। ଏହି ଅବସରରେ ମଞ୍ଚର ସଭ୍ୟ ଶିବ ପ୍ରସାଦ ସାହାଣୀ, ଜଇରାମ ବିଶ୍ୱାଳ, ପ୍ରଭାତ ଚନ୍ଦ୍ର ସାହୁ, ରବିନାରାୟଣ ପାତ୍ର, ରାଜେନ୍ଦ୍ର କୁମାର ଦାଶ, ଶଙ୍କର ମୁଦୁଲି, ସଞ୍ଜୟ କୁମାର ଆଚାର୍ଯ୍ୟ, ପୂର୍ଣ୍ଣଚନ୍ଦ୍ର ମୁଦୁଲି, ବିଜୟଲକ୍ଷ୍ମୀ ଦାଶ, ଜଳନ୍ଧର ଜେନା, ତ୍ରିନାଥ ସାମନ୍ତରାୟ, ତ୍ରିନାଥ ପରିଡ଼ା, ଗଣେଶ୍ୱର ଶାସମଲ, କୃଷ୍ଣଚନ୍ଦ୍ର କର ଓ ସୀତାକାନ୍ତ ସାମଲ ପ୍ରମୁଖ ଉପସ୍ଥିତ ରହି ଚାରା ରୋପଣରେ ସହଯୋଗ କରିଥିଲେ। ଗୋଟିଏ ତାଳ ଗଛ—ପରିବେଶ ପାଇଁ ଆଶୀର୍ବାଦ, ଆଗାମୀ ପିଢ଼ି ପାଇଁ ସୁରକ୍ଷା। ଉତ୍ତରା ବରିଷ୍ଠ ନାଗରିକ ମଞ୍ଚର ଏହି ପଦକ୍ଷେପ ପରିବେଶ ସୁରକ୍ଷା ସହିତ ଆଗାମୀ ପିଢ଼ି ପାଇଁ ଏକ ସବୁଜ ଓ ସୁସ୍ଥ ପରିବେଶ ଗଠନରେ ନିଶ୍ଚିତ ଭାବେ ଏକ ସ୍ମରଣୀୟ ଅବଦାନ ହୋଇ ରହିବ।

## ନିର୍ମାଣ ଅନୁଷ୍ଠାନ ପକ୍ଷରୁ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ନେଇ ଆଲୋଚନାଚକ୍ର



**ବାଲିଅନ୍ତା (ଅମୃତ ମିଡିଆ) :** ବାଳକାଟି ସ୍ଥିତ ନିର୍ମାଣ ଶିକ୍ଷା ଅନୁଷ୍ଠାନ ଓ 'ଅରଟେକ୍ ଆଇ.ଟି.ଆଇ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ, ଶୃଙ୍ଖଳା ଏବଂ ସର୍ବାଙ୍ଗୀନ ବିକାଶ ନିମନ୍ତେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ ସିଦ୍ଧେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିକ୍ଷକ, ଅଭିଭାବକ ଏବଂ ଛାତ୍ରଛାତ୍ରୀମାନେ ଅନୁଷ୍ଠାନକୁ ଅଧିକ ଶୃଙ୍ଖଳିତ ଏବଂ ପ୍ରତିଯୋଗିତାମୂଳକ କରିବା ପାଇଁ ସୁଚିନ୍ତିତ ନିୟମାବଳୀ ପ୍ରଣୟନ କରାଯାଇଛି। ଯାହାକୁ ଶିକ୍ଷାପ୍ରେମୀ ଓ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି। ବିଶେଷ କରି ଏଠାରେ ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ଫି' ପ୍ରଦାନ କରି ଆଇ.ଟି.ଆଇ ପାଠ୍ୟକ୍ରମ ସହିତ ମାତ୍ର ଗୋଟିଏ ବର୍ଷ ମଧ୍ୟରେ +୨ ( କଳା ବା ବାଣିଜ୍ୟ) ଉତ୍ତୀର୍ଣ୍ଣ ହେବାର ସୁବିଧା ପାଇପାରିବେ। ଏହି ସମନ୍ୱିତ ବ୍ୟବସ୍ଥା ଦ୍ୱାରା ପିଲାମାନେ ସମାନ ସମୟ ମଧ୍ୟରେ ଉଭୟ ବୈଷୟିକ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ହାସଲ କରି ସ୍ୱାବଲମ୍ବୀ ହେବାର ଅନନ୍ୟ ସୁଯୋଗ ପାଉଛନ୍ତି। ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଶୃଙ୍ଖଳା, ସମୟାନୁବର୍ତ୍ତିତା ଏବଂ ସଠିକ୍ ମାର୍ଗଦର୍ଶନ ରହିଲେ ହିଁ ପିଲାମାନଙ୍କର ପ୍ରକୃତ ବ୍ୟକ୍ତିତ୍ୱ ବିକାଶ ସମ୍ଭବ ହୋଇପାରିବ। ଅନୁଷ୍ଠାନ ପକ୍ଷରୁ ଏହି ସକାରାତ୍ମକ ପ୍ରୟାସ ପିଲାମାନଙ୍କୁ ଭବିଷ୍ୟତରେ ଜଣେ ଦାୟିତ୍ୱସମ୍ପନ୍ନ, କୁଶଳୀ ଏବଂ ସଫଳ ବୃତ୍ତିଗତ ଭାବେ ଗଢ଼ିତୋଳିବାରେ ନିଶ୍ଚିତ ଭାବେ ସହାୟକ ହେବ ବୋଲି ଉପସ୍ଥିତ ସମସ୍ତ ଅଧ୍ୟାପକ ଓ ଅଭିଭାବକ ମାନେ ମତପ୍ରକାଶ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମନୋଜ ବରାଳ, ସଞ୍ଜୟ ସାହୁ, ଆୟୁଷମତି ବେହେରା, ସସ୍ମିତା ରଥ, ପ୍ରଶାନ୍ତି ଦାଶ, ନିହାର ନାୟକ, ବାସୁଦେବ ଆଚାର୍ଯ୍ୟ ଏବଂ ନିତ୍ୟରଞ୍ଜନ ପାଢ଼ୀ ଉପସ୍ଥିତ ଥିଲେ।

## ସମୀର ଟିଭିଏସ ପକ୍ଷରୁ ଆଳି ବନ୍ୟାଞ୍ଚଳରେ ରିଲିଫ ବଣ୍ଟନ



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ସମୀର ଟିଭିଏସ ପକ୍ଷରୁ ଆଳି ବ୍ଲକର ବନ୍ୟାପ୍ଲାବିତ ଅଞ୍ଚଳରେ ଶୁଖିଲା ଖାଦ୍ୟ, ମହମବତୀ. ଦିଆସିଲି, ଫିନାଇଲ, ବ୍ଲିଚିଂ ପାଉଡର ପ୍ରଭୃତି ବଣ୍ଟନ କରାଯାଇଛି। ସମୀର ଟିଭିଏସର ନିର୍ଦ୍ଦେଶକ ସମାଜସେବୀ ସମୀର କୁମାର ଚାନ୍ଦଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ କେନ୍ଦ୍ରାପଡାରୁ ଯାଇ ଆଳି ବ୍ଲକ ଅଧିନ ନରେନ୍ଦ୍ରପୁର ପଞ୍ଚାୟତର ବିଭିନ୍ନ ସ୍ଥାନରେ ବନ୍ୟାଘେରରେ ଥିବା ବନ୍ୟା ପ୍ରପିଡିତମାନଙ୍କୁ ଚୁଡା, ମୁଢି, ବିସ୍କୁଟ, ଅମୁଲ ପ୍ୟାକେଟ,ଆଳୁ, ଓଆରଏସ ପ୍ରଭୃତି ଥିବା ପ୍ୟାକେଟ ସହିତ ଅମୃତଞ୍ଜନ, ମଷାଧୂପ, ମହମବତୀ, ଦିଆସିଲି, ଫିନାଇଲ, ବ୍ଲିଚିଂ ପାଉଡର ଓ ପିଲାମାନଙ୍କୁ କୁରକୁରେ ପ୍ୟାକେଟ ପ୍ରଭୃତି ବଣ୍ଟନ କରିଥିଲା। ଏଥିରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ବଂଶୀଧର ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସ, କୁଳମଣୀ ଲେଙ୍କା ଉପସ୍ଥୀତ ଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ଆଳି ଟିଭିଏସ ଶୋରୁମର ସୌଭାଗ୍ୟରଞ୍ଜନ ନାୟକ, ସମୀର ଟିଭିଏସ, କେନ୍ଦ୍ରାପଡାର ଦୀପକ ସାମଲ, ଅନିଜା ଜେନା, କ୍ଷିତିଶ ପରିଡା, ସେକ ଅମୃତ, ଲକ୍ଷ୍ମୀପ୍ରିୟା ମହାପାତ୍ର, ବଳରାମ ସେଠୀ ପ୍ରମୁଖ ସହାୟତା କରିଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ଏହି ଅନୁଷ୍ଠାନ ବିଭିନ୍ନ ସମୟରେ ଗରିବଲୋକମାନଙ୍କୁ ସହାୟତା ପ୍ରଦାନ କରିବା ସହ ଜନସଚେତନତା ପାଇଁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ମାନ ଆୟୋଜନ କରିଥାଏ।

# କମୁଛି ବନ୍ୟାଜଳ, ବଢୁଛି ଦୁର୍ଦ୍ଦଶା

## ୨ ଶହ ଗ୍ରାମ୍ ଚୁଡାରେ ୭ ଦିନ : ବିପନ୍ନଙ୍କୁ ଉପହାସ



### ରିଲିଫ ବଣ୍ଟନରେ ପ୍ରଶାସନ ଫେଲ୍

**ଦଶରଥପୁର (ଅମୃତ ମିଡିଆ) :** ବୈତରଣୀ ଓ ଏହାର ଶାଖା ନଦୀ କାଣୀର ପ୍ରକୋପରେ ଦଶରଥପୁର ବ୍ଲକର ୧୯ ଗୋଟି ପଞ୍ଚାୟତର ୧ ଲକ୍ଷରୁ ଉର୍ଦ୍ଧ ଜନସାଧାରଣଙ୍କ ଜନଜୀବନ ବ୍ୟତିବ୍ୟସ୍ତ ହୋଇପଡିଛି। ଏଥି ସହିତ ବାସହରା ହୋଇଛନ୍ତି ୨୩.୭୦୦ ଗୃହ ପାଳିତ ପଶୁପକ୍ଷୀ। ହଜାର ହଜାର ସଂଖ୍ୟାରେ କଚ୍ଚା ଘର ମାଟିରେ ମିଶିଥିବା ବେଳେ ଶହ ଶହ ହେକ୍ଟର ଚାଷ ଜମୀ ଉଜୁଡି ଯାଇଛି। ସେହିପରି ବନ୍ୟା ଜଳରେ ଭାସି ଯାଇ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ସାପ କାମୁଡ଼ାରେ ୨ ଜଣଙ୍କର ମଧ୍ୟ ମୃତ୍ୟୁ ଘଟିଛି। ବନ୍ୟାର ୯ ଦିନ ପରେ ବନ୍ୟା ଜଳ ସାମାନ୍ୟ ହ୍ରାସ ପାଇଥିଲେ ସୁଦ୍ଧା ବିପନ୍ନ ଙ୍କ ଅବସ୍ଥାରେ କୌଣସି ପରିବର୍ତ୍ତନ ଘଟିନାହିଁ। ଡୋବାବିଲ ଠାରେ ଥିବା ମୁକୁଳା ଘାଇ ଦେଇ ଅନବରତ ବନ୍ୟଜଳ ପ୍ରବେଶ ଜାରି ରହିଥିବା ବେଳେ କେତେବେଳେ ଯେ ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ପାଇ ପୁନଶ୍ଚ ଦଶରଥପୁର ବାସୀଙ୍କ ପାଇଁ ବିପଦ ଆଣିବ ସେହି ଆଶା ଆଶଙ୍କାରେ ଦଶରଥପୁର ବାସୀ ଭୟଭୀତ ଅବସ୍ଥା ରେ କାଳାତିପାତ କରୁଛନ୍ତି। ସେହିପରି ବିପନ୍ନଙ୍କ ପାଇଁ କେତେକ ସ୍ଥାନରେ ରନ୍ଧା ଖାଦ୍ୟର ବ୍ୟବସ୍ଥା ହୋଇଥିବା ବେଳେ ଶୁଖିଲା ଖାଦ୍ୟ ଓ ସ୍ୱଚ୍ଛ ପାନୀୟ ଜଳ, ଶୌଚାଳୟ ସମସ୍ୟାରେ ସେମାନେ ଜର୍ଜରିତ ହେଉଛନ୍ତି। ବନ୍ୟାଜଳ ଦୀର୍ଘଦିନ ଧରି ଜମି ରହିବା, ଦୂଷିତ ପାଣି ବ୍ୟବହାର ଓ ଖାଦ୍ୟାଭାବ ଯୋଗୁଁ ବନ୍ୟାଞ୍ଚଳରେ ଲୋକଙ୍କ ସ୍ୱାସ୍ଥ୍ୟସ୍ଥିତି ଧୀରେଧୀରେ ବିଗୁଡ଼ିବା ଆରମ୍ଭ କରିଛି। ଜ୍ୱର, ଥଣ୍ଡା ସମସ୍ୟା, ପାଦ ଖାଇଯିବା ଓ ଗୋଡ଼ କୁଣ୍ଡେଇ ରାମ୍ପି ହେବା ଭଳି ସମସ୍ୟା ନେଇ ଲୋକେ ଚିନ୍ତିତ ଅଛନ୍ତି। ସେହିପରି ଚଳିତ ଥର ବନ୍ୟାରେ ବିପନ୍ନମାନଙ୍କୁ ଗତ ୧୮ତାରିଖରେ ମୁଣ୍ଡ ପିଛା ୨ ଶହ ଗ୍ରାମ ଲେଖାଏ ଚୁଡା ଯୋଗାଇ ଦିଆଯାଇଥିଲା। ଇତି ମଧ୍ୟରେ ୭ ଦିନ ହେବାକୁ ବସିଥିବା ବେଳେ ମାତ୍ର ୨ ଶହ ଗ୍ରାମ ଚୁଡାରେ କିପରି ବିପନ୍ନ ସେମାନଙ୍କର ଜୀବନ ନିର୍ବାହ କରିବେ ତାହା ପ୍ରଶାସନର ପରିବା ପଣିଆ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେଣୁ ଜିଲ୍ଲାପାଳ ତୁରନ୍ତ ବିପନ୍ନଙ୍କୁ ଶୁଖିଲା ଖାଦ୍ୟ, ପିଇବା ପାଣି, ଔଷଧ ଆଦିର ବ୍ୟବସ୍ଥା କରିବାକୁ ଅଂଚଳବାସୀ ଦାବୀ କରିଛନ୍ତି।



## ହାଇୱା ଧକ୍କାରେ ଯୁବତୀ ଆହତ

### ହାଇୱା ଜବତ, ଚାଳକ ଅଟକ

**ବାଲିଅନ୍ତା (ଅମୃତ ମିଡିଆ) :** ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ଲିଙ୍ଗିପୁର ଟ୍ରାଫିକ ଛକ ନିକଟରେ ଏକ ହାଇୱା ଧକ୍କାରେ ଜଣେ ଯୁବତୀ ଆହତ ହୋଇଛନ୍ତି। ଆହତ ଯୁବତୀ ହେଲେ କେନ୍ଦ୍ରାପଡା ଅଞ୍ଚଳର ଲକ୍ଷ୍ମୀପ୍ରିୟା ବେହେରା। ଲକ୍ଷ୍ମୀପ୍ରିୟା ସାଲିଆସାହିରେ ଭଡାରେ ରହୁଥିବା ଜଣାପଡିଛି। ଖବରନେବାରେ ଜଣାପଡିଛି ଆଜି ମଧ୍ୟାହ୍ନ ପ୍ରାୟ ୧ ଟାରେ ଲକ୍ଷ୍ମୀପ୍ରିୟା ବାଇପାସ ଦେଇ ଭଡା ଘରକୁ ଫେରୁଥିଲେ। ଏହି ସମୟରେ ଲିଙ୍ଗିପୁର ଟ୍ରାଫିକ ଛକ ନିକଟରେ ଏକ ହାଇୱା ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଲକ୍ଷ୍ମୀପ୍ରିୟା ତଳେ ପଡିଯାଇଥିବା ବେଳେ ହାଇୱା ପଛ ଚକା ତାଙ୍କ ଗୋଡ଼ ଉପରେ ଚଢି ଯାଇଥିଲା। ଦୁର୍ଘଟଣା ଦେଖି ସେଠାରେ କାର୍ଯ୍ୟରତ ଟ୍ରାଫିକ ପୁଲିସ ଧଉଳି ଥାନା ପୁଲିସ ପହଞ୍ଚି ଲକ୍ଷ୍ମୀପ୍ରିୟାଙ୍କୁ ଉଦ୍ଧାର କରି ରାଜଧାନୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏଥିସହ ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

## ମାତୃ ନୀଳୟମର ପ୍ରତିଷ୍ଠା ଦିବସ



**ବଡ଼ଚଣା (ଅମୃତ ମିଡ଼ିଆ) :** ଛତିଆ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ମାତୃ ନିଳୟମ ର ୨୯ ତମ ପ୍ରତିଷ୍ଠା ଦିବସ ଆଜି ଅନୁଷ୍ଠିତ ହୋଇଯାଇଅଛି। ଦିବା ୧୦ ଘଟିକା ରେ ପାଦୁକା ପୀଠ ରେ ସମବେତ ଧ୍ୟାନ ଓ ପ୍ରାର୍ଥନା ପରେ ଅତିଥିମାନଙ୍କ ଦ୍ୱାରା ଧୂପ ପୁଷ୍ପ ଅର୍ପଣ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବେଦ ପାଠ ଶଙ୍ଖ ଧ୍ୱନି ଓ ଅତିଥିମାନଙ୍କୁ ପୁଷ୍ପ ଗୁଚ୍ଛ ଅର୍ପଣ କରାଯାଇଥିଲା, ଅମିତା ମହାନ୍ତି ସାବିତ୍ରୀ ଗ୍ରନ୍ଥ ପାଠ କରିଥିବା ବେଳେ ରଶ୍ମିତା ସାହୁ 'ମା 'ପୁସ୍ତକ ପାଠ କରିଥିଲେ,ବିଦ୍ୟାଳୟ ପରିଚାଳନା କମିଟି ବରିଷ୍ଠ ସଦସ୍ୟ ଅଶୋକ କୁମାର ମହାନ୍ତି ଅତିଥି ପରିଚୟ ସହିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ରାକେଶ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରାଚୀ ପୂର୍ଣ୍ଣିମା ସାହୁ ଓ ଆଦ୍ୟା ଶୀତଳ ନାୟକ ଅଭିଭାଷଣ ପ୍ରଦାନ କରିଥିଲେ। କେନ୍ଦ୍ରାପଡ଼ାରୁ ଆଗତ ପ୍ରମୋଦ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦିବ୍ୟ ଜନନୀଶ୍ରୀ ମା ଓ ଯୋଗୀଶ୍ରୀ ଅରବିନ୍ଦଙ୍କ ଦର୍ଶନ ଉପରେ ଆଲୋକପାତ କରିଥିଲେ। କଟକ ଇନ୍ଦିରା ଗାନ୍ଧୀ ମହା ବିଦ୍ୟାଳୟ ର ପ୍ରାକ୍ତନ ଅଧକ୍ଷା ସୌଦାମିନୀ ମହାରଣା ବିଦ୍ୟାଳୟ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ରେବତୀ କର ଓ ସମ୍ପାଦକ ଭାଗ୍ୟଧର ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରିଚାଳନା କମିଟି ସଭାପତି ରବୀନ୍ଦ୍ର ନାଥ ସୁତାର ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ନାଚ ଗୀତ ଆଦି ଅନୁଷ୍ଠିତ ହୋଇଥିଲା। କୃତି ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ,ସହକାରୀ ଶିକ୍ଷୟତ୍ରୀ ସୌଦାମିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଅପା ଭାଇ ତଥା ପରିଚାଳନା କମିଟିର ସଭ୍ୟ ସଭ୍ୟା ଏଥିରେ ସହଯୋଗ କରିଥିଲେ ଶିଶିର କୁମାର ସାମଲ ସଂଯୋଜନା କରିଥିଲେ।

## ଭାରତୀୟ ପୋର୍ଟ ଆଣ୍ଡ ଡକ୍ ମଜଦୁର ମହାସଙ୍ଘର ଜାତୀୟ କାର୍ଯ୍ୟକାରିଣୀ

**ପାରାଦୀପ (ଅମୃତ ମିଡିଆ) :** ଭାରତୀୟ ପୋର୍ଟ ଆଣ୍ଡ ଡକ୍ ମଜଦୂର ମହାସଂଘର ଏକ ଦୁଇ ଦିନିଆ ଜାତୀୟ କାର୍ଯ୍ୟକାରିଣୀ ବୈଠକ ଅଗଷ୍ଟ ୨୨ ଓ ୨୩ ତାରିଖରେ ତାମିଲନାଡୁର ତୁଟିକୋରିନ ବନ୍ଦରଠାରେ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ସଭାପତି ତଥା ପାରାଦୀପ ବନ୍ଦରର ଟ୍ରଷ୍ଟି ଶ୍ରୀକାନ୍ତ ରାଏଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମହାସଂଘର ସାଧାରଣ ସମ୍ପାଦକ ସୁରେଶ ପାଟିଲ ଓ କୋଷାଧ୍ୟକ୍ଷ ସୁଧୀର ଗାରାତ ସଭା ପରିଚାଳନା କରିଥିବାବେଳେ ପୋର୍ଟ ପ୍ରଭାରୀ ଆନ୍ନା ଧୁମାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଦେଶର ବିଭିନ୍ନ ପ୍ରମୁଖ ବନ୍ଦରରେ କାର୍ଯ୍ୟରତ ଭାରତୀୟ ମଜଦୂର ସଂଘ ସହ ଅନୁବନ୍ଧିତ ପୋର୍ଟ ୟୁନିଅନ ଗୁଡ଼ିକର କାର୍ଯ୍ୟକାରୀ ସଦସ୍ୟମାନେ ବୈଠକରେ ଯୋଗଦେଇଥିଲେ। ଏହି ଅବସରରେ ତୁଟିକୋରିନଠାରେ ଭାରତୀୟ ମଜଦୂର ସଂଘ ସହ ଅନୁବନ୍ଧିତ ଭାରତୀୟ ଥୁରାଇମୁଗ ଥୋଜ଼ହିଲରା ସଂଘର ନୂତନ କାର୍ଯ୍ୟାଳୟ ମଧ୍ୟ ଉଦ୍ ?ଘାଟିତ ହୋଇଥିଲା। ବୈଠକରେ ମହାସଂଘ ଓ ଏହା ସହ ଅନୁବନ୍ଧିତ ସମସ୍ତ ପୋର୍ଟ ୟୁନିଅନର ପୂର୍ବ କାର୍ଯ୍ୟକଳାପର ସମୀକ୍ଷା ସହ ଆଗାମୀ ଦିନର କାର୍ଯ୍ୟପନ୍ଥା ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକର ଏକ ପ୍ରମୁଖ ବିଷୟ ଥିଲା ଆଗାମୀ ୨୦୨୭-୨୦୩୧ ଅବଧିର ନୂତନ ୱେଜ୍ ସେଟଲମେଣ୍ଟ। ବର୍ତ୍ତମାନର ୨୦୨୨-୨୦୨୬ ୱେଜ୍ ସେଟଲମେଣ୍ଟର ଅବଧି ୩୧ ଡିସେମ୍ବର ୨୦୨୬ରେ ଶେଷ ହେବାକୁ ଥିବାରୁ ଆଗାମୀ ମଜୁରୀ ଚୁକ୍ତି ପାଇଁ ମହାସଂଘ ପକ୍ଷରୁ ଚାର୍ଟର ଅଫ୍ ଡିମାଣ୍ଡ ପ୍ରସ୍ତୁତ କରାଯାଇ ତାହାର ବିଭିନ୍ନ ଦାବି ଉପରେ ବିସ୍ତୃତ ବିଶ୍ଳେଷଣ ଓ ଆଲୋଚନା କରାଯାଇଥିଲା। ପ୍ରସ୍ତୁତ ଚାର୍ଟର ଅଫ୍ ଡିମାଣ୍ଡକୁ ଆଗାମୀ ଦିନରେ ସର୍ବଭାରତୀୟ ଫେଡେରେସନ କୋ-ଅର୍ଡିନେସନ କମିଟି ନିକଟରେ ଉପସ୍ଥାପନ କରାଯିବ। ସେଠାରେ ବିସ୍ତୃତ ଆଲୋଚନା ପରେ ଇଣ୍ଡିଆନ ପୋର୍ଟ୍ସ ଆସୋସିଏସନ (ଆଇପିଏ) ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକଙ୍କ ନିକଟରେ ଦାଖଲ କରାଯିବ। ଏହାର ନକଲ ଭାରତ ସରକାରଙ୍କ କେନ୍ଦ୍ରମନ୍ତ୍ରୀ, ଜଳପଥ ଓ ଜାହାଜ ଚଳାଚଳ ମନ୍ତ୍ରାଳୟଙ୍କ ସମେତ ଦେଶର ୧୨ଟି ପ୍ରମୁଖ ପୋର୍ଟ ଅଥରିଟିର ଅଧ୍ୟକ୍ଷମାନଙ୍କୁ ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ବନ୍ଦର ଶ୍ରମିକମାନଙ୍କର ବେତନ, ଭତ୍ତା, ସେବା ସର୍ତ୍ତାବଳୀ, ଚାକିରି ସୁରକ୍ଷା ଓ ଅନ୍ୟାନ୍ୟ ସ୍ଥାନୀୟ ଏବଂ ଜାତୀୟ ସମସ୍ୟା ସମ୍ପର୍କରେ ମଧ୍ୟ ଆଗାମୀ ଦିନରେ ସଂଗଠିତ ଭାବେ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ଭାରତୀୟ ବନ୍ଦର ମଜଦୂର ସଂଘ, ପାରାଦ୍ୱୀପ ପୋର୍ଟ ପକ୍ଷରୁ ସାଧାରଣ ସମ୍ପାଦକ ଶ୍ରୀକାନ୍ତ ରାଏ, ଉପସଭାପତି ଦେବୀ ପ୍ରସନ୍ନ ମାଝୀ ଏବଂ ଡିଏଲଆର, କଣ୍ଟ୍ରାକ୍ଟ ଓ କଣ୍ଟ୍ରାକ୍ଟୁଆଲ ଶାଖା ର କାର୍ଯ୍ୟକାରିଣୀ ସଦସ୍ୟ ମୁରଲୀ ବେହେରା ଯୋଗଦେଇଥିଲେ। ବୈଠକ ଶେଷରେ ଦେଶର ବନ୍ଦର ଶ୍ରମିକମାନଙ୍କର ନ୍ୟାୟସଙ୍ଗତ ଦାବି ଓ ଅଧିକାର ପାଇଁ ଭାରତୀୟ ମଜଦୂର ସଂଘର ନେତୃତ୍ୱରେ ମହାସଂଘ ଓ ଏହାର ଅନୁବନ୍ଧିତ ୟୁନିଅନଗୁଡ଼ିକ ଏକତ୍ରିତ ଭାବେ ଆଗାମୀ ଦିନରେ କାର୍ଯ୍ୟ କରିବା ପାଇଁ ସଙ୍କଳ୍ପବଦ୍ଧ ହୋଇଥିଲେ।






## ଗ୍ରାମୀଣ ଜୀବନ ଓ କୃଷି ସମସ୍ୟାର ସମାଧାନ ନେଇ ସୋଆ ଛାତ୍ରଛାତ୍ରୀଙ୍କ ଅଭିନବ ପ୍ରୟାସ

# କୃଷି କାର୍ଯ୍ୟାନୁଭୂତି ଅଧୀନରେ ଗ୍ରାମ ସଂଯୋଗୀକରଣ କାର୍ଯ୍ୟକ୍ରମ-୨୦୨୬ ସଂପନ୍ନ



## ୧୧ଟି ଗ୍ରାମରେ ୩୨ ପ୍ରଶିକ୍ଷଣ ଓ ୧୬ ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର (ବ୍ୟୁରୋ) :** କୃଷି ଶିକ୍ଷାକୁ ଗ୍ରାମୀଣ ଜୀବନ ଓ କୃଷକଙ୍କ ବାସ୍ତବ ସମସ୍ୟା ସହ ଯୋଡ଼ିବା ସହିତ ଛାତ୍ରଛାତ୍ରୀଙ୍କୁ ଗ୍ରାମୀଣ ତୃଣମୂଳସ୍ତରୀୟ ଅନୁଭୂତି ପ୍ରଦାନ କରିବା ଉଦ୍ଦେଶ୍ୟରେ ଶିକ୍ଷା ୫୯୩୯;୦୫୯୩୯; ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍) ପକ୍ଷରୁ ରାଷ୍ଟ୍ରୀୟ କୃଷି ଶିକ୍ଷା ନୀତିର ଅଂଶ ଭାବେ ଚାଲିଥିବା ଗ୍ରାମୀଣ କୃଷି କାର୍ଯ୍ୟାନୁଭୂତି (ରାୱେ) ଅଧୀନରେ ଗ୍ରାମ ସଂଯୋଗୀକରଣ କାର୍ଯ୍ୟକ୍ରମ -୨୦୨୬ ସଫଳତାର ସହ ସଂପନ୍ନ ହୋଇଛି। ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନର ଛାତ୍ରଛାତ୍ରୀମାନେ ଜୁନ୍ ୨୯ରୁ ଅଗଷ୍ଟ ୧୯ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାର ୩ଟି ବ୍ଲକ୍ ଅଧୀନସ୍ଥ ୧୧ଟି ଗ୍ରାମରେ ସକ୍ରିୟ ଭାବେ ଯୋଗ ଦେଇ ଗ୍ରାମୀଣ କୃଷି, ଜୀବିକା, ସାମାଜିକ ଓ ଆର୍ଥିକ ପରିସ୍ଥିତିକୁ ନିକଟରୁ ଅନୁଧ୍ୟାନ କରିଥିଲେ। ଅଧ୍ୟାପକ କମିଟିଙ୍କ ମାର୍ଗଦର୍ଶନ ଓ ନିରନ୍ତର ତଦାରଖ ମଧ୍ୟରେ ଛାତ୍ରଛାତ୍ରୀମାନେ ଗ୍ରାମବାସୀ, କୃଷକ ଓ ବିଭିନ୍ନ ହିତଧାରୀଙ୍କ ସହ ସିଧାସଳଖ ଯୋଗାଯୋଗ ସ୍ଥାପନ କରି ଗ୍ରାମର ପ୍ରକୃତ ସମସ୍ୟା, ସମ୍ଭାବନା ଓ ଆବଶ୍ୟକତା ଚିହ୍ନଟ କରିଥିଲେ। କାର୍ଯ୍ୟକ୍ରମର ଏକ ପ୍ରମୁଖ ଅଂଶ ଭାବେ ଛାତ୍ରଛାତ୍ରୀମାନେ କୃଷି-ପରିବେଶ ତନ୍ତ୍ର ବିଶ୍ଳେଷଣ ମାଧ୍ୟମରେ ସଂପୃକ୍ତ ଗ୍ରାମର କୃଷି ଓ ଜୀବିକା ପରିସ୍ଥିତିର ବିଶ୍ଳେଷଣ କରିଥିଲେ। ଜମି ବ୍ୟବହାର, ଫସଲ ପ୍ରଣାଳୀ, କୃଷି ପ୍ରଯୁକ୍ତିର ବ୍ୟବହାର, ଜଳସେଚନ, ମୃତ୍ତିକା ସ୍ୱାସ୍ଥ୍ୟ, ଉଦ୍ଭିଦ ସୁରକ୍ଷା, ପଶୁପାଳନ, ଉଦ୍ୟାନ କୃଷି, ବଜାର ବ୍ୟବସ୍ଥା, ଆୟ ଓ ଜୀବିକାର ବିଭିନ୍ନ ଦିଗକୁ ଏହି ଅନୁଧ୍ୟାନରେ ସାମିଲ କରାଯାଇଥିଲା। ଏହାକୁ ଆଧାର କରି ଛାତ୍ରଛାତ୍ରୀମାନେ କୃଷି ବିଷୟ ଅନୁଯାୟୀ ହସ୍ତକ୍ଷେପ ଚିହ୍ନଟ କରି ପ୍ରତ୍ୟେକ ଗ୍ରାମ ପାଇଁ ଗ୍ରାମ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିଥିଲେ। ଗ୍ରାମର ଆବଶ୍ୟକତା, କୃଷକଙ୍କ ସମସ୍ୟା ଓ ସ୍ଥାନୀୟ ସଂପଦକୁ ଆଧାର କରି ପ୍ରସ୍ତୁତ ଏହି କାର୍ଯ୍ୟ ଯୋଜନା ଭବିଷ୍ୟତରେ ବିଶ୍ୱବିଦ୍ୟାଳୟ-ଗ୍ରାମ ସଂଯୋଗକୁ ଅଧିକ ସୁଦୃଢ଼ କରିବାରେ ଏକ ଉପଯୋଗୀ ଦଲିଲ ଭାବେ କାର୍ଯ୍ୟ କରିବ। କାର୍ଯ୍ୟକ୍ରମରେ ଗ୍ରାମବାସୀ ଓ କୃଷକଙ୍କ ଚାହିଦା ଏବଂ ସ୍ଥାନୀୟ ସମସ୍ୟାକୁ ଆଧାର କରି ୩୨ଟି ପ୍ରଦର୍ଶନୀଭିତ୍ତିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କୃଷକଙ୍କ ଆବଶ୍ୟକତା ଓ ସ୍ଥାନୀୟ କୃଷି ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଭିନ୍ନ ଆୟବୃଦ୍ଧିକାରୀ, ଖର୍ଚ୍ଚ ହ୍ରାସକାରୀ ଏବଂ ପରିବେଶ ଅନୁକୂଳ କୃଷି ପ୍ରଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇଥିଲା ଏହି ପ୍ରଶିକ୍ଷଣଗୁଡ଼ିକରେ ଛାତ୍ରଛାତ୍ରୀମାନେ କେବଳ ଅଂଶଗ୍ରହଣକାରୀ ନୁହେଁ, ବରଂ ବିଷୟଭିତ୍ତିକ ଯୁବ କୃଷି ବିଶେଷଜ୍ଞ ଭାବେ ନିଜ ଭୂମିକା ନିର୍ବାହ କରିଥିଲେ। ପ୍ରଦର୍ଶନୀ ମାଧ୍ୟମରେ କୃଷକଙ୍କୁ ପ୍ରଯୁକ୍ତିର ବ୍ୟବହାରିକ ଦିଗ ବୁଝାଇବା ସହିତ ପ୍ରଶ୍ନୋତ୍ତର ଓ ଆଲୋଚନା ମାଧ୍ୟମରେ ସେମାନଙ୍କ ସନ୍ଦେହ ଦୂର କରାଯାଇଥିଲା। କୃଷି କ୍ଷେତ୍ରରେ ବଢ଼ୁଥିବା ଉତ୍ପାଦନ ବ୍ୟୟ, ଜଳବାୟୁ ପରିବର୍ତ୍ତନ, ମୃତ୍ତିକା ସ୍ୱାସ୍ଥ୍ୟର ଅବନତି, ଜଳ ସଙ୍କଟ ଓ କୀଟରୋଗର ବୃଦ୍ଧି ଭଳି ବିଭିନ୍ନ ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ୧୬ଟି ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ସ୍ଥାନୀୟ ଆବଶ୍ୟକତା ଓ ସମସ୍ୟା ଆଧାରରେ ବିଷୟ ଚୟନ କରାଯାଇଥିବାରୁ ଏହି କାର୍ଯ୍ୟକ୍ରମଗୁଡ଼ିକ ଗ୍ରାମବାସୀଙ୍କ ପାଇଁ ଅଧିକ ପ୍ରାସଙ୍ଗିକ ଓ ଉପଯୋଗୀ ହୋଇଥିଲା। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଛାତ୍ରଛାତ୍ରୀଙ୍କ ଉତ୍ସାହ, ପ୍ରତିବଦ୍ଧତା ଓ ମାଟିସ୍ତରରେ ସେମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। କୃଷି ଶିକ୍ଷାର ମୂଳ ଉଦ୍ଦେଶ୍ୟ କେବଳ ଶ୍ରେଣୀଗୃହ ଶିକ୍ଷା ନୁହେଁ, ବରଂ ଛାତ୍ରଛାତ୍ରୀଙ୍କୁ କୃଷକ ଓ ଗ୍ରାମୀଣ ସମାଜ ସହ ଯୋଡ଼ି ସେମାନଙ୍କ ଜ୍ଞାନକୁ ପ୍ରୟୋଗ କରିବାର ସୁଯୋଗ ଦେବା ବୋଲି ସେ ମତ ପ୍ରକାଶ କରିଥିଲେ। ଏଭଳି କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟ ଓ ଗ୍ରାମ ସମାଜ ମଧ୍ୟରେ ସଂପର୍କକୁ ଅଧିକ ଦୃଢ଼ କରିବା ସହିତ କୃଷକମାନଙ୍କ ପାଖରେ ବୈଜ୍ଞାନିକ କୃଷି ଜ୍ଞାନ ପହଂଚାଇବାରେ ସହାୟକ ହେବ ବୋଲି ସେ କହିଥିଲେ। ଏହି ଅବସରରେ ସୋଆ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ କହିଥିଲେ ଯେ ଗ୍ରାମୀଣ ପରିବେଶରେ ଛାତ୍ରଛାତ୍ରୀଙ୍କ ପ୍ରତ୍ୟକ୍ଷ ଅନୁଭବ ସେମାନଙ୍କ ଶିକ୍ଷାକୁ ଅଧିକ ପ୍ରାସଙ୍ଗିକ କରିଥାଏ। ଗ୍ରାମ ସଂଯୋଗୀକରଣ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୃଷକଙ୍କ ସମସ୍ୟା ବୁଝିବା, ସମସ୍ୟା ବିଶ୍ଳେଷଣ କରିବା, ସମାଧାନ ପ୍ରସ୍ତୁତ କରିବା ଏବଂ ନିଜ ଜ୍ଞାନକୁ ସମାଜ ପାଇଁ ପ୍ରୟୋଗ କରିବାର କ୍ଷମତା ବିକଶିତ କରିଛି। କୃଷି ସଂପ୍ରସାରଣ ବିଭାଗ ମୁଖ୍ୟ ପ୍ରଫେସର ବିବୁଧ ପରାଶର କହିଥିଲେ ଯେ କୃଷି ବିସ୍ତାର ଶିକ୍ଷାର ମୂଳ ଲକ୍ଷ୍ୟ ହେଉଛି ଜ୍ଞାନର ସୃଷ୍ଟି ଓ ପ୍ରସାରକୁ ଗ୍ରାମୀଣ ସମାଜର ଆବଶ୍ୟକତା ସହ ଯୋଡ଼ିବା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନେ କୃଷକଙ୍କ ସହ ଦ୍ୱିମୁଖୀ ଜ୍ଞାନ ବିନିମୟର ସୁଯୋଗ ପାଇଛନ୍ତି। ଗ୍ରାମୀଣ କୃଷି କାର୍ଯ୍ୟାନୁଭୂତି କାର୍ଯ୍ୟକ୍ରମ (ରାୱେ) ଅଧକ୍ଷ ଡ଼. ଅଂଶୁମାନ ଜେନା କହିଥିଲେ ଯେ, ଏହା ଛାତ୍ରଛାତ୍ରୀଙ୍କୁ "ଶ୍ରେଣୀଗୃହରୁ ସମାଜକୁ" ଏବଂ "ଜ୍ଞାନରୁ ପ୍ରୟୋଗକୁ" ଯାତ୍ରାର ଅନୁଭବ ପ୍ରଦାନ କରିଛି। ୧୧ଟି ଗ୍ରାମର ବାସ୍ତବ କୃଷି ଓ ଜୀବିକା ପରିସ୍ଥିତିର ଅନୁଧ୍ୟାନ, କାର୍ଯ୍ୟ ଯୋଜନା ପ୍ରସ୍ତୁତି, ପ୍ରଦର୍ଶନୀଭିତ୍ତିକ ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନେ ନିଜକୁ ଭବିଷ୍ୟତର କୃଷି ପେଶାଦାର ଓ କୃଷି ସଂପ୍ରସାରଣ ବିଶେଷଜ୍ଞ ଭାବେ ପ୍ରସ୍ତୁତ କରିପାରିଛନ୍ତି।

## ରକ୍ଷାବନ୍ଧନ ପାଇଁ ଆମାଜନ ଡଟ୍ ଇନ୍

# ଗ୍ରାହକଙ୍କ ୱାନଷ୍ଟପ୍ ଗନ୍ତବ୍ୟସ୍ଥଳୀ

ଭୁବନେଶ୍ୱର (ବ୍ୟୁରୋ) : ଉତ୍ସବ ଋତୁର ଆରମ୍ଭକୁ ସୂଚିତ କରି ଆମାଜନ ଡଟ୍ ଇନ୍ ଭାଇଭଉଣୀଙ୍କ ମଧ୍ୟରେ ସ୍ୱତନ୍ତ୍ର ସମ୍ପର୍କକୁ ପାଳନ କରିବା ଏବଂ ରକ୍ଷା ବନ୍ଧନର ଅବସରକୁ ସ୍ମରଣୀୟ କରିବା ପାଇଁ ରାକ୍ଷୀ, ଆକର୍ଷଣୀୟ ଉପହାର ଓ ପାର୍ବଣ ସାମଗ୍ରୀଗୁଡ଼ିକୁ ଏକାଠି କରିଛି। ରାକ୍ଷୀ ଓ ପର୍ସନାଲାଇଜ୍‌ଡ ହାମ୍ପରଠାରୁ ଆରମ୍ଭ କରି ସ୍ୱାଦିଷ୍ଟ ମିଠା ଉପହାର, ଚକୋଲେଟ ଓ ନୂତନ ଟେକ୍ ଗ୍ୟାଜେଟ ସମେତ ଆମାଜନର ରକ୍ଷା ବନ୍ଧନ ଷ୍ଟୋର ପ୍ରତ୍ୟେକ ଭାଇଭଉଣୀଙ୍କ ପାଇଁ ଉପହାର ବିକଳ୍ପର ଏକ ବିସ୍ତୃତ ଶୃଙ୍ଖଳା ଉପଲବ୍ଧ କରିଛି। ଗ୍ରାହକମାନେ ଏହି ଷ୍ଟୋର୍‌ରେ ବିବା, ଲିବାସ, ମାନ୍ୟବର, ମେବିଲାଇନ୍, କାଲଭିନ୍ କ୍ଲେନ୍, ସେଟାଫିଲ୍, ସାମସଙ୍ଗ, ଏଲଜି, ଜେବିଏଲ୍, ସୋନି, ଫୁଜିଫିଲ୍ମ ଇନଷ୍ଟାକ୍ସ, ଫୁଲ ଏବଂ ଅନ୍ୟାନ୍ୟ ପ୍ରମୁଖ ବ୍ରାଣ୍ଡ ସହିତ ଉତ୍ସବକାଳୀନ ଆବଶ୍ୟକୀୟ ସାମଗ୍ରୀ ଅନ୍ୱେଷଣ କରିପାରିବେ। ଏହାସହିତ, ପ୍ରାଇମ୍ ସଦସ୍ୟମାନେ ଦେଶବ୍ୟାପୀ କିଛି ଘଂଟା ମଧ୍ୟରେ, ସେହି ଦିନ କିମ୍ବା ପରବର୍ତ୍ତୀ ଦିନ ବିତରଣ କରାଯାଉଥିବା ୨ ଲକ୍ଷରୁ ଅଧିକ ଉତ୍ପାଦ ଉପରେ ଅତିରିକ୍ତ ୫% ସଂଚୟ ସହିତ ଅଧିକ ମୂଲ୍ୟ ଅନଲକ୍ କରିପାରିବେ। ଆମାଜନରେ ରାକ୍ଷୀ ଏବଂ ଫ୍ୟାଶନ, ବିୟୁଟି, ହୋମ୍, କଞ୍ଜ୍ୟୁମର ଇଲେକ୍‌ଟ୍ରୋନିକ୍ସ, କିଚେନ ଓ ଦୈନନ୍ଦିନ ସାମଗ୍ରୀ କ୍ଷେତ୍ରରେ ଉପହାର ସାମଗ୍ରୀ ଉପରେ ୭୦% ପର୍ଯ୍ୟନ୍ତ ରିହାତି ରହିଛି। ଆକର୍ଷଣୀୟ ରାକ୍ଷୀ ଏବଂ ଉତ୍ସବକାଳୀନ ଆବଶ୍ୟକୀୟ ସାମଗ୍ରୀଠାରୁ ଶେଷ ମୁହୂର୍ତ୍ତର ଉପହାର ପର୍ଯ୍ୟନ୍ତ, ଆମାଜନ୍ ନାଓ ବିଭିନ୍ନ ସହରରେ କିଛି ମିନିଟ୍ ମଧ୍ୟରେ ବିଭିନ୍ନ ପ୍ରକାରର ଉତ୍ପାଦ ପ୍ରଦାନ କରିବା ସହିତ ରକ୍ଷା ବନ୍ଧନ ସପିଂକୁ ସୁବିଧାଜନକ କରିଛି। ଆମାଜନ୍ ନାଓରେ ଥିବା ଡେଡିକେଟେଡ ରାକ୍ଷୀ ଷ୍ଟୋର୍‌ରେ ମାତ୍ର ୧୯ ଟଙ୍କାରୁ ଆରମ୍ଭ ହେଉଥିବା ୫୦୦ରୁ ଅଧିକ ସ୍ୱତନ୍ତ୍ର ରାକ୍ଷୀ, କେବଳ ୧ ଟଙ୍କାରେ ରୋଲି ଚାଉଳ କମ୍ବୋ, ମିଠା, ଉପହାର ଏବଂ ଉତ୍ସବକାଳୀନ ଆବଶ୍ୟକୀୟ ସାମଗ୍ରୀ ରହିଛି। ଏଥିରେ କ୍ୟୁଆର ଏବଂ ଏନଏଫସି-ସକ୍ଷମ ରାକ୍ଷୀ, ଡିଆଇୱାଇ ଏବଂ ରାକ୍ଷୀ ଆଲିଙ୍ଗନ କାର୍ଡ, ବ୍ଲେସଡ୍ ଓ ହନୁମାନ ଚାଳିଶା ରାକ୍ଷୀ, କିଡ୍ସ ଓ ପୋଷା ପ୍ରାଣୀ ରାକ୍ଷୀ, ଭୈୟା-ଭାବି ରାକ୍ଷୀ, ଇଭିଲ୍ ଆଇ ଓ ସ୍ୱରୋଭସ୍କି କ୍ରିଷ୍ଟାଲ୍ ରାକ୍ଷୀ ସମେତ ବିଭିନ୍ନ ପ୍ରକାରର ରାଖୀ ଅନ୍ତର୍ଭୁକ୍ତ ରହିଛି। ଗ୍ରାହକମାନେ ରାକ୍ଷୀ ଭାଇବ୍ ଚେକ୍ ମଧ୍ୟ ନେଇପାରିବେ, ଏହା ଏକ ୩୦-ସେକେଣ୍ଡ ଇଂଟରାକ୍ଟିଭ୍ କୁଇଜ୍ ଯାହା ଦ୍ୱାରା ସେମାନଙ୍କ ଭାଇଭଉଣୀ ପାଇଁ ଉପଯୁକ୍ତ ରାକ୍ଷୀ ଖୋଜିପାରିବେ। ଆମାଜନ ଇଣ୍ଡିଆ ଏହି ରକ୍ଷା ବନ୍ଧନରେ ସପିଂକୁ ଅଧିକ ସରଳ ଏବଂ ସହଜ କରିବା ପାଇଁ ରୁଫସ୍, ଲେନ୍ସ ଏଆଇ, ରିଭ୍ୟୁ ହାଇଲାଇଟ୍‌ସ, କ୍ୱିକ୍ ଲର୍ଣ୍ଣ ଓ ବାୟିଙ୍ଗ ଗାଇଡ୍ ଭଳି ଏଆଇ ଟୁଲ୍‌ଗୁଡ଼ିକର ବ୍ୟବହାର କରୁଛି।

# ନୂଆଦିଲ୍ଲୀରେ ଭାରତ ସ୍କାଉଟ୍‌ସ ଓ ଗାଇଡ୍‌ସର ମୁଖ୍ୟ କମିଶନର ସମ୍ମିଳନୀ



**ଭୁବନେଶ୍ୱର (ବ୍ୟୁରୋ) :** ଚଳିତ ତା୨୩ ଓ ୨୪ ଅଗଷ୍ଟ ୨୦୨୬ ରିଖ ଦୁଇ ଦିନିଆ saanso ମୁଖ୍ୟ କମିଶନର ସମ୍ମିଳନୀ ଜାତୀୟ ମୁଖ୍ୟାଳୟ ନୂଆଦିଲ୍ଲୀଠାରେ ଦକ୍ଷୀଣ ଏସିଅ ଜାତୀୟ ସ୍କାଉଟ ସଂଗଠନ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇ ଦିନିଆ ସମ୍ମିଳନୀ ଦକ୍ଷିଣ ଏସିଆର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ କମିଶନରଙ୍କୁ ଏକତ୍ରିତ କରି ଆଞ୍ଚଳିକ ସହଯୋଗ, ବନ୍ଧୁତା ଏବଂ ସହଭାଗିତାକୁ ସୁଦୃଢ଼ କରିବା ଏବଂ ଏହି କ୍ଷେତ୍ରରେ ସ୍କାଉଟିଂର ସହଭାଗୀ ପ୍ରାଥମିକତାକୁ ଆଗକୁ ବଢ଼ାଇବା ପାଇଁ ଅନୁଷ୍ଠିତ ହୋଇଛି। ଡଃ. କେ.କେ. ଖଣ୍ଡେଲୱାଲ, ଜାତୀୟ ମୁଖ୍ୟ କମିଶନରଙ୍କ ଅଧ୍ୟକ୍ଷତା ଓ ଦୂର ଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଏବଂ ସଂଗଠନ ପାଇଁ ଗର୍ବର ବିଷୟ। ବର୍ତ୍ତମାନ ଶ୍ୱବବଭଶ୍ୱକ୍କ ସଚିବାଳୟ ଭାବରେ ମଧ୍ୟ କାର୍ଯ୍ୟ କରୁଛି। ଯାହା ଭାରତ ସଂସ୍ଥାଗତ ନେତୃତ୍ୱ ଏବଂ ଆଞ୍ଚଳିକ ସ୍କାଉଟିଂରେ ଅବଦାନକୁ ଆହୁରି ମଜବୁତ କରୁଛି। ଏହି ସଂଗଠନର ଭୂମିକା ଦକ୍ଷୀଣ ଏସୀୟ ସ୍କାଉଟ ସଂଗଠନ ଗୁଡ଼ିକୁ ନିକଟତର କରିବା ଏବଂ ଅଧିକ ସହଯୋଗ, ପାରସ୍ପରିକ ବୁଝାମଣା ଏବଂ ସାମୂହିକ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଏହାର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଉଦ୍‌ଘାଟନୀ ଉତ୍ସବରେ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ଉପସଭାପତି ତଥା ଓଡିଶା ରାଜ୍ୟ ଭାରତ ସ୍କାଉଟସ ଏବଂ ଗାଇଡସ୍‌ର ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ର, ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ମୁଖ୍ୟ ଜାତୀୟ କମିଶନର ତଥା ଅବସରପ୍ରାପ୍ତ ଆଇଏଏସ ଡଃ. କେ.କେ. ଖଣ୍ଡେଲୱାଲ, ଏମ.ଏ. ଖାଲିଦ୍, ଅତିରିକ୍ତ ମୁଖ୍ୟ ଜାତୀୟ କମିଶନର ଓ ମହାସଚିବ, ମଧୁସୂଦନ ଆଭାଲା, ପରାମର୍ଶଦାତା ଜାତୀୟ ସ୍କାଉଟ ସଂଗଠନ ଏବଂ ବିଶ୍ୱ ସ୍କାଉଟ ଆନ୍ଦୋଳନ ସଂଗଠନର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଭାଷା ସୁରକ୍ଷା ପାଇଁ ବିଶ୍ୱ ଓଡ଼ିଆ ପରିବାରର ଗହ୍ମାପର୍ବରେ ସଂକଳ୍ପ

**ଭୁବନେଶ୍ୱର (ବ୍ୟୁରୋ) :** ଭାଷା ହେଉଛି ଆମ ଐତିହ୍ୟ, ପରମ୍ପରା ଓ ପରିଚୟର ଜୀବନ୍ତ ପ୍ରତିଛବି। ଭାଷା ସେତେବେଳେ ବଂଚି ରହେ, ଯେତେବେଳେ ଏହା କେବଳ ପୁସ୍ତକରେ ନୁହେଁ, ଆମ ଘରେ, ଆମ କଥାରେ, ଆମ ସୃଜନଶୀଳତାରେ ଓ ଆମ ଆଗାମୀ ପିଢ଼ିର ଜୀବନରେ ବଂଚି ରହେ। ସବୁଠାରୁ ବଡ଼ କଥା, ନିଜ ଭାଷା କହିବାରେ ଗର୍ବ ଅନୁଭବ କରିବା।ଭାଷାକୁ କେବଳ ଅତୀତର ଐତିହ୍ୟ ଭାବେ ନୁହେଁ, ଭବିଷ୍ୟତର ଜ୍ଞାନ ଓ ରୋଜଗାରର ମାଧ୍ୟମ ଭାବେ ବିକଶିତ କରିବା। ମନେ ରଖିବା ଦରକାର—ଭାଷାକୁ ସରକାର ଏକାକୀ ସୁରକ୍ଷା କରିପାରିବ ନାହିଁ। ପରିବାର, ଶିକ୍ଷକ, ଛାତ୍ର, ସାହିତ୍ୟିକ, କଳାକାର, ଗଣମାଧ୍ୟମ ଓ ସମାଜର ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ସ୍ତରରେ ଭାଷାକୁ ବ୍ୟବହାର କଲେ ହିଁ ଭାଷା ଜୀବନ୍ତ ଓ ସମୃଦ୍ଧ ରହିପାରିବ। ଆମର ପ୍ରିୟ ଓଡ଼ିଆ ଭାଷା, ଜାଣତ ବା ଅଜାଣତରେ ବିକୃତ ଓ ପତନ ଆଡକୁ ଅଗ୍ରସର ହେଉଛି। ଘରେ ଓଡ଼ିଆର ବ୍ୟବହାର ହ୍ରାସ ପାଉଛି । ସମସ୍ତ ସୂଚନା (ନିମନ୍ତ୍ରଣ ଓ ବିଜ୍ଞାପନରେ) ବିଦେଶୀ ଭାଷାର ଆଧିପତ୍ୟ ବଢ଼ି ବଢ଼ି ଚାଲିଛି । ଯାହା ପରାଧୀନତା ବେଳେ ସମ୍ଭବ ହୋଇ ନଥିଲା ତାହା ଏବେ ସମ୍ଭବ ହୋଇପାରୁଛି। ସହରୀ ଜୀବନ ଆମଠାରୁଁ ଭାଷା, ସଂସ୍କୃତି ଓ ପରମ୍ପରା ଛଡାଇ ନେଇଛି। ସୁତରାଂ ଆଉ ନୀରବ ଦ୍ରଷ୍ଟା ନହୋଇ ରହିବା ସକାଶେ ବିଶ୍ୱ ଓଡ଼ିଆ ପରିବାର ତରଫରୁ ଆଗାମୀ ଗହ୍ମା ପୂର୍ଣ୍ଣିମା (ରକ୍ଷା ବନ୍ଧନ) ପର୍ବରେ ଜନଜାଗରଣ କାର୍ଯ୍ୟକ୍ରମ କରିବାକୁ ସ୍ଥିର କରିଛି। ଏହି ଅବସରରେ ଆମର ପୂର୍ବପୁରୁଷମାନଙ୍କ ସଂଘର୍ଷ ଓ ବଳିଦାନକୁ ସ୍ମରଣ କରିବାକୁ ନିବେଦନ କରାଯିବା ସହିତ ଗହ୍ମା ପୁନେଇଁ ଦିନ ରକ୍ଷାସୂତ୍ର ବାନ୍ଧିବା ସଂକଳ୍ପ ନେବା ପାଇଁ ସ୍ଥିର କରାଯାଇଛି। ଏହା ସହିତ ଏଣିକି ଓଡିଆରେ ସ୍ୱାକ୍ଷର କରିବା, ସମସ୍ତ ସୂଚନା (ନିମନ୍ତ୍ରଣ ଓ ବିଜ୍ଞାପନ ଓଡ଼ିଆରେ ) ପ୍ରଦାନ କରିବା ଏବଂ ଆମ ଭାଷା ଓ ସଂସ୍କୃତି ସୁରକ୍ଷା, ଆମ ପବିତ୍ର କର୍ତ୍ତବ୍ୟ ବୋଲି ଶପଥ ନେବାକୁ ବିଶ୍ୱ ଓଡ଼ିଆ ପରିବାରର ଅଧକ୍ଷ ସଜ୍ଜନ ଶର୍ମା ଆହ୍ୱାନ କରିଛନ୍ତି।

# ରସାଲପୁର କଲେଜରେ ନିଶାମୁକ୍ତ ଭାରତ ଅଭିଯାନ




ବାଲେଶ୍ୱର (ଅମୃତ ମିଡିଆ) : ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ ବାଲେଶ୍ୱର କ୍ଷେତ୍ର କାର୍ଯ୍ୟାଳୟ ପକ୍ଷରୁ ବାଲେଶ୍ୱର ଜିଲ୍ଲା ରସାଳପୁରସ୍ଥିତ ଡକ୍ଟର ଯଦୁନାଥ କଲେଜ୍ ପରିସରରେ ଦିନିକିଆ ନିଶାମୁକ୍ତ ଭାରତ ଅଭିଯାନ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ କଲେଜ ଛାତ୍ରଛାତ୍ରୀଙ୍କୁ ନିଶାର କୁପରିଣାମ ସମ୍ପର୍କରେ ସଚେତନ କରାଯାଇଛି। ଜାତୀୟ ସେବା ଯୋଜନା ଏବଂ କଲେଜର ନିଶା ନିବାରଣ କେନ୍ଦ୍ର ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବାଲେଶ୍ୱର ଅବକାରୀ ଡିଏସପି ସ୍ୱପ୍ନାରାଣୀ ସାହୁ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସୁସ୍ଥ ଜୀବନ, ସୁସ୍ଥ ପରିବାର, ସୁସ୍ଥ ସମାଜ ଏବଂ ସୁସ୍ଥ ଭବିଷ୍ୟତ ପାଇଁ ନିଶାଠାରୁ ଦୂରେଇ ରହିବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। କଲେଜର ଅଧକ୍ଷ ତୃପ୍ତିଲତା ଦାସ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ପ୍ରଭାତ କୁମାର ପରିଡ଼ା କହିଥିଲେ, ବିକଶିତ ଭାରତ ନିର୍ମାଣ ଲାଗି ନିଶାମୁକ୍ତ ସମାଜ ଗଠନ ଜରୁରୀ। କଲେଜର ପ୍ରଶାସନିକ ଅଧିକାରୀ ସଙ୍ଗୀତା ନନ୍ଦ ନିଶାମୁକ୍ତ ଭାରତ ଗଠନରେ ଛାତ୍ରଛାତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। କଲେଜ ନିଶା ନିବାରଣ କେନ୍ଦ୍ରର ସଂଯୋଜକ ରବିନ୍ଦ୍ରନାଥ ପ୍ରଧାନ ନିଶାର ଶାରୀରିକ ଓ ମାନସିକ କୁପରିଣାମ ବିଷୟରେ ମତ ରଖିଥିଲେ। ବାଲେଶ୍ୱର କ୍ଷେତ୍ର ପ୍ରଚାର ଅଧିକାରୀ ନିର୍ମାଲ୍ୟ ବେହେରା କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିବା ବେଳେ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ରସାନନ୍ଦ ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଶତାଧିକ ଛାତ୍ରଛାତ୍ରୀ ଏକ ଶୋଭାଯାତ୍ରାରେ ସାମିଲ ହୋଇ ନିଶାମୁକ୍ତ ସମାଜର ବାର୍ତ୍ତା ବାଣ୍ଟିଥିଲେ। ଏହି ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ବହୁସଂଖ୍ୟାରେ ଯୋଗ ଦେଇଥିଲେ।

# ତୃଣମୂଳସ୍ତରରେ ପ୍ରଶାସନକୁ ନେଇ ୩ଦିନିଆ ପ୍ରଦର୍ଶନୀ

## ୧୨ ବର୍ଷରେ ଭାରତର ପ୍ରଗତି ପ୍ରଦର୍ଶିତ



**ଭୁବନେଶ୍ୱର (ବ୍ୟୁରୋ) :** ବ୍ରହ୍ମପୁର ଠାରେ ଆଜି '୧୨ ବର୍ଷର ରୂପାନ୍ତରଣକାରୀ ପ୍ରଶାସନ' ଏବଂ 'ହର ଘର ତିରଙ୍ଗା' ଅଭିଯାନକୁ ନେଇ ଏକ ତିନି ଦିନିଆ ସମନ୍ୱିତ ଲୋକ ସମ୍ପର୍କ କାର୍ଯ୍ୟକ୍ରମ ଏବଂ ମଲ୍ଟିମିଡିଆ ପ୍ରଦର୍ଶନୀ ଉଦଘାଟନ ହୋଇଛି । ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି) କ୍ଷେତ୍ର କାର୍ଯ୍ୟାଳୟ, ବ୍ରହ୍ମପୁର ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ପିଆଇବି ଓ ସିବିସିର ପୂର୍ବ ପ୍ରାନ୍ତ ମହାନିର୍ଦ୍ଦେଶକ ଟି.ଭି.କେ ରେଡ୍ଡି ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏଥିରେ ବିଶିଷ୍ଟ ଅତିଥି ଭାବେ ଓଡ଼ିଆ କଳାକାର ଏବଂ ସଂସ୍କୃତିବିତ୍ ପଦ୍ମଶ୍ରୀ ସୀମାଞ୍ଚଳ ପାତ୍ରଙ୍କ ସମେତ ବହୁ ସମ୍ମାନିତ ବ୍ୟକ୍ତିବିଶେଷ, ସରକାରୀ ଅଧିକାରୀ ଏବଂ ଜନସାଧାରଣ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଶ୍ରୀ ରେଡ୍ଡି କହିଥିଲେ, ଏପରି କାର୍ଯ୍ୟକ୍ରମ ବିଭିନ୍ନ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ଏହାର ଲାଭ ନେବା ଲାଗି ଜନସାଧାରଣଙ୍କୁ ସଚେତନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ରୂପେ କାର୍ଯ୍ୟ କରିଥାଏ। ସେ ଗୁରୁତ୍ୱାରୋପ କରି କହିଥିଲେ, ଏପରି କାର୍ଯ୍ୟକ୍ରମଗୁଡ଼ିକ କେବଳ ଭାଷଣ ଦେବାର ମଞ୍ଚ ନୁହେଁ, ବରଂ ଏହା ଲୋକମାନଙ୍କୁ ପ୍ରଶ୍ନ କରିବା ଏବଂ ସରକାରୀ ଯୋଜନା ବିଷୟରେ ସୂଚନା ପାଇବାର ସୁଯୋଗ ପ୍ରଦାନ କରେ। ସେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା, ପ୍ରଧାନମନ୍ତ୍ରୀ ଜନ-ଧନ ଯୋଜନା, ଆୟୁଷ୍ମାନ ଭାରତ ଏବଂ ପିଏମ ଶ୍ରୀ ସ୍କୁଲ ଭଳି ପ୍ରମୁଖ ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଏଥିସହିତ ୨୦୪୭ ସୁଦ୍ଧା ଏକ ବିକାଶିତ ଭାରତ ଗଠନର ଦୃଷ୍ଟିକୋଣ ବିଷୟରେ କହିଥିଲେ। ଭାବିନିପୁର ସରପଞ୍ଚ ରଞ୍ଜିତ କୁମାର ସାହୁ ଗତ ୧୨ ବର୍ଷର ମୋଦୀ ସରକାରଙ୍କ ସଫଳତା ଉପରେ ଆଲୋକପାତ କରିଥିଲେ ଏବଂ ୨୦୪୭ ସୁଦ୍ଧା ନାଗରିକଙ୍କ ବିକଶିତ ଭାରତ ପ୍ରତି ଆକାଂକ୍ଷା ବିଷୟରେ ମତ ରଖିଥିଲେ। ଗଞ୍ଜାମର ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର ଶ୍ରୀ ହିମାଞ୍ଚଳ ସାହୁ ସୁଭଦ୍ରା ଯୋଜନା ଏବଂ ସରକାରୀ ଯୋଜନାର ଶେଷ ମାଇଲ ପର୍ଯ୍ୟନ୍ତ ପହଞ୍ଚାଇବାରେ ବ୍ୟାଙ୍କିଙ୍ଗ କ୍ଷେତ୍ରର ଭୂମିକା ବିଷୟରେ କହିଥିଲେ। ସେ ହିତାଧିକାରୀଙ୍କୁ ସଶକ୍ତ କରିବାରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲେ। ବ୍ରହ୍ମପୁରର ଡାକ ବିଭାଗର ଡାକ ନିରୀକ୍ଷକ କିରଣ କୁମାର ପାତ୍ର ବ୍ୟାଙ୍କିଂ ସୁବିଧା ସହଜରେ ଉପଲବ୍ଧ ନଥିବା ଅଞ୍ଚଳରେ ଆର୍ଥିକ ସେବା ବିସ୍ତାର କରିବାରେ ପୋଷ୍ଟ ଅଫିସଗୁଡ଼ିକର ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ସୁକନ୍ୟା ସମୃଦ୍ଧି ଯୋଜନା, ଆରଡି, ଅବଧି କାଳୀନ ଜମା ଏବଂ ସଞ୍ଚୟ ଖାତା ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ଶ୍ରୀ ଟିଭିକେ ରେଡ୍ଡି ଏବଂ ପଦ୍ମଶ୍ରୀ ସୀମାଞ୍ଚଳ ପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସ୍ଥାନୀୟ ଅଞ୍ଚଳର ସମୃଦ୍ଧ ପରମ୍ପରାକୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସିବିସି ଭୁବନେଶ୍ୱରର ସହାୟକ ନିର୍ଦ୍ଦେଶକ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ଦେବା ସହିତ ବିଭିନ୍ନ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ନାଗରିକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ଏଭଳି ଜନସମ୍ପର୍କ କାର୍ଯ୍ୟକ୍ରମର ଗୁରୁତ୍ୱ ବିଷୟରେ ମତ ରଖିଥିଲେ। ବ୍ରହ୍ମପୁର ସିବିସି କ୍ଷେତ୍ର କାର୍ଯ୍ୟାଳୟର କ୍ଷେତ୍ର ପ୍ରଚାର ସହାୟକ ଜୀବନ ସାମନ୍ତସିଂହାର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ତିନି ଦନିଆ ପ୍ରଦର୍ଶନୀରେ ଭାରତର ବିକାଶ ଯାତ୍ରା ଏବଂ ରୂପାନ୍ତରକାରୀ ଶାସନ କାର୍ଯ୍ୟକ୍ରମକୁ ନେଇ ମଲ୍ଟିମିଡିଆ ପ୍ରଦର୍ଶନୀ, ସଚେତନତା କାର୍ଯ୍ୟକଳାପ ଏବଂ ଜନସାଧାରଣଙ୍କ ସହଭାଗିତା କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଛି।



# ରାଜରାସ୍ତାରେ ନ୍ୟାୟ ମାଗୁଛି ଶିକ୍ଷକ ସମାଜ, ୮ ଦିନ ହେଲା ନାହିଁ ପ୍ରତିକାର

## ନିରବଦ୍ରଷ୍ଟା ସରକାର : ସମନ୍ୱୟ ସମିତି



ଭୁବନେଶ୍ୱର (ବ୍ୟୁରୋ) : ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନରେ ରାଜ୍ୟ ରାଜଧାନୀ ଭୁବନେଶ୍ୱର ସ୍ଥିତ ଲୋୟର୍ ପି.ଏମ୍.ଜି. ଗାନ୍ଧିମାର୍ଗରେ ହଜାର ହଜାର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଖରାବର୍ଷା ଓ ଶୀତ କାକରକୁ ଭ୍ରୂକ୍ଷେପ ନକରି ଅହୋରାତ୍ର ଗଣଧାରଣାରେ ଆଠ ଦିନ ହେଲା ବସି ରହିଛନ୍ତି। ସମସ୍ୟା ସମାଧାନ ନିମନ୍ତେ ସରକାରଙ୍କ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି ଓ ସରକାରଙ୍କ ନୀରବତା ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀମାନଙ୍କୁ ବ୍ୟଥିତ କରିଛି ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ କହିଛନ୍ତି। ସୂଚନାଥାଉ କି, ଆଠ ଦିନ ହେଲା ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀମାନେ ଦାବି ହାସଲ ପାଇଁ ଅହୋରାତ୍ର ଧାରଣାରେ ବସି ରହିଛନ୍ତି। ଅନ୍ୟ ପଟରେ ସରକାର ସେମାନଙ୍କ ସମସ୍ୟାକୁ ଅଣଦେଖା କରି ଚାଲିଛନ୍ତି ବୋଲି ସମନ୍ୱୟ ସମିତି ପକ୍ଷରୁ କୁହାଯାଇଛି। ସରକାର ସମସ୍ୟା ସମାଧାନ କରିବା ପାଇଁ ବିଭିନ୍ନ ସମୟରେ କମିଟି ମାନ ଗଠନ କରିଛନ୍ତି। ଯଥା-ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟି, ପଲିଟିକାଲ କମିଟି, ସଚିବସ୍ତରୀୟ କମିଟି ଏବଂ ଶେଷରେ ଉଚ୍ଚସ୍ତରୀୟ କମିଟି ଗଠନ କରିସାରିଛନ୍ତି। ଉଚ୍ଚସ୍ତରୀୟ କମିଟି ଛଅମାସ ମଧ୍ୟରେ ସରକାରଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିଥିଲେ ମଧ୍ୟ ସମସ୍ୟା ସମାଧାନକୁ ବିଳମ୍ବ କରିବା ଲକ୍ଷ୍ୟରେ ସରକାର ଏହି ଉଚ୍ଚସ୍ତରୀୟ କମିଟିର ସମୟକୁ ଆଉ ଛଅମାସ ବର୍ଦ୍ଧିତ କରିଛନ୍ତି। ତୁରନ୍ତ ଏହି ଉଚ୍ଚସ୍ତରୀୟ କମିଟିର ରିପୋର୍ଟକୁ ନେଇ ଏକ ବୈଠକ ବସାଇ ସମସ୍ତ ବର୍ଗର ଶିକ୍ଷକମାନଙ୍କର ସମସ୍ୟା ଯଥାଶୀଘ୍ର ସମାଧାନ କରନ୍ତୁ ବୋଲି ସମନ୍ୱୟ ସମିତି ପକ୍ଷରୁ କୁହାଯାଇଛି। ଯୋଗ୍ୟ ବିବେଚିତ ବିଦ୍ୟାଳୟ ଗୁଡ଼ିକରେ କାର୍ଯ୍ୟ କରୁଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀମାନେ ୩୦ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ବିନା ବେତନରେ ଶିକ୍ଷାଦାନ କରିଚାଲିଛନ୍ତି। ସେମାନଙ୍କର ଦୟନୀୟ ଅବସ୍ଥା ଆଖିରେ ନଦେଖିଲେ ହୃଦବୋଧ ହେବନାହିଁ। କେତେଦିନ ଆଉ ଭୋକ ଉପାସରେ ଶିକ୍ଷାଦାନ କରିବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ବିଦ୍ୟାଳୟରେ ଅଧ୍ୟୟନରତ ବିଦ୍ୟାର୍ଥୀମାନେ ପୋଷାକ, ମଧ୍ୟାହ୍ନ ଭୋଜନ, ପୁସ୍ତକ ଓ ଅନ୍ୟାନ୍ୟ ସୁବିଧାରୁ ବଂଚିତ ଏହା ଶିକ୍ଷା ଅଧିକାର ଆଇନ ୨୦୦୯କୁ ଉଲଘଂନ କରୁଛି। ସେହିପରି ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀଟି ୩୦ ବର୍ଷ ଚାକିରି କଲା ପରେ ଅବସର ନେବା ବେଳେ ଶୂନ୍ୟ ହସ୍ତରେ ବିଦାୟ ନେଉଛନ୍ତି। ତା ପାଇଁ ପେନସନ୍, ଚାକିରି ସର୍ତ୍ତାବଳୀ କିମ୍ବା ଅବସରକାଳୀନ ସୁବିଧା ନାହିଁ। ଚାକିରିରୁ ବିଦାୟ ନେଲା ପରେ ଶିକ୍ଷକ କର୍ମଚାରୀଟିଏ ତାର ବଂଚିବାର ଅଧିକାର ହରାଇ ବସିଛି ତାର ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବା ପାଇଁ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଛି। ବାର୍ଦ୍ଧକ୍ୟ ଅବସ୍ଥାରେ ଔଷଧ ଟୋପାଏ, ଖାଇବାକୁ ଖାଦ୍ୟ ଓ ପିନ୍ଧିବାକୁ ବସ୍ତ୍ର ପାଇଁ ମଧ୍ୟ ତା ପାଖରେ ପଇସାଟିଏ ନାହିଁ। ରାଜ୍ୟ ସରକାର ଏସବୁ ସ୍ଥିତିକୁ ହୃଦ୍‌ବୋଧ କରି ସମସ୍ୟା ସମାଧାନ କରିବାର ଆବଶ୍ୟକତା ରହିଛି ବୋଲି ସମନ୍ୱୟ ସମିତି ପକ୍ଷରୁ କୁହାଯାଇଛି। ବର୍ତ୍ତମାନର ଲୋକଙ୍କର ସରକାର ଏହି ଦାବିଗୁଡ଼ିକର ଗମ୍ଭୀରତାକୁ ହୃଦୟଙ୍ଗମ କରି ଅନୁଦାନରୁ ବାଦ୍ ପଡ଼ିଥିବା ସ୍ୱଳ୍ପ ସଂଖ୍ୟକ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ ସହିତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରୁ ଅବସର ନେଇଥିବା ଓ ଅବସର ନେବାକୁ ଯାଉଥିବା ଶିକ୍ଷକ ଓ କର୍ମଚାରୀମାନଙ୍କ ପାଇଁ ଚାକିରି ସର୍ତ୍ତାବଳୀ ସହିତ ପେନସନ୍ ପ୍ରଦାନ ଏବଂ ଖାଲି ପଡ଼ିଥିବା ସ୍ଥାନରେ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ନିଯୁକ୍ତି କରିବା ପାଇଁ ସମନ୍ୱୟ ସମିତି ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରିଛନ୍ତି। ଅହୋରାତ୍ର ଧାରଣାର ଅଷ୍ଟମ ଦିବସରେ ଆନ୍ଦୋଳନ ସ୍ଥଳରେ ସିପିଆଇ(ଏମ୍)ର ସେକ୍ରେଟାରିଏଟ୍ ମେମ୍ବର ଶ୍ରୀଯୁକ୍ତ ସନ୍ତୋଷ ଦାସ, ଖୋର୍ଦ୍ଧା ଉପାଧ୍ୟକ୍ଷ ଶ୍ରୀଯୁକ୍ତ ଗୋପିନାଥ ମହାରଣା ପ୍ରମୁଖ ଉପସ୍ଥିତ ରହି ପ୍ରତିବାଦ ସଭାରେ ଉଦ୍‌ବୋଧନ ଦେବା ସହିତ ଏହି ଆନ୍ଦୋଳନ ପ୍ରତି ତାଙ୍କର ଦଳ ଓ ସଂଗଠନର ସମର୍ଥନ ଜଣାଇଛନ୍ତି। ରାଜ୍ୟ ସରକାର ତୁରନ୍ତ ସମନ୍ୱୟ ସମିତିର ନେତୃତ୍ୱମାନଙ୍କ ସହିତ ଆଲୋଚନା କରି ସମସ୍ୟା ସମାଧାନର ରାସ୍ତା ବାହାର କରନ୍ତୁ ନଚେତ୍ ଆଗାମୀ ଦିନରେ ଏଥିପାଇଁ ଯେଉଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶଙ୍କ ସମେତ ସମନ୍ୱୟ ସମିତିର ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ଡ଼. ପ୍ରଶାନ୍ତ କୁମାର ପ୍ରଧାନ, ନିର୍ମଳା ପଣ୍ଡା, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ରଞ୍ଜନ କୁମାର ପଣ୍ଡା, ଏମ୍.ଏ. କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ସୁରେଶ ଚନ୍ଦ୍ର ଦାଶ, ରାଜା ଓସିମ୍, ନୀଳମଣି ପୁରୋହିତ, ବ୍ରଜ କିଶୋର ବିଶ୍ୱାଳ, ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି, ବନମାଳୀ ବାରିକ, ରାଜଲକ୍ଷ୍ମୀ ବେହେରା, ଜୟନ୍ତୀ ବଳ, ମାଣିକେଶ୍ୱର ସ୍ୱାଇଁ, ରମାକାନ୍ତ ମହାପାତ୍ର, ପ୍ରଦୀପ କୁମାର ମଙ୍ଗରାଜ, ନବକୁମାର ପଣ୍ଡା, ଗଦାଧର ଶତପଥୀ, ରମାକାନ୍ତ ଲେଙ୍କା ଏବଂ ମଧୁସୂଦନ ଦେ ପ୍ରମୁଖ ସରକାରଙ୍କୁ ଦୃଢ଼ ଚେତାବନୀ ଦେଇଛନ୍ତି।

# ଜୟଶ୍ରୀ ଦାସଙ୍କ 'ହେ ବୁଦ୍ଧ ତୁମକୁ ପ୍ରଣାମ' ଉନ୍ମୋଚିତ



ଭୁବନେଶ୍ୱର (ବ୍ୟୁରୋ) : ସ୍ଥାନୀୟ ଖାରବେଳ ନଗରସ୍ଥିତ ଗୋଦାବରୀଶ ସାହିତ୍ୟ ସଂସଦ ଠାରେ ସାହିତ୍ୟିକା, ଲେଖିକା ଜୟଶ୍ରୀ ଦାସଙ୍କ ଷୋହଳତମ କବିତା ସଂକଳନ ହେ ବୁଦ୍ଧ! ତୁମକୁ ପ୍ରଣାମ ଲୋକାର୍ପିତ ହେବା ସହିତ ସାରସ୍ୱତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଗଣମାଧ୍ୟମ ଓ ସାମାଜିକ ଅନୁଷ୍ଠାନ ଉତ୍କଳ ବୁଲେଟିନ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକା ସରୋଜିନୀ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ବିଶିଷ୍ଟ ଐତିହାସିକ, ଗବେଷକ ଡ଼ଃ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ, ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ, ଅଧ୍ୟକ୍ଷ ପୁଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପ୍ରଦ୍ୟୁମ୍ନ ଶତପଥୀ, ପୁସ୍ତକ ରଚୟିତା ଜୟଶ୍ରୀ ଦାସ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକା ରୀନା ମହାନ୍ତି ଉପସ୍ଥିତ ରହିବା ସହ ତଥାଗତ ବୁଦ୍ଧଙ୍କ ଦର୍ଶନ, ଚିନ୍ତନ ମାର୍ଗଦର୍ଶନକୁ ଆଜିର ଯୁବପୀଢ଼ି ଆଗେଇ ନେବା ସହିତ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ମତବ୍ୟକ୍ତ କରିଥିଲେ। ଡ. ତ୍ରିପାଠୀ ବୁଦ୍ଧଙ୍କ ସମ୍ପର୍କରେ ସଠିକ ତଥ୍ୟ ଏ ପର୍ଯ୍ୟନ୍ତ ଲୋକଲୋଚନକୁ ଆସିନାହିଁ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଶ୍ରୀଯୁକ୍ତ ଶତପଥୀ ମତବ୍ୟକ୍ତ କରି କହିଥିଲେ ଯେ ଏ ପର୍ଯ୍ୟନ୍ତ ଓଡିଶା ଇତିହାସ ସମ୍ପର୍କରେ ଉପଯୁକ୍ତ ଓ ଯୁକ୍ତି ସଙ୍ଗତପୂର୍ଣ୍ଣ ଉପସ୍ଥାପନା ସହିତ ଲେଖନୀ ସଠିକ ଭାବେ ହୋଇନାହିଁ। ଏହା ଗମ୍ଭୀର ଚିନ୍ତାର ବିଷୟ ବୋଲି କହିବା ସହିତ ବୁଦ୍ଧଙ୍କ ସମ୍ପର୍କରେ ଆଜିର ଯୁବପୀଢ଼ି ଜାଣିବା ନିହାତି ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହେବା ସହିତ କବି ଓ ସାରସ୍ୱତ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନଙ୍କ ମଧ୍ୟରେ ସାମ୍ବାଦିକ, ସମାଜସେବୀ ଡ଼ଃ ପ୍ରମୋଦ କିଶୋର ପରିଡା, ସମାଜସେବୀ କ୍ରିଷ୍ଣା ସାହୁ, ନୃତ୍ୟ ନିର୍ଦ୍ଦେଶକ ପ୍ରିୟାଂଶୁ ପ୍ରିୟଦେବ, ପ୍ରତାପ ଚନ୍ଦ୍ର ଦାସ ମେମୋରୀୟାଲ ଟ୍ରଷ୍ଟ। ଅତିଥି ପରିଚୟ ଟ୍ରଷ୍ଟ ସମ୍ପାଦକ ଅରବିନ୍ଦ ତ୍ରିପାଠୀ ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଟ୍ରଷ୍ଟ ଉପଦେଷ୍ଟା ତଥା ସାମ୍ବାଦିକ ମଦନ ମୋହନ ପାଢ଼ୀ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସମାଜସେବୀ ନାରାୟଣ ଖୁଣ୍ଟିଆ, ସାମ୍ବାଦିକ ରମେଶ କୁମାର ମହାପାତ୍ର, ପ୍ରିୟବ୍ରତ ବାରିକ, ପ୍ରଜ୍ଞା ପଟ୍ଟନାୟକ ପ୍ରମୁଖ।

# ଜାୱା ୟେଜଦି ମୋଟରସାଇକେଲ୍ସ ରୋଡଷ୍ଟର ରେଡ୍ ୱୁଲଫନ୍ ସହ ଆମାଜନ.ଇନ ଓ ଫ୍ଲିପକାର୍ଟରେ ଉପଲବ୍ଧ



ଭୁବନେଶ୍ୱର (ବ୍ୟୁରୋ) : ଜାୱା ୟେଜଦି ମୋଟରସାଇକେଲ୍ସ ଆମାଜନ.ଇନ ଏବଂ ଫ୍ଲିପକାର୍ଟରେ ୟେଜଦି ରୋଡଷ୍ଟର ରେଡ୍ ୱୁଲଫ ଶୁଭାରମ୍ଭ କରିଛି। ପୂର୍ବ ପରି ଏହାର ସାଥୀମାନଙ୍କୁ ଡାକିଥିଲା। ଭାରତର ଅଗ୍ରଣୀ ଇ-କମର୍ସ ପ୍ଲାଟଫର୍ମରେ ଉପଲବ୍ଧତା ସହିତ, ରେଡ୍ ୱୁଲ୍ଫ ବିଭିନ୍ନ ଭାରତୀୟ ସହରଗୁଡ଼ିକରେ ଭାରତର ଅଗ୍ରଣୀ ଇ-କମର୍ସ ପ୍ଲାଟଫର୍ମ ମାଧ୍ୟମରେ ଏହାର ନୂତନତମ ରୋଡଷ୍ଟରକୁ ବ୍ୟାପକ ଦର୍ଶକଙ୍କ ନିକଟରେ ପଂହଚାଇଛି। ଏହି ପଦକ୍ଷେପ ବ୍ରାଣ୍ଡର ଡିଜିଟାଲ୍-ପ୍ରଥମ ପଦ୍ଧତିକୁ ସୁଦୃଢ଼ କରିଥାଏ, ଯାହା ଗ୍ରାହକମାନଙ୍କୁ ଏହାର ବର୍ଦ୍ଧିତ ଅଧିକୃତ ଡିଲରସିପ୍ ନେଟୱାର୍କ ଦ୍ୱାରା ସମର୍ଥିତ ଅନଲାଇନରେ ସେମାନଙ୍କର ମାଲିକାନା ଯାତ୍ରାକୁ ନିର୍ବିଘ୍ନରେ ଆବିଷ୍କାର ଏବଂ ଆରମ୍ଭ କରିବାକୁ ସକ୍ଷମ କରିଥାଏ। ଏହି ପରିପ୍ରେକ୍ଷୀରେ ଜାୱା ୟେଜଦି ମୋଟରସାଇକେଲ୍ସର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି, "ୟେଜଦି ରୋଡଷ୍ଟର ଏହାର ସ୍ୱତନ୍ତ୍ର ଷ୍ଟାଇଲିଂ ଏବଂ ଉନ୍ନତ ଇଞ୍ଜିନିୟରିଂ ଯୋଗୁଁ ରାଇଡରମାନଙ୍କ ମଧ୍ୟରେ ପ୍ରତିଧ୍ୱନିତ ହୋଇଛି, ଯେତେବେଳେ ରେଡ୍‌ୱୁଲ୍ଫ ଆସିଥିଲା, ଏହା ଏହାର ସାହସିକ ବ୍ୟକ୍ତିତ୍ୱ ଆଣିପାରିବ। ରାଇଡରମାନଙ୍କ ପାଇଁ ସେମାନଙ୍କର ମାଲିକାନା ଯାତ୍ରାକୁ ସୁଗମ ଭାବରେ ଆବିଷ୍କାର ଏବଂ ଆରମ୍ଭ କରିବା ପାଇଁ ଅନଲାଇନ୍ ଉପସ୍ଥିତି ଆମ ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଛି, ଏବଂ ଆମେ ଆମର ପ୍ରଦର୍ଶନ କ୍ଲାସିକ୍ ପରିସରକୁ ବ୍ୟାପକ ଭାବରେ ଉପଲବ୍ଧ କରାଇବାକୁ ଚେଷ୍ଟା କରିବୁ। ୟେଜଦି ରୋଡଷ୍ଟର ରେଡ୍ ୱୁଲ୍ଫ ମୂଲ୍ୟ ୨,୦୯,୯୫୦ ଟଙ୍କା (ଏକ୍ସ-ଶୋ'ରୁମ୍ ଦିଲ୍ଲୀ) ଏବଂ ଏହା ପ୍ରାଧିକୃତ ଡିଲରସିପ୍ ରେ ଉପଲବ୍ଧ ଏବଂ ଆମାଜନ.ଇନ ଏବଂ ଫ୍ଲିପକାର୍ଟ ମାଧ୍ୟମରେ କିଣାଯାଇପାରିବ। ୟେଜଦିର ୧୯୭୦ ଦଶକର ଐତିହ୍ୟ ଦ୍ୱାରା ଅନୁପ୍ରାଣିତ, ରେଡ୍ ୱୁଲଫ ଏହାର ଗଭୀର ଲାଲ ଫିନିଶ୍, ବ୍ୟାପକ କ୍ରୋମ୍ ଡିଟେଲିଂ ଏବଂ ବୋଲ୍ଡ ରୋଡଷ୍ଟର ସ୍ଥିତି ସହିତ ପ୍ରସ୍ତୁତ ହୋଇଛି।

# ଆମାଜନ ପେ' ଗିଫ୍ଟ କାର୍ଡସ ପକ୍ଷରୁ ରକ୍ଷାବନ୍ଧନ ଅଫର୍ ଶୁଭାରମ୍ଭ

ଭୁବନେଶ୍ୱର (ବ୍ୟୁରୋ) : ଆମାଜନ ପେ ଗିଫ୍ଟ କାର୍ଡ଼ ପକ୍ଷରୁ ରକ୍ଷାବନ୍ଧନ ପାର୍ବଣ ଅଫରର ଘୋଷଣା କରାଯାଇଛି, ଯେଉଁଥିରେ ସେହିଦିନ ଏବଂ ପରଦିନ ଡ଼େଲିଭରି ସହିତ ଫିଜିକାଲ ଗିଫ୍ଟ କାର୍ଡ଼ ପାଇଁ ପ୍ରିମିୟମ ରାକ୍ଷୀ ଗିଫ୍ଟ ବକ୍ସ ଅନ୍ତର୍ଭୁକ୍ତ ରହିଛି। ଏହି ପାର୍ବଣ ଶୃଙ୍ଖଳାରେ ଫିଜିକାଲ କାର୍ଡ଼ ଉପରେ ୫% ପର୍ଯ୍ୟନ୍ତ କ୍ୟାସବ୍ୟାକ, ଇ-ଗିଫ୍ଟ କାର୍ଡ଼ ଉପରେ ୧୫୦ ଟଙ୍କା ପର୍ଯ୍ୟନ୍ତ ଫେରସ୍ତ, ଜେନ ଏଆଇ ଦ୍ୱାରା ପରିଚାଳିତ ନୂଆ ପର୍ସନାଲାଇଜେଶନ ଫିଚର ଏବଂ ଆମାଜନ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡ଼ିଟ୍ କାର୍ଡ଼ଧାରୀଙ୍କ ପାଇଁ ଫ୍ଲାଟ ୨% ଅସୀମିତ କ୍ୟାସବ୍ୟାକ୍ ଉପଲବ୍ଧ ରହିଛି। ଗିଫ୍ଟ କାର୍ଡ଼ଗୁଡ଼ିକ ୧୦ଟଙ୍କାରୁ ଆରମ୍ଭ ହେଉଥିବା ବେଳେ ଏଗୁଡିକ ଆମାଜନ ଓ ୨୦,୦୦୦ରୁ ଅଧିକ ପାର୍ଟନର୍ ଆପ୍‌ରେ ଫ୍ୟାଶନଠାରୁ ଆରମ୍ଭ କରି ଇଲେକ୍‌ଟ୍ରୋନିକ୍ସ, ଗ୍ରୋସରୀ ଓ ଗେମିଂ ପର୍ଯ୍ୟନ୍ତ ୧୫ କୋଟିରୁ ଅଧିକ ଉତ୍ପାଦରେ ରିଡିମ୍ କରାଯାଇପାରିବ। ଆମାଜନ ପେ ଦ୍ୱାରା କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ପ୍ରତ୍ୟେକ ଉପହାର ପଛରେ ଏକ ଭାବନା ମୁଖ୍ୟ ସ୍ଥାନ ଗ୍ରହଣ କରିଥାଏ, କିନ୍ତୁ ସେହି ଭାବନାକୁ ଏକ ଉପଯୁକ୍ତ ଉପହାରରେ ପରିଣତ କରିବା କଷ୍ଟକର ହୋଇଥାଏ। ଭାଇଭଉଣୀଙ୍କ ପର୍ବ ପାଇଁ, ନଗଦ ଟଙ୍କା ଦେବା ଦୀର୍ଘ ଦିନରୁ ଏକ ସୁରକ୍ଷିତ ଏବଂ ସର୍ବବ୍ୟାପୀ ଗ୍ରହଣୀୟ ବିକଳ୍ପ ହୋଇରହିଛି। ଗିଫ୍ଟ କାର୍ଡ଼ ଏହାର ଏକ ବହୁତ ଭଲ ବିକଳ୍ପ ପ୍ରଦାନ କରୁଛି। ଏସମ୍ପର୍କରେ ଆମାଜନ ପେ'ର ଷ୍ଟୋର୍‌ଡ ଭାଲ୍ୟୁ ଓ ଗିଫ୍ଟିଙ୍ଗ ବିଭାଗର ନେହା ଗୁପ୍ତା ମାହାତାମେ କହିଛନ୍ତି, "ଏହି ଶୁଭାରମ୍ଭ ସହିତ, ଆମେ ଏକ ବାସ୍ତବ ଉପହାର ଖୋଲିବାର ଆନନ୍ଦକୁ ନିଜ ମନପସନ୍ଦର ଜିନିଷ ବାଛିବାର ସ୍ୱାଧୀନତା ସହିତ ଯୋଡ଼ିଛୁ – ଏବଂ ଏଥିରେ ଏଆଇ-ଚାଳିତ ବ୍ୟକ୍ତିଗତସ୍ପର୍ଶ ଯୋଗ କରିଛୁ ଯାହାଫଳରେ ପ୍ରତ୍ୟେକ କାର୍ଡ଼ ଅନନ୍ୟ ଅନୁଭୂତ ହେବ। ଏହା ବିନା ଚିନ୍ତାରେ ଆମାଜନ ପେର ଏକ ଭାବପୂର୍ଣ୍ଣ ଉପହାର ହୋଇପାରିଛି।" ଏହି ରକ୍ଷାବନ୍ଧନରେ, ଫିଜିକାଲ ଗିଫ୍ଟ କାର୍ଡ଼ଗୁଡ଼ିକ ସ୍ୱତନ୍ତ୍ର ଭାବରେ ଡ଼ିଜାଇନ କରାଯାଇଥିବା ପ୍ରିମିୟମ ରାକ୍ଷୀ ଗିଫ୍ଟ ବାକ୍ସରେ ଉପଲବ୍ଧ ହେଉଛି। ଶେଷ ମୁହୂର୍ତ୍ତର ଉପହାର ପାଇଁ ଏହି ବାକ୍ସଗୁଡ଼ିକୁ ସେହିଦିନ ଡ଼େଲିଭରି ଏବଂ ଆଗରୁ ଯୋଜନା କରୁଥିବା ଲୋକଙ୍କ ପାଇଁ ନିର୍ଦ୍ଦିଷ୍ଟ ସହର ଓ ସେବାଯୋଗ୍ୟ ପିନକୋଡ଼ରେ ପରଦିନ ଡ଼େଲିଭରି ପାଇଁ ଉପଲବ୍ଧ ରହିଛି, ଯାହା ଉପହାରଟି ସମୟରେ ପହଂଚିବା ଏବଂ ଦେବା ପାଇଁ ପ୍ରସ୍ତୁତ ରହିଛି ବୋଲି ନିଶ୍ଚିତ କରିଥାଏ। ଗ୍ରାହକମାନେ ଫିଜିକାଲ ଗିଫ୍ଟ କାର୍ଡ଼ କ୍ରୟ ଉପରେ ୫% ସଂଚୟ କରିପାରିବେ।

# ସଙ୍କଟରେ ରାଜଧାନୀର ଫୁଟପାଥ୍



ଭୁବନେଶ୍ୱର (ବ୍ୟୁରୋ) : ଭୁବନେଶ୍ୱରରେ ସନ୍ଧ୍ୟା ବେଳେ ଭିଡ଼ ଭାଡ ସମୟରେ ପଟିଆ ଅଞ୍ଚଳରେ ଗୋଟିଏ କାରକୁ ଫୁଟପାଥ ଉପରେ ରଖାଯାଇଥିବା ଦେଖା ଯାଇଛି।ରାସ୍ତା ରେ ଯାନ ବାହାନ ଭିଡ଼ଥିଲା ବେଳେ ଫୁଟପାଥ ଉପରେ ଚାଲୁଥିବା ଲୋକଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରିଛି। ଓଡ଼ିଶା ମଟର ଭେହିକେଲ ରୁଲ ଅନୁସାରେ ଫୁଟପାଥ ଉପରେ ଗାଡ଼ି ଚଲାଇବା ବା,ଗାଡ଼ି ରଖିବା ନିଷେଧ ଅଟେ। ଏହିପରି ଆଇନ ବିରୋଧ କାମ କରି ଥିବା ବ୍ୟକ୍ତିଙ୍କୁ ୧୦୦୦ ରୁ ୫୦୦୦ ଫାଇନ ଦେବାର ଦୃଢ଼ ଆଇନ ଥିଲା ବେଳେ ଏପରି ଆଇନ ବିରୋଧ କାମ ଗାଡ଼ି ଚାଳକ ମାନେ କରି ପାରୁଛନ୍ତି କିପରି। ଓଡ଼ିଶା ଭେହିକେଲ ଏକ୍ଟ ରାସ୍ତାରେ ଚାଲୁଥିବା ବ୍ୟକ୍ତିଙ୍କ ଅଧିକାରକୁ ରକ୍ଷା କରିବାକୁ ଅକ୍ଷମ ମନେ ହେଉଛି। ଫୁଟପାଥରେ ଚାଲୁଥିବା ବ୍ୟକ୍ତିଙ୍କ ଅଧିକାରକୁ ହନନ କରୁଥିବା ଗାଡ଼ି ଚାଳକ କାନୁନକୁ ବେଖାତିର କରି ଫୁଟପାଥ ଉପରେ ଗାଡ଼ି ଚଳାଉଛନ୍ତି। ଏହା ଫୁଟପାଥ ରେ ଚାଲୁଥିବା ବ୍ୟକ୍ତିଙ୍କୁ ନିଶ୍ଚିତ ଦୁର୍ଘଟଣାକୁ ଠେଲି ଦେଉଛି।ଆମର ଭେଇକେଲ ଏକ୍ଟ ଆମକୁ ରକ୍ଷା କରିବାକୁ ଅକ୍ଷମ ବୋଲି ମନେ ହେଉଛି।

# ଏଆଇ+ ସ୍ମାର୍ଟଫୋନ୍ ସିରିଜ୍ ମୂଲ୍ୟରେ ପରିବର୍ତ୍ତନ




ଭୁବନେଶ୍ୱର (ବ୍ୟୁରୋ) : ଏଆଇ+ ସ୍ମାର୍ଟଫୋନ୍ ପକ୍ଷରୁ ତାର କେତେକ ନିର୍ଦ୍ଦିଷ୍ଟ ସ୍ମାର୍ଟଫୋନ୍‌ଗୁଡ଼ିକର ମୂଲ୍ୟରେ ପ୍ରାୟ ୨,୦୦୦ ଟଙ୍କା ବୃଦ୍ଧି କରିବା ଘୋଷଣା କରିଛି। ସମଗ୍ର ସ୍ମାର୍ଟଫୋନ୍ ଉଦ୍ୟୋଗରେ ଯନ୍ତ୍ରାଂଶ ତଥା ଅନ୍ୟାନ୍ୟ ଜରୁରୀ ଖର୍ଚ୍ଚ ବଢୁଥିବା କାରଣରୁ ଏହି ପଦକ୍ଷେପ ନିଆଯାଇଛି । ସ୍ମାର୍ଟଫୋନ୍ ଶିଳ୍ପ ଏବେ ଖର୍ଚ୍ଚ ବୃଦ୍ଧି ଜନିତ ଏକ କଠିନ ପରିସ୍ଥିତି ଦେଇ ଗତି କରୁଛି। ବିଶେଷ କରି ମେମୋରୀ ଭଳି ମୁଖ୍ୟ ଯନ୍ତ୍ରାଂଶ ସହିତ ନିର୍ମାଣ, ପରିବହନ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀର ଦାମ୍ ବଢ଼ିବାରେ ଲାଗିଛି। ଏହି ବର୍ଦ୍ଧିତ ଖର୍ଚ୍ଚ ସବୁ ବର୍ଗର ଫୋନ୍ ନିର୍ମାଣ ଉପରେ ପ୍ରଭାବ ପକାଉଛି, ଯାହା ଫଳରେ ଗ୍ରାହକଙ୍କ ସୁବିଧା ଏବଂ ଉତମ ଅନୁଭୂତିକୁ ସନ୍ତୁଳିତ ରଖି ବ୍ରାଣ୍ଡଗୁଡ଼ିକୁ ମୂଲ୍ୟରେ ପରିବର୍ତନ କରିବାକୁ ପଡୁଛି। ଗ୍ରାହକଙ୍କ ପାଇଁ ଦାମ୍ ସୁଲଭ ରଖିବାକୁ ଏଆଇ+ ସ୍ମାର୍ଟଫୋନ୍ ଏହି ବର୍ଦ୍ଧିତ ଖର୍ଚ୍ଚର ଏକ ବଡ଼ ଭାଗ ନିଜେ ବହନ କରିଛି । ତଥାପି, ଖର୍ଚ୍ଚର ଚାପ ଲାଗି ରହିଥିବାରୁ, କମ୍ପାନୀ ଆଜିଠାରୁ କିଛି ନିର୍ଦ୍ଦିଷ୍ଟ ଫୋନ୍‌ର ଦାମ୍‌ରେ ସାମାନ୍ୟ ପରିବର୍ତନ କରିବାକୁ ବାଧ ହୋଇଛି। ପରିବର୍ତିତ ମୂଲ୍ୟ ଯେପରିକି ଏଆଇ ପ୍ଲସ ପଲସ . ୪+୬୪ ଭାରିଆଂଟ ପୂର୍ବରୁ ୯୯୯୯ ଟଙ୍କା ରହିଥିବାବେଳେ ଏବେ ୧୦୯୯୯ ଟଙ୍କା ହୋଇଛି ଏବଂ ଏଆଇ ପ୍ଲସ ପଲସ ୨, ୪+୧୨୮ ଭାରିଆଂଟ ପୂର୍ବରୁ ୧୦୯୯୯ ଟଙ୍କା ରହିଥିବାବେଳେ ଏବେ ୧୧୪୯୯ ଟଙ୍କା ହୋଇଛି । ସେହିପରି ଏଆଇ ପ୍ଲସ ପଲସ ୨,୬+୧୨୮ ଭାରିଆଂଟ ପୂର୍ବରୁ ୧୧୯୯୯ ଟଙ୍କା ରହିଥିବାବେଳେ ଏବେ ମଧ୍ୟ ଅପରିବର୍ତିତ ରହିଛି । ଏବଂ ଏଆଇ ପ୍ଲସ ନୋଭା ୨ ୫ଜି, ୪+୬୪ ପୂର୍ବରୁ ୧୨୯୯୯ ଟଙ୍କା ରହିଥିବାବେଳେ ଏବେ ୧୩୯୯୯ ଟଙ୍କ ହୋଇଛି । ଏହି ବିଷୟରେ ସୂଚନା ଦେଇ ଏଆଇ+ ସ୍ମାର୍ଟଫୋନ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ତଥା ନେକ୍ସଟକ୍ୱାଂଟମ୍ ଶିଫ୍ଟ ଟେକ୍ନୋଲୋଜିଜ୍‌ର ପ୍ରତିଷ୍ଠାତା, ମାଧବ ଶେଠ୍ କହିଛନ୍ତି ଏକ ଦୃଢ଼ ତଥା ଦୀର୍ଘସ୍ଥାୟୀ ବ୍ୟବସାୟ ଗଢ଼ିବା ସହିତ ଭାରତୀୟ ଗ୍ରାହକମାନଙ୍କୁ ଉତ୍କୃଷ୍ଟ ଜ୍ଞାନକୌଶଳ ଏବଂ ଉଚିତ୍ ମୂଲ୍ୟ ପ୍ରଦାନ କରିବା ଆମର ମୁଖ୍ୟ ଲକ୍ଷ୍ୟ । ଯନ୍ତ୍ରାଂଶର ବଢୁଥିବା ଦାମ୍ ଯୋଗୁଁ ସମଗ୍ର ଶିଳ୍ପ ଚାପରେ ରହିଛି ଏବଂ ଆମେ ଏହାର ବଡ ଭାଗ ନିଜେ ସମ୍ଭାଳି ଥିଲେ ମଧ୍ୟ ଏକ ଯୋଜନାବଦ୍ଧ ମୂଲ୍ୟ ସଂଶୋଧନ ଆବଶ୍ୟକ ଥିଲା।

# ବାଚସ୍ପତିଙ୍କୁ ଭେଟିଲେ ଭାରତର ପ୍ରଥମ ମହିଳା ମାଉଣ୍ଟ ୟୁନମ ଦଳ



ଭୁବନେଶ୍ୱର (ବ୍ୟୁରୋ) : ଓଡ଼ିଶା ଫେରିଛନ୍ତି ଭାରତର ପ୍ରଥମ ମହିଳା ପର୍ବତାରୋହୀ ଦଳ । ହିମାଚଳ ପ୍ରଦେଶର ମାଉଣ୍ଟ ୟୁନମ ଶିଖରକୁ ସଫଳତା ସହ ଆରୋହଣ କରି ଗତକାଲି ରାତିରେ ଫେରିଥିବା ୧୧ଜଣିଆ ମହିଳା ଦଳ ଆଜି ସକାଳେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀଙ୍କୁ ଭେଟିଛନ୍ତି । ଅଗଷ୍ଟ ୭ ତାରିଖରେ ମାଉଣ୍ଟ ୟୁନମ ଅଭିଯାନ ଆରମ୍ଭ କରିବା ପୂର୍ବରୁ ଦଳ ବାଚସ୍ପତିଙ୍କ ଠାରୁ ଗ୍ରହଣ କରିଥିବା ତ୍ରିରଙ୍ଗା ସଂଯୁକ୍ତ ଆଇସ୍ ଆକ୍ସକୁ ସସମ୍ମାନର ସହ ହସ୍ତାନ୍ତର କରିଛନ୍ତି । ଅଭିଯାନ ସମୟରେ ଦଳ ପ୍ରତିକୂଳ ପାଗ, ଅମ୍ଳଜାନର ଅଭାବ, ଶିଖରର ତୀକ୍ଷ୍ଣତା ଆଦି ବିଭିନ୍ନ ଆହ୍ୱାନପୂର୍ଣ୍ଣ ପରିବେଶରେ ୨୦,୧୦୦ ଫୁଟ୍ ଆରୋହଣ କରି ସ୍ୱାଧୀନତା ଦିବସରେ ମାଉଣ୍ଟ ୟୁନମ ଶିଖରରେ ୮୦ ମିଟର ଜାତୀୟ ପତାକା ଉତ୍ତୋଳନ କରିଥିଲା । ୧୧ ଜଣ ସଦସ୍ୟଙ୍କ ମଧ୍ୟରୁ ଦଳନେତ୍ରୀ ଅନିତା ସ୍ୱାଇଁ, ସୋନାଲି ଭୋଇ, ପ୍ରୀତି ପୋଢ, ଲିଲି ସାହୁ ଏବଂ ଶ୍ରୀୟାଶୃତି ପାତ୍ରୋ ଶିଖରକୁ ପହଞ୍ଚି ପାରିଥିଲା ବେଳେ ଅନ୍ୟ ସଦସ୍ୟାମାନେ ନିକଟତର ହୋଇପାରିଥିଲେ ମଧ୍ୟ ଅସୁସ୍ଥତା ପାଇଁ ଫେରିବାକୁ ବାଧ ହୋଇଥିଲେ । ଆସୋସିଏସନ ଫର୍ ଆଡ୍‌ଭେଞ୍ଚର ଆଣ୍ଡ ସୋସିଆଲ୍ ଆକ୍ଟିଭିଟିଜ୍ ଏବଂ ଓଡ଼ିଶାର ଅଗ୍ରଣୀ ବିଜ୍ଞାପନ, ଡିଜିଟାଲ ଓ ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା ସଙ୍କେତ କମ୍ୟୁନିକେସନ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ମିଳିତ ସହଭାଗିତାରେ ଆୟୋଜିତ ଏହି ଅଭିଯାନକୁ ସଫଳ କରିବାରେ ପ୍ରଶିକ୍ଷକ ତାରାକାନ୍ତ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ନାୟକ ଏବଂ ସୋମନାଥ ରେଡ୍ଡୀ ନିରନ୍ତର ସହାୟତା କରିଥିଲେ । ୮୦ତମ ସ୍ୱାଧୀନତା ଦିବସରେ ୟୁନମ ଶିଖରରେ ୮୦ ମିଟର ଜାତୀୟ ପତାକା ଉତ୍ତୋଳନ କରି ମହିଳାମାନେ ଏହି ଐତିହାସିକ ସଫଳତା ଓଡ଼ିଶା ପାଇଁ ଆଣିଛି ଗର୍ବ ଓ ଗୌରବ । ଏହି ଅବସରରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ଦଳର ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ସାହସ ଓ ଦୃଢ଼ସଙ୍କଳ୍ପର ପ୍ରଂଶସା କରିଛନ୍ତି । ଏହି ଅଭିଯାନର ସଫଳତା ଆଗାମୀ ଦିନରେ ଓଡ଼ିଶାର ମହିଳାମାନଙ୍କୁ ଏହିଭଳି ଦୁଃସାହସିକ କ୍ରୀଡ଼ା ପ୍ରତି ପ୍ରେରିତ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ପରେ ପରେ ସଙ୍କେତ କମ୍ୟୁନିକେସନ୍ସ ପକ୍ଷରୁ ଏହାର ଭୁବନେଶ୍ୱର କାର୍ଯ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମସ୍ତ ୧୧ ଜଣ ମହିଳା ୟୁନମ ପର୍ବାତାରୋହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ସଦସ୍ୟମାନେ ମାଉଣ୍ଟ ଶିଖର ଯାତ୍ରାର ଭାବବିହ୍ୱଳ ଅନୁଭୂତି ସମସ୍ତଙ୍କ ସହ ବାଣ୍ଟିଥିଲେ । ଏହି କାର୍ଯ୍ୟକ୍ରମରେ 'ଆଶା' ଫାଉଣ୍ଡେସନର ସମ୍ପାଦକ ତଥା ଏଭରେଷ୍ଟ ଆରୋହୀ ଗଣେଷ ଚନ୍ଦ୍ର ଜେନା, ଉପସଭାପତି ହରେଶ କୁମାର ମିଶ୍ର ଏବଂ ସଙ୍କେତ କମ୍ୟୁନିକେସନ୍ସର ପରିଚାଳନା ନିର୍ଦ୍ଦେଶକ ଶୁଭାଶିଷ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଉତ୍ତରପ୍ରଦେଶରେ ଗ୍ଲୋବାଲ ଆର୍ ଆଣ୍ଡ ଡି ସେଣ୍ଟର ସ୍ଥାପନ କରିବ ଆଇଟିଏଲ୍



ଭୁବନେଶ୍ୱର (ବ୍ୟୁରୋ) : ଭାରତର ଏକ ନମ୍ବର ଟ୍ରାକ୍ଟର ରପ୍ତାନି ବ୍ରାଣ୍ଡ ସୋନାଲିକା ଟ୍ରାକ୍ଟର୍ସର ମାଲିକାନା କମ୍ପାନୀ ମାଲିକ ଇଂଟରନ୍ୟାସନାଲ୍ ଟ୍ରାକ୍ଟର ଲିମିଟେଡ୍ (ଆଇଟିଏଲ), ଉତରପ୍ରଦେଶର ଗ୍ରେଟର ନୋଏଡାଠାରେ ୨୫ ଏକର ଜମିରେ ପରିବ୍ୟାପ୍ତ ଏକ ଆନ୍ତର୍ଜାତୀୟ ଗବେଷଣା ଏବଂ ବିକାଶ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତୁତ ହୋଇଛି। ଲକ୍ଷ୍ନୌରେ ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଶ୍ରୀ ଯୋଗୀ ଆଦିତ୍ୟନାଥ ଜୀ ଓ ଆଇଟିଏଲର ମ୍ୟାନେଜମେଂଟ ଟିମ୍ ମଧ୍ୟରେ ହୋଇଥିବା ଏକ ବୈଠକ ପରେ ଏସମ୍ପର୍କରେ ଘୋଷଣା କରାଯାଇଛି। ଆଇଟିଏଲ ଦ୍ୱାରା ନୂତନ ପ୍ରସ୍ତାବିତ ଗ୍ଲୋବାଲ୍ ଆର୍‌ଆଣ୍ଡଡି ସେଂଟର୍‌କୁ ଭବିଷ୍ୟତ ପ୍ରସ୍ତୁତ ଟେକ୍ନୋଲୋଜି ଏବଂ କୃଷକ- କୈନ୍ଦ୍ରିକ ଉଦ୍ଭାବନର ନିର୍ମାଣ ପାଇଁ ଏକ ବିଶ୍ୱସ୍ତରୀୟ ଉନ୍ନତ ଇଞ୍ଜିନିୟରିଂ ହବ୍ ଭାବରେ ପରିକଳ୍ପନା କରାଯାଇଛି। ଏହି ବୈଠକ କୃଷି ନବସୃଜନର ପରବର୍ତୀ ପର୍ଯ୍ୟାୟ ପାଇଁ ଆଇଟିଏଲର ଦୃଷ୍ଟିକୋଣ ଏବଂ ଟେକ୍ନୋଲୋଜି-ଚାଳିତ ଶିଳ୍ପ ନିବେଶ ପାଇଁ ଉତରପ୍ରଦେଶର ବର୍ଦ୍ଧିତ ଭୂମିକା ସହିତ ବ୍ରାଣ୍ଡ କିପରି ସମନ୍ୱିତ ହେବ ତାହା ଉପରେ କେନ୍ଦ୍ରିତ ଥିଲା। ଏହି ନୂତନ ଫ୍ୟାସିଲିଟି ଆଇଟିଏଲର କ୍ଷମତାକୁ ଆହୁରି ମଜବୁତ କରିବ ଯାହା ଏକ ଶକ୍ତିଶାଳୀ ଇକୋସିଷ୍ଟମ ସୃଷ୍ଟି କରିବ ଯେଉଁଠାରେ ଇଞ୍ଜିନିୟରିଂ ବିଶେଷଜ୍ଞତାକୁ କୃଷକମାନଙ୍କ ଅନ୍ତର୍ଦୃଷ୍ଟି ସହିତ ମିଶ୍ରିତ କରାଯାଇ ଭାରତୀୟ ଏବଂ ବିଶ୍ୱ ବଜାର ଆବଶ୍ୟକତା ଅନୁସାରେ କୃଷି ସମାଧାନ ବିକଶିତ କରାଯିବ। ଏ ସମ୍ପର୍କରେ ଇଂଟରନ୍ୟାସନାଲ୍ ଟ୍ରାକ୍ଟର୍ସ ଲିମିଟେଡ୍ ?ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତଲ କହିଛନ୍ତି, "ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଶ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଭେଟିବା ଏବଂ ତାଙ୍କ ସହ ୟୁପିର ଗ୍ରେଟର ନୋଏଡାରେ ଆଇଟିଏଲର ନୂଆ ୨୫-ଏକର ଗ୍ଲୋବାଲ୍ ଆରଆଣ୍ଡଡି ଫ୍ୟାସିଲିଟି ପାଇଁ ଆମର ଦୃଷ୍ଟିକୋଣ ବାଂଟିବା ଆମ ପାଇଁ ଏକ ସମ୍ମାନର ବିଷୟ। ଏହା ଆଇଟିଏଲରେ ଆମ ପାଇଁ କୃଷି ଉଦ୍ଭାବନର ପରବର୍ତୀ ସୀମା ଗଠନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ଆମେ ତାଙ୍କର ପ୍ରୋତ୍ସାହନ, ଆତ୍ମବିଶ୍ୱାସ ଏବଂ ପ୍ରେରଣାଦାୟକ ନେତୃତ୍ୱ ପାଇଁ ଗଭୀର କୃତଜ୍ଞ ଯାହା ବ୍ୟବସାୟ ଇକୋସିଷ୍ଟମକୁ ସମୃଦ୍ଧ କରିବାରେ ସହଯୋଗ କରିବ। ଏକ ପ୍ରଗତିଶୀଳ, ଟେକ୍ନୋଲୋଜି-ଚାଳିତ ଉତରପ୍ରଦେଶ ପାଇଁ ତାଙ୍କର ନିର୍ଣ୍ଣାୟକ ଦୃଷ୍ଟିକୋଣ ଆମକୁ ବଡ଼ ଚିନ୍ତା କରିବା, ଦ୍ରୁତ ଗତିରେ ଆଗକୁ ବଢ଼ିବା ଏବଂ ଭବିଷ୍ୟତ ପାଇଁ ନିର୍ମାଣ କରିବାକୁ ପ୍ରେରଣା ଦେଉଛି। ଆମର ଗୁରୁତ୍ୱ ହେଉଛି କୃଷି ଗବେଷଣା ଏବଂ ଉଦ୍ଭାବନ ପାଇଁ ଏକ ବିଶ୍ୱସ୍ତରୀୟ ମାନଦଣ୍ଡପ୍ରାପ୍ତ ପ୍ରତିଷ୍ଠାନ ସୃଷ୍ଟି କରିବା ଯାହା ଚାଷୀମାନଙ୍କୁ ସଶକ୍ତ କରୁଥିବ, କୃଷି ଶୈଳୀକୁ ପରିବର୍ତନ କରିବା ଏବଂ ପୁନଃପରିଭାଷିତ ଟେକ୍ନୋଲୋଜି ବିକାଶ କରିବା। ଉତରପ୍ରଦେଶରୁ, ଭାରତ ଏବଂ ବିଶ୍ୱ ପାଇଁ - ଆମେ କୃଷିର ଭବିଷ୍ୟତ ନିର୍ମାଣ କରିବା ପାଇଁ ଅପେକ୍ଷା କରିଛୁ।

# ଅସୁରକ୍ଷିତ ଅଙ୍ଗନବାଡ଼ି, ଭଙ୍ଗାଘରେ ଭବିଷ୍ୟତ ଗଢ଼ା

**ଅନୁଗୋଳ(ଅମୃତ ମିଡିଆ):** ସହର ମଝିରେ ଥିବା ହାକିମପଡ଼ା ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଘରଟିଏ ଆଜି ପର୍ଯ୍ୟନ୍ତ ହୋଇପାରିଲାନି। ଏଥିପାଇଁ କୁନି କୁନି ପିଲା ଗୋଷ୍ଠୀ କେନ୍ଦ୍ରରେ ପଢୁଛନ୍ତି। କିନ୍ତୁ ଏହି ସମୟରେ ପିଲାମାନଙ୍କୁ ଏକ କିମ୍ବା ଦୁଇ ଲାଗିଲେ କଥା ସରିଲା। ସେମାନଙ୍କୁ ଅତି ବିପଦପୂର୍ଣ୍ଣ ଭାବେ ରାସ୍ତା ପାର ହୋଇ ବାହାରକୁ ଯିବାକୁ ପଡୁଛି। ବେଳେ ବେଳେ ଘରକୁ ଫେରିବାକୁ ବାଧ ହେଉଛନ୍ତି। କାରଣ ଗୋଷ୍ଠୀ କେନ୍ଦ୍ରରେ ଚାଲିଥିବା ଏହି ଅଙ୍ଗନବାଡ଼ି କେନ୍ଦ୍ରରେ ଶୌଚାଳୟ ସୁବିଧା ନାହିଁ। ଶିଳ୍ପସମୃଦ୍ଧ ଅନୁଗୋଳ ଜିଲ୍ଲାରେ ଅଙ୍ଗନବାଡ଼ି କେନ୍ଦ୍ରରେ ଏମିତି ଅବ୍ୟବସ୍ଥା ପିଲାମାନଙ୍କ ପ୍ରତି ପ୍ରଶାସନର ସମ୍ବେଦନହୀନତାକୁ ପଦାରେ ପକାଇ ଦେଇଛି। ଜିଲ୍ଲାରେ ଟଙ୍କାର ଅଭାବ ନ ଥିଲେ ମଧ୍ୟ ବିଭିନ୍ନ କାରଣ ପାଇଁ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ଅବହେଳିତ ହୋଇ ପଡ଼ିଛି। ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକରେ ପିଲାମାନଙ୍କୁ ମୌଳିକ ସୁବିଧା ପାଇଁ ସେମିତି ଠୋସ୍ ଉଦ୍ୟମ ହେଉନି। ଏଥିପାଇଁ କେଉଁଠି ଗୋଷ୍ଠୀ କେନ୍ଦ୍ରରେ ତ କେଉଁଠି ସ୍କୁଲ୍ ବାରଣ୍ଡାରେ ଅଙ୍ଗନବାଡ଼ି କେନ୍ଦ୍ର ଚାଲିଛି। ଭଡ଼ାଘରେ ବି ଅସୁରକ୍ଷିତ ଭାବେ ପିଲାମାନଙ୍କ ଭବିଷ୍ୟତ ଗଢ଼ା ହେଉଛି। ସରକାରୀ ତଥ୍ୟ ଅନୁସାରେ, ଅନୁଗୋଳ ଜିଲ୍ଲାରେ ୧୬୯୩ଟି ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ଏଥିରୁ ପ୍ରାୟ ୨ଶହ କେନ୍ଦ୍ର ଉଧାରରେ ଚାଲିଛି। ନିଜସ୍ୱ ଘର ନ ଥିବାରୁ କାମଚଳା ପଦ୍ଧତିରେ ପିଲାଙ୍କ ପ୍ରାକ୍ ବିଦ୍ୟାଳୟ କାର୍ଯ୍ୟକ୍ରମ ଚାଲିଛି। ଏହି କେନ୍ଦ୍ରଗୁଡ଼ିକରେ ପାନୀୟଜଳ ସୁବିଧା ନଥିଲା ବେଳେ ଅଧିକାଂଶ କେନ୍ଦ୍ରରେ ଶୌଚାଳୟ ନାହିଁ। ପୁଣି ପ୍ରାୟ ୪ ଶହ କେନ୍ଦ୍ରରେ ରୋଷେଇ ଘର ନାହିଁ। ଯେଉଁଠି ପିଲା ପଢୁଛନ୍ତି, ସେଇଠି ଖାଦ୍ୟ ରନ୍ଧା ହେଉଛି। ଏହି ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ବିଜୁଳି ଆଲୁଅ ସାତସପନ। ଏଥିପାଇଁ ପିଲାଙ୍କ ପ୍ରତି ବିପଦ ବଢୁଛି। ଗତ ସପ୍ତାହରେ ପାଲଲହଡ଼ା ବ୍ଲକ୍ ନଗିରା ପଞ୍ଚାୟତ ସଣ୍ଠାର ଗ୍ରାମ ଅଙ୍ଗନବାଡ଼ି କେନ୍ଦ୍ରରେ ପିଲାମାନେ ଅଳ୍ପକେ ବଡ଼ ବିପଦରୁ ବର୍ତ୍ତି ଯାଇଥିଲେ। ପାଠପଢ଼ା ଚାଲିଥିଲା ବେଳେ ଛାତରୁ ୪ ଖଣ୍ଡ ଟାଇଲ ଗଳି ପଡ଼ିଥିଲା। ଏହି ସମୟରେ କେନ୍ଦ୍ରରେ ୨୦ଜଣ ଶିଶୁ ରହିଥିଲେ ମଧ୍ୟ ସୌଭାଗ୍ୟବଶତଃ କେହି ଆହତ ହୋଇନଥିଲେ। ଅନୁଗୋଳ ସହର ଉପକଣ୍ଠରେ ଥିବା ଗୋପୀନାଥପୁର ଅଙ୍ଗନବାଡ଼ି କେନ୍ଦ୍ରଟି ସାମାନ୍ୟ ବର୍ଷାରେ ପାଣି ଘେରରେ ରହୁଛି। ଏଣୁ ପିଲାମାନେ ଆଣ୍ଠୁଏ ପାଣିରେ କେନ୍ଦ୍ରକୁ ଆସୁଛନ୍ତି। ପରିବେଶ ଅସ୍ୱାସ୍ଥ୍ୟକର ଥିବାରୁ ପିଲାମାନଙ୍କୁ ଛାଡ଼ିବା ପାଇଁ ଅଭିଭାବକ କୁନ୍ଥକୁନ୍ଥ ହେଉଛନ୍ତି। ଏପଟେ ବଣଁରପାଳ ବ୍ଲକ୍ କରଡ଼ାଗାଡ଼ିଆ (କ) ଅଙ୍ଗନବାଡ଼ି କେନ୍ଦ୍ର ବହୁଦିନ ଧରି ଏକ ଭଙ୍ଗାଦଦରା ଗ୍ୟାରେଜ୍‌ରେ ଚାଲିବା ପରେ ଏବେ ଏକ ଆଜବେଷ୍ଟସ ଘରେ ପିଲା ପଢୁଛନ୍ତି। କିନ୍ତୁ ଏଠାରେ ନା' ଅଛି ଶୌଚାଳୟ ସୁବିଧା ନା' ରୋଷେଇଘର। ଏଣୁ ଗୋଟିଏ ଘରେ ରନ୍ଧାବଢ଼ା, ଖିଆପିଆ ଓ ପାଠପଢ଼ା ଚାଲିଛି। ଏନେଇ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ଶତପଥୀ କହିଛନ୍ତି, ଯେଉଁ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଶୌଚାଳୟ ନାହିଁ ସେଠାରେ ନିର୍ମାଣ କରିବା ପାଇଁ ଯୋଜନା କରାଯାଇଛି। ଡିଏମ୍‌ଏଫ୍ ପାଣ୍ଠିରୁ ଏଥିପାଇଁ ଟଙ୍କା ଦେବାକୁ ଜିଲ୍ଲାପାଳ କହିଛନ୍ତି।

# ଲଗାଣ ବର୍ଷାରେ ଥୁଆମୂଳ ରାମପୁର ବେହାଲ

**ଥୁଆମୂଳ ରାମପୁର(ଅମୃତ ମିଡିଆ):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଓ ଏହାର ଆଖପାଖ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁ ସାଧାରଣ ଜୀବନଯାତ୍ରା ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବନ୍ୟାପାଣି ଓ ବର୍ଷା ପ୍ରଭାବରେ ବିଭିନ୍ନ ଗ୍ରାମରେ କାନ୍ଥ ଓ ଛାତ ଭୁଶୁଡ଼ି ଅନେକ ପରିବାର ବେସାହାରା ହୋଇପଡ଼ିଛନ୍ତି। କାଣିଗୁମା ପଞ୍ଚାୟତ ପିତମାଣ୍ଡି ଗ୍ରାମର ହରିଶ୍ଚନ୍ଦ୍ର ନାଏକଙ୍କ ଘର ଭୁଶୁଡ଼ି ଯାଇଥିବା ବେଳେ ରାଇମତି ବେଓ୍ୱା, ସବିତା ନାଏକ ଏବଂ କୋସବାରା ଗ୍ରାମର ଉର୍ମିଳା ନାଏକଙ୍କ ଘରର କାନ୍ଥ ବନ୍ୟାପାଣିରେ ଭସିଯାଇଛି। ସେହିପରି ଗୁଣପୁର ବନ୍ଧପଡ଼ାର ସନ୍ତୋଷ କୁମାର ପୁଝାରୀ, ଦଶରୁ ନାଏକ, କଦମ୍ବ ନାଏକ ଓ ଉଦିତ ସାହୁଙ୍କ ଘର ଚାରିପାଖରେ ପାଣି ମାଡ଼ିଯିବାରୁ ସେମାନେ ଜଳବନ୍ଦୀ ଅଛନ୍ତି। ଗୁଣପୁର ପଞ୍ଚାୟତ ବାଲିଶରା ଗ୍ରାମରେ କଚ୍ଚା ଘର କାନ୍ଥ ଭାଙ୍ଗିଯିବାରୁ ଲୋକେ ପାଲ ଓ ଜାଲି ଟାଣି ଆଶ୍ରୟ ନେଇଛନ୍ତି। ଅନ୍ୟପଟେ ମହୁଲ ପାଟଣା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କାମିରିଧୁଟି ଗ୍ରାମର ପୋଗୁନୁ ମାଝୀଙ୍କ ମାଟି ଘରର ଛାତ ଭୁଶୁଡ଼ି ଘରକରଣା ସାମଗ୍ରୀ



ଚାପି ହୋଇଥିଲେ ବି ଅଳ୍ପକେ ଜୀବନ ବଞ୍ଚିଯାଇଛି। ବାଗଡିଆଣି ଗ୍ରାମର ଶଶିମଣିଙ୍କ ଘର ମଧ୍ୟ ଭାଙ୍ଗିଯାଇଥିବା ବେଳେ ଥୁଆମୂଳ ରାମପୁର ସଦର ମହକୁମାର ଟଙ୍କଧର ପରିଛାଙ୍କ କପଡ଼ା ଦୋକାନ ଭୁଶୁଡ଼ି ପ୍ରାୟ ୨.୫ ଲକ୍ଷ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଛି। ବଡ଼ଛତ୍ରଙ୍ଗ ଗ୍ରାମର ଚକ୍ରଧର ନାଏକଙ୍କ ୪ ବଖରା ଘରୁ ୨ ବଖରା ଭୁଶୁଡ଼ି ପଡ଼ିଛି। ଘରେ ତାଙ୍କ ମାଆ ସୀତା ବେଓ୍ୱା ଓ ଦୁଇ ପୁଅ ଶୋଇଥିଲେ ସୁଦ୍ଧା ଅଳ୍ପକେ ବଞ୍ଚିଯାଇଛନ୍ତି। ଗୋପାଳପୁର ପଞ୍ଚାୟତ ସର୍ଗିଗୁଡ଼ା ଗ୍ରାମ ନିକଟରେ ୨୦୧୩-୧୪ରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡ଼କ ଯୋଜନାରେ ନିର୍ମିତ ୨ଟି ପୋଲ ଭାଙ୍ଗିଯିବାରୁ ଯାତାୟତ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି। ଅନ୍ୟପଟେ ବିରିକୋଟ ନିକଟରେ ବିଦ୍ୟୁତ୍ ଖୁଣ୍ଟ ଓ ତେନ୍ତୁଳି ଗଛ ପଡ଼ି ରାସ୍ତା ବନ୍ଦ ହୋଇଥିବା ବେଳେ ଅଗ୍ନିଶମ ବିଭାଗ ଗଛ କାଟି ରାସ୍ତା ସଫା କରିଛି। ପ୍ରଭାବିତ ଅଞ୍ଚଳରେ ତୁରନ୍ତ ଶୁଖିଲା ଖାଦ୍ୟ, ପାନୀୟ ଜଳ, ମାଗଣା ତାରପାଲିନ୍ ଓ ସୁରକ୍ଷିତ ଅସ୍ଥାୟୀ ଆଶ୍ରୟସ୍ଥଳ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହାସହ କ୍ଷତିଗ୍ରସ୍ତ ଗରିବ ପରିବାରକୁ 'ପ୍ରଧାନମନ୍ତ୍ରୀ ଆବାସ' କିମ୍ବା 'ବିଜୁ ପକ୍କା ଘର' ଯୋଜନାରେ ଅଗ୍ରାଧିକାର ଦେବା, ତହସିଲଦାର, ଆର୍ ଆଇ ଓ ବିଡିଓଙ୍କ ସର୍ଭେ ଆଧାରରେ ବିପର୍ଯ୍ୟୟ ରିଲିଫ୍ ପାଣ୍ଠି ଅନୁଯାୟୀ ତୁରନ୍ତ ଆର୍ଥିକ କ୍ଷତିପୂରଣ ପ୍ରଦାନ ଏବଂ ବିଶୁଦ୍ଧ ଜଳ, ବ୍ଲିଚିଂ ପାଉଡର ଓ ଡାକ୍ତରୀ ସୁବିଧା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି। ବଡ଼ଛତ୍ରଙ୍ଗର କ୍ଷତିଗ୍ରସ୍ତ ଚକ୍ରଧର ନାଏକ ଅଭିଯୋଗ କରିଛନ୍ତି ଯେ, ପୂର୍ବରୁ କାନ୍ଥ ଭାଙ୍ଗିବା ସମୟରେ ପଲିଥିନ୍ ମାଗିବାରୁ ଆର୍ ଆଇ ଶରତ ସାହୁ "ସମ୍ପୂର୍ଣ୍ଣ ଘର ଭୁଶୁଡ଼ିଲେ ଜରି ମିଳିବ" କହି ଫେରାଇ ଦେଇଥିଲେ। ତେବେ ଏହି ଅଭିଯୋଗକୁ ଆରଆଇ ଶରତ ସାହୁ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି କହିଛନ୍ତି। ସେ ସ୍ପଷ୍ଟୀକରଣ ଦେଇଛନ୍ତି ଯେ, ଚକ୍ରଧର ନାଏକ ପୂର୍ବରୁ ତାଙ୍କୁ କେବେ ଭେଟି ନାହାନ୍ତି କି ଅଭିଯୋଗ କରିନାହାନ୍ତି। ସରକାରୀ ନିୟମାନୁସାରେ ପ୍ରଭାବିତ ୩୦ ରୁ ୩୫ ଜଣଙ୍କୁ ଆଗୁଆ ପଲିଥିନ୍ ଯୋଗାଇ ଦିଆଯାଇଛି। ଆଜି ସେ ନିଜେ ଚକ୍ରଧରଙ୍କ ଘର ପରିଦର୍ଶନ କରି ତୁରନ୍ତ ପଲିଥିନ୍ ଯୋଗାଇ ଦେବା ସହ ସରକାରୀ ନିୟମାନୁସାରେ ସମସ୍ତ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ସୋଲାର କରେଣ୍ଟ ଲାଗି ଦନ୍ତାର ମୃତ୍ୟୁ, ତଦନ୍ତ ଜାରି

**ଢେଙ୍କାନାଳ(ଅମୃତ ମିଡିଆ):** ସୋଲାର କରେଣ୍ଟ ଲାଗି ଦନ୍ତାର ମୃତ୍ୟୁ ହୋଇଛି। ଢେଙ୍କାନାଳ ବନଖଣ୍ଡ ଷଡ଼ଙ୍ଗୀ ରେଞ୍ଜ ବେଗା ପଞ୍ଚାୟତ ଶ୍ରୀମନ୍ତପୁର ନିକଟରେ ଅଘଟଣ ଘଟିଛି। ଧାନ କ୍ଷେତରେ ସୋଲାର କରେଣ୍ଟ ଲଗାଯାଇଥିଲା। ହାତୀଟି କ୍ଷେତରେ ବୁଲୁଥିବାବେଳେ ସୋଲାର କରେଣ୍ଟ ଲାଗିଥିଲା। ମୃତ ହାତୀ ଛୁଆର ବୟସ ପରେ ୯/୧୦ବର୍ଷ ହେବ ବୋଲି ଅନୁମାନ କରାଯାଇଛି। ଘଟଣାସ୍ଥଳରେ ପହଂଚି ତଦନ୍ତ କରୁଛି ବନବିଭାଗ। ଖବର ଅନୁଯାୟୀ, ଢେଙ୍କାନାଳ ବନଖଣ୍ଡ ଷଡଙ୍ଗୀ ବନାଞ୍ଚଳରେ ଏକ ହାତୀ ଛୁଆର ମୃତ୍ୟୁ ହୋଇଛି। ଷଡଙ୍ଗୀ ରେଞ୍ଜ ଅନ୍ତର୍ଗତ ଶ୍ରୀମନ୍ତପୁର ନିକଟରେ ମୃତଦେହ ଠାବ କରାଯାଇଛି। ମୃତ ହାତୀ ଛୁଆର ବୟସ ପରେ ୯/୧୦ବର୍ଷ ହେବ ବୋଲି ଅନୁମାନ କରାଯାଇଛି। ଧାନ ବିଲରେ ଲଗାଇଥିବା ସୋଲାର ଫେନସିଂ ତାର ଲାଗି ହାତୀ ଛୁଆ ମୃତ୍ୟୁ ହୋଇଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଅନୁମାନ କରାଯାଇଛି। ଘଟଣାସ୍ଥଳରେ ବନ ବିଭାଗ ପହଁଚି ତଦନ୍ତ ଆରମ୍ଭ କରିଛି। ହାତୀ ଛୁଆର ମୃତଦେହ ଉଦ୍ଧାର କରିଛି ବନ ବିଭାଗ। ତେବେ ଧରା ପଡିଯିବା ଭୟରେ ସୋଲାର ଫେନ୍ସିଂକୁ ଉପାଡି ନିଆଯାଇଥିବା ସନ୍ଦେହ କରାଯାଉଛି। ସୋଲାର ଫେନ୍ସିଂ ବିଛାଇଥିବା ଜମି ମାଲିକ ଶ୍ରୀମନ୍ତପୁର ଗାଁର ମାନ ଗୁଇଆ ନାମକ ଯୁବକଙ୍କୁ ଗିରଫ କରିଛି ବନ ବିଭାଗ। ହାତୀ ଛୁଆର ମୃତଦେହ ବ୍ୟବଛେଦ କରି ଅଧିକ ତଦନ୍ତ କରୁଛି ବନ ବିଭାଗ।

### ବେଣ୍ଟ ଜଙ୍ଗଲରୁ ନରକଙ୍କାଳ ଉଦ୍ଧାର ଘଟଣା

# ଡିଏନ୍‌ଏ ରିପୋର୍ଟ ପରେ ଚିହ୍ନଟ ହେବ ଶବ

**ରଣପୁର(ଅମୃତ ମିଡିଆ):** ନୟାଗଡ ଜିଲ୍ଲାଚାନ୍ଦପୁର ଥାନା ୧୬ ନମ୍ବର ଜାତୀୟ ରାଜପଥକଡ଼ ଚମ୍ପାଗଡ଼, କନ୍ଧନୟାଗଡ ଓ ଚାନ୍ଦପୁର ଗ୍ରାମ ପଞ୍ଚାୟତ ଅଂଚଳରେ ପୂର୍ବରୁ ବହୁ ସମୟରେ ଅନେକ ନର କଙ୍କାଳ ମିଳିଥିଲା। ନର କଙ୍କାଳର ପରିଚୟ ଖୋଜୁଖୋଜୁ ତଦନ୍ତ ଅଟକି ଯାଏ। ହତ୍ୟା ହୋଇଥିଲେ ବି ଅପମୃତ୍ୟୁ ମାମଲାରେ ରହିଯାଏ। ଏବେ ସେଭଳି ଗତ ଅଗଷ୍ଟ ୧୯ ତାରିଖରେ କିଛି ସ୍ଥାନୀୟ ଲୋକଙ୍କ ଠାରୁ ଚାନ୍ଦପୁର ପୁଲିସ ବେଣ୍ଟ ଜଙ୍ଗଲ ନାଳରେ ଏକ ଗଳିତ ନର କଙ୍କାଳ ଶବ ପଡିଥିବାର ଖବର ପାଇଥିଲା। ପୁଲିସ ନରକଙ୍କାଳ ଉଦ୍ଧାର କରିଛି। ଡିଏନ୍‌ଏ ପରୀକ୍ଷା ପାଇଁ ପଠାଇଛି। ରିପୋର୍ଟକୁ ଅପେକ୍ଷା କରାଯାଇଛି ଯେ, ଶବ କାହାର? ଘଟଣା ଦିନ ଜଙ୍ଗଲରେ ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ପୁଲିସ ପହଂଚିଥିଲେ ଓସ୍ତପଡ଼ା ଗ୍ରାମର ପାଣୁ ସାହୁ। କିଛି ଲୋକ ପାଣୁଙ୍କ ମାନସିକ ବିକୃତ ମଦୁଆ ପୁଅ କାଳିଆ ବୋଲି ଚିହ୍ନଟ କରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଚାନ୍ଦପୁର ଥାନା ଅପମୃତ୍ୟୁ ମାମଲା ରୁଜୁ କରି ଦାୟିତ୍ୱ ଉପନିରୀକ୍ଷକ ସଂଗୀତା ବେଶ୍ରାଙ୍କୁ ଦେଇ ଶବ ଜବତ କରି ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଶବ ଗଳିତ ହୋଇଥିବାରୁ ପଞ୍ଚନାମା ପାଇଁ ରାଜ୍ୟ ଅପରାଧ ବିଧି ବିଜ୍ଞାନଗାରକୁ ପଠାଇଛି। କିନ୍ତୁ ନିୟମ ଅନୁଯାଇ ଶବ ସାଙ୍ଗରେ କେହି ଜଣେ




ପରିବାର ଲୋକେ ଯିବା କଥା। ଏହି ସମୟରେ ଶବ ଦାବି କରୁଥିବା ପାଣୁ ତାଙ୍କ ପରିବାର ଶବ ତାଙ୍କ ପୁଅର ନୁହେଁ ବୋଲି କହି ସାଙ୍ଗରେ ଯାଇନଥିଲେ। ପୁଲିସ ଶବ ବ୍ୟବଚ୍ଛେଦ କରି ନର କଙ୍କାଳକୁ ସରକ୍ଷିତ ରଖିଥିଲେ। ଯାଜପୁର ଟାଉନ ଥାନା, ପୋଷ୍ଟ ଲାଲବାଗ, ଗ୍ରାମ ଗୋପାଳପୁରର ରାଜେନ୍ଦ୍ର କିଶୋର ମହାପାତ୍ର ଚାନ୍ଦପୁର ଥାନାରେ ପହଂଚି ଅଭିଯୋଗ କରିଥିଲେ ତାଙ୍କ ପୁଅ ଦିବ୍ୟ କିଶୋର ମହାପାତ୍ର (୨୨) ବେଣ୍ଟସ୍ଥିତ ଶ୍ରୀରଙ୍ଗମ ଚିଙ୍ଗୁଡ଼ି କମ୍ପାନିରେ ଏକ ଠିକାଦାର ମାଧ୍ୟମରେ କାର୍ଯ୍ୟ କରୁଥିଲେ। ଅଗଷ୍ଟ ୯ ତାରିଖରୁ ପୁଅ ସହ ଯୋଗାଯୋଗ ନହେବାରୁ ବେଣ୍ଟ ଚିଙ୍ଗୁଡ଼ି କମ୍ପାନିକୁ ଆସି ପାରାରିବାରେ କମ୍ପାନି କର୍ତ୍ତୃପକ୍ଷ କହିଲେ ତୁମ ପୁଅ ପଞ୍ଚଦିନ ହେଲା ଫେରାର ହୋଇ ଯାଇଛି। ଥାନାରେ ଅଭିଯୋଗ କରିନଥିବା କହିଥିଲେ। ତେଣୁ ରାଜେନ୍ଦ୍ର ଚାନ୍ଦପୁର ଥାନାକୁ ଯାଇ ପୁଅର ନିଖୋଜ ସମ୍ପର୍କେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ବେଣ୍ଟ ଠାରୁ ଜବତ ନର କଙ୍କାଳର ଡ୍ରେସ, ବେକ ମାଳି ଓ ବ୍ରାସିଲେଟ ଦେଖାଇବାରୁ ତାଙ୍କ ପୁଅ ଦିବ୍ୟର ବୋଲି ଚିହ୍ନଟ କରିଥିଲେ। କିନ୍ତୁ ପୁଲିସ ନର କଙ୍କାଳ ଚିହ୍ନଟ ପାଇଁ ପାଣୁ ପରିବାର ଓ ରାଜେନ୍ଦ୍ର ପରିବାର ରକ୍ତ ନମୁନା ଡିଏନ୍‌ଏ ଟେଷ୍ଟ ପାଇଁ ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ସ୍ୱାସ୍ଥ୍ୟ କେନ୍ଦ୍ରରେ ସଂଗ୍ରହ କରି ଏସ୍‌ଏଫ୍‌ଏସ୍‌ଏଲ୍ ପଠାଇଥିବା ନେଇ ଶରଣକୁଳ ପୁଲିସ ଉପ ଖଣ୍ଡିୟ ଅଧିକାରୀ ଦୀପ୍ତିକାନ୍ତ ପ୍ରଧାନ ନିଜ କାର୍ଯ୍ୟାଳୟରେ ଅଗଷ୍ଟ ୨୩ ତାରିଖରେ ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଥିବା ଜଣାପଡ଼ିଛି। ଅପରପକ୍ଷେ ନର କଙ୍କାଳ ତାଙ୍କ ପୁଅର ବୋଲି ଦାବି କରୁଥିବା ରାଜେନ୍ଦ୍ର କୁହନ୍ତି ଚିଙ୍ଗୁଡ଼ି କମ୍ପାନିରେ ତାଙ୍କ ପୁଅର ହତ୍ୟାକାଣ୍ଡ ରହିଛି। ତାଙ୍କ ପୁଅ ଦିବ୍ୟର ୪୦ ହଜାର ଟଙ୍କାର ଚୋରି ହୋଇଥିବା ମୋବାଇଲ ହତ୍ୟାକାଣ୍ଡ ଉନ୍ମୋଚନ କରିବ। ମୋବାଇଲ ପାଇଁ ତାଙ୍କ ପୁଅକୁ ମାରି ଫିଙ୍ଗିଦେଇଥିବା କହିଛନ୍ତି। ଶରଣକୁଳ ଉପ ଖଣ୍ଡିୟ ପୁଲିସ ଅଧିକାରୀ କୁହନ୍ତି ମୋବାଇଲ ଚୋରି ଘଟଣା ତଦନ୍ତ ପରିସର ଭୁକ୍ତ ରହିଛି।

## ହାତୀନଦୀରେ ଛଡ଼ାଗଲା ପ୍ରଥମ ବନ୍ୟାଜଳ

**ଭବାନୀପାଟଣା(ଅମୃତ ମିଡିଆ):** କଳାହାଣ୍ଡି ଜିଲାରେ ଗତ ୨ ଦିନ ଧରି ଲଗାଣ ବର୍ଷା ଯୋଗୁଁ ନଦୀ ଗୁଡିକର ଜଳ ସ୍ତର ବଢ଼ିବାରେ ଲାଗିଛି। ଏପରି ସ୍ଥଳେ ଜିଲାରେ ମଧ୍ୟ ଭାଗରେ ପ୍ରବାହିତ ହେଉଥିବା ହାତୀ ନଦୀ ରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ମଙ୍ଗଳପୁର ଇନ୍ଦ୍ରାବତୀ ଜଳ ଭଣ୍ଡାରରୁ ଚଳିତ ବର୍ଷର ପ୍ରଥମ ବନ୍ୟା ଜଳ ହାତୀ ନଦୀକୁ ଛଡ଼ାଯାଇଛି। ଏଥିରେ ୪୧୨ କ୍ୟୁମେକ ବନ୍ୟା ଜଳ ନିଷ୍କାସିତ ହେଉଛି। ଏହାଯୋଗୁଁ ତଳିଆ ମୁଣ୍ଡରେ ଥିବା ଗାଁ ମାନଙ୍କୁ ସତର୍କ ସୂଚନା ଦେଇଛି ଇନ୍ଦ୍ରାବତୀ ବିଭାଗ। ଶନିବାର ଜିଲାର ଥୁଆମୂଳ ରାମପୁର ରେ ସର୍ବାଧିକ ୩୪୫ ମିଲିମିଟର ଓ ଜୟପାଟଣା ବ୍ଲକ ରେ ୨୪୦ ମିମି ବର୍ଷା ରେକର୍ଡ କରାଯାଇଛି। ବରବିବାର ମଧ୍ୟ ଜିଲାରେ ପ୍ରବଳ ବର୍ଷା ଜାରି ରହିଥିବାରୁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି।

### ସ୍କୁଲରେ ଶିକ୍ଷକ ଅଭାବର ପ୍ରତିବାଦ

# ଏଡିଇଓ ଓ ବିଇଓଙ୍କୁ ତାଲାପକାଇଲେ ଛାତ୍ରଛାତ୍ରୀ



**ଭଦ୍ରକ(ଅମୃତ ମିଡିଆ):** ଭଦ୍ରକର ତଲାଙ୍ଗ ହାଇସ୍କୁଲରେ ଆବଶ୍ୟକ ଶିକ୍ଷକଙ୍କ ଠାରୁ କମ ସଂଖ୍ୟକ ଶିକ୍ଷକ ଥିବାରୁ ୩ ଶହରୁ ଅଧିକ ଛାତ୍ର ଛାତ୍ରୀଙ୍କ ପାଠ ପଢାରେ ନାହିଁ ନଥିବା ଅସୁବିଧା ହେଉଥିଲା। ଆବଶ୍ୟକ ଶିକ୍ଷକ ନଥିବାରୁ ପାଠ ପଢ଼ା ଠିକଣା ସମୟରେ ଶେଷ ହୋଇପାରୁନଥିଲା। ସମସ୍ୟା ନେଇ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଜିଲା ଶିକ୍ଷା ଅଧିକାରୀ ଓ ପ୍ରଶାସନିକ ଅଧିକାରୀଙ୍କ ଠାରେ ବାରମ୍ବାର ଅଭିଯୋଗ କରି ବିଫଳ ହୋଇଥିଲେ। ଆଜି ଧୈର୍ଯ୍ୟହରା ହୋଇ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ସ୍କୁଲଫାଟକରେ ତାଲା ପକାଇ ଧାରଣା ଦେଇଛନ୍ତି। ଏପରିକି ସେମାନଙ୍କୁ ବୁଝାଇବାକୁ ଯାଇଥିବା ଏଡିଇଓ ଓ ବିଇଓଙ୍କୁ ମଧ୍ୟ ସ୍କୁଲ ମଧ୍ୟରେ ଅଟକ ରଖିଛନ୍ତି। ସୂଚନାନୁସାରେ, ଆଜି (ସୋମବାର) ଭଦ୍ରକ ଜିଲ୍ଲାର ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ ସାହୁ ଓ ଭଦ୍ରକ ବ୍ଲକ ଶିକ୍ଷା ଅଧିକାରୀ ଚକ୍ରଧର ମଲ୍ଲିକ ତଲଙ୍ଗ ହାଇସ୍କୁଲକୁ ପରିଦର୍ଶନରେ ଯାଇଥିଲେ। ଏହି ସମୟରେ ସ୍କୁଲର ଛାତ୍ରଛାତ୍ରୀମାନେ ହାତରେ ପ୍ଲାକାର୍ଡ ଧରି, 'ଆମକୁ ପାଠ ପଢ଼ିବାର ଅଧିକାର ଦିଅ। ଆମ ପାଠ ପଢା ପାଇଁ ଶିକ୍ଷକ ଦିଅ' ସ୍ଲୋଗାନ୍ ଦେଇ ସ୍କୁଲ ଫାଟକରେ ତାଲା ପକାଇ ଦେଇଥିଲେ। ସ୍କୁଲ ଭିତରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀ ରହିଯାଇଥିଲେ। ଅଭିଭାବକମାନେ ମଧ୍ୟ ଛାତ୍ରଛାତ୍ରୀଙ୍କ ଧାରଣାରେ ଯୋଗ ଦେଇଥିଲେ। ଫଳରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ସ୍କୁଲ ଭିତରେ ଏହି ଦୁଇ ଅଧିକାରୀ ବହୁ ସମୟ ରହିବା ପରେ ମଧ୍ୟ ଅଭିଭାବକ ମାନେ ସେମାନଙ୍କ ଜିଦ ରେ ଅଟଳ ରହିଥିଲେ। ପରିସ୍ଥିତି ଅଧିକ ଜଟିଳ ହେବା ପରେ ଘଟଣାସ୍ଥଳରେ ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ପହଞ୍ଚି ଅଭିଭାବକଙ୍କୁ ବୁଝାସୁଝା କରିଥିଲେ। ଦୁଇ ଶିକ୍ଷା ଅଧିକାରୀଙ୍କୁ ସ୍କୁଲ ଭିତରୁ ବାହାରକୁ ଛଡ଼ାଯାଇଥିଲା। ଖୁବ ଶୀଘ୍ର ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି ଅଭିଭାବକମାନେ ପ୍ରତିଶ୍ରୁତି ଦେଇଛନ୍ତି।

# ଲଗାଣ ବର୍ଷାରେ ପୁଣି ବଢ଼ିଲା ବୈତରଣୀ, ସାଳନ୍ଦୀ ଜଳସ୍ତର

**ଭଦ୍ରକ(ଅମୃତ ମିଡିଆ):** ମାସାଧିକ କାଳ ଭଦ୍ରକ ଜିଲ୍ଲାର ୬ଟି ବ୍ଲକରେ ବନ୍ୟାଜଳ ଲୋକଙ୍କ ଘରଦ୍ୱାର ବୁଡ଼ାଇ ରଖୁଛି। ଗତ ତିନିଦିନ ହେଲା ଉପର ମୁଣ୍ଡରେ ବର୍ଷା କମ୍ ହେବାରୁ ସାଳନ୍ଦୀ ଓ ବୈତରଣୀ ନଦୀର ଜଳସ୍ତର କମ ରହିଥିଲା। ଶନିବାର ରାତିଠାରୁ ଅନବରତ ବର୍ଷା ଲାଗି ରହିଥିବାରୁ ଏହି ଦୁଇ ନଦୀର ଜଳାସ୍ତର ବଢ଼ି ଯାଇଛି। ଭଦ୍ରକର ରାଜଘାଟ ଠାରେ ରବିବାର ସନ୍ଧ୍ୟା ସୁଦ୍ଧା ନଦୀର ଜଳସ୍ଥର ବିପଦ ସଙ୍କେତ ପାଖାପାଖି ପ୍ରବାହିତ ହେଉଛି। ସାଳନ୍ଦୀର ବିପଦ ସଙ୍କେତ ୧୭ ଫୁଟ ରହିଥିବା ବେଳେ ସନ୍ଧ୍ୟା ସୁଦ୍ଧା ଏହାର ଜଳସ୍ତର ୧୬.୯୦ ଫୁଟ ରହିଛି। ସେହିପରି ବୈତରଣୀର ଆଖୁଆପଦା ନିକଟରେ ନଦୀର ବିପଦ ସଙ୍କେତ ୧୮.୩୩ ମିଟର ରହିଥିବା ବେଳେ ସନ୍ଧ୍ୟା ସୁଦ୍ଧା ଏଠାରେ ନଦୀର ଜଳସ୍ତର ବିପଦ ସଙ୍କେତ ତଳେ ୧୭.୯୦. ମିଟରରେ ପ୍ରବାହିତ ହେଉଛି। ଆଜି ଦିନ ତମାମ ବର୍ଷା ଲାଗି ରହିଥିବା ବେଳେ ରାତିରେ ବର୍ଷା ଅଧିକ ହେଲେ ଏହି ଦୁଇ ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହୋଇ ପୁଣି ତଳିଆ ଅଞ୍ଚଳକୁ ବୁଡ଼ାଇ ଦେବ। ନଦୀର ଜଳସ୍ତର କମିବା ପରେ ଲୋକେ ଟିକେ ଆସ୍ୱସ୍ତି ଅନୁଭବ କରିଥିଲେ। ଦୁଇ ଦିନର ବର୍ଷା ପୁଣି ଲୋକଙ୍କୁ ଆତଙ୍କିତ କରୁଛି। ରିଲିଫ କେନ୍ଦ୍ରରେ ଅନେକ ବିପନ୍ନଙ୍କ ଜୀବନ ବିତାଉ ଥିବା ବେଳେ ଆଉ କିଛି ଲୋକ ପଲିଥିନ ପାଇଁ



ନିଜର ଭଙ୍ଗା କୁଡ଼ିଆକୁ ଫେରିଛନ୍ତି। ଦୁଇ ଦିନର ଅନବରତ ବର୍ଷା ଯୋଗୁଁ ଲୋକଙ୍କର ଘର ପୁଣି ଓଦା ହୋଇଯାଇଛି। ସନ୍ତସନ୍ତିଆ ଭିଜା ମାଟିର ଓଦା ପଲିଥିନ ପକାଇ ରାତି ବିତୁଛି ବିପନ୍ନଙ୍କର। ଅନେକ ଗାଁ ଲୋକଙ୍କର ଝାଟି ମାଟି ଘର ଭାଙ୍ଗି ଯାଇଥିବା ବେଳେ ସେମାନେ ଏବେ ପଲିଥିନ ତଳେ ଜୀବନ ବିତାଉଛନ୍ତି। ଚାନ୍ଦବାଲି ବ୍ଲକର ଆରଡି, ନନ୍ଦପୁର, ସୁନ୍ଦରପୁର, ପାରାଡ଼ିହା, ମୁଁଆ, ପଦାସାହି, ସାଠିବଙ୍କୁଡ଼ା ଆଦି ନଦୀ କୂଳିଆ ଗାଁରେ ଏବେ ବି ଲୋକଙ୍କ ଘର ସବୁ ବୁଡ଼ି ଯାଇଛି। କଚ୍ଚା ଚାଲଘର ସବୁ ବନ୍ୟା ପାଣିରେ ବୁଡ଼ି ରହିଛି। ଅନେକ ଲୋକଙ୍କ ଗାଁର ପକ୍କା ଘର ଥିବା ଲୋକଙ୍କ ଘରେ ଆଶ୍ରୟ ନେଉଥିବା ବେଳେ ଆଉ କିଛି ଲୋକ ଏବେ ବି ବାତ୍ୟା ଆଶ୍ରୟ ସ୍ଥଳରେ ଅଟକିଛନ୍ତି। ଏମାନଙ୍କ ମଧ୍ୟରୁ କିଛି ଲୋକ ବନ୍ୟା ପାଣି କମିବା ପରେ ନିଜର କଚ୍ଚା ଘରକୁ ଯାଇଥିଲେ। ସରକାର ଦେଇଥିବା ପଲିଥିନ ପକାଇ ନିଜର ଓଦା ଘାରେ ରହୁଥିଲେ। କିଛି ବିପନ୍ନ ଲୋକ ରାସ୍ତା ଉପରେ ପଲିଥିନ ଟାଣି ରାତ୍ରିଯାପନ କରୁଥିଲେ। ଦୁଇ ଦିନର ବର୍ଷା ପୁଣି ସେମାନଙ୍କୁ କଲବଲ କରୁଛି। ପଲିଥିନ ଭିତରେ ପାଣି ପଶି ଯିବାରୁ ସେହି ଓଦା ପଲିଥିନ ଛାଡ଼ି ପୁଣି ବାତ୍ୟା ଆଶ୍ରୟସ୍ଥଳକୁ ମୁଣ୍ଡ ଗୁଞ୍ଜିବାକୁ ପଳାଇ ଯାଇଛନ୍ତି। କିଛି ଲୋକଙ୍କର ମତ ହେଉଛି ବନ୍ୟା ବୋଧେ ଆଉ ଆମକୁ ଛାଡିକି ଯିବ ନାହିଁ। ମୁଆଁ ପଦାସାହିର ପ୍ରକାଶ ବାରିକ କହନ୍ତି ଏଥରର ବନ୍ୟା ଆମର ସବୁ କିଛି ଉଜାଡି ଦେଲା। ଏତେ ଦିନ ଧରି ବନ୍ୟା ପାଣି କେବେ ରହିନଥିଲା। ମାସାଧିକ କାଳ ବନ୍ୟା ଜଳରେ ଆମେ ବହୁ କଷ୍ଟ ପାଉଛୁଁ। ସରକାର ଯାହା ରିଲିଫ ଓ ପଲିଥିନ ଦେଇଥିଲେ। ରିଲିଫ କେନ୍ଦ୍ରରେ ରନ୍ଧା ଖାଦ୍ୟ ଦେଉଛନ୍ତି। ଏମିତି ଆଉ କେତେ ଦିନ ଜୀବନ ବିତାଇବୁ। ରାତିରେ ନିଦ ହେଉନି। କେବେ ବନ୍ୟା ଶେଷ ହେବ। କେବେ ଆମ ଭଙ୍ଗା କୁଡିଆକୁ ଫେରିବି। ସେହିପରି ଆରଡି ନିକଟସ୍ଥ ସାଠିବାଙ୍କୁଡ଼ା ଗ୍ରାମର ବୀର ଜେନାଙ୍କ ଘର ଭାଙ୍ଗି ଯାଇଥିବା ବେଳେ ସେ ରାସ୍ତା କଡ ରେ ପଲିଥିନ ଟାଣି ପରିବାର ସହ ରହୁଛି। ଏହି ଅଞ୍ଚଳର ସୁନ୍ଦରପୁର ପଞ୍ଚାୟତର ପାରାଡିହା ଗ୍ରାମର ମାମିନା ମଲ୍ଲିକଙ୍କର କଚ୍ଚା ଘର ବନ୍ୟାରେ ବୁଡିଯାଇଥିବା ବେଳେ ସେ ଏବେ ବେସାହାରା ହୋଇ ରାସ୍ତାକଡ଼ରେ ପଲିଥିନ ତଳେ ରହୁଛନ୍ତି। ଏହି ଗ୍ରାମର କୁମୁଦିନୀ ମଲ୍ଲିକ, ପଦନ ମଲ୍ଲିକଙ୍କ ଘର ସବୁ ବନ୍ୟାରେ ଭାଙ୍ଗିଯାଇଥିବା ବେଳେ ସେମାନେ ପଲିଥିନ ତଳେ ବହୁ ଦୁଃଖରେ ଜୀବନ ବିତାଉଛନ୍ତି। ସେହିପରି ମୁଆଁ ପଦାସହି ର କବିତା ଦାସର ଘର ଉଜୁଡି ଯାଇଛି। ସନ୍ତରା ପଦାସହିର ତିଳୋତ୍ତମା ଦାସ ର ମାଟି ଘର ବନ୍ୟା ଜଳରେ ଭାଙ୍ଗି ଯାଇଛି। ଏବେ ପଲିଥିନ ତଳେ ସନ୍ତସନ୍ତିଆ ମାଟି ଆଉ ପାଣି ଭିତରେ ଜୀବନ ବିତୁଛି। ପୁଣି ବର୍ଷା ଆଉ ନଦୀର ଜଳସ୍ତର ବୃଦ୍ଧି ପାଇଥିବାରୁ ଏମାନଙ୍କ ଦୁଃଖ ବଳିପଡ଼ିଛି। ଆଉ କେତେ ଦିନ ଏମିତି ଦୁଃଖ କଷ୍ଟ ରେ ଜୀବନ ବିତାଇ ବୁ ବୋଲି କହିଛନ୍ତି ବିପନ୍ନ ତିଳୋତ୍ତମା। ଏମିତି ଅନେକ ବିପନ୍ନ ଲୋକ ଏହି ସବୁ ନଦୀ କୂଳିଆ ଅଞ୍ଚଳରେ କଷ୍ଟ ରେ ରହୁଥିବା ବେଳେ ବନ୍ୟାର ଦୁଃଖ ସେମାନଙ୍କର ସବୁକିଛି ଉଜାଡି ଦେଉଛି।

# ଢେଙ୍କାନାଳରେ ଖୋଲିବ 'ରାଇସ୍ ଏଟିଏମ୍'

**ଢେଙ୍କାନାଳ(ଅମୃତ ମିଡିଆ):** ଏଟିଏମ୍‌ରୁ ଟଙ୍କା ଉଠାଇବା ସମସ୍ତେ ଜାଣନ୍ତି। ଏବେ କିନ୍ତୁ ଏଟିଏମ୍‌ରୁ ଚାଉଳ ବାହାରିବ। ଚାଉଳ ଏଟିଏମରେ ରାସନ କାର୍ଡର ନମ୍ବର ମାରି ବାୟୋମେଟ୍ରିକ୍ ଟିପ୍ପଚିହ୍ନ ଦେଇ ହିତାଧିକାରୀ ଚାଉଳ ନେଇପାରିବେ। ଭୁବନେଶ୍ୱର, ଝାରସୁଗୁଡ଼ା ପରେ ଏବେ ଢେଙ୍କାନାଳରେ ଖୋଲିବାକୁ ଯାଉଛି ଚାଉଳ ଏଟିଏମ୍। ଯୋଗାଣ ବିଭାଗ ପକ୍ଷରୁ 'ଅନ୍ନପୂର୍ତ୍ତି' ଯୋଜନାରେ ଏଭଳି ନୂଆ ପଦକ୍ଷେପ ଗ୍ରହଣ କରାଯାଇଛି। ଆସନ୍ତା ୩୧ ତାରିଖରୁ ଢେଙ୍କାନାଳ ଆରଟିଓ ଅଫିସ୍ ନିକଟରେ ଚାଉଳ ଏଟିଏମ୍ ଖୋଲିବ। ଏଟିଏମ୍ ପ୍ରତିଷ୍ଠା କାମ ଜାରି ରହିଛି। ରବିବାର ଏକ ବୈଷୟିକ ଦଳ ଏହାର ପରୀକ୍ଷା କରିଦେଖିଛନ୍ତି। ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ସ୍ୱଚ୍ଛ ଓ ହିତାଧିକାରୀଙ୍କ ସୁବିଧା ପାଇଁ ବିଭାଗ ଏଭଳି ପଦକ୍ଷେପ ନେଇଛି। ରାସନ କାର୍ଡର ଇ-କେଓ୍ୱାଇସି କରାଯିବା ପରେ କିଭଳି ବଣ୍ଟନ ବ୍ୟବସ୍ଥାକୁ ବ୍ୟବସ୍ଥିତ କରାଯିବ ଯୋଗାଣ ବିଭାଗ ପଦକ୍ଷେପ ଗ୍ରହଣ କରିଛି। ଚାଉଳ ବଣ୍ଟନ ପାଇଁ ଏଟିଏମ୍ ପ୍ରତିଷ୍ଠା କରାଯାଉଛି। ଦୁଇ ବର୍ଷ ତଳେ ଅର୍ଥାତ୍ ୨୦୨୪ ଅଗଷ୍ଟ ୨୪ ତାରିଖରେ ଭୁବନେଶ୍ୱରର ପ୍ରଥମେ ଚାଉଳ ଏଟିଏମ୍ ପ୍ରତିଷ୍ଠା କରାଯାଇଥିଲା। ପରେ ଝାରସୁଗୁଡ଼ାରେ ଖୋଲାଯାଇଥିଲା। ତୃତୀୟ ପର୍ଯ୍ୟାୟରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ନିଜ ଜିଲ୍ଲା ଢେଙ୍କାନାଳରେ



ଚାଉଳ ଏଟିଏମ୍ ସ୍ଥାପନ କରାଯାଉଛି। ଢେଙ୍କାନାଳ ସହରର ଆରଟିଓ ଅଫିସ୍ ନିକଟରେ ଏହା ଖୋଲିବ। ଘର ତିଆରି ସହ ମେସିନ୍ ଖଞ୍ଜାଯାଇଛି। ଅନ୍ୟାନ୍ୟ କାର୍ଯ୍ୟ ଆଗେଇ ଚାଲିଛି। ଖୁବ୍ ଶୀଘ୍ର କାମ ସାରି ଆସନ୍ତା ୩୧ ତାରିଖରେ ଉଦ୍‌ଘାଟନ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି। ରବିବାର ଏକ ବୈଷୟିକ ଦଳ ଉକ୍ତ ମେସିନ୍‌କୁ କାର୍ଯ୍ୟକ୍ଷମ କରି ପରୀକ୍ଷା କରିଛନ୍ତି। ଅନ୍ୟାନ୍ୟ କାମ ସରିବା ପରେ ପୁଣି ଆସନ୍ତା ୨୭ ତାରିଖରେ ପରୀକ୍ଷା କରାଯିବ। ୩୧ ତାରିଖରେ ଏହାର ଉଦ୍‌ଘାଟନ ହେବ। ମେସିନ୍‌ରେ ୨୫ କୁଇଣ୍ଟାଲରୁ ଅଧିକ ଚାଉଳ ରହିଥିବ। ହିତାଧିକାରୀ ନିଜର ରାସନ କାର୍ଡର ନମ୍ବର ମାରି, ଟିପଚିହ୍ନ ଦେଇ ସେମାନଙ୍କ ଚାଉଳ ଉଠାଇ ପାରିବେ। ସମ୍ମୁଖ ଭାଗରେ ବସ୍ତା ରଖିବାକୁ ଏକ ସ୍ଥାନ ରହିଛି। ସେଥିରେ ଚାଉଳ ଅତି କମ୍ ସମୟ ମଧ୍ୟରେ ଭରି ହୋଇଯିବ। କେତେ ଚାଉଳ ଦିଆଗଲା ତାହାର ପରିମାଣ ସେଠାରେ ଦେଖାଯିବ। ହିତାଧିକାରୀ ଯେବେ ଚାହିଁବେ ଯାଇ ଚାଉଳ ଉଠାଇ ପାରିବେ। ଡିଲରଙ୍କୁ ଆଉ ଅପେକ୍ଷା କରିବାକୁ ପଡିବ ନାହିଁ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି, ପୂର୍ବରୁ ଡିଲରଙ୍କ ଆସିବାକୁ ଅପେକ୍ଷା କରିବାକୁ ପଡୁଥିଲା। ଉକ୍ତ ଏଟିଏମ୍ ୨୪ ଘଣ୍ଟା କାର୍ଯ୍ୟ କରିବ। ହିତାଧିକାରୀ ଯେବେ ଚାହିଁବେ ଓ ତାଙ୍କ ଭାଗର ଯେତିକି ପରିମାଣର ଚାଉଳ ଆଣିବାକୁ ଚାହିଁବେ ଆଣିପାରିବେ। ଚାଉଳ ଓ ଗହମ ଉଭୟର ବିକଳ୍ପ ରହିବ। ସଫଳ ହେଲେ ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ଜିଲ୍ଲାରେ ଏହି ଚାଉଳ ଏଟିଏମ୍ ଖୋଲାଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ଢେଙ୍କାନାଳ ଜିଲ୍ଲାରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ପ୍ରାୟ ସାଢ଼େ ୮ ଲକ୍ଷ ହିତାଧିକାରୀ ରାସନ କାର୍ଡରେ ଆନ୍ତର୍ଭୁକ୍ତ ହୋଇ ରାସନ ପାଉଛନ୍ତି।

## ପୁରୀ ଡାନ୍ସ ଏକାଡେମୀ ପକ୍ଷରୁ ସଂସ୍କୃତି ଭବନ ପରିସରରେ ବର୍ଷା ନୃତ୍ୟ ଉତ୍ସବ



























## ୧୪୬ ଦିନରେ ପୁରୀବାସୀଙ୍କ ନୀରବ ସତ୍ୟାଗ୍ରହ ପଦଯାତ୍ରା





# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.126, Tuesday, 25 August 2026, Puri, Pages - 24, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୬, ମଙ୍ଗଳବାର, ୨୫ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



